RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-128 ♦MONDAY ♦2 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୨୮ ♦ସୋମବାର ♦୨ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦₹.୭.୦୦




ଚାରି ବର୍ଷ ପରେ ଏକାଠି ଆସିବେ
ଅକ୍ଷୟ-ଭୂମି
▶ପୃଷ୍ଠା ୧୨ ଦେଖନ୍ତୁ...

ଶୁଖିନି ଅର୍ଣ୍ଣବ କ୍ଷତ

ଦକ୍ଷିଣକୁ ପୁଣି ବାତ୍ୟା ଭୟ

■ ଭୁବନେଶ୍ୱର, ୧।୧୧ (ସମିସ): ବାତ୍ୟା ଅର୍ଣ୍ଣବର କ୍ଷତ ଶୁଖି ନ ଥିବା ବେଳେ ଦକ୍ଷିଣ ଓଡ଼ିଶାକୁ ବିପଦ ସାଜି ମାଡ଼ିଆସୁଛି ଆଉ ଏକ ସାମୁଦ୍ରିକ ଝଡ଼। ରବିବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଚଳିତ ବର୍ଷର ଦ୍ୱିତୀୟ ବାତ୍ୟା 'ମୁରାସୁ'। ଘଣ୍ଟା ପ୍ରତି ୨୦ କିମି ବେଗରେ ଆଗକୁ ବଢୁଥିବା ମୁରାସୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ଭୀଷଣ ବାତ୍ୟାରେ ପରିଣତ ହେବା ସହ ଆନ୍ଧ୍ର ଉପକୂଳକୁ ମୁହାଁଇବ। ସୋମବାର ରାତି ୨ ଟାରୁ ଭୋର୍ ୪ଟା ମଧ୍ୟରେ ଏହା ଆନ୍ଧ୍ରର ନେଲୋର ଓ ନରସାପୁର ମଧ୍ୟରେ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ଓ ଝଟ୍‌କା ପବନର ବେଗ ଘଣ୍ଟାପ୍ରତି ୧୨୦ କିମି ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଅନ୍ୟପଟେ ଏହି ବାତ୍ୟାଟି 'ଅର୍ଣ୍ଣବ' ଅପେକ୍ଷା ଦକ୍ଷିଣ(ତାମିଲନାଡୁ) ଆଡ଼କୁ ଅଧିକ ରହୁଥିବା ହେତୁ ଓଡ଼ିଶା ଉପରେ ଅପେକ୍ଷାକୃତ କମ୍ ପ୍ରଭାବ ରହିବ। ତେବେ ବାତ୍ୟା ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇ ଦିଗ ପରିବର୍ତ୍ତନ କରି ଆନ୍ଧ୍ରର ଦକ୍ଷିଣ ଆଡ଼କୁ ଆସୁଥିବାରୁ ରାଜ୍ୟର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।



୩ ତାରିଖ ଭୋର୍ ସୁଦ୍ଧା ଆନ୍ଧ୍ର ଉପକୂଳରେ ମାଡ଼
ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଚେତାବନୀ
ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅଧିକ ବିପଦ

ଏହି ବାତ୍ୟା ଦ୍ୱାରା ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅଧିକ ବର୍ଷାର ଆଶଙ୍କା ରହିଥିବା ପାଣିପାଗ ବିଭାଗ ସତର୍କ କରାଇଛି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଅର୍ଥାତ୍ ୩ ଓ ୪ ତାରିଖରେ ରାଜ୍ୟରେ ବର୍ଷା ଆକଳନ ▶ପୃଷ୍ଠା-୭

ଭୂସ୍ଖଳନରେ ଗାଁ ନିଶ୍ଚିହ୍ନ

ଦୁଃଖ ପ୍ରକାଶ କଲେ ନବୀନ



■ ଭୁବନେଶ୍ୱର, ୧।୧୧ (ସମିସ): ଗଞ୍ଜାମ ଭଞ୍ଜନଗରରେ ଭୂସ୍ଖଳନ ପାଇଁ ଏକ ଗାଁ ପୂରାପୁରି ନିଶ୍ଚିହ୍ନ ହୋଇଯିବାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଭୂସ୍ଖଳନ ଘଟି ଗାଁ ନିଶ୍ଚିହ୍ନ ହୋଇଯିବା ସହ ଅନେକ ନିଖୋଜ ଥିବା ବିଷୟରେ ଜାଣି ମୁଁ ଚିନ୍ତିତ ଓ ଦୁଃଖିତ। ଲୋକମାନଙ୍କ ତ୍ୱରିତ ସୁରକ୍ଷିତ ଉଦ୍ଧାର ପାଇଁ ସରକାର ସମସ୍ତ ପଦକ୍ଷେପ ସୁନିଶ୍ଚିତ କରନ୍ତୁ। ଏପରି ଅସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ସମସ୍ତଙ୍କ ସୁରକ୍ଷିତ ଉଦ୍ଧାର କାମନା କରୁଛି ବୋଲି ନବୀନ କହିଛନ୍ତି।

ସମସ୍ତଙ୍କ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରନ୍ତୁ ସରକାର

ବାତ୍ୟା ପ୍ରଭାବିତ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ପରିବାର ପିଛା ୫୦ କେଜି ଚାଉଳ, ୨୫ ଶହ ଟଙ୍କା



ରିଲିଫ୍ କୋଡ୍ ଅନୁଯାୟୀ ଚାଷ ପାଇଁ ମିଳିବ କ୍ଷତିପୂରଣ

■ ଭୁବନେଶ୍ୱର, ୧।୧୧ (ସମିସ): ବନ୍ୟା ପପ୍ରଭାବିତ ୩ ଜିଲ୍ଲା ପାଇଁ ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ମୁଖ୍ୟମନ୍ତ୍ରୀ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ 'ଅର୍ଣ୍ଣବ' ବାତ୍ୟା ପରବର୍ତ୍ତୀ ବନ୍ୟା ପାଇଁ ପ୍ରଭାବିତ ହୋଇଥିବା ୩ ଟି ଜିଲ୍ଲା ଗଞ୍ଜାମ, ଗଜପତି ଓ କନ୍ଧମାଳ ପାଇଁ ଏହି ପ୍ୟାକେଜ୍ ଘୋଷଣା ହୋଇଛି। ଏହି ୩ ଜିଲ୍ଲାର ପ୍ରଭାବିତ ପରିବାର ପିଛା ୫୦ କିଲୋ ଚାଉଳ ଓ ୨୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସମତଳ ଅଞ୍ଚଳରେ ଘର ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାହାଡ଼ିଆ ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ମିଳିବ। ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା ଓ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା ଦିଆଯିବ। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କୁଡ଼ିଆ ପାଇଁ ୮,୦୦୦ ଟଙ୍କା ଏବଂ ଘର ସଂଲଗ୍ନ ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲେ ୩,୦୦୦ ଟଙ୍କା ମିଳିବ। ଦୁଇ ▶ପୃଷ୍ଠା-୭

ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଏକାଠି ହେଲେ ବିରୋଧୀ ନେତା

ରାମଲୀଳାରେ ମହାମେଣ୍ଟର ମହାଗର୍ଜନ



■ ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଭୋଟ୍ ଚୋରିଅପବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଏକାଠି ହୋଇଛନ୍ତି ଇଣ୍ଡିଆ ମେଣ୍ଟର ନେତା। ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଆଜି ଏହି ମେଣ୍ଟରେ ସାମିଲ ଥିବା ୨୦ଟି ଦଳର ନେତା ଶକ୍ତି ପ୍ରଦର୍ଶନ କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ନାମରେ ଭୋଟ ଜାଲିଆତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଅଭିଯୋଗ କରି ସେମାନେ ସରକାର ବିରୋଧରେ ଗର୍ଜନ କରିଛନ୍ତି। ମଇଦାନରେ ଉପସ୍ଥିତ ଲକ୍ଷାଧିକ ଲୋକଙ୍କ ଉପସ୍ଥିତିରେ ସେମାନେ ଘୋଷଣା କରିଛନ୍ତି ଯେ ଜ୍ଞାନେଶ କୁମାର ମୁଖ୍ୟ

ଜେଲ୍ ଯିବେ ଜ୍ଞାନେଶ କୁମାର: ରାହୁଲ
ପରିବର୍ତ୍ତନର ସଙ୍କେତ ମିଳୁଛି: ଅଖିଳେଶ
ଏସ୍‌ଆଇଆର୍ ଜରିଆରେ ବେଙ୍ଗଲରେ କ୍ଷମତା ହଡ଼ପ କରାଯାଇଛି: ମମତା

ନିର୍ବାଚନ କମିସନର ପଦରୁ ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ମଇଦାନରେ ଇଣ୍ଡିଆ ମେଣ୍ଟର ଏଭଳି ଶକ୍ତି ପ୍ରଦର୍ଶନ ଜାତୀୟ ରାଜନୀତିରେ ହଟଚମଟ ସୃଷ্টି କରିଛି। ଏହାକୁ ନେଇ ବିଜେପି ନେତାମାନେ ତୀବ୍ର ▶ପୃଷ୍ଠା-୭

ଇଣ୍ଡିଆ ମେଣ୍ଟ ବିରୋଧରେ ବିଜେପି ରାଲି



■ ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ଅନୁଷ୍ଠିତ ଇଣ୍ଡିଆ ମେଣ୍ଟର ମହାସମାବେଶର ମୁକାବିଲା କରିବାକୁ ଯାଇ ବିଜେପି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। 'ଲୋକତନ୍ତ୍ର ବଚାଓ, ଅରାଜକତା ହଟାଓ' ନାମରେ ଏହି ରାଲି ଦିଲ୍ଲୀ, ରୋହତକ ଏବଂ ଫରିଦାବାଦରେ କରାଯାଇଛି। ରୋହତକରେ ହୋଇଥିବା ରାଲିର ନେତୃତ୍ୱ ନେଇଛନ୍ତି ଦଳର ସଭାପତି ନିତିନ ନବୀନ। ଏହି ଅବସରରେ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ରାହୁଲ ବିଦେଶୀ ଶକ୍ତି ସହ ହାତ ମିଳାଇଛନ୍ତି। ଦେଶ ସମ୍ବିଧାନ ଦ୍ୱାରା ପରିଚାଳିତ ହେବ; ▶ପୃଷ୍ଠା-୭

'ଅର୍ଣ୍ଣବ'ରେ ସର୍ବସ୍ୱାନ୍ତ ଚାଷୀଙ୍କ ଆତ୍ମହତ୍ୟା

■ ଶେରଗଡ଼, ୧।୧୧ (ସମିସ): ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ'ରେ ସର୍ବସ୍ୱାନ୍ତ ହୋଇଥିବା ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଶେରଗଡ ଥାନା ଅନ୍ତର୍ଗତ ଡେଙ୍ଗାପଦର ପଞ୍ଚାୟତ



ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ସହାୟତା ପ୍ରଦାନ

ବାକିଲିକଣା ଗ୍ରାମ ପଣସପଦା ସାହିର ଅର୍ଜୁନ ପଣ୍ଡା(୬୭)। ବାତ୍ୟା ପରବର୍ତ୍ତୀ ବନ୍ୟାରେ ଶେରଗଡ଼ ବ୍ଲକ୍‌ର ସମସ୍ତ ପଞ୍ଚାୟତ ପ୍ରଭାବିତ ହୋଇଥିଲା। ଏଥିରେ ଚାଷୀକୁଳ ଅଧିକ ପ୍ରଭାବିତ ହୋଇଥିବା ବେଳେ ନିଜର ଉଜୁଡ଼ା ଚାଷକୁ ଦେଖି ଅର୍ଜୁନ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ସେ ନିଜର ଅଢ଼େଇ ଏକର ଜମି ଏବଂ ଭାଗରେ ଅନ୍ୟ ଜଣଙ୍କ ଦେଢ଼ ଏକର ଜମି ଚାଷ କରିଥିଲେ। ▶ପୃଷ୍ଠା-୭

ଯୌନ ନିର୍ଯାତନା ମାମଲାରେ ଫସିଲେ ଜେଲ୍ ଡିଜି

■ ଚୌଦ୍ୱାର, ୧।୧୧ (ସମିସ): ଯୌନ ନିର୍ଯାତନା, ଧମକ ଓ ପଦବୀର ଅପବ୍ୟବହାର ଭଳି ସଙ୍ଗିନ ଅଭିଯୋଗରେ ବିବାଦ ଘେରକୁ ଆସିଛନ୍ତି ରାଜ୍ୟର

ପଦରୁ ହଟିଲେ ସୁଶାନ୍ତ ନାଥ
ଗୃହ ବିଭାଗରେ ଓଏସ୍‌ଡି ନିଯୁକ୍ତ, ସନ୍ତୋଷ ବାଲାଙ୍କୁ ଜେଲ୍ ବିଭାଗର ଅତିରିକ୍ତ ଦାୟିତ୍ୱ



ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଜେଲ୍ ଓ ସଂସ୍କାରମୂଳକ ସେବା ବିଭାଗର ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ। ଚୌଦ୍ୱାର ସର୍କଲ ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନାରେ ମାମଲା ରୁଜୁ ହେବାର ଦିନକ ପରେ ରାଜ୍ୟ ସରକାର ନାଥଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗରେ ଅଫିସର ଅନ୍ ସ୍ପେସାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତି ଦେଇଛନ୍ତି। ▶ପୃଷ୍ଠା-୭

ଜେଲ୍‌ରେ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ସମୀକ୍ଷା କରିବ ସଂସଦୀୟ କମିଟି

■ ଭୁବନେଶ୍ୱର, ୧।୧୧ (ସମିସ): ରାଜ୍ୟର ବିଭିନ୍ନ ଜେଲ୍‌ରେ ଅନ୍ତେବାସୀଙ୍କ ଅଭିଯୋଗ ଶୁଣାଣି ଓ ଏହାର ସମାଧାନ ପାଇଁ ରହିଥିବା ବ୍ୟବସ୍ଥାର ସମୀକ୍ଷା କରିବ ସଂସଦୀୟ କମିଟି। ଏଥିପାଇଁ ଓଡ଼ିଶାର ଗୃହ ସଚିବ ହେମନ୍ତ ଶର୍ମା ଏବଂ ଜେଲ୍ ଡିଜି ସୁଶାନ୍ତ କୁମାର ନାଥଙ୍କ ସମେତ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀଙ୍କୁ ଦିଲ୍ଲୀରେ ହାଜର ହେବାକୁ ରାଜ୍ୟସଭା ସଚିବାଳୟ ▶ପୃଷ୍ଠା-୭

କାଳ ସାଜିଲା କଇଁଫୁଲ ତୋଳା

୩ ଶିଶୁଙ୍କ ସଲିଳ ସମାଧି

■ ମାହାଙ୍ଗା/ଭଦ୍ରେଶ୍ୱର, ୧।୧୧ (ସମିସ): କଇଁଫୁଲ ତୋଳିବାକୁ ଯାଇଥିଲେ, ହେଲେ ଆଉ ଫେରିଲେ ନାହିଁ ଘରକୁ। ହସଖୁସିରେ ଖେଳିବା ବୟସରେ ଅକାଳରେ ଝଡ଼ିପଡ଼ିଲା ତିନି ତିନୋଟି ନିଷ୍ପାପ ଶିଶୁଙ୍କ ଜୀବନ। ପୋଖରୀର ଗଭୀର ଜଳରେ ବୁଡ଼ିଗ ॥ ॥ଲେ ୩, ୪ ଓ ୫ ବର୍ଷର ତିନି ଶିଶୁ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ଗ୍ରାମରେ। ଗୋଟିଏ ମୁହୂର୍ତ୍ତରେ ଉଜୁଡ଼ିଗଲା ଦୁଇଟି ପରିବାରର ଖୁସି।

ଝାଡେଶ୍ୱରପୁରରେ ଶୋକର ଛାୟା

ସୂଚନା ଅନୁଯାୟୀ, ଝାଡେଶ୍ୱରପୁର ଗ୍ରାମର ଇମ୍ରାନ ଖାଁଙ୍କ ଦୁଇ ପୁଅ ଏବଂ ଅନୱାର ଖାଁଙ୍କ ମଝିଆ ପୁଅ ଘର ନିକଟରେ ଥିବା ଏକ ପୋଖରୀକୁ ▶ପୃଷ୍ଠା-୭



ଓଲଟ ପାଲଟ



କୋଟି କୋଟି ଟଙ୍କା ଖର୍ଚ୍ଚରେ ହେଲା
ପାଠ୍ୟ ପୁସ୍ତକ ଛପା
ହଜାର ହଜାର ଭୁଲ୍ ବାହାରିଲା
ବ୍ୟବସ୍ଥା ହୋଇଲା ଚେପା
ପୁଣି କୋଟି କୋଟି ଟଙ୍କା ଖର୍ଚ୍ଚ କରି
ହେଲା ସିନା ସଂଶୋଧନ
ବର୍ଷ ଶେଷ ହେଲା ଛାତ୍ରଛାତ୍ରୀଙ୍କୁ
ହୋଇଲା ନାହିଁ ବଣ୍ଟନ
ବିନା ପୁସ୍ତକରେ ବରଷ ଶେଷରେ
କିପରି ହେବ ପରୀକ୍ଷା
ଧନ୍ୟ ଗଣଶିକ୍ଷା ମନ୍ତ୍ରୀ ମହୋଦୟ
ଦେଲ ଅପଗଣ୍ଡ ଦୀକ୍ଷା

- ଯାଯାବର

ମିଳିଲାନି ରିଲିଫ୍

ରାଜରାସ୍ତାରେ ବିପନ୍ନଙ୍କ ଆକ୍ରୋଶ

ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅବହେଳା ପ୍ରତିବାଦରେ ରାସ୍ତା ଅବରୋଧ

■ ବ୍ରହ୍ମପୁର/ପୁରୁଷୋତ୍ତମପୁର, ୧।୧୧ (ସମିସ): ବନ୍ୟା ଉଜାଡ଼ିଦେଲା ଘରଦ୍ୱାର, ଛଡ଼ାଇନେଲା ଜୀବନଜୀବିକା। ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ, ପେଟକୁ ଦାନା ନାହିଁ। ଚାରିଆଡ଼େ ବନ୍ୟାଜଳ ଘେରି ରହିଥିବା ବେଳେ ବିପନ୍ନଙ୍କ ପାଖରେ ପହଞ୍ଚିଲାନି ଆବଶ୍ୟକ ରିଲିଫ୍। ବିପତ୍ତି ସମୟରେ ପ୍ରଶାସନର ସହାୟତା ତ ଦୂରର କଥା, ଜନପ୍ରତିନିଧିଙ୍କ ଦେଖା ମଧ୍ୟ ମିଳିଲାନି। ଅଭିଯୋଗ ଜଣାଇବାକୁ ଯାଇ ଓଲଟା ଅପମାନିତ ହେବାକୁ ପଡ଼ିଥିବା ଅଭିଯୋଗ କରି ଶେଷରେ ରାଜରାସ୍ତାକୁ ଓହ୍ଲାଇଲେ ବନ୍ୟାବିପନ୍ନ। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନ୍‌ଏସି ଅନ୍ତର୍ଗତ କୁମାରୀ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ପ୍ରଶାସନିକ



ରିଲିଫ୍ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଶହ ଶହ ମହିଳା ଓ ପୁରୁଷ ରାଜ୍ୟ ରାଜପଥ-୩୧ର ହୁମା-ପୁରୁଷୋତ୍ତମପୁର ରାସ୍ତାକୁ ଅବରୋଧ କରି ନିଜର ଅସନ୍ତୋଷ ଜାହିର କରିଛନ୍ତି। କୁମାରୀ ଗ୍ରାମରେ ବନ୍ୟାର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଶତାଧିକ ପରିବାରଙ୍କ ଘରଦ୍ୱାର ଭାଙ୍ଗିଯିବା ସହ ଜୀବନଜୀବିକା ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଅନେକ ପରିବାର ଏବେ ବି ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶାରୁ ମୁକୁଳି ପାରିନାହାନ୍ତି। ▶ପୃଷ୍ଠା-୭

ଦବିଲା ସାଲୁଙ୍କି ବ୍ରିଜ୍; ଭାରୀଯାନ ଚଳାଚଳ ବନ୍ଦ

ଟିକାବାଲି,୧।୧୧(ସମିସ)



କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳର ଯୋଗାଯୋଗର ଜୀବନରେଖା ଭାବେ ପରିଚିତ ସାଲୁଙ୍କି ନଦୀ ଉପରେ ନିର୍ମିତ ପୁରୁଣା ବ୍ରିଜ୍ ଏବେ ଗୁରୁତର ବିପଦ ସଙ୍କୁଳ ଅବସ୍ଥାରେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଏହି ବ୍ରିଜ୍‌ର ଗୋଟିଏ ପିଲର୍ ଧୀରେ ଧୀରେ ଦବିବାରେ ଲାଗିଥିବାବେଳେ ତିନି ଦିନ ମଧ୍ୟରେ ଏହା ସମୁଦାୟ ୧୧ ଇଞ୍ଚ ଦବିଯାଇଥିବା ବିଭାଗୀୟ ମାପଚୁପରୁ ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ରିଜ୍ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭାରୀଯାନ ଚଳାଚଳ ବନ୍ଦ କରାଯାଇଛି।ସୂଚନା ଅନୁସାରେ, ସାମୁଦ୍ରିକ ଝଡ଼ର ପ୍ରଭାବରେ ଅଞ୍ଚଳରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ସାଲୁଙ୍କି ନଦୀରେ ବନ୍ୟାଜଳ ପ୍ରବାହ ବୃଦ୍ଧି ପାଇଥିଲା। ଏହି ସମୟରେ ବ୍ରିଜ୍ ଉପରେ ପ୍ରାୟ ୩ରୁ ୪ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହୋଇଥିଲା। ଉପରମୁଣ୍ଡରୁ ଭାସି ଆସିଥିବା ଏକ ବିରାଟ କାଠଗଣ୍ଡି ବ୍ରିଜ୍‌ର ଗୋଟିଏ ଚାମ୍ବରରେ ଫସି ରହିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଅନ୍ୟ ଦୁଇଟି ଚାମ୍ବର ଦେଇ ଅଧିକ ଜଳସ୍ରୋତ ପ୍ରବାହିତ ହେବା ସହ ବ୍ରିଜ୍‌ର ଭିତ୍ତିଭୂମି ଉପରେ ଅଧିକ ଚାପ ପଡ଼ିଥିବା ଆଶଙ୍କା କରାଯାଉଛି।ଉଲ୍ଲେଖଯୋଗ୍ୟ, ପୂର୍ବରୁ ତିତିଲି ବାତ୍ୟା ସମୟରେ ମଧ୍ୟ ବ୍ରିଜ୍‌ର ଗୋଟିଏ ପାଶ୍ୱର୍ର ମାଟି ଧୋଇ ହୋଇଯାଇଥିଲା। ଏବେ ପ୍ରବଳ ଜଳସ୍ରୋତ ଓ ବ୍ରିଜ୍ ଉପରେ ଯାନବାହନ ଚଳାଚଳ ଯୋଗୁଁ ଏହାର ସ୍ଥିତି ଆହୁରି ଦୁର୍ବଳ ହୋଇପଡ଼ିଥିବା ଆଶଙ୍କା ପ୍ରକାଶ ପାଇଛି। ପ୍ରଥମ ଦିନରେ ଗୋଟିଏ ପିଲର୍ ୪ ଇଞ୍ଚ ଦବିଥିବା ଜଣାପଡ଼ିଥିଲା। ଦ୍ୱିତୀୟ ଦିନରେ ଆଉ ୩ ଇଞ୍ଚ ଦବିଥିବା ବିଭାଗୀୟ ଯନ୍ତ୍ରୀଙ୍କ ମାପଚୁପରୁ ସ୍ପଷ୍ଟ ହୋଇଥିଲା। ତୃତୀୟ ଦିନରେ ପୁନଃ ମାପଚୁପ ପରେ ମୋଟ ୧୧ ଇଞ୍ଚ ଦବିଥିବା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଉଦ୍‌ବେଗ ପ୍ରକାଶ ପାଇଛି।ବ୍ରିଜ୍‌ର ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଭାରୀଯାନ ଚଳାଚଳ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଟକଣା ଲଗାଯାଇଛି। ତେବେ ଆମ୍ବୁଲାନ୍ସ, ବାଇକ୍ ଓ ଅଟୋ ଚଳାଚଳକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ, ବ୍ରିଜ୍‌ରେ ଫସିଥିବା କାଠଗଣ୍ଡିକୁ ହଟାଇବା ପାଇଁ ଗତକାଲି ଟିକାବାଲି ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ କାଠଗଣ୍ଡି ହଟାଇ ନ ପାରି ଫେରିଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।"ଏହି ବ୍ରିଜ୍ ଟିକାବାଲି ବ୍ଲକ୍‌ର ଆଠଟି ପଞ୍ଚାୟତକୁ ମୁଖ୍ୟ ବଜାର ଓ ବ୍ଲକ୍‌ର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ସଂଯୋଗ କରୁଛି। ପ୍ରତିଦିନ ଶହ ଶହ ଯାନବାହନ ସହ ହଜାର ହଜାର ଲୋକ ଏହି ବ୍ରିଜ୍ ଉପରେ ନିର୍ଭର କରି ଯାତାୟାତ କରନ୍ତି। ଭାରୀଯାନ ଚଳାଚଳ ବନ୍ଦ ହେବା ପରେ ପରିବହନ, ବ୍ୟବସାୟ ଓ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।ତେଣୁ ବ୍ରିଜ୍‌ର ସୁରକ୍ଷା ପାଇଁ ତୁରନ୍ତ ବୈଷୟିକ ଯାଞ୍ଚ, ଫସିଥିବା କାଠଗଣ୍ଡି ହଟାଇବା ଏବଂ ଆବଶ୍ୟକ ମରାମତି କରିବା ସହ ବିକଳ୍ପ ଯାତାୟାତ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏକ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

୫୫ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ଜିଲ୍ଲାପାଳ



ପାରଳାଖେମୁଣ୍ଡି,୧।୧୧ (ସମିସ): ଗଜପତି ଜିଲ୍ଲାର ଆଦିବାସୀ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଦୂର କରିବା ଦିଗରେ ନୂତନ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ବିଭିନ୍ନ ଆବାସିକ ବିଦ୍ୟାଳୟ ପାଇଁ ମୋଟ ୫୫ ଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ଏଥିମଧ୍ୟରୁ ଜିଲ୍ଲାସ୍ତରରେ ୩୩ ଜଣ ଓ ରାଜ୍ୟସ୍ତରରେ ୨୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଜିଲ୍ଲାସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ସୂଚନାନୁଯାୟୀ, ଜିଲ୍ଲାରେ ଆଦିବାସୀ ମଙ୍ଗଳ ବିଭାଗରେ ଥିବା ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବି ଖାଲି ପଡ଼ିଥିବାରୁ ପାଠପଢ଼ା ପ୍ରଭାବିତ ହେଉଥିଲା। ଏହାର ସମାଧାନ ପାଇଁ ନିଯୁକ୍ତି ପ୍ରକ୍ରିୟା ହାତକୁ ନିଆଯାଇ ୫୫ ଜଣ ଶିକ୍ଷକଙ୍କୁ ଚୟନ କରାଯାଇଛି। ନବନିଯୁକ୍ତ ଶିକ୍ଷକମାନେ ନିଜ ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ସହ ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ସଲମୋନ ରାଇକା। ନୂତନ ଶିକ୍ଷକଙ୍କ ନିଯୁକ୍ତି ଫଳରେ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଜନିତ ସମସ୍ୟା ହ୍ରାସ ପାଇବା ସହ ଶିକ୍ଷାଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

ଶିକ୍ଷାବିତ୍ ଶଙ୍କର ପ୍ରସାଦ ବକ୍ସିଙ୍କ ସ୍ମୃତିଚାରଣ ସଭା



ପାରଳାଖେମୁଣ୍ଡି,୧।୧୧(ସମିସ): ପାରଳାଖେମୁଣ୍ଡି ସହରର ବିଶିଷ୍ଟ ଶିକ୍ଷାବିତ୍ ତଥା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଶଙ୍କର ପ୍ରସାଦ ବକ୍ସିଙ୍କ ଆକସ୍ମିକ ବିୟୋଗରେ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଶୋକାକୁଳ ପରିବେଶରେ ପୁରାତନ ଛାତ୍ର ସଂସଦ ଅତିଥି ଭବନ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ, ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରି ସଭାପତି ନୃସିଂହ ଚରଣ ପଟ୍ଟନାୟକ ଓ ସମ୍ପାଦକ ଆଦର୍ଶ ଦାସ ପ୍ରମୁଖ ମଞ୍ଚାସୀନ ରହି ସ୍ୱର୍ଗତ ବକ୍ସିଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଅତିଥିଗଣ ସ୍ୱର୍ଗତ ବକ୍ସିଙ୍କ ଜୀବନାଦର୍ଶ, ଶିକ୍ଷା ପ୍ରତି ତାଙ୍କର ନିଷ୍ଠା ଓ ମହାବିଦ୍ୟାଳୟର ବିକାଶ ପାଇଁ ତାଙ୍କର ନିରନ୍ତର ଉଦ୍ୟମକୁ ସ୍ମରଣ କରିଥିଲେ। ଜଣେ ଦକ୍ଷ ଶିକ୍ଷାବିତ୍, କ୍ରୀଡ଼ାବିତ୍, ଛାତ୍ରବତ୍ସଳ ଅଧ୍ୟାପକ ଓ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ହିତୈଷୀ ଭାବେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମତପ୍ରକାଶ ପାଇଥିଲା। ତାଙ୍କର ବିୟୋଗ ପାରଳାଖେମୁଣ୍ଡିର ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ଏବଂ ଏହାଦ୍ୱାରା ସୃଷ୍ଟ ଶୂନ୍ୟସ୍ଥାନ ସହଜରେ ପୂରଣ ହୋଇପାରିବ ନାହିଁ ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଥିଲେ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଦସ୍ୟ ଶ ଆଶାଲତା ପାଣିଗ୍ରାହୀ, ଗଜେନ୍ଦ୍ର ପଣ୍ଡା, ରାଜେଶ କୁମାର ପାତ୍ର, ଶ୍ରୀ ଭାଗବତ ପାଢ଼ୀ, ମନୋଜ କୁମାର ପଟ୍ଟନାୟକ, ସୁଶୀଲ କୁମାର ପାଣିଗ୍ରାହୀ, ଜଗନ୍ନାଥ ମହାପାତ୍ର, କିଶୋରଚନ୍ଦ୍ର ରଥ, ଶ୍ୱେତା ପଟ୍ଟନାୟକ, ସ୍ନେହା ବେହେରା, ଅମୂଲ୍ୟ କୁମାର ପାଣିଗ୍ରାହୀ ଓ ରାଜେନ୍ଦ୍ର କୁମାର ରଥଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।ଶେଷରେ ସମସ୍ତେ ସ୍ୱର୍ଗତ ଶଙ୍କର ବକ୍ସିଙ୍କ ସ୍ମୃତି ଚାରଣ ସହ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ।

ବରିଷ୍ଠ ସିପିଆଇ ନେତା ବିଦ୍ୟାଧର ପାତ୍ରଙ୍କ ପରଲୋକ



ଗୋଷାଣି,୧।୧୧ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମର ସଂଗ୍ରାମୀ ନେତା ବିଦ୍ୟାଧର ପାତ୍ରଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ସେ ତାଙ୍କ ରାଜନୈତିକ ଜୀବନ ପଶ୍ଚିମ ବଙ୍ଗର ନକ୍ସଲ ନେତା ଚାରୁ ମଜୁମଦାରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆରମ୍ଭ କରିଥିଲେ ମଧ୍ୟ, ପରବର୍ତ୍ତୀ ସମୟରେ ନାଗଭୂଷଣ ପଟନାୟକଙ୍କ 'ଇଣ୍ଡିଆନ ପିପୁଲସ ଫ୍ରଣ୍ଟ 'ରେ ମିଶି ପାରଳା ବିଧାନସଭା ଆସନରୁ ବିଧାୟକ ଭାବେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସେ ଦେଶର 'ଜରୁରିକାଳୀନ ପରିସ୍ଥିତି' ସମୟରେ ଆୟ ଗୋପନ କରିଥିଲେ। ନିଜ ଜୀବନଦଶା ମଧ୍ୟରେ ପଞ୍ଚାୟତ ନିର୍ବାଚନ ଠାରୁ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ସମସ୍ତ ନିର୍ବାଚନରେ ସକ୍ରିୟ ଭୂମିକା ନିଭାଉଥିଲେ। ସେ ୧୯୯୭ ମସିହା ଠାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଗୋଷାଣି ପଞ୍ଚାୟତ ସମିତିର ସମିତି ସଭ୍ୟ ଭାବେ ବହୁ ଜନହିତକର କାର୍ଯ୍ୟକରି ଲୋକଙ୍କ ପ୍ରିୟପାତ୍ର ହୋଇପାରିଥିଲେ।

କୁମ୍ଭାର ସାହି ଓ ଚିତ୍ରକାର ସାହିରେ ସ୍ୱଚ୍ଛତା, ପ୍ରକୃତି ସୁରକ୍ଷା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୧।୧୧(ସମିସ): ପବିତ୍ର କାର୍ତ୍ତିକ ବ୍ରତ ଅବସରରେ ପାରଳାଖେମୁଣ୍ଡିସ୍ଥିତ ଶ୍ରୀରସିକରାଜ ମନ୍ଦିର (ପରିଚ୍ଛା ମଠ) ସ୍ଥିତ ବାଳ-ମୁକୁନ୍ଦ କେନ୍ଦ୍ରରେ ପ୍ରାତଃକାଳୀନ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ପରେ ଶାଖା କେନ୍ଦ୍ରଗୁଡ଼ିକରେ ଏକାଧିକ ସଂସ୍କାର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। କେନ୍ଦ୍ର ପକ୍ଷରୁ କୁମ୍ଭାର ସାହି ପ୍ରାଥମିକ ସଂସ୍କାର କେନ୍ଦ୍ର ଏବଂ ଚିତ୍ରକାର ସାହି ପ୍ରାଥମିକ ସଂସ୍କାର କେନ୍ଦ୍ରଠାରେ ଶିଶୁ ଓ କିଶୋରମାନଙ୍କୁ ନେଇ ବିଶେଷ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଗତ ମାସରେ ସମ୍ପାଦିତ ହୋଇଥିବା ବିଭିନ୍ନ ସେବା କାର୍ଯ୍ୟ, ପରିବେଶ ସ୍ୱଚ୍ଛତା, ଘଟିଯାଇଥିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ଜାତୀୟ ଏକତା ଦିବସର ତାତ୍ପର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବାଳ-ମୁକୁନ୍ଦ କେନ୍ଦ୍ରର ମୁଖ୍ୟ ସଂଯୋଜକ ଶ୍ରୀ ନିତ୍ୟାନନ୍ଦ ଚୌଧୁରୀ ଏଥିରେ ଯୋଗଦେଇ କହିଥିଲେ ଯେ ମଣିଷ ନିଜ ସ୍ୱାର୍ଥ ପାଇଁ ପ୍ରକୃତିର ବିନାଶ କରୁଥିବାରୁ ବାରମ୍ବାର ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ସଙ୍କଟ ସୃଷ୍ଟି ହେଉଛି। ତେଣୁ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବାକୁ ହେଲେ ପ୍ରଥମେ ନିଜେ ପ୍ରକୃତି ଓ ପରିବେଶକୁ ନଷ୍ଟ ନକରିବାକୁ ଦୃଢ଼ ସଂକଳ୍ପ ନେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସମସ୍ତ ଶିଶୁ ଏବଂ କର୍ମକର୍ତ୍ତା ପ୍ରକୃତି ସଂରକ୍ଷଣର ଶପଥ ନେଇଥିଲେ। ପରେ ଜଗଦ୍‌ଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ନିର୍ଦ୍ଦେଶିତ 'କୃପାଳୁ ଧ୍ୟାନ ଯୋଗ'(ରୂପଧ୍ୟାନ) ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିଶ୍ୱଶାନ୍ତି ଓ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟରୁ ମୁକ୍ତ ରଖିବା ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉଭୟ ସାହିର ଶିକ୍ଷାର୍ଥୀ, ଅଭିଭାବକ ତଥା ସ୍ଥାନୀୟ ବାଳ-ମୁକୁନ୍ଦ ସଂସ୍କାର କେନ୍ଦ୍ରର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ଗ୍ରାମର ସମସ୍ୟା ନେଇ ବିଧାୟକଙ୍କୁ ଭେଟିଲେ ଗ୍ରାମବାସୀ



ପାରଳାଖେମୁଣ୍ଡି,୧।୧୧(ସମିସ) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଚୁଡୁଙ୍ଗପୁର ଗ୍ରାମର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଆଜି ସ୍ଥାନୀୟ ସରପଞ୍ଚ ଅଖିଳ ପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ବିଧାୟକଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଗ୍ରାମରେ ଦୀର୍ଘଦିନ ଧରି ରହିଥିବା ଡ୍ରେନ୍ ନିର୍ମାଣ, ଏକ ଗୋଷ୍ଠୀଗୃହ ନିର୍ମାଣ ଏବଂ ବିଭିନ୍ନ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରିବା ନେଇ ସେମାନେ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ। ଗ୍ରାମାଞ୍ଚଳର ବିକାଶ ସହ ଜନସାଧାରଣଙ୍କୁ ମୌଳିକ ସୁବିଧା ଗାଇଦେବା ପାଇଁ ଉକ୍ତ କାର୍ଯ୍ୟଗୁଡ଼ିକର ତୁରନ୍ତ ଆବଶ୍ୟକତା ରହିଥିବା ସରପଞ୍ଚ ଓ ଗ୍ରାମବାସୀ ମତ ପ୍ରକାଶ କରିଥିଲେ। ଏଥିସହ ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକଙ୍କ ନିକଟରେ ନିଜ ଅଞ୍ଚଳର ସମସ୍ୟା ଓ ଦାବି ଉପସ୍ଥାପନ କରିବା ପରେ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ଆଗେଇବ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି।

ପ୍ରଦୂଷଣ ସୃଷ୍ଟିକାରୀ ବାଇକ୍‌ର ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି,୧।୧୧(ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଶବ୍ଦ ପ୍ରଦୁଷଣ ଓ ବିଶୃଙ୍ଖଳା କରୁଥିବା ବୁଲେଟ୍, ବାଇକ ଓ ସ୍କୁଟି ଚାଳକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସହରରେ କେତେକେ ବୁଲେଟ୍ ଓ ବାଇକ ଚାଳକ ମାନେ ନିଜ ନିଜ ବୁଲେଟ୍ ଓ ବାଇକରେ ପରିବର୍ତ୍ତିତ ସାଇଲେନ୍ସର ତଥା ଶବ୍ଦ ପ୍ରଦୁଷଣ କରିବା ଭଳି ଆଧୁନିକ ଯନ୍ତ୍ରାଂଶ ଲଗାଇ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଫଳରେ ଏହା ଜନସାଧାରଣଙ୍କୁ ବ୍ୟଥିତ କରୁଥିଲା। ସେହିପରି ଆଉ କେତେକ ଚାଳକ ବିନା ନମ୍ବର ପ୍ଲେଟରେ ଅମାନିଆ ଭାବେ ଟ୍ରାଫିକ୍ ନିୟମ ନ ମାନି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଯାହାକୁ ପୁଲିସ ଗୁରୁତର ସହ ନେଇ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏପରି କାର୍ଯ୍ୟକ୍ରମ ଦୈନନ୍ଦିନ ଚାଲୁ ରହିବ ଏବଂ ଏପରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଗାଡି ଚାଳକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ପକ୍ଷରୁ ଜବତ ହୋଇଥିବା ଗାଡି ମଧ୍ୟରେ ପରିବର୍ତ୍ତିତ ସାଇଲେନ୍ସର ଲଗାଯାଇଥିବା ୧୧ ଗୋଟି ବୁଲେଟ୍ ସମେତ ୫ ଗୋଟି ନମ୍ବର ବିହୀନ ବାଇକ ଓ ସ୍କୁଟିକୁ ମିଶାଇ ମୋଟ ୧୬ ଗୋଟି ଦୁଇ ଚକିଆ ଯାନକୁ ଚିହ୍ନଟ କରାଯାଇ ଅଟକ ରଖାଯାଇଥିବାର ପାରଳାଖେମୁଣ୍ଡି ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

୬୦ ୟୁନିଟ୍ ରକ୍ତ ସଂଗୃହୀତ



ଗୋଷାଣି,୧।୧୧(ସମିସ): ଗଜପତି ଜିଲ୍ଲାର 'ଟିମ ୱାର୍କ ଫାଉଣ୍ଡେସନ'ର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସରେ ଆଜି ଗୋଷାଣି ବ୍ଲକ ଅନ୍ତର୍ଗତ ମାଛମରା ଗ୍ରାମ ସ୍ଥିତ ବେଣୁଗୋପାଳ କନଭେଣ୍ଟ ସ୍କୁଲ୍ ପରିସରରେ ପ୍ରଥମ ଥର ପାଇଁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାନବସେବା ହିଁ ମାଧବସେବା ଆଭିମୁଖ୍ୟକୁ ନେଇ ଆୟୋଜିତ ଏହି ସାମାଜିକ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରାକେଶ କୁମାରଙ୍କ ଉପସ୍ଥିତିରେ ଏହି ଶିବିରଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଫାଉଣ୍ଡେସନର ବହୁ ସ୍ୱେଚ୍ଛାସେବୀ, ସଦସ୍ୟ ଏବଂ ସ୍ଥାନୀୟ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ଏହି ଶିବିରରେ ସୋସାଇଟିର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଯୁବକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ। ଦିନସାରା ଚାଲିଥିବା ଏହି ରକ୍ତଦାନ ଶିବିରରୁ ସମୁଦାୟ ୬୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ୫ ଜଣିଆ ଡାକ୍ତରୀ ଟିମ୍, ଗୁରାଣ୍ଡି ଥାନା ଅଧିକାରୀ ଏବଂ ନିମନ୍ତ୍ରିତ ଅତିଥିମାନେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ଏଥିପାଇଁ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କ ତରଫରୁ ସେମାନଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା। ଏହି ଆୟୋଜନରେ ଫାଉଣ୍ଡେସନର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଦିବ୍ୟାଙ୍ଗ ବାଳିକାକୁ ରାସନ ଓ ଭତ୍ତା ପ୍ରଦାନରେ ବିଳମ୍ବ

ବ୍ରାହ୍ମଣୀଗାଁ,୧।୧୧(ସମିସ): ଦାରିଙ୍ଗବାଡ଼ି ବ୍ଲକସ୍ଥିତ ହାତୀମୁଣ୍ଡା ପଞ୍ଚାୟତର କସପଙ୍କା ଗ୍ରାମରେ ରହନ୍ତି ସୁଶାନ୍ତ ମଲିକ(୩୧)ଙ୍କର ଝିଅ ସାନୀୟା ମଲିକ (୯)। ସେ ଆଜନ୍ମ ୭୦ଧ ଦିବ୍ୟାଙ୍ଗ ଅଟନ୍ତି। ସରକାରଙ୍କର ନିୟମ ଅନୁସାରେ ସେ ଭତ୍ତା ଓ ରାସନ ପାଇବା ପାଇଁ ଯୋଗ୍ୟ ହୋଇଥିବା ସ୍ଥଳେ ଏ ପର୍ଯ୍ୟନ୍ତ ସେ ତାହା ପାଇପାରି ନାହାନ୍ତି। ଏହି ବିଷୟ ନେଇ ତାଙ୍କ ବାପା ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ବାରମ୍ବାର ଚେଷ୍ଟା କରିଛନ୍ତି କିନ୍ତୁ ତାହାର କୌଣସି ସୁଫଳ ମିଳିପାରି ନାହିଁ। ଦାରିଂବାଡ଼ି ବିଡିଓ ପ୍ରୀତି ରଞ୍ଜନ ରଥ ପ୍ରତିକ୍ରିୟାରେ ଏହା କହିଛନ୍ତି ଯେ ପୁନର୍ବାର ତଦନ୍ତ ପରେ ଏହି ବିଷୟ ନେଇ ଯଥା ଶୀଘ୍ର ପଦକ୍ଷେପ ନିଆଯିବ। ପ୍ରକାଶ ଥାଉକି ତାଙ୍କ ପରିବାରରେ ବାପା ମା' ବ୍ୟତୀତ ୩ ଜଣ ପୁଅ ଝିଅ ଅଛନ୍ତି କିନ୍ତୁ ସେହି ପରିବାର ପାଇଁ କୌଣସି ରାସନ୍ କାର୍ଡ ଏଯାଏଁ ମିଳିପାରି ନାହିଁ। ରାସନ୍ ର ଅଭାବ ହେତୁ ସେମାନଙ୍କୁ ବହୁତ୍ ଦୁଃଖ କଷ୍ଟରେ ଦିନ କାଟିବାକୁ ପଡୁଛି।

ବିପନ୍ନଙ୍କ ପାଖରେ ଠିଆହେଲା କୁଇ ସମାଜ



ଜି. ଉଦୟଗିରି, ୧।୧୧: (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବାଇବାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗିଡ଼ିପାବାଲି ଓ ଡାଙ୍ଗେସି ଅଞ୍ଚଳ ର ବାତ୍ୟା ବିପନ୍ନ ଲୋକଙ୍କୁ ଭେଟିଲେ ନିଖିଳ ଉତ୍କଳ କୁଇ ସମାଜ, ଆଦିବାସୀ ମହାସଂଘ ଓଡ଼ିଶା ତଥା ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକର ସଦସ୍ୟମାନେ ଓ ଗସ୍ତ ସମୟରେ ପ୍ରତିନିଧିମଣ୍ଡଳୀ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦୁଃଖଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ। ବିପର୍ଯ୍ୟୟ ଯୋଗୁଁ ପ୍ରଭାବିତ ହୋଇଥିବା ଆଦିବାସୀ ପରିବାରଙ୍କ ସ୍ଥିତିକୁ ନେଇ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ।

ଏହି ପରିପ୍ରେକ୍ଷୀରେ ନିଖିଳ ଉତ୍କଳ କୁଇ ସମାଜ, ଘୁ. ଉଦୟଗିରିର ସଭାପତି ଶାନ୍ତନୁ କୁମାର ପ୍ରଧାନ, ସମ୍ପାଦକ ଉଦ୍ଧବ ପ୍ରଧାନ, କୋଷାଧ୍ୟକ୍ଷ ବାସୁଦେବ ପ୍ରଧାନ, ଉଦ୍ଧେଶନ ପ୍ରଧାନ, ବିଶ୍ୱମ୍ଭର ପ୍ରଧାନ, ମାର୍କେସ ମଲିକ, ଆଦିବାସୀ ମହାସଂଘ ଓଡ଼ିଶାର ଜିଲ୍ଲା ସଭାପତି ମନୋଜ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ସଦସ୍ୟ ବିବେକାନନ୍ଦ ପ୍ରଧାନ, କିଶୋର ଘୋଟଲ ଓ ବିନୋଦ ପ୍ରଧାନଙ୍କ ସମେତ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ର ସଦସ୍ୟ ମାଜିରା ପ୍ରଧାନ, ଉଦ୍ଧବ ପ୍ରଧାନ ଓ ବାସୁଦେବ ପ୍ରଧାନ ଉପସ୍ଥିତ ଥିଲେ।ବିପର୍ଯ୍ୟୟ ସମୟରେ କେବଳ ସମବେଦନା ନୁହେଁ, ବରଂ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଓ ନ୍ୟାୟସଙ୍ଗତ କ୍ଷତିପୂରଣ ଯୋଗାଇଦେବା ସରକାର ଓ ପ୍ରଶାସନର ଗୁରୁଦାୟିତ୍ୱ ବୋଲି ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ। ଅସହାୟ ଆଦିବାସୀ ପରିବାରଙ୍କ ପାଖରେ ସମାଜ ଓ ସଂଗଠନ ସବୁବେଳେ ଠିଆ ହେବ ବୋଲି ସେମାନେ ଆଶ୍ୱାସନା ଦେଇଥିଲେ। ଅଂଚଳ ଗସ୍ତ କରିବା ପୂର୍ବରୁ ସେମାନେ ଜି ଉଦୟଗିରି ଗୋଷ୍ଠି ଚିକିତ୍ସା କେନ୍ଦ୍ର ରେ ଚିକିତ୍ସିତ ପୀଡିତ ମଓନକୁ ମଧ୍ୟ ଭେଟି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ।

ବାତ୍ୟା ପରେ ଜଳବନ୍ଦୀ ଜୀବନ

ସରକାର ଶୁଣିଲେନି; ରାସ୍ତା ନିର୍ମାଣ କଲେ ବୁରୁପାଟି ଗ୍ରାମବାସୀ

ଜି ଉଦୟଗିରି,୧।୧୧(ସମିସ)



ବାତ୍ୟା ଅର୍ଣ୍ଣବ କନ୍ଧମାଳ ଜିଲ୍ଲାର ଜି ଉଦୟଗିରି ରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ବିଭିନ୍ନ ଡ୍ୟାମ, ନଦୀ ନାଳ ଭାଙ୍ଗିଯାଇଥିଲା।ଯାତାୟାତ ଏକ ପ୍ରକାର ଠପ ହୋଇଯାଇଥିବା ବେଳେ ପ୍ରଭାବିତ ହୋଇଛି ଜୀବନ ଜୀବିକା। ମୁଲ ଲାଗିଲେ ପେଟ କୁ ଦାନା ଯୋଗାଡ଼ କରୁଥିବା ପରିବାର ପାଇଁ ଚିନ୍ତାର କାରଣ ପାଲଟି ଥିବା ବେଳେ ଶୀଘ୍ର ମରାମତିକୁ ଚାହିଁ ବସିଥିଲେ। କିନ୍ତୁ ବାତ୍ୟା ପରେ ବହୁ ଦିନ ଧରି ରାସ୍ତା ମରାମତି ନହେବାରୁ ଗ୍ରାମବାସୀ ମାନେ ଏକାଠି ହୋଇ ରାସ୍ତା ମରାମତି କରିଛନ୍ତି ପୁରୁପାଟି ଗ୍ରାମବାସୀ। ୫ ଦିନ ଧରି ଜଳବନ୍ଦୀ ଜୀବନ ଯାପନ କଲା ପରେ ଆଜି ଗ୍ରାମବାସୀ ଏକାଠି ହୋଇ ରାସ୍ତା ମରାମତି କରିଛନ୍ତି।କାରଣ ବାତ୍ୟା ରେ ରାସ୍ତା ଧୋଇ ହୋଇଯିବା ଫଳରେ ଯାତାୟାତ ଠପ ହୋଇଯାଇଛି। ଅନ୍ୟ କୌଣସି ବିକଳ୍ପ ରାସ୍ତା ନଥିବା ବେଳେ ବାହ୍ୟଜଗତ ରୁ ବିଚ୍ଛିର୍ଣ୍ଣ ହୋଇ ରହିଥିଲା ଏହି ଗାଁ। ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ କିଛି ଲାଭ ନ ମିଳିବା ରୁ ଆଜି ରାସ୍ତା ମରାମତି ପାଇଁ ଅଣ୍ଟା ଭିଡ଼ିଛନ୍ତି ଗ୍ରାମବାସୀ। କାରଣ ଘରୁ ବାହାରିଲେ ପେଟ କୁ ଦାନା ମିଳିବ। ରୋଗୀ କୁ ଜରୁରୀ ସେବା ମିଳିବ। ଏହି କାରଣରୁ ଛୋଟରୁ ବଡ ମହିଳାରୁ ପୁରୁଷ ସମସ୍ତେ ଲାଗିଛନ୍ତି କାମରେ। ଲକ୍ଷ ଯେମିତି ହେଲେ ଆଜି ରାସ୍ତା ମରାମତି ସମ୍ପୂର୍ଣ୍ଣ ହେବ। ଶେଷରେ ଏକତାର ବଳ ଦେଖିବାକୁ ମିଳିଛି। ରାସ୍ତା ମରାମତି କରିବାରେ ସଫଳ ହୋଇଥିବା ବେଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ପାରିଛନ୍ତି।

ପୋଲ ଭିତରୁ ଧସିଛି ମାଟି; ଉପରେ ଚାଲିଛି ଯାନବାହନ

ବେତାଳିଗାଁ,୧।୧୧(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ଭଦ୍ରକ-ଆରଡ଼ି ମୁଖ୍ୟ ରାସ୍ତାରୁ ସଂଯୋଗ ହୋଇ ରଇପୁର ପଞ୍ଚାୟତର କଣ୍ଟିକା ଓ ବାଙ୍କସାହି ଦେଇ ତିହିଡ଼ି ବ୍ଲକ୍‌କୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଏକ ପକ୍କା ପୋଲ ବିପଦସଂକୁଳ ଅବସ୍ଥାରେ ରହିଛି। ରଇପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏହି ପୋଲର ଭିତର ପାର୍ଶ୍ୱର କଂକ୍ରିଟ୍ କାନ୍ଥ ଭାଙ୍ଗିଯିବା ସହ ମାଟି ଧସି ଫମ୍ପା ସ୍ଥାନ ସୃଷ୍ଟି ହୋଇଛି। ଉପରିଭାଗରେ ବିଶେଷ କ୍ଷୟକ୍ଷତି ଦେଖାଯାଉ ନ ଥିଲେ ମଧ୍ୟ ଭିତରର ଏହି ସ୍ଥିତି ଦୁର୍ଘଟଣାର ଆଶଙ୍କା ବଢ଼ାଇଛି।

ଅଘଟଣ ପୂର୍ବରୁ ମରାମତି ପାଇଁ ଦାବି

ଏହି ରାସ୍ତା ଧାମନଗର ଓ ତିହିଡ଼ି ବ୍ଲକ୍ ମଧ୍ୟରେ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ହୋଇଥିବାରୁ ପ୍ରତିଦିନ ଶହ ଶହ ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ଦୈନନ୍ଦିନ କାର୍ଯ୍ୟ, ବ୍ୟବସାୟ ଓ ଜୀବିକା ପାଇଁ ଲୋକଙ୍କ ଯାତାୟାତ ସହ ଏହି ରାସ୍ତାରେ ମଧ୍ୟମ ଓ ଭାରୀଯାନ ମଧ୍ୟ ଚଳାଚଳ କରୁଛି। ଏଭଳି ସ୍ଥିତିରେ ପୋଲ ଉପରେ ଯାନବାହନର ଚାପ ପଡ଼ିଲେ ଅଧିକ କ୍ଷତି ହେବାର ଆଶଙ୍କା ରହିଛି। ତେଣୁ ଏହାର ପ୍ରକୃତ ସ୍ଥିତି ଯାଞ୍ଚ ନ କରି ଯାତାୟାତ ଜାରି ରହିବା ଲୋକଙ୍କ ସୁରକ୍ଷା ପ୍ରତି ଚିନ୍ତାର କାରଣ ପାଲଟିଛି। ପୋଲଟି ଅଧିକ କ୍ଷତିଗ୍ରସ୍ତ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଲେ ଧାମନଗର ଓ ତିହିଡ଼ି ଅଞ୍ଚଳ ମଧ୍ୟରେ ଯୋଗାଯୋଗ ବାଧାପ୍ରାପ୍ତ ହେବା ସହ ଲୋକଙ୍କ ଦୈନନ୍ଦିନ ଜୀବନଜୀବିକା ପ୍ରଭାବିତ ହେବ। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ସମ୍ପୃକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପ୍ରଶାସନ ପୋଲର ସ୍ଥିତି ତୁରନ୍ତ ଅନୁଧ୍ୟାନ କରି ଆବଶ୍ୟକ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



'ସକାଳ' ପ୍ରଭାବ: ମରାମତି ହେଲା କେନାଲ ରାସ୍ତା

ବାରିକପୁର,୧।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆକୁଳିକଣା ଗାଁ ନିକଟସ୍ଥ ୩ ନମ୍ବର କେନାଲ ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଆନୁମାନିକ ୧ ମାସ ପୂର୍ବରୁ ଖଣାଗାଡ଼ ସଦୃଶ ସୃଷ୍ଟି ହୋଇଥିବା ଗର୍ତ୍ତ ଏବେ ଲଘୁଚାପ ଜନିତ ବର୍ଷା କାରଣରୁ ଏକ ବୃହତ୍ ଖାତରେ ପରିଣତ ହୋଇଥିଲା। କେନାଲ ରାସ୍ତା ଦେଇ ସାଇକଲ ଓ ବାଇକ୍ ଆରୋହୀମାନେ ଯାତାୟାତ ପାଇଁ ଭୟ କରୁଥିଲେ। ଏପରିକି କିଛି ଗାଈଗୋରୁ ଓ ଛେଳିମେଣ୍ଢା ମଧ୍ୟ ଗର୍ତ୍ତରେ ପଡ଼ି ଆହତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ପ୍ରଥମେ ଦୈନିକ 'ସକାଳ' ଖବର କାଗଜରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶନର ଦୁଇ ଦିନ ପରେ ଗର୍ତ୍ତଟି ଅଧାରୁ ଅଧିକ ମରାମତି ହୋଇଥିବା ଦେଖାଯାଇଛି। ଯଥାଶୀଘ୍ର ଏହାକୁ ସମ୍ପୂର୍ଣ୍ଣ ମରାମତି ସହିତ ଗର୍ତ୍ତ ସଂଲଗ୍ନ କଲ୍‌ଭର୍ଟ ସ୍ଥାନକୁ ନବୀକରଣ କରିବାକୁ ଦାବି ହୋଇଛି। ଗ୍ରାମବାସୀଙ୍କ ଦାବି ମୁତାବକ, ଏଠାରେ ଖୁବ୍‌ଶୀଘ୍ର ଏକ ନୂତନ କଲ୍‌ଭର୍ଟ ନିର୍ମାଣ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।





ଆକୁଳିକଣା କେନାଲ ରାସ୍ତାରେ ବିରାଟ ଗର୍ତ୍ତ

ବାରିକପୁର, ୩୦।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ଆକୁଳିକଣା ମାଇନର କେନାଲ ମୁଣ୍ଡ ରାସ୍ତାରେ ଏକ ବିରାଟ ଗର୍ତ୍ତ। ତିନି ନମ୍ବର ବି କେନାଲରୁ ମାଇନର କେନାଲ ସୃଷ୍ଟି ହୋଇଥିବା ବେଳେ ଆରମ୍ଭ ସ୍ଥଳ କଲଭର୍ଟକୁ ଲାଗି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ଏଠାରେ ଏକ କ୍ଷୁଦ୍ର ଗର୍ତ୍ତ ଦେଖାଯାଇଥିଲା। ସ୍ଥାନୀୟ ଲୋକମାନେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ଏହାକୁ ମରାମତି କରା ଯାଇନଥିଲା। ଏବେ ଲଗାଣ ବର୍ଷା ଯୋଗୁଁ ଛୋଟ ଗର୍ତ୍ତଟି ଏକ ବଡ଼ ଗର୍ତ୍ତରେ ପରିଣତ ହୋଇଛି। ମାଟି ଅତଡ଼ା ଖସି ଏହା ବିରାଟ କୂପରେ ପରିଣତ ହୋଇଛି। ରାସ୍ତାର ଅର୍ଦ୍ଧାଧିକ ଭାଗ ଗର୍ତ୍ତରେ ପରିଣତ ହୋଇଛି। ଗାଈଗୋରୁ ଓ ଛେଳି ମେଣ୍ଢା ଉକ୍ତ ସ୍ଥାନରେ ପଡ଼ି ଆହତ ହେଉଥିବା ସୂଚନା ମିଳିଛି। ଏପରିକି ସାଇକଲ ଓ ମୋଟରସାଇକଲ ଆରୋହୀମାନେ ମଧ୍ୟ ଛୋଟ ମୋଟ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଲୋକେ ଟିକିଏ ଅସାବଧାନ ହେଲେ ବଡ଼ ଦୁର୍ଘଟଣାରେ ପଡ଼ିବେ ଏଥିରେ ସନ୍ଦେହ ନାହିଁ। କେନାଲ ଜଳସମ୍ପଦ ବିଭାଗ ହାତରେ ରହିଥିବା ବେଳେ ଏବେ

■ ଗ୍ରାମୀଣ କୌଶଳର ନିଆରା ଚିତ୍ର

ବୋତଲ ମାଧ୍ୟମରେ ଧରା ହେଉଛି ମାଛ

ଭଦ୍ରକ,୧।୧୧(ସମିସ): ମାଛ ଧରିବା ପାଇଁ ଦରକାର ନାହିଁ ଜାଲ କି ଛିପ୍। ହାତରେ ମାତ୍ର ୫ରୁ ୬ଟି ସବୁଜ ବୋତଲ ଦରକାର। ଏହି ବୋତଲ ହିଁ ପାଲଟିଛି ମାଛ ଧରିବାର ନିଆରା ମାଧ୍ୟମ। ଆଧୁନିକ ଜୀବନଶୈଳୀ ମଧ୍ୟରେ ଗ୍ରାମାଞ୍ଚଳର ଏଭଳି ଅଭିନବ କୌଶଳ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ଧାମନଗର ବ୍ଲକ୍ ଦଳାଙ୍ଗ ପଞ୍ଚାୟତ ଅଧୀନ ରାମେଶ୍ୱରପୁର ଗ୍ରାମରେ ଦେଖିବାକୁ ମିଳିଛି ଏହି ନିଆରା ମାଛଧରା ପଦ୍ଧତି। ଗ୍ରାମର ମଣିନାଥ ଜେନା ଓରଫ ମଣିଆ ଏହି କୌଶଳରେ ମାଛ ଧରୁଛନ୍ତି। ବୋତଲ ଭିତରେ ଚୂନା ରଖି ୫ରୁ ୬ଟି ସବୁଜ ବୋତଲକୁ ନଇ, ନାଳ ଓ ବିଲବାଡ଼ିର ପାଣିରେ ପକାଯାଉଛି। ଏହି ସରଳ ପଦ୍ଧତିରେ ମାଛ ସଂଗ୍ରହ କରାଯାଉଛି। ଏହି ଅଞ୍ଚଳ ଦେଇ ପ୍ରବାହିତ ଗେଙ୍ଗୁଟି ନଇ, ମହାରା ନଈ ସମେତ ବିଭିନ୍ନ ନାଳରେ ମଧ୍ୟ ଏଭଳି ଉପାୟରେ ମାଛ ଧରାଯାଉଛି। ମାଛ ଧରିବାର ଏହି ଅଭିନବ ଶୈଳୀ ପଛରେ ରହିଛି ଗ୍ରାମୀଣ ଅନୁଭୂତି ଓ ପିଢ଼ିପିଢ଼ି ଧରି ଚାଲିଆସୁଥିବା ସ୍ଥାନୀୟ ଜ୍ଞାନକୌଶଳର ପରିଚୟ। ବାସ୍ତବରେ ଗ୍ରାମାଞ୍ଚଳର ଜୀବନ କେବଳ ଚାଷବାସ ଓ ଜୀବିକା ମଧ୍ୟରେ ସୀମିତ ନୁହେଁ; ଏଠାକାର ଲୋକଙ୍କ ଅନୁଭବ, ବୁଦ୍ଧି ଓ ପରିବେଶ ସହ ଖାପଖୁଆଇ ଚଳିବାର କଳାରେ ଲୁଚି ରହିଛି ଅନେକ ନିଆରା କାହାଣୀ। ରାମେଶ୍ୱରପୁର ଗ୍ରାମର ଏହି ବୋତଲରେ ମାଛଧରା ପଦ୍ଧତି ତାହାର ଏକ ଜ୍ୱଳନ୍ତ ଉଦାହରଣ। ଅଳ୍ପ ସାମଗ୍ରୀରେ ଏଭଳି ନିଆରା ଉପାୟ ଗ୍ରାମୀଣ ଜୀବନର ସ୍ୱାତନ୍ତ୍ରତାକୁ ପୁଣିଥରେ ସାମ୍ନାକୁ ଆଣିଛି।

କଚ୍ଛପ ଗତିରେ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ

୨୦୦ ମିଟର ପଥ ପାଇଁ ଦୈନିକ ଦୁର୍ଘଟଣା

ବାରିକପୁର,୧।୧୧(ସମିସ)

ଭଣ୍ଡାରିପୋଖରୀ ବ୍ଲକ୍ ଛତାବରଠାରୁ ବଳିଘାଇ ଯାଏଁ ରାସ୍ତା ନିର୍ମାଣ କାର୍ଯ୍ୟ ଅତି କଚ୍ଛପ ଗତିରେ ଚାଲିଛି। ୨୦୨୧-୨୨ ମସିହାରେ ବିଜେଡି ସରକାର ରାସ୍ତା ନବୀକରଣ ପାଇଁ ୪୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରିଥିଲେ। ଦୁଇବର୍ଷ ଭିତରେ ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ହୋଇଥିଲା। ରାସ୍ତାଟି ପୂର୍ବରୁ ଦୁଇ ଲାଇନ୍ ଥିବା ବେଳେ ନୂତନ ଭାବେ ଏହାର ୪ ଲାଇନ୍ ନିର୍ମିତ ହୋଇଥିଲା। ପରିତାପର ବିଷୟ ୪ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ୮କିମି ବିଶିଷ୍ଟ ରାସ୍ତା କାମ ଏଯାଏଁ ଶେଷ ହେଉନାହିଁ। ପଶ୍ଚିମବଙ୍ଗର ଏକ ଠିକା ସଂସ୍ଥା ଦ୍ୱାରା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବାବେଳେ ଏହା କାହିଁକି ଏଯାଏଁ ସମ୍ପୂର୍ଣ୍ଣ ହୋଇପାରୁନାହିଁ ତାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରିପକ୍ୱ ଠିକା ସଂସ୍ଥା ନା ବିଭାଗୀୟ ତ୍ରୁଟି କେଉଁ କାରଣରୁ ଅତି ମନ୍ଥର ଗତିରେ କାମ ଚାଲିଛି ତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ରାସ୍ତାର ଗୁରୁତ୍ୱପୂର୍ଣ୍ଣ ପର୍ବତୀ ଘାଟର ପୋଲ୨ ମୁଣ୍ଡରେ ଅର୍ଦ୍ଧନିର୍ମିତ ୨୦୦ ମିଟର ରାସ୍ତା ପାଇଁ ଦୈନିକ ଛୋଟମୋଟ ଦୁର୍ଘଟଣା ଘଟୁଛି।



ଦୀର୍ଘ ମାସ ହେବ ଏଠାରେ କେବଳ ବଜୁରୀ, ମେଣ୍ଟାଲ, ଡଷ୍ଟ ବିଛାଯାଇଛି। ସାଇକଲ ଓ ବାଇକ୍ ଆରୋହୀମାନେ ଏହି ପଥରେ ଯିବା ବେଳେ ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାଛଡ଼ା ଏହି ସ୍ଥାନରେ ଦୈନିକ ପାଣି ଦିଆଯାଉନାହିଁ। ଫଳରେ ପଥଚାରୀମାନଙ୍କୁ ଡଷ୍ଟ ଧୂଳି କବଳିତ କରୁଛି। ଏହାଛଡ଼ା ମଞ୍ଜୁରୀ ବଜାର, ଭୂତିଆ ଆଦିବାସୀ ସାହି, କୁମ୍ଭାରିଆ ଆଦି ସ୍ଥାନରେ ଏଯାଏ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ୩/୪ ବର୍ଷ ପୂର୍ବେ ରାସ୍ତାର ଯେଉଁ କେତେକ ସ୍ଥାନରେ କଂକ୍ରିଟ କାମ ହୋଇଥିଲା ତାହା ମଧ୍ୟ ଫାଟି ଆଁ କଲାଣି। ଯେଉଁ ଫାଟରେ କି ଠିକାସଂସ୍ଥା ଅତି ଚତୁରତାର ସହିତ ପିଚୁ ଦେଇଛି। ରାସ୍ତାର ନିର୍ମାଣ ମାନକୁ ନେଇ ସନ୍ଦେହଯାତ ହୋଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ଇତିମଧ୍ୟରେ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଧିକ୍ଷଣ ଯନ୍ତ୍ରୀଙ୍କ ଯାଏଁ ୭/୮ଜଣ ଅଧିକାରୀଙ୍କ ବଦଳି ହୋଇଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟ କିନ୍ତୁ ସରିବାର ନାଁ ଧରୁନାହିଁ। ଦୀର୍ଘ ଦିନ ହେବ ରାସ୍ତା କାମ ସମ୍ପୂର୍ଣ୍ଣ ନ ହେବା କାରଣରୁ ଅଞ୍ଚଳରେ ଜନ ଅସନ୍ତୋଷ କୁହୁଳୁଥିବା ବେଳେ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

'ଅର୍ଣ୍ଣବ' କ୍ଷତିଗ୍ରସ୍ତଙ୍କୁ ସହାୟତା କଲା ବରିଷ୍ଠ ନାଗରିକ ମଞ୍ଚ

ଭଣ୍ଡାରିପୋଖରୀ,୧।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାତ୍ୟା "ଅର୍ଣ୍ଣବ" ଦ୍ୱାରା ଗଞ୍ଜାମ ଜିଲ୍ଲାରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି କରି କ୍ଷୟକ୍ଷତି ହୋଇଯାଇଛି, ସେଥିନିମନ୍ତେ କ୍ଷତିଗ୍ରସ୍ତମାନଙ୍କ ପାଇଁ ଶୁଖିଲା ଖାଦ୍ୟ ପୁଡ଼ିଆ ପ୍ରସ୍ତୁତି ଚାଲିଛି। ସୂଚନା ଅନୁଯାୟୀ, ଶୁଖିଲା ଖାଦ୍ୟ ସାମଗ୍ରୀ ଅଟା, ଚାଉଳ, ଆଳୁ, ଡାଲି, ମୁଢ଼ି, ଚୁଡ଼ା, ବିସ୍କୁଟ ଆଦି ବଣ୍ଟନ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ (୧୦୦) ରିଲିଫ୍ ପ୍ୟାକେଟ୍ ପ୍ରସ୍ତୁତି କରାଯାଇଛି। ଏହା ସମେତ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ପିନ୍ଧା ବସ୍ତ୍ର ଯେପରି ଶାଢ଼ି, ଗାମୁଛା, ଲୁଙ୍ଗି ମଧ୍ୟ ଶହେଟି ପ୍ୟାକେଟ୍ ପ୍ରସ୍ତୁତି କରାଯାଇ ପଠାଯାଇଛି।



ଏହିସବୁ ରିଲିଫ୍ ସାମଗ୍ରୀ ଗଞ୍ଜାମ ଜିଲ୍ଲାର ଆସ୍କା ଓ ସୋରଡ଼ା ଅଞ୍ଚଳରେ ଭଣ୍ଡାରିପୋଖରୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁଧୀର କୁମାର ଜେନାଙ୍କ ଅଧକ୍ଷତାରେ ସୋମବାର ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ରିଲିଫ୍ ସାମଗ୍ରୀଗୁଡ଼ିକ ବରିଷ୍ଠ ନାଗରିକ ମଞ୍ଚର ଆବାହକ ପୂର୍ବତନ ଅଧ୍ୟାପକ ଭରତ ଚନ୍ଦ୍ର କରଣ ଓ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ ପ୍ରସ୍ତୁତି କାର୍ଯ୍ୟ ତୁଲାଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ରଜନୀକାନ୍ତ ଚାନ୍ଦ, ଯୋଗେନ୍ଦ୍ର ନାଥ ଦାଶ, ଅନନ୍ତ ତ୍ରିପାଠୀ, ସନାତନ ନାୟକ, ଧିରେନ କୁମାର ଧଳ, ନାରାୟଣ ପରିଡ଼ା, ଦିବାକର ଜେନା, ଦେବେନ୍ଦ୍ର ଧଳ, ମୁରଲୀଧର ଧଳ, ଦିଲ୍ଲୀପ ସାମଲଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ରିଲିଫ୍ ପ୍ୟାକେଟ୍ ପ୍ରସ୍ତୁତି କରିଥିଲେ।

● ୭୮ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପ୍

ରୌପ୍ୟ ପଦକ ଜିତିଲେ ଭଦ୍ରକର ବର୍ଷାରାଣୀ

ଭଦ୍ରକ, ୧।୧୧ (ସମିସ): ସାଇକ୍ଲିଂ ଫେଡେରେସନ ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଓ ଝାଡ଼ଖଣ୍ଡ ସାଇକ୍ଲିଂ ଆସୋସିଏସନ ସଂଯୋଜନାରେ ଗୁରୁବାରଠାରୁ ରାଞ୍ଚିଠାରେ ଆରମ୍ଭ ହୋଇଥିବା ୭୮ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପ୍‌ର ଉଦ୍‌ଘାଟନୀ ଦିବସରେ ଓଡ଼ିଶା ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି ଭଦ୍ରକର ଝିଅ ବର୍ଷାରାଣୀ ବାରିକ। ୧ ହଜାର ମିଟର ରେସ୍‌ରେ ୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ତାଙ୍କର ପ୍ରତିଭା ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତାରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସଭାପତି ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ ରାଉତ, ଉପସଭାପତି ନୃସିଂହ ଚରଣ ସାହୁ, ବିଡିସିଏ ସଭାପତି ଅପୂର୍ବ ରଞ୍ଜନ ବେହେରା, ଭଦ୍ରକ ଜିଲ୍ଲା କ୍ରୀଡ଼ାଧିକାରୀ ଦେବବ୍ରତ ମହାପାତ୍ର ପ୍ରମୁଖ ବର୍ଷାରାଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବର୍ଷାରାଣୀ ଏହି ସଫଳତାର ଶ୍ରେୟ ତାଙ୍କ କୋଚ୍ ମନୋରଞ୍ଜନ ବାରିକଙ୍କୁ ଦେଇଛନ୍ତି। ବର୍ଷା ଭଦ୍ରକ ବ୍ଲକ୍ ହରିପୁର ଗ୍ରାମର ଉମେଶ ବାରିକଙ୍କ ଝିଅ ଅଟନ୍ତି। ସେ ଏବେ ଆସାମର ଗୋହାଟିଠାରେ ଅଭ୍ୟାସ ଜାରି ରଖିଛନ୍ତି।



ଜିଲ୍ଲା ଶିକ୍ଷା ବିଭାଗର ଚରମ ଅବହେଳା; କେବେ ହେବ ସମାଧାନ ?

ପୋକ ଖାଉଛି ମଧ୍ୟାହ୍ନଭୋଜନ ଚାଉଳ

ଦୋଳସାହି,୧।୧୧(ସମିସ): ତିହିଡ଼ି ବ୍ଲକ୍‌ରେ ଏକ ବିଦ୍ୟାଳୟ ସମସ୍ୟାର ସମାଧାନ ପରିବର୍ତ୍ତେ ବିବାଦ ବୃଦ୍ଧି ପାଉଥିବାବେଳେ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ସହ ଏହି ସମସ୍ୟା ଜିଲ୍ଲା ଶିକ୍ଷା ବିଭାଗ କରିପାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ଶିକ୍ଷା ବିଭାଗର ଚରମ ଅବହେଳା ଯୋଗୁଁ ବିଦ୍ୟାଳୟରେ ଗଚ୍ଛିତ ଥିବା ୧୨ କ୍ୱିଣ୍ଟାଲରୁ ଅଧିକ ମଧ୍ୟାହ୍ନଭୋଜନ ଚାଉଳ ପୋକ ଖାଉଥିବା ସାଧାରଣରେ ଅଭିଯୋଗ ହେଉଛି।



ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ସରକାରୀ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଗତ ୪ ମାସ ତଳେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ପ୍ରଧାନଶିକ୍ଷକ ସରୋଜ ଦାସଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅସନ୍ତୋଷ ନେଇ ବିଦ୍ୟାଳୟର ଅଫିସ ଗୃହରେ ପ୍ରଧାନଶିକ୍ଷକଙ୍କୁ ତାଲା ପକାଯାଇଥିବା ବେଳେ ତିହିଡ଼ି ପୁଲିସ ଦ୍ୱାରା ପ୍ରଧାନଶିକ୍ଷକଙ୍କୁ ବାହାରକୁ ବାହାର କରାଯାଇଥିଲା। ତେବେ ଏହି ଘଟଣାରେ ପ୍ରଧାନଶିକ୍ଷକ ତିହିଡ଼ି ଥାନାରେ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାଯାଇଥିଲା ବେଳେ ଶରୀର ଅସୁସ୍ଥ ଥିବା ଦର୍ଶାଇ ଅଦ୍ୟାବଧି କାର୍ଯ୍ୟରେ ଯୋଗଦେଇ ନ ଥିବା ଜଣାଯାଇଛି। ଏହି ଘଟଣାକୁ ୪ ମାସ ପୂରିଥିଲାବେଳେ ବିଦ୍ୟାଳୟରେ ଗଚ୍ଛିତ ଥିବା ୧୨ କ୍ୱିଣ୍ଟାଲରୁ ଅଧିକ ମଧ୍ୟାହ୍ନଭୋଜନ ଚାଉଳ ପୋକ ଖାଉଥିବାବେଳେ ଜିଲ୍ଲା ଶିକ୍ଷା ବିଭାଗର ଚରମ ଅବହେଳା ପାଇଁ ଚାଉଳ ନଷ୍ଟ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ଏହି ବିଦ୍ୟାଳୟର ସମସ୍ତ କର୍ମଚାରୀ ୪ ମାସ ଧରି ଦରମା ପାଇ ନ ଥିବା ଜଣାଯାଇଥିଲା ବେଳେ ମଧ୍ୟାହ୍ନଭୋଜନ ସାମଗ୍ରୀ ବାକିରେ ଆସୁଥିବା ଜଣାଯାଇଛି। ଭଦ୍ରକ ଜିଲ୍ଲାପାଳ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଧୂଷୁରୀ ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ

ଧୂଷୁରୀ,୧।୧୧(ସମିସ): ଧାମନଗର ନିର୍ବାଚନମଣ୍ଡଳୀ ଧୂଷୁରୀ ମଣ୍ଡଳର ସଭାପତି ଅନିରୁଦ୍ଧ ସାହୁଙ୍କ ନେତୃତ୍ୱରେ ଧୂଷୁରୀଠାରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି, ବରିଷ୍ଠ ନେତା ରାମଚନ୍ଦ୍ର ମିଶ୍ର, ସଦାଶିବ ପୋଥାଳ, ରଞ୍ଜନ ମହାନ୍ତି, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, କୋଠାର ସରପଞ୍ଚ ମହେଶ୍ୱତା ମହାଳିକଙ୍କ ସମେତ ବହୁ ବରିଷ୍ଠ ନେତା, ମଣ୍ଡଳର ସମସ୍ତ ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ, ସହ ପ୍ରମୁଖ ଏବଂ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଦଳର ସାଂଗଠନିକ ସୁଦୃଢ଼ୀକରଣ, ଜନସାଧାରଣଙ୍କ ସହ ଯୋଡ଼ି ହେବା ଏବଂ ଆଗାମୀ ଦିନରେ ଦଳର କାର୍ଯ୍ୟଧାରା ଓ ରଣନୀତିକୁ ନେଇ ଆଲୋଚନା ହେବା ସହ ସାଧାରଣ ଲୋକଙ୍କ ସମସ୍ୟା କେମିତି ଦୂର ହେବ ତର୍ଜମା କରାଯାଇଥିଲା।

ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା,୧।୧୧(ସମିସ): ଭଦ୍ରକ ଜିଲ୍ଲା ବନ୍ତ ପୁଲିସ୍ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକ 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ବନ୍ତ କଲେଜ ଛକଠାରୁ ଆରମ୍ଭ ହୋଇ ବଜାର ପରିକ୍ରମା କରିବା ସହ ଜଳସେଚନ କାର୍ଯ୍ୟାଳୟ ଦେଇ ଥାନା ନିକଟରେ ପହଞ୍ଚି ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ବନ୍ତ ଥାନା ଏସ୍‌ଆଇ ଅସ୍ମିତା ପ୍ରଧାନ, ଏଏସ୍‌ଆଇ କମଳାକାନ୍ତ ନାୟକ, ମନମୋହନ ବାରିକ, ବୁଦ୍ଧିରାମ ପୁର୍ତ୍ତି, ମାନସୀ ଜେନା, ବସନ୍ତ ଜେନା, ରାମଚନ୍ଦ୍ର ନାୟକ, ଜଗବନ୍ଧୁ ମାଟିଆ, ପ୍ରକାଶ ଜେନା, ଅଧ୍ୟାପକ ରାଜେଶ ବିଶ୍ୱାଳ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, କ୍ଷୀରୋଦ ନାୟକଙ୍କ ସମେତ ଆଞ୍ଚଳିକ ମହାବିଦ୍ୟାଳୟର ସଭାପତି ଅୟେଶା ଖୁଣ୍ଟିଆ, ଶୁଭସ୍ମିତା ମହାକୁଡ଼, ସୁନୀଲ ପରିଡ଼ା, ସୌମ୍ୟାପ୍ରଭା ମହାଳିକ, ଜ୍ୟୋତିପ୍ରକାଶ ଜେନା, ଚନ୍ଦନ ଯେନା, ହରପ୍ରିୟା ନାୟକ, ରଜତ ଦାସ, ଅନନ୍ତ ନାୟକଙ୍କ ସମେତ ଆଞ୍ଚଳିକ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଏବଂ ବରିଷ୍ଠ ନାଗରିକ ସାମିଲ୍ ହୋଇ ଜନସାଧାରଣଙ୍କୁ ଜାତୀୟ ଏକତାର ବାର୍ତ୍ତା ବାଣ୍ଟିଥିଲେ।

■ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି

ଘରକୁ ଘର ବୁଲି ଭୋଟର ତାଲିକା ସର୍ଭେ ଅନୁଧ୍ୟାନ

ତିହିଡ଼ି,୧।୧୧(ସମିସ): ୨୦୨୭ ତ୍ରିସ୍ତରୀୟ ନିର୍ବାଚନକୁ ସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା ପାଇଁ ନିଯୁକ୍ତ ରାଜ୍ୟ ନିର୍ବାଚନ କମିସନଙ୍କ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସରୋଜକାନ୍ତ ମହାନ୍ତି ତିହିଡ଼ି ବ୍ଲକ୍ ଗସ୍ତ କରି ଚାଲିଥିବା ଘରକୁ ଘର ଭୋଟର ସର୍ଭେ କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। ଉକ୍ତ ଗସ୍ତ ସମୟରେ ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତିଙ୍କ ସହ ଭଦ୍ରକ ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବବ୍ରତ ମହାପାତ୍ର ଏବଂ ଭଦ୍ରକ ଡେପୁଟି କଲେକ୍ଟର ଶ୍ୱେତାଶ୍ରୀ ମହାପାତ୍ର ସାମିଲ୍ ହୋଇଥିଲେ। ପ୍ରଶାସନିକ ଟିମ୍ ତିହିଡ଼ି ବ୍ଲକ୍ ଅଧୀନ ସାୟା ପଞ୍ଚାୟତ ଏବଂ ତିହିଡ଼ି ଏନ୍‌ଏସି ଅନ୍ତର୍ଗତ ସାଟିବାଟି ୱାର୍ଡ ନଂ-୧୦ ଅଞ୍ଚଳ ଗସ୍ତ କରି ସର୍ଭେ କାର୍ଯ୍ୟର ସରଜମିନ୍ ଅନୁଧ୍ୟାନ କରିଛନ୍ତି। ସର୍ଭେ ସମୟରେ ପର୍ଯ୍ୟବେକ୍ଷକ ଟିମ୍ ସ୍ଥାନୀୟ ବିଏଲ୍‌ଓ ଏବଂ ସର୍ଭେ କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଫିଲ୍ଡ ସ୍ତରରେ ଯେପରି କୌଣସି ଯୋଗ୍ୟ ଭୋଟର ନାମ ବାଦ୍ ନ ପଡ଼ନ୍ତି ଏବଂ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ସଠିକ୍ ଭାବେ ତାଲିକାରୁ ହଟାଯାଏ, ସେଥିପ୍ରତି ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ କରିବାକୁ ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କମିସନଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଭୋଟର ତାଲିକାର ସଂଶୋଧନ ଓ ନବୀକରଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସର୍ଭେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ପ୍ରଶାସନିକ ଅଧିକାରୀଙ୍କ ଏହି ପ୍ରତ୍ୟକ୍ଷ ଅନୁଧ୍ୟାନ ଫଳରେ ସ୍ଥାନୀୟ ଅଞ୍ଚଳରେ ନିର୍ବାଚନୀ ପ୍ରସ୍ତୁତି ଅଧିକ ସକ୍ରିୟ ହୋଇଉଠିଛି।



ସଡ଼କ ସାଜିଛି ଗୋରୁଗାଈଙ୍କ ଆଶ୍ରୟସ୍ଥଳ; ବଢୁଛି ଦୁର୍ଘଟଣା

ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ଧାମନଗର,୧।୧୧(ସମିସ): ସଡ଼କ ଉପରେ ଶହ ଶହ ବୁଲା ଗାଈଗୋରୁଙ୍କ ଅବାଧ ବିଚରଣ ଏବେ ଯାତାୟାତରେ ବାଧା ସୃଷ୍ଟି କରିବା ସହ ସଡ଼କ ଦୁର୍ଘଟଣାର ଆଶଙ୍କା ବଢ଼ାଉଛି। ଏହା ସଡ଼କ ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ପ୍ରଶ୍ନ ଉଠାଇଛି। ଭଦ୍ରକ-ଧାମନଗର ମୁଖ୍ୟ ରାସ୍ତା ଉପରେ ଏଭଳି ଦୃଶ୍ୟ ଏବେ ନିତିଦିନିଆ ଦେଖିବାକୁ ମିଳୁଛି। ଗୋଚର ଓ ଚାରଣ ଭୂମି ସଙ୍କୁଚିତ ହେବା ସହ ଅନାବାଦୀ ଜମି ଜବରଦଖଲ ଯୋଗୁଁ ଏହି ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି।

ଜନସଂଖ୍ୟା ବୃଦ୍ଧି ସହ ଖାଲି ପଡ଼ିଥିବା ବ୍ୟକ୍ତିଗତ ଓ ସରକାରୀ ଜମିରେ ଘର ନିର୍ମାଣ ବଢୁଛି। ଦିନେ ଗାଈଗୋରୁ, ଷଣ୍ଢ, ଛେଳି ଓ ମେଣ୍ଢାଙ୍କ ଚାରଣ ଭୂମି ଭାବେ ବ୍ୟବହୃତ ହେଉଥିବା ଖୋଲା ପଡ଼ିଆ ଏବେ ଜବରଦଖଲ ଓ ଗୃହ ନିର୍ମାଣ ଯୋଗୁଁ ସଙ୍କୁଚିତ ହୋଇଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ଅନାବାଦୀ ଓ ଜଙ୍ଗଲ କିସମ ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ନେଇଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବ ଏବେ ରାଜରାସ୍ତାରେ ଦେଖିବାକୁ ମିଳୁଛି। ଦିନ ହେଉ କି ରାତି, ବିଭିନ୍ନ ପ୍ରମୁଖ ରାସ୍ତା ଓ ଗ୍ରାମୀଣ ସଡ଼କ ଉପରେ ଗାଈଗୋରୁଙ୍କ ଅବାଧ ବିଚରଣ ଚାଲିଛି। ରାସ୍ତା ଉପରେ ଦଳ ଦଳ ହୋଇ ବୁଲିବା ସହ ସେମାନେ ବିଶ୍ରାମସ୍ଥଳୀ ଭାବେ ମଧ୍ୟ ସଡ଼କକୁ ବ୍ୟବହାର କରୁଛନ୍ତି। ବିଶେଷକରି ରାତିରେ ଗାଈଗୋରୁ ରାସ୍ତା ଉପରେ ଶୋଇ ରହୁଥିବାରୁ ଗାଡ଼ି ଚାଳକମାନେ ଠିକ୍ ସମୟରେ ସେମାନଙ୍କୁ ଦେଖିପାରୁନାହାନ୍ତି। ଫଳରେ ପଶୁଙ୍କ ସହ ଗାଡ଼ି ଧକ୍କା ହେବା ଏବଂ ଦୁର୍ଘଟଣା ଘଟି ଜନଜୀବନ ପ୍ରଭାବିତ ଆଶଙ୍କା ବଢୁଛି। ଏଥିସହ ଯାନବାହନ କ୍ଷତିଗ୍ରସ୍ତ ହେବା ଯୋଗୁଁ ଚାଳକ ଓ ମାଲିକଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏହି ସମସ୍ୟା ପଛରେ ଗୋ-ପାଳକଙ୍କ ମାନସିକତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅଣ୍ଡିରା ବାଛୁରୀ ଜନ୍ମ ହେଲେ କେତେକ ଗୋ-ପାଳକ ସେମାନଙ୍କୁ ନିଜ ପାଖରେ ନ ରଖି ବାହାରେ ଛାଡ଼ି ଦେଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ ବୁଲା ଗାଈଗୋରୁ ଏବଂ ବେଆଇନ ଗୋ-ଚାଲାଣ ବେଳେ ଉଦ୍ଧାର ହେଉଥିବା ପଶୁଙ୍କୁ ରଖିବା ପାଇଁ ଧାମନଗର ବ୍ଲକ୍‌ର ଅସୁରାଳିଠାରେ କେବଳ ଗୋଟିଏ ଗୋଶାଳା ରହିଛି। ନୂତନ ଗୋଶାଳାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଅଧିକ ସଂଖ୍ୟକ ବୁଲା ଗୋରୁଙ୍କୁ ରଖିବା ସମ୍ଭବ ହେଉନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗାଈଗୋରୁଙ୍କ ପାଇଁ ଉଦ୍ଦିଷ୍ଟ ଗୋଚର ଜମି ଓ ଅନାବାଦୀ ଜମିର ବିଭିନ୍ନ ସ୍ଥାନ ଜବରଦଖଲ ହେଉଛି। ଫଳରେ ପଶୁଙ୍କ ଚାରଣ ପାଇଁ ପର୍ଯ୍ୟାପ୍ତ ଜମି ନ ମିଳିବାରୁ ସେମାନେ ରାସ୍ତା ଓ ବଜାର ଅଞ୍ଚଳକୁ ଚାଲିଆସୁଛନ୍ତି।



ତେବେ ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଗୋଚର ଜମିକୁ ଜବରଦଖଲମୁକ୍ତ କରିବା, ପଶୁଙ୍କ ପାଇଁ ଚାରଣ ଭୂମି ସୁନିଶ୍ଚିତ କରିବା ଏବଂ ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

ସକାଳ
THE SAKALA

କୋଟିଆରେ ଆନ୍ଧ୍ର ନିର୍ବାଚନକୁ ନେଇ ବଦଳୁଛି ସମୀକରଣ

ଟିଡିପି ପ୍ରାର୍ଥୀଙ୍କୁ ୱାଇଏସ୍‌ଆର କଂଗ୍ରେସ ପ୍ରାର୍ଥୀଙ୍କ ସମର୍ଥନ !



ଉଭୟ ପ୍ରାର୍ଥୀଙ୍କୁ ଏକାଠି ବସାଇ ଗ୍ରାମବାସୀଙ୍କ ବୈଠକ

ପଟାଙ୍ଗି,୧।୧୧(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ସୀମା ବିବାଦ ମଧ୍ୟରେ କୋଟିଆରେ ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନକୁ ନେଇ ଏବେ ନୂଆ ରାଜନୈତିକ ସମୀକରଣ ସାମ୍ନାକୁ ଆସିଛି। ତଳ ଗଞ୍ଜେଇପଦରରେ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଛି। ଏଥିରେ ଟିଡିପି ଓ ୱାଇଏସଆର କଂଗ୍ରେସର ଦୁଇ ପ୍ରାର୍ଥୀଙ୍କୁ ଏକାଠି ବସାଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ତଳ ଗଞ୍ଜେଇପଦରରେ ହୋଇଥିବା ଏହି ବୈଠକରେ କୋଟିଆ ପଞ୍ଚାୟତର ୧୧ଟି ଗ୍ରାମର ମୁଖିଆ ଓ ଗ୍ରାମବାସୀ ସାମିଲ ହୋଇଥିଲେ। କୋଟିଆ, ଜାନିଗୁଡ଼ା, ରଣସିଂହ, ଉପର ପନିକି, ତଳପନିକି, କୁରୁଡ଼ିପଦର, ଉପର ଗଞ୍ଜେଇପଦର, ତଳ ଗଞ୍ଜେଇପଦର, ଧୁଳିପଦର, ପାଣ୍ଡୁକୁୱାଲସା ଓ ଆର୍ଯ୍ୟୁୱାଲାସା ଗ୍ରାମର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିବା କୁହାଯାଉଛି। ବୈଠକରେ ୨୦୦ରୁ ଅଧିକ କୋଟିଆବାସୀ ଯୋଗଦେଇଥିବା ସୂଚନା ମିଳିଛି। ବୈଠକରେ ଟିଡିପି ପ୍ରାର୍ଥୀ ଚିରଞ୍ଜୀବୀ ତାଡିଙ୍ଗି ଓ ୱାଇଏସଆର କଂଗ୍ରେସ ପ୍ରାର୍ଥୀ କାନପୁରି ମାଝୀଙ୍କୁ ଏକାଠି ବସାଇ ନିର୍ବାଚନକୁ ନେଇ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ୱାଇଏସଆର କଂଗ୍ରେସ ପ୍ରାର୍ଥୀ ନିଜ ନିର୍ବାଚନୀ ପ୍ରଚାରରୁ ନିବୃତ୍ତ ରହିବା ସହ ଟିଡିପି ପ୍ରାର୍ଥୀ ଚିରଞ୍ଜୀବୀ ତାଡିଙ୍ଗିଙ୍କୁ ସମର୍ଥନ କରିବା ନେଇ ସହମତି ହୋଇଥିବା କୁହାଯାଉଛି। ବୈଠକରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସହମତି ହୋଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଆନ୍ଧ୍ରପ୍ରଦେଶର ଅନ୍ୟ ଗ୍ରାମଗୁଡ଼ିକରେ ନିର୍ବାଚନୀ ପ୍ରଚାର ସମୟରେ ଉଭୟ ପ୍ରାର୍ଥୀ ଏକାଠି ଯିବେ। ଏହି ସମୟରେ ୱାଇଏସଆର କଂଗ୍ରେସ ପ୍ରାର୍ଥୀ ଟିଡିପି ପ୍ରାର୍ଥୀ ଚିରଞ୍ଜୀବୀ ତାଡିଙ୍ଗିଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ଅପିଲ୍ କରିବେ ବୋଲି ସୂଚନା ମିଳିଛି। ଏହି ବୈଠକକୁ ସାଲପୁ ଗେମେଲ, ଶେଖର ତାଡ଼ିଙ୍ଗୀ, ସିକୁଣ୍ଡୁ ଗେମେଲ, ସରୋଜ ଗେମେଲ, ସିଦ୍ଧେଶ୍ୱର ଗେମେଲ, ଓଡ଼ିଶା କୋଟିଆର ସରପଞ୍ଚ ଲିୟୁ ଗେମେଲ, ଆନ୍ଧ୍ରର ସରପଞ୍ଚ ବିଶୁ ଗେମେଲ, ସୋନା ଗୁଣ୍ଟା, ଗୁରୁଆ ଖିଲ, ଡମ୍ବୁ ଗେମେଲ ଓ ସୁବା ହାରେକା ପ୍ରମୁଖ ନେତୃତ୍ୱ ନେଇଥିବା ଜଣାପଡ଼ିଛି। ବୈଠକରେ ଯେଉଁ ଗ୍ରାମବାସୀ ପ୍ରତ୍ୟକ୍ଷ ଭାବେ ଯୋଗଦେଇ ପାରିନଥିଲେ, ସେମାନଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ସହମତି ନିଆଯାଇଥିବା ସୂଚନା ମିଳିଛି। କୋଟିଆରେ ଆନ୍ଧ୍ରପ୍ରଦେଶର ପଞ୍ଚାୟତ ନିର୍ବାଚନକୁ ନେଇ ପୂର୍ବରୁ ହିଁ ରାଜନୈତିକ ଉଷ୍ମତା ଦେଖାଦେଇଥିଲା। ସୀମା ବିବାଦକୁ କେନ୍ଦ୍ର କରି ଉଭୟ ଓଡ଼ିଶା ଓ ଆନ୍ଧ୍ର ନିଜ ନିଜ ଅଞ୍ଚଳ ଉପରେ ପ୍ରଭାବ ଦାବି କରିଆସୁଛନ୍ତି। ଏଭଳି ପରିସ୍ଥିତିରେ କୋଟିଆ ପଞ୍ଚାୟତର ଗ୍ରାମବାସୀଙ୍କ ଏହି ସାମୂହିକ ବୈଠକ ଓ ନିର୍ବାଚନକୁ ନେଇ ନିଆଯାଇଥିବା କଥିତ ନିଷ୍ପତ୍ତି ଘଟଣାକୁ ଆହୁରି ରୋଚକ କରିଛି। ବିଶେଷକରି ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳର ପ୍ରାର୍ଥୀଙ୍କୁ ଏକାଠି ବସାଇ ଆଲୋଚନା କରିବା ଏବଂ ଜଣେ ପ୍ରାର୍ଥୀଙ୍କୁ ଅନ୍ୟ ଜଣେ ପ୍ରାର୍ଥୀ ସମର୍ଥନ କରିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଏହା ଆନ୍ଧ୍ରର ସ୍ଥାନୀୟ ରାଜନୀତିରେ କେତେ ପ୍ରଭାବ ପକାଇବ ଏବଂ ନିର୍ବାଚନ ଫଳାଫଳରେ ଏହାର କି ପ୍ରଭାବ ପଡ଼ିବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ସୀମା ବିବାଦକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଟଣାଓଟରା ଜାରି ରହିଥିବା ସମୟରେ କୋଟିଆରେ ଗ୍ରାମବାସୀଙ୍କ ଏଭଳି ନିଷ୍ପତ୍ତି ଏବେ ନୂଆ ରାଜନୈତିକ ଚର୍ଚ୍ଚାକୁ ଜନ୍ମ ଦେଇଛି। ତେବେ ଏହି ସାମୂହିକ ନିଷ୍ପତ୍ତି ଆନ୍ଧ୍ରପ୍ରଦେଶର ପଞ୍ଚାୟତ ନିର୍ବାଚନରେ କେତେ ପ୍ରଭାବ ପକାଇବ ଏବଂ କୋଟିଆ ଅଞ୍ଚଳର ଭୋଟ ରାଜନୀତି କେଉଁ ଦିଗକୁ ଯିବ, ଏବେ ତାହା ଉପରେ ନଜର ରହିଛି।

ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ମୁକାବିଲା ପାଇଁ ସମୀକ୍ଷା ବୈଠକ



କୋରାପୁଟ,୧।୧୧(ସମିସ): ସମ୍ଭାବ୍ୟ ବାତ୍ୟା 'ମୁରାସୁ' ପ୍ରଭାବରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି, ଆଗୁଆ ସତର୍କତା ବ୍ୟବସ୍ଥା, ଜରୁରୀକାଳୀନ ସେବା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ, ଆଶ୍ରୟସ୍ଥଳୀଗୁଡ଼ିକର ପ୍ରସ୍ତୁତି ତଥା ଆବଶ୍ୟକୀୟ ଜୀବନରକ୍ଷାକାରୀ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ ଏବଂ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ନରେଶଚନ୍ଦ୍ର ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ମହନ୍ତ ଓ ଡେପୁଟି କଲେକ୍ଟର ସୌରଞ୍ଜିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ଏଡିଏଭି ଅଞ୍ଚଳରେ ଭାଲୁ

ସୁନାବେଡ଼ା, ୧।୧୧(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ାସ୍ଥିତ ହାଲ୍ ସହରାଞ୍ଚଳର ଏଡିଏଭି ଉଚ୍ଚ ବିଦ୍ୟାଳୟ ଓ ଏଫ୍‌ଜୋନ୍ ଅଞ୍ଚଳରେ ଭାଲୁର ଉପସ୍ଥିତିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଗତ ଶନିବାର ରାତି ପ୍ରାୟ ୮ଟା ସମୟରେ ଜଣେ ବ୍ୟକ୍ତିଙ୍କ କ୍ୱାର୍ଟର୍ସର ପାଚେରି ନିକଟରେ ଏକ ଭାଲୁ ଝରାପୋକ ଖାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟକୁ ଜଣେ ବ୍ୟକ୍ତି ନିଜ ମୋବାଇଲ୍‌ରେ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆବାସିକ ଅଞ୍ଚଳ ନିକଟରେ ଭାଲୁର ଏଭଳି ଉପସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ବିରୋଧୀଙ୍କ ଉପରେ ବର୍ଷିଲେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ

ରାୟଗଡ଼,୧।୧୧(ସମିସ): ବିରୋଧୀ ଦଳ ଦେଶରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି। ଜନମତକୁ ସମ୍ମାନ ନଦେଇ ଅଶାନ୍ତି ସୃଷ୍ଟି କରିବାର ଏଭଳି ଉଦ୍ୟମକୁ ଦେଶବାସୀ ଗ୍ରହଣ କରୁନାହାନ୍ତି ବୋଲି କହି ବିରୋଧୀଙ୍କ ଉପରେ ବର୍ଷିଛନ୍ତି ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ। ରାୟଗଡ ସର୍କିଟ ହାଉସଠାରେ "ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ସମ୍ପର୍କରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କେନ୍ଦ୍ର ସରକାରଙ୍କ ସଫଳତା, ବିରୋଧୀଙ୍କ ଭୂମିକା ଓ ବାତ୍ୟା ମୁକାବିଲାରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଦଳର ଆଭିମୁଖ୍ୟ ରଖିଥିଲେ। ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବା ବେଳେ ସମ୍ବିଧାନ ଓ ଜନମତ ସର୍ବୋପରି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିବା ସହ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଦେଶରୁ ରପ୍ତାନିକାରୀ ଦେଶରେ ପରିଣତ ହୋଇଛି ବୋଲି ସେ ଦାବି କରିଥିଲେ। ଆତଙ୍କବାଦ ଓ ନକ୍ସଲବାଦ ନିୟନ୍ତ୍ରଣରେ ଉଲ୍ଲେଖନୀୟ ସଫଳତା ମିଳିଥିବା ଏବଂ ଗତ ୧୦ ବର୍ଷରେ ଦେଶର ଦାରିଦ୍ର୍ୟ ହାର ୨୭.୬ ପ୍ରତିଶତରୁ ୨.୬ ପ୍ରତିଶତକୁ ହ୍ରାସ ପାଇଥିବା ସେ ବିଶ୍ୱବ୍ୟାଙ୍କ ରିପୋର୍ଟ ଆଧାରରେ କହିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସରକାରଙ୍କ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସହ୍ୟ କରି ନପାରି ଅସ୍ଥିରତା ସୃଷ୍ଟି କରୁଥିବା ଶ୍ରୀ ତ୍ରିପାଠୀ ଅଭିଯୋଗ କରିଥିଲେ। ଇଭିଏମ୍‌କୁ ନେଇ ବିରୋଧୀଙ୍କ ଦୋମୁହାଁ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ସେ କହିଥିଲେ, ବିରୋଧୀ ଦଳ ନିର୍ବାଚନରେ ବିଜୟୀ ହେଲେ ଇଭିଏମ୍ ଠିକ୍ ଥିବା କହୁଥିବା ବେଳେ ପରାଜିତ ହେଲେ ଏହାକୁ ଦୋଷ ଦେଉଛନ୍ତି। ସାମ୍ପ୍ରତିକ ବାତ୍ୟା ଓ ବନ୍ୟା ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପରତାର ସହ ପଦକ୍ଷେପ ନେଇଥିବା ସେ କହିଥିଲେ। ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ନିୟନ୍ତ୍ରଣ କକ୍ଷରୁ ସ୍ଥିତି ତଦାରଖ କରିବା ସହ ବରିଷ୍ଠ ଅଧିକାରୀଙ୍କୁ ପ୍ରଭାବିତ ଅଞ୍ଚଳକୁ ପଠାଇଥିଲେ। ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ହେଲିକପ୍ଟର ସହ ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀକୁ ମୁତୟନ କରାଯାଇଥିବା ସେ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିସି ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା କାଳୀରାମ ମାଝୀ, ଶିବ ପଟ୍ଟନାୟକ, କେ. ଅଶ୍ୱିନୀ ଓ ଜିଲ୍ଲା ମହିଳା ସଭାନେତ୍ରୀ କୋରଡ଼ା ରଜିତା ପ୍ରମୁଖ ଉପସ୍ଥିତ ଥିଲେ।

ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଇଗ୍ନୋ ଛାତ୍ରଛାତ୍ରୀ ଅଧିଗ୍ରହଣ ସମାରୋହ



ଜୟପୁର, ୧।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇଗ୍ନୋ କେନ୍ଦ୍ର ଠାରେ ରବିବାର ଛାତ୍ରଛାତ୍ରୀ ଅଧିଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଜୟପୁର ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ଇଗ୍ନୋ ପାଠ୍ୟକ୍ରମ କେନ୍ଦ୍ରର ସଂଯୋଜକ ତଥା ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ପାତ୍ରଙ୍କ ପୌରହିତରେ ଅନୁଷ୍ଠିତ ଏହି ସମାରୋହରେ କୋରାପୁଟ ସ୍ଥିତ ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା ମିଶ୍ର ଯୋଗଦେଇ ଇଗ୍ନୋର ପାଠ୍ୟକ୍ରମକୁ ନେଇ ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ଡ. ଉଜ୍ଜଳ କୁମାରା ଷଡଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

ବିଶ୍ୱ ସଣ୍ଡେ ସ୍କୁଲ ଦିବସ ପାଳିତ

ପୋଡ଼ାଗଡ଼,୧।୧୧(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବଙ୍ଗଳାଗୁଡ଼ା ଖ୍ରୀଷ୍ଟୀୟ ଗ୍ରାମ ପଞ୍ଚାୟତରେ ବିଶ୍ୱ ସଣ୍ଡେ ସ୍କୁଲ ଦିବସ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ସଣ୍ଡେ ସ୍କୁଲ ଶିକ୍ଷକ ମଣ୍ଟୁ ଭଦ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କାରାଲା ହାଣ୍ଡି ପରିଚାଳକ ରେଭରେଣ୍ଡ ସଞ୍ଜୀବ କୁମାର ବେନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଖ୍ରୀଷ୍ଟୀୟ ଗ୍ରାମ ପଞ୍ଚାୟତର ସଭାପତି ଉପେନ୍ଦ୍ର ବେନିଆ, କୋଷାଧ୍ୟକ୍ଷ ସଞ୍ଜିତ କୁଲଦୀପଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପ୍ରାଚୀନ ସଦସ୍ୟ ଅମୁନ ସନ ଭଦ୍ରା ପରିଚାଳନା କରିଥିଲେ। ଏହି ଅବସରରେ ସଣ୍ଡେ ସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗ୍ରାମ୍ୟ ସମ୍ପାଦକ ସଲିମ ଖୋସଲା ଉତ୍ସବରେ ଯୋଗ ଦେଇଥିଲେ।

● ରାୟଗଡ଼ରେ ବୁଦ୍ଧିଜୀବୀ ସମ୍ମିଳନୀ

'ଏସ୍‌ଆଇଆରକୁ ନେଇ ବିରୋଧୀ ମିଥ୍ୟା ପ୍ରଚାର କରୁଛନ୍ତି'

ରାୟଗଡ଼,୧।୧୧(ସମିସ): ଭୋଟର ତାଲିକାର ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସଆଇଆର) କୁ ନେଇ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ମିଥ୍ୟା ପ୍ରଚାର କରିବା ସହ ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ନିଜ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ବିରୋଧୀ ଏଭଳି ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି ଆନ୍ଧ୍ରପ୍ରଦେଶର ବିଜେପି ସାଂସଦ ଡି. ପୁରନ୍ଦେଶ୍ୱରୀ। ରବିବାର ରାୟଗଡ ଗସ୍ତରେ ଆସିଥିବା ଅବସରରେ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ସେ ଏଭଳି ମତବ୍ୟକ୍ତ କରିଥିଲେ। ପୁରନ୍ଦେଶ୍ୱରୀ କହିଥିଲେ, ଦେଶରେ ଏପର୍ଯ୍ୟନ୍ତ ୧୨ ଥର ଏସଆଇଆର ପ୍ରକ୍ରିୟା ହୋଇଥିବାବେଳେ ସେଥିମଧ୍ୟରୁ ୧୦ଥର



କଂଗ୍ରେସ ଶାସନ ସମୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମଧ୍ୟ ଏହି ପ୍ରକ୍ରିୟା ହୋଇଛି, ତେବେ ସେତେବେଳେ କ'ଣ ଭୋଟ ଚୋରି ହୋଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ପଦରୁ ହଟାଇବା ପାଇଁ ରାହୁଲ ଗାନ୍ଧୀଙ୍କ ଦାବି ପ୍ରସଙ୍ଗରେ ମଧ୍ୟ ସେ ପ୍ରତିକ୍ରିୟା ରଖିଥିଲେ। ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ବିରୋଧୀ ଦଳର ନେତା ସାମିଲ ରହୁଥିବା ସେ କହିଥିଲେ। ଏସଆଇଆର ପ୍ରକ୍ରିୟାକୁ ବିଜେପି ରାଜନୈତିକ ରୂପ ଦେଉନାହିଁ, ବରଂ ବିରୋଧୀ ଦଳଗୁଡ଼ିକ ଏହାକୁ ରାଜନୈତିକ ବିବାଦର ରୂପ ଦେଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏସଆଇଆର ସମ୍ପର୍କରେ ପ୍ରକୃତ ତଥ୍ୟ ଜନସାଧାରଣଙ୍କୁ ଜଣାଇବା ସହ ବିରୋଧୀଙ୍କ ମିଥ୍ୟା ପ୍ରଚାରର ତଥ୍ୟଭିତ୍ତିକ ଜବାବ ଦେବାକୁ ସେ ବିଜେପି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ ସହର ସମେତ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ସମାଜସେବୀ ଓ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

● ପୋଟେରୁ ନଦୀ ନିକଟରୁ ମୃତଦେହ ଉଦ୍ଧାର ଘଟଣା

ହତ୍ୟା ମାମଲା ରୁଜୁ, ୫ ଗିରଫ

କାଲିମେଲା, ୧।୧୧ (ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ପୋଟେରୁ ନଦୀ ନିକଟରୁ ମିଳିଥିବା ମୃତଦେହ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ପ୍ରଥମେ ଅପ୍ରାକୃତିକ ମୃତ୍ୟୁ ମାମଲା ଭାବେ ତଦନ୍ତ ହେଉଥିବା ଏହି ଘଟଣା ପରେ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ଏହି ଘଟଣାରେ କାଲିମେଲା ପୋଲିସ କେସ୍ ନଂ ୨୭୧/୨୬, ଧାରା ୧୦୩(୧)/୨୩୮/୬୧(୨) ବିଏନଏସ ଅନୁଯାୟୀ ହତ୍ୟା ମାମଲା ରୁଜୁ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୀମା ପଡ଼ିଆମୀ (୩୬), କାମା ପଡ଼ିଆମୀ (୪୬), ଦେବା ମାଡି (୫୨), ମାଡା ମାଡି (୪୮) ଏବଂ ବୁଢ଼ା ମାଡକାମୀ (୩୮)। ସମସ୍ତେ କାଲିମେଲା ଥାନା ଅନ୍ତର୍ଗତ କୁଟୁଗୁଡ଼ା ଗ୍ରାମର ବାସିନ୍ଦା। ମୃତକ ହେଲେ କୁଟୁଗୁଡ଼ା-ବଦିଲି ଗ୍ରାମର ସୋମା ପଡ଼ିଆମୀ (୬୭)। ପୁଲିସ ସୂଚନା ଅନୁଯାୟୀ, କୌଣସି ଏକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି।

୬୭ ସେବକ, ସେବିକା, ଭାଷା ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ

କୋରାପୁଟ,୧।୧୧(ସମିସ): ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ କୋରାପୁଟ ଜିଲ୍ଲାର ୬୭ ଜଣ ସେବକ, ସେବିକା ଏବଂ ଜନଜାତି ଭାଷା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କୋରାପୁଟଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ଉପସ୍ଥିତରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ନିଯୁକ୍ତି ଦ୍ୱାରା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ଏବଂ ମାତୃଭାଷା ଆଧାରିତ ଶିକ୍ଷାଦାନ ଓ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ସୁକାନ୍ତି ମାଝୀ, କୋରାପୁଟ ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

ରାୟଗଡ, ୧।୧୧(ସମିସ) ରାୟଗଡ ସହରର ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଜିଲ୍ଲାସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



ଏଥିରେ ପ୍ରାନ୍ତ ବିଦ୍ୱତ୍ ପରିଷଦ ସଦସ୍ୟ ସୁରଥ ଡାକୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ ଜିଲ୍ଲାର ସହ ଜିଲ୍ଲା ପ୍ରମୁଖ ଭବାନୀ ଶଙ୍କର ଦାସ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ଓ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ "ଶତାବ୍ଦୀର ପଞ୍ଚ ପରିବର୍ତ୍ତନ' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଉପସ୍ଥିତ ବିଦ୍ୱତ୍ ପରିଷଦର ସଦସ୍ୟ ଓ ଶିକ୍ଷାବିତ୍‌ମାନେ ଏହି ବିଷୟର ବିଭିନ୍ନ ଦିଗ ଉପରେ ନିଜ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ୧୭ ଜଣ ଗୁରୁଜୀ, ୯ ଜଣ ଗୁରୁମା, ବିଦ୍ୱତ୍ ପରିଷଦର ୧୫ ଜଣ ପୁରୁଷ ସଦସ୍ୟ ଓ ଜଣେ ମହିଳା ସଦସ୍ୟା, ୩ ଜଣ ପୁରୁଷ ଶିକ୍ଷାବିତ୍ ଓ ଜଣେ ମହିଳା ଶିକ୍ଷାବିତ୍‌ଙ୍କ ସମେତ ମୋଟ ୪୯ ଜଣ ଯୋଗଦେଇଥିଲେ। ପରିଶେଷରେ ଜିଲ୍ଲା ବିଦ୍ୱତ୍ ପରିଷଦ ପ୍ରମୁଖ ଉମାକାନ୍ତ ବେରଦଲାଇ ଧନ୍ୟବାଦ ଅର୍ପଣ କରିବା ପରେ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଥିଲା।

ବାତ୍ୟା ଆଶଙ୍କାରେ ସ୍ୱାଭିମାନ ଅଞ୍ଚଳରେ ଲଞ୍ଚ ସେବା ବନ୍ଦ

ମାଲକାନଗିରି, ୧।୧୧ (ସମିସ): ସମ୍ଭାବ୍ୟ ବାତ୍ୟା "ମୁରାସୁ'କୁ ଦୃଷ୍ଟିରେ ରଖି ଚିତ୍ରକୋଣ୍ଡା ଜଳଭଣ୍ଡାରରେ ସ୍ୱାଭିମାନ ଅଞ୍ଚଳକୁ ଚାଲୁଥିବା ଲଞ୍ଚ ସେବାକୁ ୨ରୁ ୪ ନଭେମ୍ବର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ପାଣିପାଗ ସ୍ଥିତି ସୁଧାରିବା ପରେ ସେବା ପୁନଃ ଆରମ୍ଭ ନେଇ ନିଷ୍ପତ୍ତି ହେବ ବୋଲି ଚିତ୍ରକୋଣ୍ଡା ମାଟିବନ୍ଧା ବିଭାଗ ପକ୍ଷରୁ ସୂଚନା ମିଳିଛି। ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାରୁ ଚିତ୍ରକୋଣ୍ଡା ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କୁ ସଜାଗ ରଖାଯାଇଛି। ବାଲିମେଲା ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୫୧୬ ଫୁଟ ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୫୧୧ ଫୁଟ ରହିଛି। ଗୋଟିଏ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୬ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। ବର୍ଷା ବଢ଼ିଲେ ଆବଶ୍ୟକତା ଅନୁଯାୟୀ ଅଧିକ ଗେଟ୍ ଖୋଲାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଜବତ

ବୈପାରିଗୁଡ଼ା, ୧।୧୧(ସମିସ): ବୈପାରିଗୁଡ଼ା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ବିଦ୍ୟୁତ୍ ତାର ଠାବ କରିବା ସହ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ବର୍ତ୍ତମାନ ଧାନ, ମାଣ୍ଡିଆ ସମେତ ବିଭିନ୍ନ ଶସ୍ୟ ପାଚିବା ଆରମ୍ଭ ହୋଇଥିବାରୁ ଖାଦ୍ୟ ଅନ୍ୱେଷଣରେ ବାରାହା ଦଳ ଚାଷ ଜମି ମୁହାଁ ହେଉଛନ୍ତି। ଏହାର ସୁଯୋଗ ନେଇ କେତେକ ଶିକାରୀ ବାରାହା ଶିକାର କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ଖୁଣ୍ଟରୁ ବେଆଇନ ଭାବେ ତାର ଟାଣି ଚାଷ ଜମି ନିକଟରେ ବିଛାଇ ରଖୁଛନ୍ତି। ଫଳରେ ବନ୍ୟଜନ୍ତୁଙ୍କ ସହ ଗୃହପାଳିତ ପଶୁଙ୍କ ଜୀବନ ମଧ୍ୟ ବିପଦରେ ପଡ଼ୁଛି। ରବିବାର ବୈପାରିଗୁଡ଼ା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ବ୍ଲକର ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ମାଝିଗୁଡା ଓ ବୋଦାପୁଟ ପଞ୍ଚାୟତ ଅନ୍ତର୍ଗତ ଡକରିପଡା ଏବଂ ଗେହ୍ରାଗୁଡା ଗ୍ରାମର ପାହାଡ଼ ତଳ ଚାଷ ଜମି ନିକଟରେ ଏଭଳି ବେଆଇନ ବିଦ୍ୟୁତ୍ ତାର ବିଛାଯାଇଥିବା ଦେଖିବାକୁ ପାଇଥିଲେ। ତଦନ୍ତ ସମୟରେ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଛେଳି ଛୁଆର ମୃତ୍ୟୁ ଘଟିଥିବା ମଧ୍ୟ ଜଣାପଡ଼ିଥିଲା। ପରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉକ୍ତ ବେଆଇନ ବିଦ୍ୟୁତ୍ ତାରକୁ ଜବତ କରିଥିଲେ। ପେଟ୍ରୋଲିଂ ସମୟରେ ବିଭାଗର ଆଦିତ୍ୟ ପ୍ରକାଶ ଦାସ, ଶିବଶଙ୍କର ବିଷୋୟୀ, ଶଙ୍କର ମାଳି ଓ ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ବାରାହା ଶିକାର ନାମରେ ଏଭଳି ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇବା ଦ୍ୱାରା ନିରୀହ ପଶୁଙ୍କ ଜୀବନ ଯାଉଥିବା ବେଳେ ଏହା ମଣିଷଙ୍କ ପାଇଁ ମଧ୍ୟ ବିପଦଜନକ ହୋଇପାରେ। ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଦୃଢ଼ ପଦକ୍ଷେପ ନେବା ସହ ଅଞ୍ଚଳରେ ନିୟମିତ ଯାଞ୍ଚ ଓ ସଚେତନତା ବୃଦ୍ଧି କରିବା ଜରୁରୀ ହୋଇପଡ଼ିଛି।

ଗଞ୍ଜେଇ ଚାଲାଣ ବେଳେ କାର୍ ଜବତ, ୩ ଗିରଫ

ରାୟଗଡ଼/ପଦ୍ମପୁର,୧।୧୧(ସମିସ): ଗଞ୍ଜେଇ ଚାଲାଣ ପାଇଁ କାର୍ ଆଗରେ ରହି ରାସ୍ତା ଦେଖାଉଥିଲା ପଲସର ବାଇକ୍। ହେଲେ ପୁଲିସର ନଜରରୁ ଖସିପାରିଲେନି ଚାଲାଣକାରୀ। ପଦ୍ମପୁର ପୁଲିସ ଜାତୀୟ ରାଜପଥ ୩୨୬ର ମିଲକାପାଙ୍ଗା ଗ୍ରାମ ନିକଟରେ ଯାଞ୍ଚ କରି ୫୦ କେଜି ଗଞ୍ଜେଇ ସହ ଗୋଟିଏ କାର୍ ଓ ପଲସର ବାଇକ୍ ଜବତ କରିଛି। ଏହି ଘଟଣାରେ ଝାଡ଼ଖଣ୍ଡ ଓ ଗଜପତି ଜିଲ୍ଲାର ତିନି ଜଣଙ୍କୁ ଗିରଫ କରି ରବିବାର ଗୁଣପୁର ଏଡିଜେ କୋର୍ଟକୁ ଚାଲାଣ କରିଛି। ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନଙ୍କ ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ ଗଜପତି ଜିଲ୍ଲାର




ଅଡ଼ବା ଅଞ୍ଚଳରୁ ମୁନିଗୁଡ଼ା ଦେଇ ଝାଡ଼ଖଣ୍ଡ ଅଭିମୁଖେ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂଚନା ମିଳିଥିଲା। ଉକ୍ତ କାର୍‌କୁ ଏକ ଲାଲ ରଙ୍ଗର ପଲସର ବାଇକ୍ ଏସକର୍ଟ କରୁଥିଲା। ଏହାକୁ ଆଧାର କରି ପୁଲିସ ମିଲକାପାଙ୍ଗା ନିକଟରେ ନାକାବନ୍ଦୀ କରି ଉଭୟ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର୍‌ରୁ ଦୁଇଟି ବସ୍ତାରେ ଥିବା ମୋଟ ୫୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏଥିସହ ଗୋଟିଏ ମୋବାଇଲ ଫୋନ୍, ନଗଦ ୧୩୦୦ ଟଙ୍କା, ଧଳା ରଙ୍ଗର କାର୍ ଜେଏଚ୍-୦୫-ଏଏମ୍-୮୭୬୨ ଓ ଲାଲ ରଙ୍ଗର ପଲସର ବାଇକ୍ ଓଡି-୧୮-କ୍ୟୁ-୨୪୭୯ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ଜାମସେଦପୁର ଅଞ୍ଚଳର ମହମ୍ମଦ ଇଜାଜ ଓ ଗୌରବ କୁମାର ସାହୁ ଏବଂ ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ଖଇରାଗୁଡ଼ାର ମନୋଜ ବୀରା। ପୁଲିସ ସୂଚନା ଅନୁଯାୟୀ, ମନୋଜ ଗଞ୍ଜେଇ ଯୋଗାଣ ସହ କାର୍‌କୁ ଏସକର୍ଟ କରିବା ଦାୟିତ୍ୱରେ ଥିଲେ। ଏନେଇ ପଦ୍ମପୁର ଥାନାରେ ମାମଲା ନଂ ୧୪୧/୩୧.୧୦.୨୦୨୬ ରୁଜୁ ହୋଇଛି। ଏନଡିପିଏସ ଆଇନର ଧାରା ୨୦(ବି)(ସସ)(ଉ)/୨୫/୨୯ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

ଶ୍ରୀକ୍ଷେତ୍ର ସିଟି

୧/୧୧/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ.୬,୩୧,୮୧୪/- ସୁନା:୦୦.୨୫୦ ଗ୍ରାମ୍ ରୁପା:୩୯.୬୦୦ ଗ୍ରାମ୍





ସଶକ୍ତ ନାରୀ ହିଁ ଦେଶ ବିକାଶର ବିନ୍ଧାଣୀ

ପୁରୀ,୧।୧୧(ସମିସ): ନୀଳାଚଳ ନାରାୟଣ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ରବିବାର ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ "ନାରୀ ସୁରକ୍ଷା ଓ ନାରୀ ଆତ୍ମରକ୍ଷା' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଯୋଜିକା ତଥା ଅଧ୍ୟକ୍ଷା ମୀରାରାଣୀ ଖଣ୍ଡୁଆଳ ସଭାପତିତ୍ୱ କରି ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ ସହ ଜଗନ୍ନାଥ ଅଷ୍ଟକମ୍ ଗାନ କରିଥିଲେ। ମୁଖ୍ୟଅତିଥି ରୂପେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡର ଅଧ୍ୟକ୍ଷା ପ୍ରାଧ୍ୟାପକ ଡ. ହରପ୍ରିୟା ଦାଶ ଯୋଗଦେଇ ଶକ୍ତି ସ୍ୱରୂପିଣୀ ଛାତ୍ରୀମାନଙ୍କର ତଥା ନାରୀ ଶକ୍ତିର ଜୟଗାନ କରି ନାରୀମାନଙ୍କର ସାମାଜିକ ସୁରକ୍ଷା ରାଷ୍ଟ୍ର ପାଇଁ ସୁରକ୍ଷା କବଚ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ସ୍ନାତକ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ବଳରାମ ଦାଶ ଯୋଗଦେଇ ନାରୀମାନେ ସୁରକ୍ଷିତ ରହିବା ପାଇଁ ଯୁବ ସମାଜ ଜାଗ୍ରତ ରହିବା ଆବଶ୍ୟକ। ନାରୀମାନେ ଶୃଙ୍ଖଳିତ ଓ ସଂସ୍କାରିତ ସହ ଉତ୍ତମ ଚରିତ୍ର ଗଠନରେ ବ୍ରତୀ ହେଲେ ଦେଶର ବିକାଶ ହୋଇପାରିବ ବୋଲି ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ବ୍ୟାକରଣ ଅଧ୍ୟାପକ ଡ. ସୁସ୍ମନ୍ତ କୁମାର ଦ୍ୱିବେଦୀ ଓ ବାଳିକା ଆତ୍ମସୁରକ୍ଷା ଶିବିରର ସଂଯୋଜିକା ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ସମାଜରେ ନାରୀ ସୁରକ୍ଷା ଓ ଆତ୍ମରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳର ଉପାୟ ସମ୍ପର୍କରେ ଅବଗତ କରାଯାଇଥିଲା। ସେମିନାରରେ ବିଜୟଲକ୍ଷ୍ମୀ ସାମନ୍ତରାୟ ପ୍ରଥମ, ଗୀତାଞ୍ଜଳି ମହାପାତ୍ର ଦ୍ୱିତୀୟ ଓ ରଶ୍ମିତା ମଲ୍ଲିକ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଶେଷରେ ଡ. ଶ୍ରୀନିବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦାଦାବଟି ନ ଦେବାରୁ ହତ୍ୟା ଧମକ; ଯୁବକ ଗିରଫ

ପୁରୀ,୧।୧୧(ସମିସ): ତାଳବଣିଆ ଥାନା ଅଞ୍ଚଳରେ ଦାଦାବଟି ନ ଦେବାରୁ ଦୋକାନୀ ଓ ତାଙ୍କ ପରିବାରକୁ ହତ୍ୟା ଧମକ ଦେବା ଅଭିଯୋଗରେ ଗଙ୍ଗାଧର ଜେନା (୩୩)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ହୁଲୁହୁଲିଆ ବ୍ରିଜ୍ ପାଣି ଟାଙ୍କି ନିକଟରେ ଦୋକାନ କରିଥିବା ମନୋଜ କୁମାର ଦାସଙ୍କୁ ଗତ ୩୦ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଗଙ୍ଗାଧର ଗାଳିଗୁଲଜ କରି ଦାଦାବଟି ମାଗିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ପରେ ପୁଲିସ ତଦନ୍ତ କରି ରବିବାର ସକାଳେ ତାଙ୍କୁ ଗିରଫ କରିଛି।

'ଲକ୍ଷ୍ମୀ ଟକିଜ୍'ର ଶେଷ ଶୋ'

ପୁରୀ,୧।୧୧(ସମିସ)

କେବେ ଏହି ପ୍ରେକ୍ଷାଳୟରେ ଝଲସିଥିଲା ଓଡ଼ିଆ ସିନେମାର ପ୍ରଥମ ଆଲୋକ। ରୁପେଲି ପରଦାରେ ଜୀବନ୍ତ ହୋଇଥିଲା 'ସୀତା ବିବାହ'ର କାହାଣୀ। ଦର୍ଶକଙ୍କ କରତାଳି, ସିନେମା ପ୍ରେମୀଙ୍କ ଉତ୍ସାହ ଓ ଓଡ଼ିଆ ଚଳଚ୍ଚିତ୍ରର ନୂଆ ଯୁଗର ଶୁଭାରମ୍ଭର ସାକ୍ଷୀ ଥିଲା ଏହି ପ୍ରେକ୍ଷାଳୟ। ହେଲେ ଆଜି ସେହି ଗୌରବମୟ ଅତୀତ କେବଳ ସ୍ମୃତିରେ ସୀମିତ। ଦିନେ ଓଡ଼ିଆ ସିନେମା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଠିକଣା ପାଲଟିଥିବା ପୁରୀର 'ଲକ୍ଷ୍ମୀ ଟକିଜ୍' ଆଜି ଅତୀତର ଏକ ଅଧ୍ୟାୟ। ଏହା କେବଳ ଏକ ସିନେମା ହଲ୍‌ର ଅନ୍ତ ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ଓ ଚଳଚ୍ଚିତ୍ର ଇତିହାସ ସହ ଜଡ଼ିତ ଏକ ସ୍ମୃତିର ଅବକ୍ଷୟ। ଆଉ ମାତ୍ର ୧୦ ବର୍ଷ ପରେ, ଅର୍ଥାତ୍ ୨୦୩୬ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଶତବାର୍ଷିକୀ ପାଳନ କରିବ। କିନ୍ତୁ ଯେଉଁ ପ୍ରେକ୍ଷାଳୟରେ ଓଡ଼ିଆ ଚଳଚ୍ଚିତ୍ର ଯାତ୍ରାର ଐତିହାସିକ ଅଧ୍ୟାୟ ଆରମ୍ଭ ହୋଇଥିଲା, ସେହି 'ଲକ୍ଷ୍ମୀ ଟକିଜ୍' ଆଉ ନାହିଁ।

● ମାଟିରେ ମିଶିଲା ପ୍ରଥମ ଓଡ଼ିଆ ଫିଲ୍ମ ଦେଖାଇଥିବା ପ୍ରେକ୍ଷାଳୟ
● ଶତବାର୍ଷିକୀ ଆଗରୁ ଲିଭିଗଲା ଏକ ଐତିହାସିକ ଅଧ୍ୟାୟ

ପୁରୀର ରାମଚଣ୍ଡୀ ସାହିରେ ୧୯୩୬ ମସିହାରେ 'ଲକ୍ଷ୍ମୀ ଟକିଜ୍' ପ୍ରତିଷ୍ଠା ହୋଇଥିଲା। ଫକୀର ଚରଣ ପାଣ୍ଡେଙ୍କ ସହ ଏହି ପ୍ରେକ୍ଷାଳୟର ଇତିହାସ ଜଡ଼ିତ। ସେହି ବର୍ଷ ଏପ୍ରିଲ ୨୮ ତାରିଖରେ ଏଠାରେ ପ୍ରଦର୍ଶିତ ହୋଇଥିଲା ପ୍ରଥମ ଓଡ଼ିଆ କଥାଚିତ୍ର 'ସୀତା ବିବାହ'। ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରଯୋଜନା ଓ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ଓଡ଼ିଆ ଭାଷାରେ ସିନେମା ନିର୍ମାଣର ଏକ ନୂଆ ଦିଗନ୍ତ ଖୋଲିଥିଲା। ସେହି ଦୃଷ୍ଟିରୁ 'ଲକ୍ଷ୍ମୀ ଟକିଜ୍' କେବଳ ପୁରୀର ଏକ ପ୍ରେକ୍ଷାଳୟ ନ ଥିଲା; ଏହା ଓଡ଼ିଆ ସିନେମା ଇତିହାସର ଏକ ସ୍ମରଣୀୟ ସ୍ଥଳ ଥିଲା। ଏକ ସମୟରେ ସିନେମା ଦେଖିବା ଆଜି ଭଳି ସହଜ ନ ଥିଲା। ଚଳଚ୍ଚିତ୍ର ନିର୍ମାଣ ଥିଲା ଏକ ବଡ଼ ଆହ୍ୱାନ, ଆଉ ଓଡ଼ିଆ ଭାଷାରେ ନିଜସ୍ୱ ଚଳଚ୍ଚିତ୍ର ନିର୍ମାଣ ଥିଲା ସାହସିକ ପଦକ୍ଷେପ। ସେହି ସମୟରେ 'ସୀତା ବିବାହ'କୁ ଦର୍ଶକଙ୍କ ନିକଟରେ ପହଞ୍ଚାଇ 'ଲକ୍ଷ୍ମୀ ଟକିଜ୍' ଇତିହାସରେ ନିଜ ନାମ ଲିପିବଦ୍ଧ କରିଥିଲା।



ସମୟ ବଦଳିଲା। ସିନେମା ଦେଖିବାର ଶୈଳୀ ବଦଳିଲା। ଟେଲିଭିଜନ୍‌ଠାରୁ ଆରମ୍ଭ କରି ମଲ୍ଟିପ୍ଲେକ୍ସ ଓ ଡିଜିଟାଲ୍ ମାଧ୍ୟମ ପର୍ଯ୍ୟନ୍ତ ମନୋରଞ୍ଜନର ଅନେକ ନୂଆ ବିକଳ୍ପ ସୃଷ୍ଟି ହେଲା। ଏହାର ପ୍ରଭାବ ପୁରୁଣା ସିନେମା ହଲ୍‌ଗୁଡ଼ିକ ଉପରେ ମଧ୍ୟ ପଡ଼ିଲା। ତଥାପି 'ଲକ୍ଷ୍ମୀ ଟକିଜ୍'ର ଐତିହାସିକ ପରିଚୟ ତାକୁ ଅନ୍ୟ ପ୍ରେକ୍ଷାଳୟଠାରୁ ସ୍ୱତନ୍ତ୍ର କରି ରଖିଥିଲା। ହେଲେ ୨୦୧୯ ମେ' ମାସରେ ଓଡ଼ିଶା ଉପକୂଳରେ ମାଡ଼ ହୋଇଥିବା ଭୟଙ୍କର 'ଫନୀ' ବାତ୍ୟା ଏହି ଐତିହ୍ୟ ପ୍ରେକ୍ଷାଳୟ ପାଇଁ ଏକ ବଡ଼ ବିପର୍ଯ୍ୟୟ ଆଣିଥିଲା। ବାତ୍ୟାର ପ୍ରଚଣ୍ଡ ପବନରେ ପ୍ରେକ୍ଷାଳୟର ଛାତ ନଷ୍ଟ ହୋଇଥିଲା। ପରଦା, ଆସନ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ପରେ ଏହି ପ୍ରେକ୍ଷାଳୟର ପୁନରୁଦ୍ଧାର ହୋଇପାରିଲା ନାହିଁ। ଭଙ୍ଗା ଛାତ ତଳେ ଅତୀତର ସ୍ମୃତିଗୁଡ଼ିକ ଯେପରି ଧୀରେ ଧୀରେ ନିରବ ହୋଇଗଲା। ଦିନେ ଯେଉଁଠି ଚଳଚ୍ଚିତ୍ରର ଆଲୋକ ଝଲସୁଥିଲା, ସେଠାରେ ଛାଇଗଲା ଅବହେଳାର ଅନ୍ଧକାର। ଶେଷରେ ଓଡ଼ିଆ ସିନେମାର ଏହି ଐତିହାସିକ ଠିକଣା ନିଜ ପୂର୍ବ ଗୌରବକୁ ଫେରିପାଇବାର ସୁଯୋଗ ହରାଇଲା। ପୁରୀ ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତିବର୍ଷ ଅନେକ ପର୍ଯ୍ୟଟକ ଆସନ୍ତି। ଓଡ଼ିଆ ସିନେମାର ଜନ୍ମଯାତ୍ରା ସହ ଜଡ଼ିତ ଏଭଳି ଏକ ସହରରେ ଗୋଟିଏ ହେଲେ ବି ପ୍ରେକ୍ଷାଳୟ ନାହିଁ। ଏକଦା ପୁରୀ ସହରରେ ପାଞ୍ଚଟି ପ୍ରେକ୍ଷାଳୟ ଥିଲା। ଲକ୍ଷ୍ମୀ ଟକିଜ୍, ଶ୍ରୀକ୍ଷେତ୍ର ସିନେମା ହଲ୍, ଶ୍ରୀରାମ ସିନେମା ହଲ୍, ଜନତା ହଲ୍ ଓ ଶ୍ରୀକୃଷ୍ଣ ସିନେମା ହଲ୍‌ରେ ଭିଡ଼ ହେଉଥିଲା। ପର୍ଯ୍ୟାୟକ୍ରମେ ହଲ୍‌ଗୁଡ଼ିକ ଇତିହାସ ପାଲଟି ଯାଇଥିବା ବେଳେ ଏବେ 'ଲକ୍ଷ୍ମୀ ଟକିଜ୍' ଶେଷ ନିଃଶ୍ୱାସ ଛାଡ଼ିଛି।

୧୯୩୬ରୁ ୨୦୩୬। ଓଡ଼ିଆ ସିନେମା ଶତବର୍ଷର ଯାତ୍ରା ପୂରଣ କରିବାକୁ ଯାଉଛି। ଏହି ଶତବାର୍ଷିକୀ କେବଳ ଚଳଚ୍ଚିତ୍ର ନିର୍ମାଣ, କଳାକାର, ନିର୍ଦ୍ଦେଶକ ଓ ସଫଳତାର ଉତ୍ସବ ହେବା ଉଚିତ୍ ନୁହେଁ; ବରଂ ଓଡ଼ିଆ ସିନେମାର ଇତିହାସ ସହ ଜଡ଼ିତ ସ୍ଥାନ, ବ୍ୟକ୍ତି ଓ ସ୍ମୃତିର ସଂରକ୍ଷଣ ହେବା ଆବଶ୍ୟକ। ଗୋଟିଏ ପ୍ରେକ୍ଷାଳୟ ଭାଙ୍ଗିଯାଇପାରେ, ତାହାର ପରଦା ଓ ଆସନ ନଷ୍ଟ ହୋଇପାରେ; କିନ୍ତୁ ତାହାର ଐତିହାସିକ ମହତ୍ତ୍ୱକୁ ନଷ୍ଟ ହେବାକୁ ଦେବା ଉଚିତ୍ ନୁହେଁ। ଆଗାମୀ ପିଢ଼ି ଯେତେବେଳେ ଓଡ଼ିଆ ସିନେମାର ପ୍ରଥମ ପାଦପାତ ବିଷୟରେ ଜାଣିବାକୁ ଚାହିଁବେ, ସେତେବେଳେ 'ଲକ୍ଷ୍ମୀ ଟକିଜ୍'ର ନାମ କେବଳ ପୁରୁଣା ପୁସ୍ତକର ପୃଷ୍ଠାରେ ସୀମିତ ରହିଯିବା ଉଚିତ୍ ନୁହେଁ। 'ଲକ୍ଷ୍ମୀ ଟକିଜ୍' ଆଜି ନାହିଁ, କିନ୍ତୁ ଏହାର ଇତିହାସ ଅଛି। ସେହି ଇତିହାସକୁ ସଂରକ୍ଷଣ କରିବା ହିଁ ହେବ ଓଡ଼ିଆ ସିନେମାର ଏହି ନିରବ ସାକ୍ଷୀ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।



ହବିଷ୍ୟାଳୀ ରହଣି କେନ୍ଦ୍ରରେ ଆକାଶ ଦୀପ ଜାଳିବା ସହ ନୃତ୍ୟଗୀତରେ ନିଜକୁ ହଜାଇ ଦେଉଛନ୍ତି ମା'ମାନେ

ବେଳାଭୂମି ସଫା କଲା ସେଭ୍ କୋଷ୍ଟାଲ ଲାଇଫ୍

ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ବାର୍ତ୍ତା



ପୁରୀ,୧।୧୧(ସମିସ): ସାମୁଦ୍ରିକ କଇଁଛଙ୍କ ପ୍ରଜନନ ଋତୁ ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ଚାଲିଥାଏ। ସମୁଦ୍ରର ନୀଳ ଜଳରାଶିକୁ ଅତିକ୍ରମ କରି ହଜାର ହଜାର ସାମୁଦ୍ରିକ କଇଁଛ ସୁରକ୍ଷିତ ଭାବେ ଅଣ୍ଡାଦାନ ଓ ବଂଶବୃଦ୍ଧି ପାଇଁ ଓଡ଼ିଶାର ବେଳାଭୂମିକୁ ଆସିଥା'ନ୍ତି। ଯେଉଁଥିରେ ପୁରୀ ଜିଲ୍ଲାର ପ୍ରମୁଖ ବେଳାଭୂମି ରହିଛି। କିନ୍ତୁ ବେଳାଭୂମିରେ ଜମା ହେଉଥିବା ପ୍ଲାଷ୍ଟିକ୍, ପଲିଥିନ୍ ଓ ଅନ୍ୟାନ୍ୟ ଆବର୍ଜନା ସେମାନଙ୍କର ସ୍ୱାଭାବିକ ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ସହ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସମ୍ଭାବନା ଥାଏ। ତେଣୁ ଏହି ପରିପ୍ରେକ୍ଷୀରେ ସାମୁଦ୍ରିକ କଇଁଛଙ୍କ ପ୍ରଜନନସ୍ଥଳୀକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ସହ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ 'ସେଭ୍ କୋଷ୍ଟାଲ ଲାଇଫ୍' ପକ୍ଷରୁ ରବିବାର ବେଲେଶ୍ୱର ବେଳାଭୂମିରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ସଂଗଠନର ସଦସ୍ୟ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା, ମିଥୁନ ଛୋଟରାୟ, ଅକ୍ଷୟ ବାରିକ, ମନୋରଞ୍ଜନ ବେହେରା, ଶୁଭେନ୍ଦୁ ରାଉତରାୟ, ରାଜା ସାହୁ ପ୍ରମୁଖ ବେଳାଭୂମିରୁ ବିଭିନ୍ନ ପ୍ରକାର ଆବର୍ଜନା ଓ ପ୍ଲାଷ୍ଟିକ୍ ସାମଗ୍ରୀ ସଂଗ୍ରହ କରିଥିଲେ। ସଂଗୃହୀତ ଆବର୍ଜନାକୁ ପ୍ରାୟ ୪ କିଲୋମିଟର ଦୂର ପର୍ଯ୍ୟନ୍ତ ବୋହି ନେଇ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ସାମୁଦ୍ରିକ କଇଁଛଙ୍କ ସୁରକ୍ଷା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ ବରଂ ଏହା ବେଳାଭୂମିକୁ ବୁଲିଆସୁଥିବା ପ୍ରତ୍ୟେକ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ। ବେଳାଭୂମିକୁ ଅଳିଆମୁକ୍ତ ରଖିବା, ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଏବଂ ବନ୍ୟଜୀବଙ୍କ ପ୍ରଜନନସ୍ଥଳୀକୁ ସୁରକ୍ଷା ଦେବା ପାଇଁ ସଂଗଠନ ପକ୍ଷରୁ ସାଧାରଣ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା। ପ୍ରକୃତି ଓ ଜୈବ ବିବିଧତାର ସୁରକ୍ଷା ଦିଗରେ 'ସେଭ୍ କୋଷ୍ଟାଲ ଲାଇଫ୍' ଚଳାଇ ଆସିଥିବା ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି।

କର୍ପୋରେଟ୍ ପୁଞ୍ଜି ଓ ଏଆଇର ଅନୈତିକ ଯୋଡ଼ି ସମାଜ ପାଇଁ ବିପଦ

ପୁରୀ,୧।୧୧(ସମିସ): ପ୍ରଗତିଶୀଳ ପାଠଚକ୍ର ଆଲୋଚନା ସଭା ସ୍ଥାନୀୟ ଓଡ଼ିଶୀ ସଙ୍ଗୀତ ପରିଷଦଠାରେ ଅନୁଷ୍ଠିତ ହୋଇଯାଇଛି। ଯୁବ ପରିବେଶବିତ୍ ଦେବୀପ୍ରସନ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଲୋଚ୍ୟ ବିଷୟ କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ଦିଗ ସମ୍ପର୍କରେ ବିଶିଷ୍ଟ ବାମପନ୍ଥୀ ବୁଦ୍ଧିଜୀବୀ ଶ୍ରୀମନ୍ତ ମହାନ୍ତି କହିଥିଲେ ଯେ, ସମ୍ପ୍ରତି କର୍ପୋରେଟ୍ ପୁଞ୍ଜି ଓ କୃତ୍ରିମ ବୁଦ୍ଧିମତ୍ତାର ଅନୈତିକ ଯୋଡ଼ି ଯୋଗୁଁ ମାନବ ସମାଜ ଘୋର୍ ଦୁର୍ଦ୍ଦିନ ପରିସ୍ଥିତିକୁ ସାମ୍ନା କରିବାକୁ ପଡୁଛି। ସମାଜର କିଛି ମୁଷ୍ଟିମେୟ ଲୋକଙ୍କ ଲାଭ ଓ ଲୋଭ ପାଇଁ ଏହି ଅନୈତିକ ଯୋଡ଼ି ଏକ ସେତୁ ସାଜିଛି। ଅହେତୁକ ବେକାର ବୃଦ୍ଧି ପାଉଥିବା ବେଳେ ପ୍ରତିଟି ଉତ୍ପାଦନ ଓ ସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରୟୋଗ ଘୋର୍ ଚିନ୍ତାଜନକ ବିଷୟ ପାଲଟିଛି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଦେବଦତ୍ତ ବିଶ୍ୱରଞ୍ଜନ, ଈଶ୍ୱର ସାହୁ, ମୋହନ ନାଇଡୁ, ଆର୍ତ୍ତତ୍ରାଣ ରାଉତରାୟ, ଦେବଦତ୍ତ ପ୍ରଧାନ, ନବକିଶୋର ମହାରଣା ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ପାଠଚକ୍ରର ସମ୍ପାଦକ ସୁରେନ୍ଦ୍ର ତପସ୍ୱୀ ଧନ୍ୟବାଦ ଅର୍ପଣ କରିଥିଲେ।

ନିଶା କଫ୍ ସିରପ୍ କାରବାର; ୨ ଗିରଫ

ପୁରୀ,୧।୧୧(ସମିସ): ନିଶା କଫ୍ ସିରପ୍ କାରବାର ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର୍ ଅଛି। ପୁଲିସ ୨୮ ବୋତଲ ଏସ୍‌କଫ୍ କଫ୍ ସିରପ୍ ଜବତ କରିଛି। ସୂଚନା ଅନୁଯାୟୀ, ମାଟିଆପଡ଼ା ଛକରେ ପାଟ୍ରୋଲିଂ ସମୟରେ ସନ୍ଦେହଜନକ ଅବସ୍ଥାରେ ଥିବା ସ୍ୱସ୍ତିକ ମିଶ୍ରଙ୍କୁ ପୁଲିସ ଧରିଥିଲା। ତାଙ୍କ ବ୍ୟାଗରୁ ୧୨ ବୋତଲ କଫ୍ ସିରପ୍ ମିଳିଥିଲା। ପଚରାଉଚରା ପରେ ଗୋପାଳପୁର ଛକରେ ଚଢ଼ଉ କରି ଦୁର୍ଗା ପ୍ରସାଦ ରାଉତଙ୍କୁ ଧରିବା ସହ ଆଉ ୧୬ ବୋତଲ ସିରପ୍ ଜବତ କରାଯାଇଥିଲା। ଏହି ଘଟଣାରେ ସୁଶୀଲ ରାଉତ ଫେରାର୍ ହୋଇଯାଇଛନ୍ତି। ଜବତ ସିରପ୍‌ରେ କୋଡିନ୍ ଫସ୍‌ଫେଟ୍ ଓ ଟ୍ରିପ୍ରୋଲିଡିନ୍ ହାଇଡ୍ରୋକ୍ଲୋରାଇଡ୍ ଥିବା ପୁଲିସ ସୂଚନା ଦେଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

■ ସୁକୁମାରୀ କଳାକେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ

ବିଭିନ୍ନ ରାଜ୍ୟର ନୃତ୍ୟ ପ୍ରଦର୍ଶନ

ପୁରୀ,୧।୧୧(ସମିସ): ସ୍ଥାନୀୟ ପୌରସଦନଠାରେ ରବିବାର ଶ୍ରୀକ୍ଷେତ୍ରର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ "ସୁକୁମାରୀ କଳାକେନ୍ଦ୍ର'ର ପ୍ରଥମ ବାର୍ଷିକ ଉତ୍ସବ "ସୁକୁମାରୀ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହିତ ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ମୋହିନୀ ଆଟମ୍, କଥକ, ସତ୍ରିୟା, ଘୁମର, ରବୀନ୍ଦ୍ର ନୃତ୍ୟ, କଣ୍ଢେଇ ନାଚ ପରି ଏକାଧିକ କଳା ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ, ସମାଜସେବୀ ଜଗଦାନନ୍ଦ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ମିନତି ପ୍ରଧାନ, ବିଜୟଲକ୍ଷ୍ମୀ ଦାସ, ଆଶିଷ କୁମାର ଦାସ, ନାରାୟଣ ପାଣ୍ଡେ, ଓଡ଼ିଶୀ ଗବେଷକ ଆର୍ତ୍ତତ୍ରାଣ ଶତପଥୀ, ଗୀତିକାର ଗଣେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ସମ୍ମାନିତ କରିଥିଲେ। ଅନୁଷ୍ଠାନର ସଭାପତି ତଥା ନୃତ୍ୟଗୁରୁ ଇତିଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ ଓ ଅନୁଷ୍ଠାନର ସଭ୍ୟସଭ୍ୟାମାନେ ସହଯୋଗ କରିଥିଲେ।

ଦମ୍ପତିଙ୍କୁ ଫାଉଡ଼ା ବେଣ୍ଟରେ ଆକ୍ରମଣ; ୨ ଗିରଫ

ପୁରୀ,୧।୧୧(ସମିସ): ବାସେଲିସାହି ଥାନା ଅଞ୍ଚଳରେ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ମିସ୍ତ୍ରି କାମରେ ବ୍ୟବହୃତ ସାମଗ୍ରୀ ଫେରାଇବାକୁ ନେଇ ଏହି ଆକ୍ରମଣ ଘଟିଥିବା ଅଭିଯୋଗକାରିଣୀ ରଞ୍ଜିତା ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରଞ୍ଜିତା ନିଜ ସ୍ୱାମୀ ରବୀନ୍ଦ୍ର ବେହେରାଙ୍କ ସହ ଗାଣ୍ଡୁଆଚଉରା ଛକ ନିକଟରେ ଭଡ଼ାଘରେ ରହୁଛନ୍ତି। ରବୀନ୍ଦ୍ର ମିସ୍ତ୍ରି କାମ କରୁଥିବାବେଳେ ନାରାୟଣ ବେହେରା ତାଙ୍କଠାରୁ କିଛି ମିସ୍ତ୍ରି କାମର ସାମଗ୍ରୀ ନେଇଥିଲେ। ଗତ ୩୦ ତାରିଖ ରାତି ପ୍ରାୟ ୯ଟା ସମୟରେ ମଣିନାଗେଶ୍ୱରୀ ମନ୍ଦିର ନିକଟରେ ଉକ୍ତ ସାମଗ୍ରୀ ଫେରାଇବାକୁ ଯାଇଥିବାବେଳେ ବଚସା ହୋଇଥିଲା। ଏହି ସମୟରେ ବୁଚା ରଞ୍ଜନ ପ୍ରଧାନ, ନାରାୟଣ ବେହେରା ଓ ଅନ୍ୟ ଜଣେ ମହିଳା ମିଶି ଫାଉଡ଼ାର କାଠ ବେଣ୍ଟରେ ରଞ୍ଜିତା ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ଉଭୟଙ୍କ ମୁଣ୍ଡ ଓ ଆଙ୍ଗୁଠିରେ ଆଘାତ ଲାଗିଥିବାବେଳେ ଅଭିଯୁକ୍ତମାନେ ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ରଞ୍ଜିତା ବେହେରା ଶନିବାର ବାସେଲିସାହି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୩୮୧/୨୬) ରୁଜୁ କରି ଅଭିଯୁକ୍ତ ବୁଚା ଓ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଭଗବତୀ ବିଦ୍ୟା ନିକେତନରେ ବିଜ୍ଞାନ ମେଳା



ପୁରୀ,୧।୧୧(ସମିସ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଦୁଇଦିନିଆ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ପୁରୀ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ଦାଶ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରାତଃ ବିଭାଗ ସଞ୍ଚାଳିକା ମମତା ଦାସ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଅତିଥିମାନେ ବିଜ୍ଞାନ ମେଳା ପରିଦର୍ଶନ କରିବା ସହ ପ୍ରକଳ୍ପର ଆଭିମୁଖ୍ୟ ପଚାରି ବୁଝିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ ପିଲାମାନେ ସର୍ବଦା ଅନୁସନ୍ଧିତ୍ସୁ ମନ ନେଇ ବିଜ୍ଞାନ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ନର୍ସରୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଜଣ ପ୍ରତିଯୋଗୀ ନିଜ ନିଜର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକ ମଧ୍ୟରେ ବିଶ୍ୱ ତାପନ, ଧୀର ବିଷ, ୟୁଟର୍ଣ୍ଣ ସତର୍କ ସିଷ୍ଟମ୍, ମହିଳା ସୁରକ୍ଷା ଆଲାର୍ମ, ଜେଡ୍ ପ୍ଲସ୍ ସିକ୍ୟୁରିଟି, ରେନ୍ ସେନ୍ସର, ସ୍ମାର୍ଟ ବ୍ଲାଇଣ୍ଡ ଷ୍ଟିକ୍ ହାଇଡ୍ରୋଲିକ୍ ବ୍ରିଜ୍, ଲାଲ୍ ସୁନା, ୱାଟର ସାଇକଲ ଆଦି ପ୍ରକଳ୍ପଗୁଡ଼ିକ ଆକର୍ଷଣୀୟ ହୋଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଭାସ କୁମାର ମିଶ୍ର, ଜ୍ୟୋତି ପ୍ରକାଶ ମହାରଣା, ଦୀପ୍ତି ମିଶ୍ର, ଲୋପାମୁଦ୍ରା କର, ଅଜୟ ପଣ୍ଡା, ଲକ୍ଷ୍ମୀପ୍ରିୟା ବରାଳ, ବିଜୟଲକ୍ଷ୍ମୀ ମହାରଣା ବିଚାରକ ରୂପେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ମମତା ନାୟକ, ରତ୍ନମଣୀ ଦଳାଇ, ପ୍ରୀତି ପୁଷ୍ପିତା ମିଶ୍ର, ପ୍ରଜ୍ଞା ସାହୁ, ପୂଜା ସାହୁ, ଜଳନ୍ଧର ବିଶୋଇଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କୃଷ୍ଣପ୍ରସାଦରେ କଙ୍ଗାରୁ କୋର୍ଟ

ଜମିଜମା ବିବାଦକୁ ନେଇ ସାମାଜିକ ବାସନ୍ଦ

■ ନିଆଁ ପାଣି ବନ୍ଦ ଓ ହତ୍ୟା ଧମକ ଅଭିଯୋଗ
■ ପ୍ରଶାସନର ନୋଟିସ୍‌କୁ ଖୋଲାଖୋଲି ଅବମାନନା

ପୁରୀ,୧।୧୧(ସମିସ)

କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ କଙ୍ଗାରୁ କୋର୍ଟ ଚଳାଇ ସାଧାରଣ ଲୋକଙ୍କୁ ସାମାଜିକ ବାସନ୍ଦ କରିବା, ନିଆଁ ପାଣି ବନ୍ଦ କରିବା ଏବଂ ମାନସିକ ନିର୍ଯାତନା ଦେବା ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। କୃଷ୍ଣପ୍ରସାଦ ବ୍ଲକ୍ ନୂଆପଡ଼ା ପ୍ରଧାନ ସାହିର ଅକ୍ଷୟ କୁମାର ପ୍ରଧାନଙ୍କ ବ୍ୟକ୍ତିଗତ ଜମିଜମା ସମ୍ପର୍କିତ ବିବାଦକୁ ନେଇ ନୂଆପଡ଼ାର କେତେକ ବ୍ୟକ୍ତି ନୂଆପଡ଼ାରେ କଥିତ କଙ୍ଗାରୁ କୋର୍ଟ ବସାଇ ରତ୍ନାକାର ଓ ଅକ୍ଷୟ ପ୍ରଧାନଙ୍କୁ ସାମାଜିକ ବାସନ୍ଦ କରିଛନ୍ତି। ଏ ନେଇ ଅକ୍ଷୟ ଶନିବାର କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଛନ୍ତି। ନଳିନୀ ଜେନା ଓ ଗେଡୁ ପ୍ରଧାନଙ୍କ ନେତୃତ୍ୱରେ ଏହି କଙ୍ଗାରୁ କୋର୍ଟ ବସିଥିବା ସେ ଏତଲାରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୩୫ ମୌଜା କମିଟିରେ ଅକ୍ଷୟ ପ୍ରଧାନଙ୍କ ଅନୁପସ୍ଥିତିରେ ଏହି ଘଟଣା ଆଲୋଚନା କରାଯାଇ ତାଙ୍କୁ କୃଷ୍ଣପ୍ରସାଦ ବ୍ଲକ୍, ଚାରିଛକ ଓ ନୂଆପଡ଼ା ବଜାର ସମେତ ଅନ୍ୟ କୌଣସି ସ୍ଥାନରୁ ରାସନ ସାମଗ୍ରୀ କିଣିବାକୁ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିବା ସହ ନିଆଁ ପାଣି ବାସନ୍ଦ କରାଯାଇଛି। ଏହି ଅନ୍ୟାୟ ବିରୋଧରେ ଅକ୍ଷୟ ଆଇନର ଆଶ୍ରୟ ନେଇ କୃଷ୍ଣପ୍ରସାଦ ଥାନା, କୃଷ୍ଣପ୍ରସାଦ ତହସିଲ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ କୃଷ୍ଣପ୍ରସାଦ ବ୍ଲକ୍ ପ୍ରଶାସନ ପକ୍ଷରୁ ନୂଆପଡ଼ା ଗ୍ରାମ ଓ ନୂଆପଡ଼ା ବଜାର କମିଟିକୁ ନୋଟିସ୍ ଜାରି କରାଯାଇ କୌଣସି ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ କରିବାର ଅଧିକାର କାହାରି ନାହିଁ ବୋଲି ସ୍ପଷ୍ଟ କରାଯାଇଛି। କିନ୍ତୁ ପ୍ରଶାସନର ଏହି ନୋଟିସ୍‌କୁ ଅବମାନନା କରି ୩୫ ମୌଜା କମିଟି ପକ୍ଷରୁ ଅଁଳାକୁଦା ଗ୍ରାମର ପାଣ୍ଡବ ତରେଇ, ସୁରେନ୍ଦ୍ର ତରେଇ, ନବଘନ ତରେଇ, ତପନ ଜେନା ଓ ଶ୍ରୀମନ୍ତ ଜେନାଙ୍କୁ ଅକ୍ଷୟ ପ୍ରଧାନଙ୍କ ସହ କଥାବାର୍ତ୍ତା ଓ ସହଯୋଗ କରିଥିବା କାରଣରୁ ନୋଟିସ୍ ଜାରି କରାଯାଇଛି। ଏପରିକି ୩୫ ମୌଜା କମିଟି ନିକଟରେ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେଇ ଆସିବାକୁ ଅଁଳାକୁଦା ଗ୍ରାମର ସଭାପତି ଓ ସମ୍ପାଦକଙ୍କୁ ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। କମିଟି ସମ୍ପାଦକଙ୍କ ଦସ୍ତଖତରେ ଏହି ନୋଟିସ୍ ଦିଆଯାଇଥିବା ଜଣାପଡ଼ିଛି।

ଏହାଠାରୁ ଆହୁରି ଦୁଃଖଦ ଘଟଣା ହେଉଛି, ଗୁରୁବାଇ ଗ୍ରାମର ସ୍ୱର୍ଗତ ପଞ୍ଚାନନ ସିଠଙ୍କ ପରିବାରକୁ ମଧ୍ୟ ଅକ୍ଷୟ ପ୍ରଧାନଙ୍କ ସହ କାହିଁକି କଥାବାର୍ତ୍ତା ଓ ମିଳାମିଶା କରୁଛ ବୋଲି ପ୍ରଶ୍ନ କରି ୩୫ ମୌଜା କମିଟି ପକ୍ଷରୁ ନୋଟିସ୍ ଜାରି ହୋଇଛି। ପଞ୍ଚାନନଙ୍କ ମୃତ୍ୟୁ ପୂର୍ବରୁ ସେ ମାନସିକ ନିର୍ଯାତନାର ଶିକାର ହୋଇଥିବା ନେଇ ଅଭିଯୋଗ ରହିଥିବାବେଳେ ଏହି ଘଟଣାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି କରାଯାଇଛି। ଅନ୍ୟପକ୍ଷରେ ଅକ୍ଷୟଙ୍କୁ ନଳିନୀ ଓ ଗେଡୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅକ୍ଷୟ କୃଷ୍ଣପ୍ରସାଦ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏହି କଙ୍ଗାରୁ କୋର୍ଟ ଓ ସାମାଜିକ ବାସନ୍ଦର ଧାରା ଏଠାରେ ଥମିନାହିଁ। ନୂଆପଡ଼ା ନଟାସାହିର କିଛି ଲୋକଙ୍କ ଘରକୁ ମଧ୍ୟ ଗ୍ରାମ୍ୟ କମିଟି ମାଧ୍ୟମରେ ଲୋକ ପଠାଇ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ଆସିଛି। ତେବେ ଅକ୍ଷୟ ପ୍ରଧାନ କରିଥିବା ଅଭିଯୋଗ ସଂକ୍ରାନ୍ତରେ କୃଷ୍ଣପ୍ରସାଦ ଥାନାଧିକାରୀ ଜୟନ୍ତ ସେଠୀଙ୍କୁ ପଚାରିବାରୁ ମୁଁ ଏକ ବୈଠକ ପାଇଁ ପୁରୀ ଆସିଛି। ମଙ୍ଗଳବାର ତାଙ୍କ ଅଭିଯୋଗ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଲୁଟେରା

- ଝିଅ ବାହାଘର କାର୍ଡ ବାଣ୍ଟିବାକୁ ଯାଇଥିଲେ
- ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି ପୁଲିସ

ବ୍ରହ୍ମପୁର, ୧।୧୧(ସମିସ): ଝିଅ ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇଥିବା ଏକ ଦମ୍ପତି ଲୁଟେରାଙ୍କ ଶିକାର ହୋଇଛନ୍ତି। ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ବସନ୍ତ ବିହାର ନିକଟରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ୨ଭରି ଓଜନର ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନାପ୍ରକାରେ, ଖୋଡ଼ାସିଙ୍ଗି ଅଞ୍ଚଳର ଏକ ଦମ୍ପତି ନିଜ ଝିଅର ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବା ପାଇଁ କାର୍‌ରେ ଆମ୍ବପୁଆ ବସନ୍ତ ବିହାର ଅଞ୍ଚଳକୁ ଯାଇଥିଲେ। ସେଠାରେ ଜଣେ ବନ୍ଧୁଙ୍କ ଘର ଠିକଣା ଖୋଜିବା ପାଇଁ ସେମାନେ କିଛି ସମୟ ଅଟକିଥିଲେ। ତେବେ ଠିକଣା ନମିଳିବାରୁ ସେମାନେ ଫେରୁଥିବା ବେଳେ ହଠାତ୍ ଜଣେ ଦୁର୍ବୃତ୍ତ ପଛପଟୁ ଆସି ମହିଳାଙ୍କ ବେକରୁ ୨ଭରି ଓଜନର ସୁନାଚେନ୍‌କୁ ଝାମ୍ପି ନେଇଥିଲା। ପରେ କିଛି ଦୂରରେ ଅପେକ୍ଷା କରିଥିବା ଏକ ବାଇକ୍‌ରେ ବସି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏଭଳି ଲୁଟ୍ ଘଟଣା ପରେ ଦମ୍ପତି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଥାନା କେସ୍ ନମ୍ବର ୬୩୯/୨୬ରେ ମାମଲା ରୁଜୁ କରିଛି। ଏଥିସହ ଘଟଣାସ୍ଥଳରେ ପହଞ୍ଚି ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଚଳାଇଛି।

‘ମୁରାସୁ’ ପାଇଁ ପ୍ରସ୍ତୁତି; ଖୋଲିଲା ନିୟନ୍ତ୍ରଣ କକ୍ଷ

ବ୍ରହ୍ମପୁର, ୧।୧୧(ସମିସ)



‘ଅର୍ଣ୍ଣବ’ର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକୁଳିବା ପୂର୍ବରୁ ପାଣିପାଗ ବିଭାଗର ବାତ୍ୟା ‘ମୁରାସୁ’ ସମ୍ପର୍କିତ ସତର୍କ ସୂଚନା ପାଇ ବ୍ରହ୍ମପୁର ମହାନଗର ନିଗମର ସକ୍ରିୟତା ଆହୁରି ବଢ଼ିଯାଇଛି। ରବିବାର ଦିନ ଛୁଟିକୁ ବାତିଲ କରି ସମସ୍ତ ଡେପୁଟି କମିଶନର, ସହକାରୀ କମିଶନର, ଇଞ୍ଜିନିଅର, ପରିମଳ ନିରୀକ୍ଷକ ଏବଂ ଗୋଷ୍ଠୀ ସଂଯୋଜିକାଙ୍କୁ ନେଇ କମିସନର ଏ. ସସ୍ୟ ରେଡ୍ଡୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ‘ମୁରାସୁ’ ପ୍ରଭାବରେ ବର୍ଷା ସମୟରେ ଜଳ ନିଷ୍କାସନକୁ ସହଜ କରିବା ପାଇଁ ‘ଅର୍ଣ୍ଣବ’ ସମୟର ବର୍ଷାରେ ଜଳବନ୍ଦୀ ହୋଇଥିବା ଅଞ୍ଚଳଗୁଡ଼ିକୁ ବୁଲି ସମାଧାନର ପନ୍ଥା ବାହାର କରିବା ପାଇଁ ସବୁ ଇଞ୍ଜିନିଅରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ପ୍ରମୁଖ ଡ୍ରେନଗୁଡ଼ିକରୁ ଆବର୍ଜନା ସଫେଇ କରିବା ଉପରେ ଗୁରୁତ୍ୱାରୋପ ଦିଆଯାଇଛି। ଡୁଡୁମା କଲୋନୀ, ହରିଡାଖଣ୍ଡି ଶାନ୍ତିନଗର, ରୋଲାଣ୍ଡ କଲେଜ, ରୟାଲ ଫାର୍ମାସୀ କଲେଜ ଓ ଭାବାନଗର ଆଦି ଅଞ୍ଚଳରେ ଡ୍ରେନ ଅବରୋଧ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବାରୁ ସେହି ସବୁ ଅବରୋଧକୁ ତୁରନ୍ତ ହଟାଇବାକୁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକୁ ପୁଣିଥରେ ପରିଷ୍କାର ପରିଚ୍ଛନ୍ନ କରି ବର୍ଷା ପୂର୍ବରୁ କଚ୍ଚାଘର ଏବଂ ସହରତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ରବିବାର ସୁଦ୍ଧା କେବଳ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳୀଟି କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟ ଆଶ୍ରୟସ୍ଥଳୀ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ରଖିବାକୁ ଗୋଷ୍ଠୀ ସଂଯୋଜିକା ଓ ପରିମଳ ନିରୀକ୍ଷକମାନଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ୧୪ନମ୍ବର ୱାର୍ଡରେ ହାଉସିଂ ବୋର୍ଡ କଲୋନୀ ନିକଟ ସୁବୁଦ୍ଧି କଲୋନୀର ବାସିନ୍ଦା ଭଡାରେ ରହୁଥିବା କଚ୍ଚାଘର ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିଲେ ହେଁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ବେଳେ ସବୁବେଳେ ଅସହଯୋଗ କରୁଛନ୍ତି। ଏଣୁ ଘରମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସରଜମିନ ତଦନ୍ତ କରି ରିପୋର୍ଟ ଦେବାକୁ ଡେପୁଟି କମିଶନର କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ସହକାରୀ କମିଶନର ବିକ୍ରମ ସୁଣ୍ଡି, ଏନଫୋର୍ସମେଣ୍ଟ ଅଧିକାରୀ ବିକାଶ ନାୟକ, ପଦ୍ମଲୋଚନ ସାହୁ ଏବଂ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜୟ ଜଗଦୀଶ ପାଢ଼ୀ ସମ୍ପୃକ୍ତ ସୁବୁଦ୍ଧି କଲୋନୀକୁ ଯାଇଥିଲେ। ସେହିପରି ଜଳବନ୍ଦୀ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଶାନ୍ତିନଗରରେ ଡ୍ରେନରୁ ଆବର୍ଜନା ସଫେଇ ବେଳେ ବାଧା ନଦେବାକୁ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ଅନ୍ତତଃ ୫ଦିନ ପାଇଁ ଆବଶ୍ୟକୀୟ ରନ୍ଧା ସାମଗ୍ରୀ ଓ ଶୁଖିଲା ଖାଦ୍ୟ ମହଜୁଦ କରି ରଖିବାକୁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିବାବେଳେ ଏହାକୁ ବର୍ତ୍ତମାନ ଆଗାମୀ ଏକ ସପ୍ତାହ ଅର୍ଥାତ୍ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜାନିବିଲି ପାନୀୟଜଳ ପ୍ରକଳ୍ପରୁ ଜଳଯୋଗାଣ ସ୍ୱାଭାବିକ ହେବା ଯାଏଁ ଲୋକମାନଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ମହାନଗର ନିଗମ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଜାରି ରହିବ ବୋଲି କମିଶନର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ପାନୀୟଜଳ ସଙ୍କଟକୁ ଏଡାଇବା ପାଇଁ ଜନସାଧାରଣ ଏହାର ଅପଚୟ ରୋକିବା ସହ ମିତବ୍ୟୟିତାର ସହ ବ୍ୟବହାର କରିବାକୁ କମିଶନର ସହରବାସୀଙ୍କୁ ନିବେଦନ କରିଛନ୍ତି।

ପାନୀୟ ଜଳ ଅପଚୟ ନକରିବାକୁ ଅପିଲ୍

ଋଷିକୂଲ୍ୟା କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସାନଖେମୁଣ୍ଡି, ୧।୧୧(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଉତ୍ତା ଜଗନ୍ନାଥପୁର ଗ୍ରାମ ଦେଇ ଯାଇଥିବା ଋଷିକୂଲ୍ୟା କେନାଲ ରୁ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ ଦେହ କରିଛି ପାଟପୁର ପୁଲିସ। ଯୁବକ ଜଣଙ୍କ ହେଲେ ପାଟପୁର ଥାନା ଧର୍ମରାୟପୁର ଗ୍ରାମର ଧୋବା ଦାସ। ସୂଚନା ମୁତାବକ ରବିବାର ସନ୍ଧ୍ୟାରେ ଗ୍ରାମର କିଛି ଯୁବକ ଉକ୍ତ ଋଷିକୂଲ୍ୟା କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ କେନାଲ ନିକଟରେ ଜଣେ ଯୁବକ ମୃତଦେହ ପଡ଼ିଥିବା ଦେଖି ପାଟପୁର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପାଟପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ବାହାରକୁ ଆଣି ଯୁବକଙ୍କ ପରିଚୟ ଖୋଜିଥିଲେ, ପରେ ଯୁବକ ଜଣଙ୍କ ଧର୍ମରାୟପୁର ଗ୍ରାମର ଧୋବା ଦାସ ବୋଲି ସୂଚନା ମିଳିଥିଲା। ପାଟପୁର ପୁଲିସ ଯୁବକଙ୍କ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଗତ ବାତ୍ୟା ଅର୍ଣ୍ଣବରେ ଋଷିକୂଲ୍ୟା କେନାଲ ରେ ବର୍ଷା ପାଣି ଆସିଯାଇଥିବାରୁ ଯୁବକ ଜଣଙ୍କ କେନାଲରେ ବୁଡ଼ି ମୃତ ହୋଇଥିବା ଅନୁମାନ କରାଯାଉଛି।

- ସମ୍ଭାବ୍ୟ ବାତ୍ୟା ‘ମୁରାସୁ’କୁ ନେଇ ଗର୍ଭବତୀଙ୍କୁ ସ୍ଥାନାନ୍ତର

୪୭୧ ଜଣଙ୍କ ପ୍ରସବ, ୨୧୧ ପୁତ୍ର ଓ ୨୬୦ କନ୍ୟା ସନ୍ତାନ ଜନ୍ମ

ବ୍ରହ୍ମପୁର, ୧।୧୧(ସମିସ): ସମ୍ଭାବ୍ୟ ବାତ୍ୟା ‘ମୁରାସୁ’କୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗର୍ଭବତୀ ମହିଳାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ୨୨ଟି ବ୍ଲକ ସମେତ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରୁ ମୋଟ ୭୨୯ ଜଣ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ସ୍ଥାନାନ୍ତରିତ ମହିଳାଙ୍କ ମଧ୍ୟରୁ ଇତିମଧ୍ୟରେ ୪୭୧ ଜଣଙ୍କ ସୁରକ୍ଷିତ ପ୍ରସବ ହୋଇଛି। ଏଥିରେ ୨୧୧ ଜଣ ପୁତ୍ର ସନ୍ତାନ ଓ ୨୬୦ ଜଣ କନ୍ୟା ସନ୍ତାନ ଜନ୍ମ ନେଇଛନ୍ତି। ସେହିପରି ପ୍ରସବ ପରେ ୧୭୮ ଜଣ ମହିଳା ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି। ସମ୍ଭାବ୍ୟ ବାତ୍ୟା ସମୟରେ ଗର୍ଭବତୀ ମହିଳାଙ୍କ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକୀୟ ସହାୟତା ବ୍ୟବସ୍ଥା କରାଯାଇଛି।

- ପ୍ରଦୀପ ସେଠୀଙ୍କ ମୃତ୍ୟୁ ଘଟଣାରେ ନୂଆମୋଡ଼


ପୁଲିସ କବଜାରେ ୩ ଯୁବକ

ବ୍ରହ୍ମପୁର, ୧।୧୧(ସମିସ): ମୋଷ୍ଟ ୱାଣ୍ଟେଡ୍ ପ୍ରଦୀପ ସେଠୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଆସିଛି ନୂଆ ମୋଡ଼। ଆଙ୍କୁଲି ଅଞ୍ଚଳରେ ପ୍ରଦୀପଙ୍କୁ ଆକ୍ରମଣ କରାଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିବା ସୂଚନା ମିଳିଛି। ଏହାକୁ ନେଇ ବୈଦ୍ୟନାଥପୁର ଥାନାରେ ଏକ କ୍ରିମିନାଲ୍ କ୍ଷେସନ୍ ଡାଏରୀ (ଜିଡି) ରୁଜୁ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକର ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରିଛନ୍ତି। ଘଟଣାରେ ସୁନିଲ ଓରଫ କଙ୍କଡ଼ା ଓ ବାବୁଲାଙ୍କ ସମେତ ୩ଜଣ ଯୁବକଙ୍କୁ ପୁଲିସ ଅଟକ ରଖି ମାରାଥନ ଜେରା କରୁଥିବା ଜଣାପଡ଼ିଛି। ପ୍ରଦୀପଙ୍କ ମୃତ୍ୟୁ ପଛରେ ପ୍ରକୃତରେ କ’ଣ କାରଣ ରହିଛି ଏବଂ ଆକ୍ରମଣ ଘଟଣା ସହ କାହାର ସମ୍ପୃକ୍ତି ରହିଛି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

ରେଡକ୍ରସ୍ ପାଣ୍ଠିରୁ ୮.୬୩ଲକ୍ଷ ଟଙ୍କା ଆତ୍ମସାତ

ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ ଗିରଫ

ବ୍ରହ୍ମପୁର,୧।୧୧(ସମିସ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରେଡକ୍ରସ୍ ପାଣ୍ଠିରୁ ୮ଲକ୍ଷ ୬୩ହଜାର ୨ଶହ ଟଙ୍କା ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଜଣେ ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦାଶିବ ପ୍ରଧାନ। ସେ ପୂର୍ବରୁ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ସୋରଡ଼ା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ବିଭାଗର ସୂଚନା ଅନୁଯାୟୀ, ୨୦୨୩ମସିହା ଡିସେମ୍ବରରୁ ୨୦୨୫ମସିହା ଅଗଷ୍ଟ ମାସ ମଧ୍ୟରେ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିଜାରତ ବିଭାଗରେ ସଂଗୃହିତ ସରକାରୀ ଅର୍ଥ ନିର୍ଦ୍ଧାରିତ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ନଥିବା ନେଇ ଅଭିଯୋଗ ହୋଇଥିଲା। ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଓ ଆର୍ଥିକ କାରବାରର ଯାଞ୍ଚ କରାଯାଇଥିଲା। ସଦାଶିବ ପ୍ରଧାନ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିଜାରତ ବିଭାଗ ଦାୟିତ୍ୱରେ ଥିବା ସମୟରେ ସରକାରୀ ପାଣ୍ଠି ସମେତ ରେଡକ୍ରସ୍ ପାଣ୍ଠିର ରକ୍ଷଣାବେକ୍ଷଣ ଓ ହିସାବ ପରିଚାଳନା କରୁଥିଲେ। ତଦନ୍ତ ବେଳେ ସେ ସରକାରୀ ରସିଦ ବହି ବ୍ୟବହାର କରି ରେଡକ୍ରସ୍ ପାଣ୍ଠି ବାବଦରେ ମୋଟ ୮ଲକ୍ଷ ୬୩ହଜାର ୨୦୦ଟଙ୍କା ସଂଗ୍ରହ କରିଥିବା ଜଣାପଡ଼ିଥିଲା। ନିୟମ ଅନୁଯାୟୀ ଏହି ଅର୍ଥ ଛତ୍ରପୁରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାର ନିର୍ଦ୍ଧାରିତ ଆକାଉଣ୍ଟରେ ଜମା ହେବା କଥା। କିନ୍ତୁ ଅଭିଯୁକ୍ତ ସଦାଶିବ ପ୍ରଧାନ ଉକ୍ତ ଅର୍ଥ ବ୍ୟାଙ୍କରେ ଜମା ନକରି ନିଜ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଏହି ଘଟଣାରେ ବ୍ରହ୍ମପୁର ଭିଜିଲାନ୍ସରେ ଗତ ଅକ୍ଟୋବର ୩୧ତାରିଖରେ ୧୩/୨୬ ଏକ ମାମଲା ରୁଜୁ ହୋଇଥିଲା। ରବିବାର ଭିଜିଲାନ୍ସ ବିଭାଗ ଅଭିଯୁକ୍ତ ସଦାଶିବ ପ୍ରଧାନଙ୍କୁ ଗିରଫ କରି ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି। ଏହି ଆର୍ଥିକ ଅନିୟମିତତା ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ବ୍ରହ୍ମପୁର-ପୁରୀ ସିଧାସଳଖ ରେଳ ଚଳାଚଳ ଦାବି, ୨୨ରେ ଗଣଧାରଣା

ବ୍ରହ୍ମପୁର, ୧।୧୧(ସମିସ): ବିଜିପୁର ସନ୍ତୋଷୀ ମା’ ମନ୍ଦିର କଲ୍ୟାଣ ମଣ୍ଡପରେ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁରରୁ ପୁରୀକୁ ସିଧାସଳଖ ରେଳ ଚଳାଚଳ ସମେତ ବରିଷ୍ଠ ନାଗରିକଙ୍କ ପାଇଁ ରେଳ ଭଡ଼ାରେ ରିହାତି ଓ ସଂରକ୍ଷିତ ଆସନ ନିମନ୍ତେ ମଞ୍ଚ ଦାବି କରିଛି। ଏନେଇ ଆସନ୍ତା ୨୨ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ରହ୍ମପୁରରେ ଗଣଧାରଣା ଦିଆଯିବ। ଏହାସହ ଡିସେମ୍ବର ୨ ତାରିଖରେ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଧାରଣା ଦେବାକୁ ମଞ୍ଚ ପକ୍ଷରୁ ନିଷ୍ପତ୍ତି ହୋଇଛି। ବ୍ରହ୍ମପୁରରୁ ପୁରୀକୁ ସିଧାସଳଖ ରେଳ ଚଳାଚଳ, ପୂର୍ବଭଳି ପୁରୁଷ ବରିଷ୍ଠ ନାଗରିକଙ୍କୁ ୪୦ ପ୍ରତିଶତ ଓ ମହିଳାଙ୍କୁ ୫୦ ପ୍ରତିଶତ ରେଳ ଭଡ଼ା ରିହାତି ଏବଂ ପାସେଞ୍ଜର ଓ ଏକ୍ସପ୍ରେସ୍ ଟ୍ରେନ୍‌ର ପ୍ରତ୍ୟେକ ବଗିରେ ବରିଷ୍ଠ ନାଗରିକଙ୍କ ପାଇଁ ଗୋଟିଏ ଲେଖାଏଁ ଆସନ ସଂରକ୍ଷଣ ନିମନ୍ତେ ଦାବି ହୋଇଛି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଓ ବୁଦ୍ଧିଜୀବୀ ଯୋଗଦେଇ ରେଳବିଭାଗର ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପାଦକ ସୀମାଞ୍ଚଳ ପାଢ଼ୀ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁବାସଚନ୍ଦ୍ର ସାହୁ, ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ, ରବି ରଥ, ଅବନୀ ଗୟା, ମଧୁ ସାହୁ, ସରିତା ପଣ୍ଡା, ପ୍ରଭାତ ମିଶ୍ରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ତୁଳୁ ଓ ଇନ୍ଦ୍ରାକ୍ଷୀରେ ପାଲ ବଣ୍ଟନ

ବ୍ରହ୍ମପୁର, ୧।୧୧(ସମିସ): ବାତ୍ୟାରେ ଘର ଭାଙ୍ଗିଥିବା ଓ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଆଶ୍ୱସ୍ତି ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ପାଲ ବଣ୍ଟନ କରାଯାଇଛି। ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକର ତୁଳୁ, ଇନ୍ଦ୍ରାକ୍ଷୀ, ରେଡ଼ୀ ତୁଳୁ ଆଦି ଗ୍ରାମରେ ବିପନ୍ନ ପରିବାରଙ୍କୁ ଏହି ସହାୟତା ଯୋଗାଇ ଦିଆଯାଇଛି। ଅତିରିକ୍ତ ତହସିଲଦାର ଅପୂର୍ଣ୍ଣ ରଞ୍ଜନ ଓ ରାଜସ୍ୱ ନିରୀକ୍ଷକ (ଆରଆଇ) ବୀରେନ୍ଦ୍ର ଶବରଙ୍କ ଉପସ୍ଥିତିରେ ପାଲ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ୫୦ରୁ ଊର୍ଦ୍ଧ୍ୱ ବାତ୍ୟା ବିପନ୍ନ ହିତାଧିକାରୀଙ୍କୁ ପାଲ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ବାତ୍ୟା ପରେ ଘର ଭାଙ୍ଗି ଅସୁବିଧାରେ ଥିବା ପରିବାରଙ୍କୁ ତୁରନ୍ତ ସହାୟତା ପହଞ୍ଚାଇବା ପ୍ରଶାସନର ପ୍ରାଥମିକତା ରହିଛି। ଏଭଳି ପଦକ୍ଷେପ ଦ୍ୱାରା ବିପନ୍ନ ପରିବାରଗୁଡ଼ିକ ଅସ୍ଥାୟୀ ଭାବେ ଆଶ୍ରୟ ନେବାରେ ସହାୟତା ପାଇପାରିବେ।

- ଅଭିନବ ଉପାୟରେ ସାଇବର ଠକେଇ


ମହିଳାଙ୍କ ଜମାଖାତାରୁ ଲକ୍ଷାଧିକ ଟଙ୍କା ଲୁଟ୍

ଦିଗପହଣ୍ଡି, ୧।୧୧(ସମିସ): ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ କେ.ସାମନ୍ତରାପୁର ଗ୍ରାମର ପି. ମିନି ରେଡ୍ଡୀ ନାମ୍ନୀ ଜଣେ ଗର୍ଭବତୀ ମହିଳାଙ୍କ ବ୍ୟାଙ୍କ୍ ଜମାଖାତାରୁ ଅଭିନବ ଉପାୟରେ ସାଇବର ଅପରାଧୀମାନେ ୧, ୨୭, ୩୯୩ ଟଙ୍କା ଲୁଟି ନେଇଥିବା ସେ କହିଛନ୍ତି। ଠକେଇ ର ଶିକାର ହୋଇଥିବା ମିନି ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୪୪୮/୨୬ ବିଏନ୍‌ଏସ୍‌ର ଦଫା - ୩୧୯(୨)/୩୧୮(୪) ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସାଇବର ଅପରାଧୀ ପ୍ରଥମେ ଗ୍ରାମର ଆଶାକର୍ମୀ ଏମ୍. ଜୟନ୍ତୀ ରେ‡ୀଙ୍କୁ ଫୋନ କରି ଗ୍ରାମର ଗର୍ଭବତୀ ମହିଳାଙ୍କ ପାଇଁ ମମତା ଯୋଜନାରେ ୯ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇଦିଆଯିବ। ତେଣୁ ଗ୍ରାମର କୌଣସି ଗର୍ଭବତୀ ମହିଳାଙ୍କ ଫୋନ ନମ୍ବରକୁ କନଫେରେନ୍ସ ଯୋଗେ ଯୋଗାଯୋଗ କରିବାକୁ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ କରି କହିଥିଲେ। ସେ ନିଜକୁ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗ ର ବରିଷ୍ଠ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଆଶାକର୍ମୀ ଜଣକ ଗ୍ରାମର ଗର୍ଭବତୀ ମହିଳା ମିନିଙ୍କୁ ଫୋନ କରି କନଫେରେନ୍ସ ଜରିଆରେ ଯୋଗାଯୋଗ କରାଇ ଦେଇଥିଲେ। ପରେ ଅତି ଚତୁରତାର ସହ ସାଇବର ଅପରାଧୀ ଜଣକ ମିନିଙ୍କୁ ମମତା ଯୋଜନାରୁ ତାଙ୍କୁ ସହାୟତା ଅର୍ଥରାଶି ମିଳିବାର ପ୍ରଲୋଭନ ଦେଖାଇ ତାଙ୍କୁ ମୋବାଇଲରେ ଫୋନ - ପେ ଆପ୍ଲିକେସନ୍ ଖୋଲିବାକୁ କହିଥିଲେ। ପରେ ସେ ପଠାଇଥିବା ଏକ ଲିଙ୍କ୍‌କୁ କ୍ଲିକ୍ କରିବାକୁ କହିଥିଲେ। ମିନି ତାଙ୍କ ଫୋନରେ ଲିଙ୍କ୍ ଖୋଲିବା ପରେ କୌଶଳକ୍ରମେ ତାଙ୍କ ୟୁପିଆଇ ପିନ୍ ନମ୍ବର ମାଗିନେଇ ଦିଗପହଣ୍ଡିସ୍ଥିତ ୨ ଟି ରାଷ୍ଟ୍ରାୟତ ବ୍ୟାଙ୍କ ଶାଖାରେ ଥିବା ଜମାଖାତାରୁ ପର୍ଯ୍ୟାୟ କ୍ରମେ ୧ ଲକ୍ଷ ୨୭, ୩୯୩ ଟଙ୍କା ଲୁଟି ନେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ମିନିଙ୍କ ମୋବାଇଲକୁ ଟଙ୍କା ଉଠାଣ ସମ୍ପର୍କିତ ମେସେଜ ଆସିବା ପରେ ସେ ଅବାକ୍ ହୋଇଯାଇଥିଲେ। ଏ ନେଇ ସେ ଆଶାକର୍ମୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ପରେ ଉଭୟେ ପରିବାର ଲୋକଙ୍କ ସହ ବ୍ରହ୍ମପୁର ସାଇବର ଥାନା ଏବଂ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେବା ପରେ ପୁଲିସ ମକଦ୍ଦମା ରୁଜୁ କରିଥିବା ମିନି କହିଛନ୍ତି।

ସୁନା କିଣିବା ଆଳରେ ଚୋରି; ମହିଳା ଗିରଫ

ବ୍ରହ୍ମପୁର, ୧।୧୧(ସମିସ): ସୁନା କିଣିବା ଆଳରେ ଅଳଙ୍କାର ଦୋକାନକୁ ଆସି ସୁନାମୁଦି ଚୋରି ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ଜଣକ ହେଲେ ଅଟୋନଗର ଆପାର୍ଟମେଣ୍ଟ ନିକଟରେ ରହୁଥିବା ସୁଶୀଳା ଦାସ (୩୨)। ସୂଚନା ପ୍ରକାରେ, ବଡ଼ବଜାର ଥାନା ଅନ୍ତର୍ଗତ ସାନବଜାର ଛକ ନିକଟରେ ଥିବା ‘ନ୍ୟୁ ସୁରେଶ ଜୁଏଲର୍ସ’କୁ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଦୁଇଜଣ ମହିଳା ସୁନା ଅଳଙ୍କାର କିଣିବା ଆଳରେ ଆସିଥିଲେ। ଦୋକାନରେ ବିଭିନ୍ନ ଡିଜାଇନର ସୁନା ମୁଦି ଦେଖିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ମହିଳା କୌଶଳ କ୍ରମେ ୫ଗ୍ରାମ ୩୨୦ମିଲିଗ୍ରାମ ଓଜନର ଗୋଟିଏ ସୁନା ମୁଦି ଚୋରି କରି ନେଇଥିଲେ। ପରବର୍ତ୍ତୀ ସମୟରେ ଦୋକାନରୁ ସୁନା ମୁଦି ଗାଏବ ଥିବା ଜଣାପଡ଼ିବା ପରେ ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରାଯାଇଥିଲା। ଏଥିରେ ମହିଳାଙ୍କ ସୁନାମୁଦି ଚୋରି କରିବାର ଦୃଶ୍ୟ କଏଦ ହୋଇଥିବା ଜଣାପଡ଼ିଥିଲା। ଏନେଇ ଦୋକାନ ମାଲିକ ଶଙ୍କରପୁର ସାହିର ସୁନିଲ କୁମାର ପାତ୍ର ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ୍ ଓ ତଦନ୍ତ ଆଧାରରେ ପୁଲିସ ସୁଶୀଳା ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ବାଣ ଗଚ୍ଛିତ ଓ ବିକ୍ରି ଅଭିଯୋଗରେ ଜଣେ ଗିରଫ



ବ୍ରହ୍ମପୁର, ୧।୧୧(ସମିସ): ବେଆଇନ ଭାବେ ବାଣ ଗଚ୍ଛିତ ରଖି ବିକ୍ରି କରୁଥିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀ ଜଣକ ହେଲେ ଲକ୍ଷ୍ମୀନୃସିଂହ ସାହି ୬ଷ୍ଠ ଲାଇନର ବି. ସୁମନ ପାତ୍ର (୨୫)। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀନୃସିଂହ ସାହିରେ ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖି ବିକ୍ରି କରାଯାଉଥିବା ନେଇ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତଙ୍କ ଘର ଯାଞ୍ଚବେଳେ ୨୬ପ୍ରକାରର ବିପୁଳ ପରିମାଣର ବାଣ ଜବତ ହୋଇଛି। ବାଣ ରଖିବା ଓ ବିକ୍ରି ପାଇଁ ସୁମନ କୌଣସି ବୈଧ ଲାଇସେନ୍ସ ଦେଖାଇ ପାରିନଥିଲେ। ଏନେଇ ବଡ଼ବଜାର ଥାନାରେ ମାମଲା ନଂ ୮୩୬/୨୦୨୬ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ବର୍ଷା ବାହାନାରେ ଏମ୍‌କେସିଜିରେ ରୋଗୀଙ୍କୁ ମିଳୁନି ବେଡ୍‌ସିଟ୍!

ବ୍ରହ୍ମପୁର, ୧।୧୧(ସମିସ)



- ଚିରାଫଟା ମ୍ୟାଟ୍ରେସ୍‌ରେ ବିତୁଛି ଦିନରାତି
- ବାରମ୍ବାର ଅଭିଯୋଗ ପରେ ମଧ୍ୟ ଚୁପ୍ କର୍ତ୍ତୃପକ୍ଷ ଓ ଅଧିକାରୀ

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ଏହାର ପ୍ରଭାବ ଏବେ ଏମକେସିଜି ମେଡିକାଲର ରୋଗୀ ସେବା ଉପରେ ପଡ଼ିଛି। ବର୍ଷାକୁ ବାହାନା କରି ରୋଗୀଙ୍କୁ ନିୟମିତ ସଫା ବେଡ୍‌ସିଟ୍ ଯୋଗାଇ ଦିଆଯାଉନଥିବା ସଙ୍ଗିନ ଅଭିଯୋଗ ହୋଇଛି। ଫଳରେ ଚିକିତ୍ସାଧୀନ ରୋଗୀଙ୍କୁ ଚିରାଫଟା ମ୍ୟାଟ୍ରେସ୍‌ରେ ଦିନରାତି କାଟିବାକୁ ପଡୁଛି। ମେଡିକାଲର ପ୍ରାୟ ୭୦ ପ୍ରତିଶତ ରୋଗୀ ନିୟମିତ ବେଡ୍‌ସିଟ୍ ପାଉନଥିବା ଅଭିଯୋଗ ରୋଗୀ ସେବାରେ ଥିବା ଅବ୍ୟବସ୍ଥାକୁ ପଦାରେ ପକାଇଛି। ଗତ ୫ ଦିନ ଧରି ପାଣିପାଗ ଖରାପ ରହିବା ସହ ପ୍ରବଳ ବର୍ଷା ଜାରି ରହିଥିଲା। ଏହାରି ଆଳରେ ବେଡ୍‌ସିଟ୍ ସଫା ଓ ଯୋଗାଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ନିୟମିତ ଭାବେ ବିଭିନ୍ନ ୱାର୍ଡକୁ ସଫା ବେଡ୍‌ସିଟ୍ ଯୋଗାଇ ଦେଉନଥିବା ରୋଗୀ ଅଭିଯୋଗ କରିଛନ୍ତି। ଏହାର ସିଧାସଳଖ ପ୍ରଭାବ ରୋଗୀଙ୍କ ଦୈନନ୍ଦିନ ଚିକିତ୍ସା ଓ ସ୍ୱଚ୍ଛତା ଉପରେ ପଡୁଛି। ମେଡିସିନ୍ (ମହିଳା) ୱାର୍ଡର ୨ ଓ ୭ ନମ୍ବର ୟୁନିଟ୍, ମେଡିସିନ୍ (ପୁରୁଷ) ୱାର୍ଡର ୬ ଓ ୭ ନମ୍ବର ୟୁନିଟ୍ ସମେତ ଅସ୍ଥିଶଲ୍ୟ ବିଭାଗର ଇନ୍‌ଡୋରରେ ଗତ ୪ ଦିନ ହେଲା ରୋଗୀଙ୍କୁ ବେଡ୍‌ସିଟ୍ ମିଳିନଥିବା ଅଭିଯୋଗ ଆସିଛି। ବେଡ୍‌ସିଟ୍ ବଦଳରେ ରୋଗୀଙ୍କୁ ଚିରାଫଟା ମ୍ୟାଟ୍ରେସ୍ ଉପରେ ଶୋଇବାକୁ ପଡୁଛି। ନିୟମିତ ବେଡ୍‌ସିଟ୍ ନମିଳିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ମେଡ଼ିକାଲର ବିଭିନ୍ନ ୱାର୍ଡ଼ର ୟୁନିଟ୍ ଗୁଡ଼ିକରେ ନିୟମିତ ୫୦ରୁ ଅଧିକ ରୋଗୀ ଚିକିତ୍ସାଧୀନ ରହିଥିବା ବେଳେ ଘରୋଇ ସଂସ୍ଥା ପକ୍ଷରୁ ଦୈନିକ ମାତ୍ର ୧୫ରୁ ୨୦ଟି ସଫା ବେଡ୍ ସିଟ୍ ଯୋଗାଣ ହୋଉଥିବା ବିଭିନ୍ନ ୱାର୍ଡ଼ର କର୍ମଚାରୀମାନେ କହିଛନ୍ତି। ପ୍ରତିଦିନ ରୋଗୀଙ୍କ ବେଡ୍ ସିଟ୍ ପରିବର୍ତ୍ତନ କରିବାକୁ ନିୟମ ଥିବା ସତ୍ତ୍ୱେ ଘରୋଇ ସଂସ୍ଥାର ଅବହେଳାରୁ ରୋଗୀଙ୍କୁ ନିୟମିତ ବେଡ୍ ସିଟ୍ ଯୋଗାଇବା କଷ୍ଟକର ହୋଉଥିବା କର୍ମଚାରୀମାନେ କହିଛନ୍ତି। ଅନ୍ୟପକ୍ଷରେ ରୋଗୀମାନେ ୱାର୍ଡରେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କୁ ବେଡ୍‌ସିଟ୍ ମାଗିଲେ ମଧ୍ୟ ସେମାନେ ଯୋଗାଇ ଦେଉନଥିବା ରୋଗୀମାନେ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ବର୍ଷା ହେଲେ କ’ଣ ମେଡିକାଲରେ ରୋଗୀଙ୍କୁ ମୌଳିକ ସ୍ୱଚ୍ଛତା ଓ ସୁବିଧା ଯୋଗାଇବା ବନ୍ଦ ହୋଇଯିବ? ବେଡ୍‌ସିଟ୍ ଧୋଇବା ଓ ଯୋଗାଣ ପାଇଁ ନିୟୋଜିତ ସଂସ୍ଥାର ଦାୟିତ୍ୱ ଏବଂ ତଦାରଖ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ସରକାରୀ ମେଡିକାଲରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସହ ସ୍ୱଚ୍ଛ ପରିବେଶ ଯୋଗାଇବା ମଧ୍ୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। କିନ୍ତୁ ସମାନ ଅଭିଯୋଗ ବାରମ୍ବାର ଆସୁଥିବା ବେଳେ ଏଥିପ୍ରତି ମେଡ଼ିକାଲ କର୍ତ୍ତୃପକ୍ଷ ଓ ପ୍ରଶାସନର ଦୃଷ୍ଟି ପଡୁନାହିଁ। ତେଣୁ ଏହି ଅବ୍ୟବସ୍ଥାର ତୁରନ୍ତ ତଦନ୍ତ କରି ବେଡ୍‌ସିଟ୍ ଯୋଗାଣ ସ୍ୱାଭାବିକ କରିବା ସହ ଦାୟିତ୍ୱରେ ଅବହେଳା କରୁଥିବା ସଂସ୍ଥା ଓ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି।

ଖାଇବାକୁ ସ୍ଥାନ ନପାଇ ରେସ୍ତୋରାଁରେ ଭଙ୍ଗାରୁଜା, ଆକ୍ରମଣ



୯ ଗିରଫ, ୩ ଗାଡ଼ି ଜବତ

ବ୍ରହ୍ମପୁର, ୧।୧୧(ସମିସ): ଗୋପାଳପୁରସ୍ଥିତ ଏକ ରେସ୍ତୋରାଁରେ ଖାଇବା ପାଇଁ ସ୍ଥାନ ନପାଇ କର୍ମଚାରୀଙ୍କୁ ମାଡ଼ ମାରିବା, ଭଙ୍ଗାରୁଜା କରିବା ଓ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲଗୁଣ୍ଠା ଥାନା ଧୁମୁଛାଇ ଗ୍ରାମର ଗଣେଶ ଡାକୁଆ (୨୧), ଆମ୍ବପୁର ଗ୍ରାମର ଅନିଲ କୁମାର ନାହାକ (୨୭), ଆଡ଼େଇ ଗାଁର କାହ୍ନୁଚରଣ ପ୍ରଧାନ (୨୭), ଚମାଖଣ୍ଡି ଥାନା କାଳିପଲ୍ଲୀ ଗ୍ରାମର ଡି. ତେଜେଶ୍ୱର ସ୍ୱାମୀ (୨୦), ପୋଲସରା ଥାନା ସରଧାପୁର ଗ୍ରାମର ନାରାୟଣ ସାହୁ ଓରଫ ସିଲୁ (୨୪), ଛତ୍ରପୁର ଥାନା ପୁଡ଼ାପଦର ଗ୍ରାମର ମଦନ ସାହୁ (୪୦), ଭଞ୍ଜନଗର ଥାନା ଲଣ୍ଡେଇ ସାହିର ଅଂଶୁମାନ ସ୍ୱାଇଁ (୧୯), ମହାରାଷ୍ଟ୍ରର କୁର୍ଲା ଜିଲ୍ଲା ମାନକୁଡ଼ ଅଞ୍ଚଳର ସଙ୍କେତ କାଣ୍ଡେକର (୨୯) ଓ କର୍ଣ୍ଣାଟକର ଯାଦଗିର ଜିଲ୍ଲା ଆଲୁପୁରତଣ୍ଡା ଗ୍ରାମର ରୋହିତ ରାଥୋଡ଼ (୨୫)। ଘଟଣାରେ ପୁଲିସ ୩ଟି ବାଇକକୁ ମଧ୍ୟ ଜବତ କରିଛି। ସୂଚନା ପ୍ରକାରେ, ଗତ ଅକ୍ଟୋବର ୩୦ତାରିଖ ଅପରାହ୍ନ ପ୍ରାୟ ୫ଟା ସମୟରେ କିଛି ଯୁବକ ମୋଟର ସାଇକେଲରେ ଗୋପାଳପୁର ସ୍ଥିତ ‘ସାଇନ୍ ୱାଇନ୍ ଆଣ୍ଡ ଡାଇନ୍’ ରେସ୍ତୋରାଁକୁ ଖାଇବା ପାଇଁ ଆସିଥିଲେ। ସେହି ସମୟରେ ରେସ୍ତୋରାଁରେ ବସିବା ପାଇଁ ଖାଲି ସ୍ଥାନ ନଥିବାରୁ କର୍ମଚାରୀମାନେ ସେମାନଙ୍କୁ କିଛି ସମୟ ଅପେକ୍ଷା କରିବାକୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁବକମାନେ ବଳପୂର୍ବକ ରେସ୍ତୋରାଁର ଫ୍ୟାମିଲି ବିଭାଗରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଏହାକୁ କର୍ମଚାରୀମାନେ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୋଇଠା ଓ ମୁଥ ମାରି ଆକ୍ରମଣ କରିଥିଲେ। ଏପରିକି କର୍ମଚାରୀମାନଙ୍କୁ କାଠରେ ପିଟି ଆଘାତ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ। ଏତିକିରେ ସେମାନଙ୍କ ଉତ୍ପାତ ଥମି ନଥିଲା। ରେସ୍ତୋରାଁର ରୋଷେଇ ଘରେ ପଶି ଭଙ୍ଗାରୁଜା କରିବା ସହ କାଚ ଝରକା ଓ କବାଟ ଭାଙ୍ଗି ଦେଇଥିଲେ। ସେଠାରେ କାର୍ଯ୍ୟରତ ମହିଳା ସଫେଇ କର୍ମଚାରୀଙ୍କୁ ଟଣାଓଟରା କରି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ରେସ୍ତୋରାଁ ବନ୍ଦ ନକଲେ କର୍ମଚାରୀଙ୍କୁ ହତ୍ୟା କରିବାକୁ ମଧ୍ୟ କୁଆଡେ ଧମକ ଦେଇଥିଲେ। ଏନେଇ ଛତ୍ରପୁର ଅଞ୍ଚଳର ସୂର୍ଯ୍ୟ ସାହୁଙ୍କ ଅଭିଯୋଗକ୍ରମେ ଗୋପାଳପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବ୍ରହ୍ମପୁର ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି।

ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଏଫ୍ଆର୍ୟୁ ମାନ୍ୟତା

ବାଲେଶ୍ୱର(ଉତ୍ତର), ୧।୧୧ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଲୋକସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ବୃହତ୍ତମ ବ୍ଲକ ଭାବେ ବିବେଚିତ। ସାଢ଼େ ୩ ଲକ୍ଷ ଲୋକଙ୍କ ପାଇଁ ରହିଛି ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ମାତ୍ର ଏଠାରେ ସର୍ଜରୀ ଓ ଉନ୍ନତ ଚିକିତ୍ସାର ବ୍ୟବସ୍ଥା ନ ଥିବାରୁ ରୋଗୀ ଆସିଲା ମାତ୍ରେ ତାଙ୍କୁ ୧୦୦ କିମି ଦୂର ବାଲେଶ୍ୱର ଜିଲ୍ଲା ହସ୍ପିଟାଲ କିମ୍ବା ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରିବାକୁ ପଡ଼ିଥାଏ। ତେଣୁ ଜଳେଶ୍ୱରପୁର ସିଏଚସିକୁ ଏକ ଫାଷ୍ଟ ରେଫେରାଲ ୟୁନିଟ୍ (ଏଫଆରୟୁ) ରେ ପରିଣତ କରିବା ପାଇଁ ବିଗତ ୨ବର୍ଷ ହେଲା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭା ଓ ସ୍ୱାସ୍ଥ୍ୟ ବିଭାଗର ଷ୍ଟାଣ୍ଡିଂ କମିଟି ବୈଠକରେ ଦାବି କରି ଆସୁଥିଲେ। ଏଫଆରୟୁ ହେଲେ ଏଠାରେ ପ୍ରସୂତିମାନଙ୍କ ସିଜରିଆନ୍ ହେବା ସହ ଅନ୍ୟାନ୍ୟ ସର୍ଜରୀ ମଧ୍ୟ ହୋଇପାରିବ। ତେବେ ଏଇ ନିକଟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଏଫ୍ଆରୟୁର ମାନ୍ୟତା ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏଥିପାଇଁ ଜଳେଶ୍ୱରପୁର ସିଏଚସିରେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ ହୋଇ ରହିଛି। ପୂର୍ବ ସରକାର ଅମଳରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏକ ନୂତନ ବିଲ୍ଡିଂ ନିର୍ମାଣ ହୋଇ ହସ୍ପିଟାଲକୁ ହସ୍ତାନ୍ତର ସରିଛି। ମାତ୍ର ବିଡ଼ମ୍ବନା ହେଲା, ସିଡିଏମଓ, ଡି ପି ଏମ ଓ ଏନଏଚଏମର ଯନ୍ତ୍ରୀମାନଙ୍କ ସହ ବିଧାୟକ ଶ୍ରୀ ଦାସ ବାରମ୍ବାର ବୈଠକ କରିବା ସତ୍ତ୍ୱେ ବର୍ଷେ ହେଲା ନୂଆ ବିଲ୍ଡିଂରେ ବିଦ୍ୟୁତ ସଂଯୋଗ ହୋଇପାରୁନି କି ହସ୍ପିଟାଲ ସ୍ଥାନାନ୍ତର ହୋଇପାରୁନି। ତେଣୁ ଗତକାଲି ବିଧାୟକ ଶ୍ରୀ ଦାସ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡ଼ା. ମହେଶମୋହନ ପଣ୍ଡା ଓ ଏନଏଚଏମର ମିସନ ଡାଇରେକ୍ଟର ଡ. ଗଭାଲି ପରାଗ ହର୍ଷଦଙ୍କୁ ପୃଥକ୍ ଭାବେ ସାକ୍ଷାତ କରି ନୂତନ ବିଲ୍ଡିଂକୁ ତୁରନ୍ତ ସ୍ଥାନାନ୍ତର କରିବା ସହିତ ଏଫ୍ଆରୟୁକୁ କାର୍ଯ୍ୟକ୍ଷମ କରିବା, ଭୋଗରାଇର ବିଭିନ୍ନ ପି ଏଚ ସି ଓ ସି ଏଚ ସି ପାଇଁ ଆବଶ୍ୟକ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି, ନୂତନ ଓଟି ପାଇଁ ଆବଶ୍ୟକ ଯନ୍ତ୍ରପାତି ଯୋଗାଣ ଏବଂ "ଆମ ହସ୍ପିଟାଲ' ଯୋଜନାରେ ଆସିଥିବା ଅର୍ଥରେ ଜଳେଶ୍ୱରପୁର ସିଏଚସିର ନବୀକରଣ ଆଦି ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏହିସବୁ ଦାବିକୁ ତୁରନ୍ତ ପୂରଣ କରିବାକୁ ନିବେଦନ କରିଥିବା ସୂଚନା ମିଳିଛି।

- ■ ହସ୍ତାନ୍ତରର ଏକ ବର୍ଷ ପରେ ବି ନୂତନ ବିଲ୍ଡିଂକୁ ସ୍ଥାନାନ୍ତର ହୋଇପାରୁନି
- ■ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଏନଏଚଏମ ନିର୍ଦ୍ଦେଶକଙ୍କୁ ଭେଟିଲେ ଭୋଗରାଇ ବିଧାୟକ
- ■ ଷ୍ଟାଫ୍ ନିଯୁକ୍ତି ସହ ତୁରନ୍ତ ଏଫ୍ଆର୍ୟୁ କାର୍ଯ୍ୟକ୍ଷମ ପାଇଁ ଦାବି ଜଣାଇଲେ



ସଂଯୁକ୍ତା ମହାପାତ୍ରଙ୍କ ସ୍ମୃତିରେ ରକ୍ତଦାନ ଶିବିର



ସୋର, ୧।୧୧(ସମିସ): ମାନବ ସେବା ହିଁ ମାଧବ ସେବା। ରକ୍ତଦାନ ମାଧ୍ୟମରେ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବା ଭଳି ମହତ୍ କାର୍ଯ୍ୟ ଆଉ କିଛି ହୋଇପାରେ ନାହିଁ। ଏହି ମହତ୍ ଉଦ୍ଦେଶ୍ୟକୁ ଆଧାର କରି ସ୍ୱର୍ଗତ ସଂଯୁକ୍ତା ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋରସ୍ଥିତ କେ.ଏଲ୍. ମେମୋରିଆଲ ହସ୍ପିଟାଲ ପରିସରରେ ଷଷ୍ଠ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି।ଏହି ରକ୍ତଦାନ ଶିବିରରେ ଅବସରପ୍ରାପ୍ତ ବାଲେଶ୍ୱର ସିଡିଏମ୍ଓ ଶଶାଙ୍କ ଶେଖର ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ସୁପରଭାଇଜର ଭଗବାନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ପତି, ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ, ଦାମୋଦର ଦାଶମହାପାତ୍ର, ଗଙ୍ଗାଧର ପାତ୍ରୀ ଏବଂ ମେଡିକାଲ ଅଫିସର ତାରାକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡାକ୍ତର ଧୀରେଶ କୁମାର ଷଡ଼ଙ୍ଗୀ ଉପସ୍ଥିତ ଅତିଥି ଓ ରକ୍ତଦାତାମାନଙ୍କୁ ସ୍ୱାଗତ ଜଣାଇବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରକ୍ତଦାନର ମହତ୍ତ୍ୱ ଓ ଏହାର ସାମାଜିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ଶିବିରର ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା ଏକ ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ମୋଟ ୧୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କେ.ଏଲ୍. ମେମୋରିଆଲ ହସ୍ପିଟାଲର ସମସ୍ତ ଡାକ୍ତର ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ପରିବହନ ବିଭାଗ ଓ ନୀଳଗିରି ପୁଲିସର ମିଳିତ ଚଢ଼ଉ

ନୀଳଗିରି, ୧।୧୧ (ସମିସ): ରବିବାର ଅପରାହ୍ନ ପ୍ରାୟ ୪.୩୦ମିନିଟ୍ ସମୟରେ ନୀଳଗିରି ସହରସ୍ଥ ପାନବରଜ ନିକଟରେ ଜିଲ୍ଲା ପରିବହନ ବିଭାଗ ଓ ନୀଳଗିରି ପୁଲିସର ମିଳିତ ଚଢ଼ଉରେ ବାଇକ ଚାଳକଙ୍କ ଠାରୁ ୮ ୯ହଜାର ଟଙ୍କାର ଚାଲାଣ କଟାଯାଇଥିବା ଜଣାପଡିଛି। ବାଇକ୍ ଚାଳକଙ୍କ ହେଲମେଟ୍, ଲାଇସେନ୍ସ ଏବଂ ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଗାଡ଼ି ଚାଳକମାନେ ବିନା ହେଲମେଟରେ ଗାଡି ଚଳାଉଥିବା ବେଳେ ଅଧିକାଂଶଦିନ ଦୁର୍ଘଟଣାର ଶିକାରହୋଇ ଲୋକଙ୍କର ପ୍ରାଣହାନୀ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଜି ପାନବରଜ ଛକ ନିକଟରେ ମିଳିତ ଯାଞ୍ଚ ହେଉଥିଲା। ଏହି ଯାଞ୍ଚରେ ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗର ଅଧିକାରିଣୀ ସାବିତ୍ରୀ ହେମ୍ବ୍ରମ୍, ନୀଳଗିରି ଥାନା ଏସ୍ ଆଇ ବିଶ୍ୱଜିତ ସାହୁ, କନେଷ୍ଟବଳ ଧନେଶ୍ୱର କିସ୍କୁ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ଜଳେଶ୍ୱର ପୌରାଞ୍ଚଳ ଅବଶିଷ୍ଟ ୬ଟି ୱାର୍ଡକୁ ରିଲିଫ୍ ପ୍ରଦାନ ଦାବି



ଜଳେଶ୍ୱର, ୧।୧୧(ସମିସ): ସୁବର୍ଣ୍ଣରେଖା ନଦୀରେ ଲଗାତର ୪ଥର ବନ୍ୟା ଏବଂ ପ୍ରବଳ ବର୍ଷା ଫଳରେ ଜଳେଶ୍ୱର ମ୍ୟୁନିସିପାଲଟିର ୧୭ ଟା ୱାର୍ଡ ପ୍ରଭାବିତ ହୋଇଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ୧୧ଟି ୱାର୍ଡକୁ ରିଲିଫ୍ ଚାଉଳ ବଣ୍ଟନ ହେଉଥିବା ବେଳେ ଅବଶିଷ୍ଟ ୬ ଟି ୱାର୍ଡବାସୀ ସହାୟତାରୁ ବଞ୍ଚିତ ରହିଛନ୍ତି। ଫଳରେ ବନ୍ୟା ପ୍ରଭାବିତ ୨,୩,୪,୧୦,୧୪,୧୭ ୱାର୍ଡ ଅଧିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ସମାଧାନ ଲାଗି ଜଳେଶ୍ୱର ନଗରପାଳ ପ୍ରତିପ୍ କୁମାର ପ୍ରଧାନ ଜିଲ୍ଲାପାଳଙ୍କୁ ଅବଶିଷ୍ଟ ୱାର୍ଡ ବାସୀଙ୍କୁ ରିଲିଫ ସହାୟତା ନିମନ୍ତେ ଚିଠି ଲେଖିଛନ୍ତି। ଶୁକ୍ରବାର କାଉନସିଲର ସୂରଜ ଚୈରାସିୟା, ସ୍ୱାଗତିକା ପାଳ, ପୌରାଧକ୍ଷା ପୁଷ୍ପପ୍ରିୟା କାମିଲା, କବିତା ଧଳ, ସତ୍ୟବତୀ ଗିରି, ରଶ୍ମୀ ନନ୍ଦୀ ପ୍ରମୁଖ ନିଜ ନିଜ ୱାର୍ଡ ପାଇଁ ରିଲିଫ୍ ନିମନ୍ତେ ନଗରପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ତୃତୀୟଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀଙ୍କ ମାଡ଼ ଅଭିଯୋଗ

ବାଲେଶ୍ୱର(ଉତ୍ତର), ୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଲକ୍ଷ୍ମୀ ପାଟଣା ପ୍ରାଥମିକ ବିଦ୍ୟାଳୟର ଜନୈକା ତୃତୀୟ ଶ୍ରେଣୀର ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମାଡ଼ ମାରିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତା ଛାତ୍ରୀଙ୍କ ମା' ଏ ନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରେଣୀ ପ୍ରକୋଷ୍ଠରେ ମୋବାଇଲ ଫୋନରେ କଥାବାର୍ତ୍ତା କରୁଥିବା ବେଳେ ସମ୍ପୃକ୍ତା ଛାତ୍ରୀ ଜଣକ ତାଙ୍କୁ ପାଠ ସମ୍ବନ୍ଧରେ ପଚାରିଥିଲେ। ମାତ୍ର ଏଥିରେ ପ୍ରଧାନ ଶିକ୍ଷୟତ୍ରୀ ଉତକ୍ଷିପ୍ତ ହୋଇ ଛାତ୍ରୀଙ୍କ ଗାଲରେ ଚାପୁଡ଼ା ମାରିବା ସହ ଧମକ ଚମକ ଦେଇଥିବା ଛାତ୍ରୀଙ୍କ ମାଆ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପୁଲିସ କୌଣସି ମାମଲା ରୁଜୁ କରିଥିବା ବେଳେ ତଦନ୍ତ କରୁଥିବା ସୂଚନା ମିଳିଛି।

ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ହେଲେ ଶ୍ରମିକ ନେତା ଅରୁଣ ସ୍ୱାଇଁ

ବାଲେଶ୍ୱର,୧।୧୧(ସମିସ): ହିନ୍ଦ ମଜଦୁର ସଭାର ରାଜ୍ୟ ଉପସଭାପତି ଭାବରେ ନୂତନ ଦାୟିତ୍ୱ ପାଇଥିବା ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କୁ ବାଲେଶ୍ୱରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାଲେଶ୍ୱର ସହରର ଷ୍ଟେସନ ରାସ୍ତାରେ ଥିବା ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଶ୍ରମିକମାନେ ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ହେବା ଅବସରରେ ଶ୍ରୀ ସ୍ୱାଇଁ ହିନ୍ଦ ମଜଦୂର ସଭାର ରାଜ୍ୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଥିଲେ। ଦୀର୍ଘ ୩୫ ବର୍ଷ ଧରି ସ୍ୱର୍ଗତ କେନ୍ଦ୍ର ମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କ ଆଶୀର୍ବାଦ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରମୁଖଙ୍କ ସମର୍ଥନରେ ରାଜ୍ୟ ଉପସଭାପତି ପଦବୀର ଗୁରୁ ଦାୟିତ୍ୱ ମିଳିଛି। ପୂର୍ବରୁ ଉତ୍ତର ଓଡ଼ିଶାର ଦାୟିତ୍ୱ ନିଷ୍ଠାର ସହିତ ନିର୍ବାହ ପୂର୍ବକ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଓ ପ୍ରଶାସନ ନିକଟରେ ଶ୍ରମିକଙ୍କ ଦାବି ଉପସ୍ଥାପନ କରିଥିବା ବେଳେ ରାଜ୍ୟ ଉପସଭାପତି ଭାବେ ନୂତନ ଦାୟିତ୍ୱରେ ରହି ସମଗ୍ର ରାଜ୍ୟର ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସେ ସର୍ବଦା ପ୍ରୟାସରତ ରହିବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ଗୋରୁ ଚାଲାଣ ଅଭିଯୋଗ; ବିଜେପି ନେତା ନିଲମ୍ବିତ

ବାଲେଶ୍ୱର, ୧।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅଧୀନ ସାହାସପୁରାରୁ ବେଧଡ଼କ ଗୋରୁ ଚାଲାଣକୁ ନେଇ ଏବେ ଏଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଦୁଇଟି ଫୋନ୍‌କଲ୍ ଅଡିଓ ରେକର୍ଡିଂ ଓ ଫୋନ୍‌ପେ ଟଙ୍କା ନେଣଦେଣର ସ୍କ୍ରିନସଟ୍ ଭାଇରାଲ୍ ହେବା ପରେ ଗୋରୁ ଚାଲାଣ ପଛରେ ଏକ ସୁରକ୍ଷା ସିଣ୍ଡିକେଟ୍ କାର୍ଯ୍ୟ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ଅଭିଯୋଗରେ ବାଲେଶ୍ୱର ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ବରେନ୍ଦ୍ର ମହାଳିକ (ମିଥୁନ)ଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ସାମ୍ନାକୁ ଆସିଥିବା ଦୁଇଟି ଅଡିଓରେ ବରେନ୍ଦ୍ର ମହାଳିକ ଓ ଗୋରୁ ଚାଲାଣରେ ସମ୍ପୃକ୍ତ ବୋଲି ଅଭିଯୋଗ ହେଉଥିବା କିଛି ବ୍ୟକ୍ତିଙ୍କ ମଧ୍ୟରେ କଥାବାର୍ତ୍ତା ଥିବା ଅଭିଯୋଗ ହୋଇଛି। ଏଥିରେ ଗୋରୁ ଗାଡ଼ିକୁ ସୁରକ୍ଷା ଦେବା, ଗାଡ଼ି ପାସିଂ କରାଇବା ଏବଂ ମାସିକ ୩୦ ହଜାର ଟଙ୍କା ଦେବା ନେଇ ଆଲୋଚନା ହୋଇଥିବା ଶୁଣିବାକୁ ମିଳିଛି। ଏପରିକି ଗୋରୁ ବୋଝେଇ ଗାଡ଼ି ପିଛା ୮ ହଜାର ଟଙ୍କା ଦାବି କରାଯାଉଥିବା ନେଇ ମଧ୍ୟ ଅଡିଓରେ କଥାବାର୍ତ୍ତା ଥିବା କୁହାଯାଉଛି।

ଭାଇରାଲ୍ ଅଡିଓ ଅନୁଯାୟୀ, ଗୋରୁ ବୋଝେଇ ଗାଡ଼ିକୁ ପୁଲିସ ନ ଧରିବା ପାଇଁ ଜଣେ ଯୁବକଙ୍କ ମାଧ୍ୟମରେ ଟ୍ରିପ୍ ପିଛା ୨ ହଜାର ଟଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି। ସେହିପରି ଗାଡ଼ି ପାସିଂ ନାଁରେ ଟ୍ରିପ୍ ପିଛା ୧୫୦୦ ଟଙ୍କା ଆଦାୟ ହେଉଥିବା ଦାବି ମଧ୍ୟ ସାମ୍ନାକୁ ଆସିଛି। ଅର୍ଥାତ୍ ଗୋଟିଏ ଗୋରୁ ବୋଝେଇ ଗାଡ଼ିକୁ ନିର୍ବିଘ୍ନରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ହଜାର ହଜାର ଟଙ୍କାର କାରବାର ହେଉଥିବା ଅଭିଯୋଗ ଉଠିଛି। କେବଳ ଟଙ୍କା ଆଦାୟ ନୁହେଁ, କେଉଁ ରାସ୍ତା ଦେଇ ଗୋରୁ ବୋଝେଇ ଗାଡ଼ି ଗଲେ ପୁଲିସ ଯାଞ୍ଚରୁ ବର୍ତ୍ତି ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବ, ସେନେଇ ରୋଡ୍ ଚାର୍ଟ ଯୋଗାଇ ଦିଆଯାଉଥିବା ଅଭିଯୋଗ ମଧ୍ୟ ଭାଇରାଲ୍ ଅଡିଓରେ ଉଠିଛି। ଯଦି ଏହାର ସତ୍ୟତା ପ୍ରମାଣିତ ହୁଏ, ତେବେ ଗୋରୁ ଚାଲାଣକୁ ସହଯୋଗ କରିବା ପାଇଁ କେବଳ ଅର୍ଥ ନେଣଦେଣ ନୁହେଁ, ବରଂ ଯୋଜନାବଦ୍ଧ ଭାବେ ଗାଡ଼ି ଚଳାଚଳର ବ୍ୟବସ୍ଥା କରାଯାଉଥିବା ସ୍ପଷ୍ଟ ହୋଇଛି। ଘଟଣାକୁ ନେଇ ବଜରଙ୍ଗ ଦଳ ତୀବ୍ର ପ୍ରତିବାଦ କରିଛି। ସଂଗଠନର କର୍ମକର୍ତ୍ତାମାନେ ଗୋପାଳପୁର ଥାନାରେ ପହଞ୍ଚି ଭାଇରାଲ୍ ଅଡିଓର ନିରପେକ୍ଷ ତଦନ୍ତ, ଅଭିଯୋଗରେ ଥିବା ଯୁବକଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ, ଗୋରୁ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ଏବଂ ଥାନା ପୁଲିସର ସମ୍ଭାବ୍ୟ ସମ୍ପୃକ୍ତିର ତଦନ୍ତ ଦାବି କରିଛନ୍ତି। ଏ ନେଇ ଥାନା ଅଧିକାରିଣୀଙ୍କୁ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିଜେପି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ରବିବାର ଜାରି ପ୍ରେସ୍ ବିଜ୍ଞପ୍ତିରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବିଶୃଙ୍ଖଳା ଆଚରଣ ଏବଂ ଦଳୀୟ ଅନୁଶାସନ ଭଙ୍ଗ ଯୋଗୁଁ ବାଲେଶ୍ୱର ଜିଲ୍ଲା ଉପସଭାପତି ବରେନ୍ଦ୍ର ମହାଳିକଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଶୃଙ୍ଖଳା କମିଟିର ରାଜ୍ୟ ଆବାହକ ସୁଦର୍ଶନ ନାୟକଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି। ଏ ନେଇ ଗୋପାଳପୁର ଥାନା ଅଧିକାରିଣୀ ମଧୁସ୍ମିତା ସିଂ କହିଛନ୍ତି ଯେ ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏହାର ତଦନ୍ତ ଚାଲିଛି। ପୁଲିସ ଟଙ୍କା ନେଉଥିବା ଅଭିଯୋଗର ମଧ୍ୟ ସତ୍ୟାସତ୍ୟ ଯାଞ୍ଚ କରାଯାଉଛି। ଗୋପାଳପୁର ଥାନାର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏହି ଗୋରୁ ଚାଲାଣରେ ସାମିଲ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।



ଜବତ ପଥର ନିଲାମ କଲା ଖଣି ବିଭାଗ



ସୋର, ୧।୧୧(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ରାସ୍ତା କଡରେ ପଡ଼ିଥିବା ପଥରକୁ ଖଣି ବିଭାଗ ତରଫରୁ ନିଲାମ କରାଯାଇଛି। ସୂଚନା ଅନୁସାରେ ତହସିଲ ଏବଂ ଖଣି ବିଭାଗ ତରଫରୁ ବିଭିନ୍ନ ସମୟରେ ଜବତ କରାଯାଇଥିବା ବେଆଇନ ପଥର ଗାଡି ଗୁଡିକୁ ସୋର ପୁଲିସ ଦ୍ୱାରା ଏଠାରେ ଖାଲି କରାଯାଇଥାଏ। ତେବେ ଆଜି ଅପରାହ୍ନରେ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ପିତ ମଣି ସୋର ତହସିଲଦାର କୃଷ୍ଣ ମୋହନ ସିଂହଙ୍କ ଉପସ୍ଥିତିରେ କୋର୍ଟଙ୍କ ନିର୍ଦ୍ଦେଶରେ ଏହି ଗଚ୍ଛିତ ପଥରକୁ ନିଲାମ କରିଥିଲେ। ଏହି ନିଲାମକୁ ଜଣେ ହିତାଧିକାରୀ ଏକ ଲକ୍ଷ ଏକ ତିରିଶ ହଜାର ଶହେ ଏକଉଣି ଟଙ୍କାରେ ନିଲାମ ନେଇଥିଲେ। ଏହି ସମୟରେ ସୋର ଥାନା ପକ୍ଷରୁ ଏଏସଆଇ ସୁଶୀଲ ମହନ୍ତ ଉପସ୍ଥିତ ଥିଲେ।

କଥା ଦେଇ କଥା ରଖିଲେ ସରପଞ୍ଚ ▶ ଆରମ୍ଭ କଲେ ୨୪ ଘଣ୍ଟିଆ ମାଗଣା ଆମ୍ବୁଲାନ୍ସ ସେବା

ସୋର,୧।୧୧(ସମିସ): ଅସହାୟ ରୋଗୀ ମାନଙ୍କ ପାଇଁ ନିର୍ବାଚନରେ ଦେଇ ଥିବା ପ୍ରତିଶୃତି ମାଗଣା ଆମ୍ବୁଲାନ୍ସ ସେବାକୁ ଆଜି ଶୁଭାରମ୍ଭ କରିଛନ୍ତି କେଦାରପୁର ସରପଞ୍ଚ ସୁପ୍ରିୟା ଜେନା। ସରପଞ୍ଚ ଶ୍ରୀମତୀ ଜେନାଙ୍କ କହିବା ଅନୁସାରେ ବିଗତ ନିର୍ବାଚନ ସମୟରେ ଏହି ପଞ୍ଚାୟତ ପାଇଁ ଏକ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାରଣ ଅଧିକାଂଶ ଅଞ୍ଚଳ ଯେମିତି ଘାସୁଆ, କବିରପୁର, ବାଣିସିଆ, ପାଳପୁର, ସହିତ ପଞ୍ଚାୟତର ସମସ୍ତ ଅଞ୍ଚଳରୁ ନିକଟସ୍ଥ ସୋର ମେଡିକାଲକୁ ରୋଗୀ ମାନେ ଯିବା ପାଇଁ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିଲେ ଏବଂ ସରକାରୀ ଆମ୍ବୁଲାନ୍ସ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ତେଣୁ ଏହାକୁ ଆଖି ଆଗରେ ରଖି ପ୍ରତିଶ୍ରୁତି ଦେଇଥିଲେ। ବିଳମ୍ବ ହେଲେ ସୁଦ୍ଧା ଦେଇ ଥିବା ପ୍ରତିଶ୍ରୁତି ପାଳନ ପାଇଁ ଆଜି ଏହି ଆମ୍ବୁଲାନ୍ସ ସେବା ଘାସୁଆ ଛକ ମା ତାରିଣୀ ମନ୍ଦିର ସମ୍ମୁଖରେ ପୂଜା କରି ମା ତାରିଣୀଙ୍କ ଆର୍ଶୀବାଦ ଭିକ୍ଷା କରିବା ସହିତ ଏହି ମାଗଣା ଆମ୍ବୁଲାନ୍ସ ସେବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୋର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶ୍ରୀକାନ୍ତ ଜେନା, ସମିତିସଭ୍ୟ ରାଜେଶ କୁମାର ନାୟକ ଏବଂ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ମିରିଗିଣିରେ ବିଜେଡିର କର୍ମୀ ସମ୍ମିଳନୀ

ନୀଳଗିରି, ୧।୧୧(ସମିସ): ନୀଳଗିରି ଉପଖଣ୍ଡ ତଥା ନୀଳଗିରି ଏନଏସି ୪ନମ୍ବର ୱାଡ଼ ମିରିଗିଣି ଓ ୩ ନମ୍ବର ୱାର୍ଡ ଶାଳବନ୍ଧ ବେତଶୂଳ, ଯାଉଁରୀ, ଚଟିରିସାହି ଠାରେ ଆଜି ନୀଳଗିରି ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀକୁ ମିରିଗିଣି ଗ୍ରାମର ବିଜେଡି ବରିଷ୍ଠ ନେତୃତ୍ୱ ମାନେ ଆୟୋଜନ କରିଥିଲେ।ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବାଲେଶ୍ୱର ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ନଗର ସଭାପତି ଅଚ୍ୟୁତ ପ୍ରଧାନ, ପୂର୍ବତନ ଏସଡିସି ଅଧ୍ୟକ୍ଷ ମଦନ ମୋହନ ମାଝୀ , ମିରିଗିଣି ବିଜେଡି କମିଟି ସାଧାରଣ ସମ୍ପାଦକ ସୁନୀଲ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ନଟୁ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ନୀଳଗିରି ଏନଏସିକୁ କିଭଳି ଭାବେ ଆୟତ୍ତରେ ରଖାଯାଇପାରିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ତତସହିତ ଆଗାମୀ ପୌର ନିର୍ବାଚନ ନେଇ ରଣ କୌଶଳ ପ୍ରସ୍ତୁତ କରାଯାଇଥିଲା। ଗଙ୍ଗା ସିଂ, କ୍ଷେତ୍ର ମୋହନ ସିଂ, ଗେଣ୍ଡୁଆ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ପାଗୁଲୁ ସେଠୀ, ସନୁ ଦଳେଇ, ଲିପୁ ନାୟକ, ଗୌର ସିଂ, ମଣ୍ଟୁ ପରିଡା, ବାବୁ ସିଂ, ରାଜୁ ସିଂ, ମାନସ ସ୍ୱାଇଁ, ରଶ୍ମିରେଖା ଆଚାର୍ଯ୍ୟ, ରାନୁ ନାୟକ ପ୍ରମୁଖ ଶତାଧିକ ନେତୃତ୍ୱ, ବିଜେଡି କର୍ମୀ ଏବଂ ଅଞ୍ଚଳବାସୀ ଯୋଗ ଦେଇଥିଲେ।

ଭାଲୁ ଆକ୍ରମଣରେ ଜଣେ ଆହତ

ନୀଳଗିରି, ୧।୧୧ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅନ୍ତର୍ଗତ ଧୋବଶିଳା ଗ୍ରାମର ଗୋବିନ୍ଦ ମଲ୍ଲିକ୍ (୮୦) ରବିବାର ସକାଳେ ବିଲକୁ ଯିବା ସମୟରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୂଡ ପାହାଡରୁ ଖସି ଆସିଥିବା ଏକ ଭାଲୁ ସକାଳ ହେବାରୁ ଫେରିନପାରି ଗ୍ରାମ ପାଖ ବିଲରେ ଘୁରିବୁଲୁଥିବା ବେଳେ ଏହି ଭାଲୁଟି ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ ପଛ ପିଚାରେ ଗଭୀର ଆଘାତ ଲାଗିଥିବା ବେଳେ ଆହତ ଶ୍ରୀ ମଲ୍ଲିକଙ୍କୁ ତାଙ୍କ ପରିବାର ଲୋକେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି।

ଅଷ୍ଟମ କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ସମାରୋହ

ବାଲେଶ୍ୱର, ୧।୧୧(ସମିସ)




▶▶ ଯୀଶୁକ୍ରୀଷ୍ଟ ଦାସଙ୍କୁ 'ଚନ୍ଦ୍ର କୁମାର କବିତା ସମ୍ମାନ-୨୦୨୬'

▶▶ ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ 'ଦ ସ୍ମାଇଲିଂ ପେନ୍' ଉନ୍ମୋଚିତ

ପୃଥିବୀର ସବୁଠାରୁ ବଡ଼ ଶ୍ମଶାନ ପୁରୀର ସ୍ୱର୍ଗଦ୍ୱାର କିମ୍ବା ବାରାଣସୀର ହରିଶ୍ଚନ୍ଦ୍ର ଘାଟରେ ନାହିଁ, ତାହା ମଣିଷର ଛାତି ଭିତରେ ରହିଛି, ଯେଉଁଠି ପ୍ରତି ମୁହୂର୍ତ୍ତରେ ଅସଂଖ୍ୟ ସ୍ୱପ୍ନ ଓ ଆଶାର ଶବଦାହ ହୋଇଥାଏ। ବିଶିଷ୍ଟ କଥାକାର ତଥା ସାହିତ୍ୟ ଏକାଡେମୀର ଆବାହକ ଡକ୍ଟର ଗୌରହରି ଦାସ ଅଷ୍ଟମ କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହି ମତ ରଖିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ କବି ତଥା ପ୍ରଶାସକ ଧନଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ଏହି ସମାରୋହରେ ଯୁବକବି ଯୀଶୁକ୍ରୀଷ୍ଟ ଦାସଙ୍କୁ ୨୦୨୬ ବର୍ଷ ପାଇଁ "ଚନ୍ଦ୍ର କୁମାର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଯୀଶୁକ୍ରୀଷ୍ଟ ଏହାକୁ ନିଜ ସାହିତ୍ୟିକ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ବୋଲି ଅଭିହିତ କରିଥିଲେ। ଏହି ଅବସରରେ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ନାତୁଣୀ ତଥା ତୃତୀୟ ପିଢ଼ିର ସୃଜନଶୀଳ ପ୍ରତିନିଧି ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ "ଦ ସ୍ମାଇଲିଂ ପେନ୍' ଉନ୍ମୋଚିତ ହୋଇଥିଲା। ସମାରୋହରେ ଅଧ୍ୟକ୍ଷତା କରି କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ସଂସଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ସଭାର ମର୍ଯ୍ୟାଦା ରକ୍ଷା ସହ ସାହିତ୍ୟିକ ପରମ୍ପରା ଓ ସ୍ମୃତି ସଂରକ୍ଷଣର ଗୁରୁତ୍ୱ ଉପରେ ମତ ରଖିଥିଲେ। କବି ତଥା ସମ୍ପାଦକ କୃଷ୍ଣ କୁମାର ମହାନ୍ତି କବି ଚନ୍ଦ୍ର କୁମାର ମହାନ୍ତିଙ୍କ କବିତାରେ ପ୍ରତିଫଳିତ ପ୍ରଗତିଶୀଳ ଚେତନା ଓ ସାମାଜିକ ଦୃଷ୍ଟିଭଙ୍ଗୀର ବିଶ୍ଳେଷଣ କରିବା ସହ ଦ୍ୟୁତି ମହାନ୍ତିଙ୍କ କବିତା ସଂକଳନର ଭାବବସ୍ତୁ ଓ କାବ୍ୟିକ ଅଭିବ୍ୟକ୍ତି ଉପରେ ସମୀକ୍ଷାତ୍ମକ ମତ ରଖିଥିଲେ। ପ୍ରାରମ୍ଭରେ କବି ଶୁଭେନ୍ଦୁ ଦାସ ସ୍ୱାଗତ ଭାଷଣ ଦେବା ସହ ପୁସ୍ତକ ସମ୍ପର୍କରେ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ। ବିଶିଷ୍ଟ ଗାଳ୍ପିକ ତଥା କବି ଗଙ୍ଗାଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ସୁନୀଲ ମିଶ୍ର ଅତିଥିମାନଙ୍କୁ ତୈଳଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ କବି ଶ୍ରୀଦେବ ଓ କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି ଡ. ଗୌରହରି ଦାସ ଏବଂ ସମ୍ମାନିତ ଅତିଥି ଧନଞ୍ଜୟ ସ୍ୱାଇଁଙ୍କୁ ଜଉକଣ୍ଢେଇ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ସହରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ସାମ୍ବାଦିକ ଓ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ଅନୁରାଗୀମାନେ ଯୋଗ ଦେଇଥିଲେ। କବିଙ୍କ ବଡ଼ପୁଅ ତଥା ସାମ୍ବାଦିକ ଉବାଚକ ମହାନ୍ତି ଓ ସାନପୁଅ କବି ଉତ୍ପଳ ମହାନ୍ତି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଶେଷରେ କବି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

କଟକ ସିଟି



୫ରୁ ବାଣ ବିକ୍ରି: ଏବେଠୁ ବେଧଡ଼କ ବେଆଇନ କାରବାର

କଟକ,୧।୧୧(ସମିସ)

ସହରରେ ନଭେମ୍ବର ୮ ଅର୍ଥାତ୍ ସପ୍ତାହକ ପରେ ଦୀପାବଳି ପାଳନ କରାଯିବ। ସହରବାସୀ ଏହି ଆଲୋକର ପର୍ବକୁ ଧୁମଧାମ୍‌ରେ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏବେଠାରୁ ବେଆଇନ ବାଣ କାରବାର ଜୋରଦାର୍ ହେବାରେ ଲାଗିଛି। ସହରର କେତେକ ଅସାଧୁ ବାଣ ବ୍ୟବସାୟ ସେମାନଙ୍କ ଗୋଦାମ୍‌ରୁ ଚୋରାରେ ବାଣ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ସେମାନେ ଗ୍ରୀନ୍ କ୍ରାକର୍ ବ୍ୟତୀତ ନିଷିଦ୍ଧ ବମ୍ ବିକ୍ରି କରୁଛନ୍ତି। ସହର ନିକଟବର୍ତ୍ତୀ ଗ୍ରାମାଞ୍ଚଳରୁ ଏହି ବାଣ ଆଣି ବେଧଡ଼କ୍ ବ୍ୟବସାୟ କରୁଥିବା ବେଳେ ପୁଲିସ ସେମାନଙ୍କ ଗୋଦାମ ଉପରେ ଚଢ଼ଉ କରି ପାରିନାହିଁ।

ଅନ୍ୟପଟେ ଆସନ୍ତା ୫ ତାରିଖରେ ସହରରେ ସମସ୍ତ ବୈଧ ବାଣ ଦୋକାନ ଖୋଲିବ। ଏହାପୂର୍ବରୁ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ ବାଣ ବିକ୍ରୟ କରୁଛନ୍ତି। ଆଜି ଏ ବେଆଇନ ବାଣ ବିକ୍ରୟ ସମ୍ପର୍କରେ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓଙ୍କୁ ବୈଧ ବାଣ ଦୋକାନୀମାନେ ସୂଚନା ଦେବା ସହିତ ତୁରନ୍ତ ଚଢ଼ଉ କରିବାକୁ ନିବେଦନ କରିଛନ୍ତି। ମୁଖ୍ୟତଃ ଦେବୀଗଡ଼ା, ପୁରୁଣା ଜେଲ୍ ପଡ଼ିଆ, ଖାନନଗର କାଳୀମନ୍ଦିର ସମ୍ମୁଖସ୍ଥ ଖୋଲା ସ୍ଥାନ(ସିଏନ୍‌ବିଟି ସମ୍ମୁଖସ୍ଥ ଜାଗା), ପଞ୍ଚମୁଖୀ ମନ୍ଦିର ନିକଟସ୍ଥ ପଡ଼ିଆ, ଚାଉଳିଆଗଞ୍ଜ ଖେଳପଡ଼ିଆ ଏବଂ ନେତାଜୀ ଖେଳ ପଡ଼ିଆ, ବାଲିଯାତ୍ରା ତଳ ଓ ଉପର ପଡ଼ିଆ, କୃଷକ ବଜାର, ସିଡିଏ ସେକ୍ଟର-୯ ଅଞ୍ଚଳରେ ବାଣ ବଜାର ଖୋଲାଯିବ। ଏହି ବାଣ ଦୋକାନଗୁଡ଼ିକ ପ୍ରଶାସନିକ ଅନୁମତି ତଥା ଲାଇସେନ୍ସ ନେଇ ବ୍ୟବସାୟ କରିବେ। କିନ୍ତୁ ଅସାଧୁ ବ୍ୟବସାୟଙ୍କ ହାତରେ ଆଉ ୪ଦିନ ସମୟ ରହିଥିବା ବେଳେ ସେମାନେ ବେଆଇନ୍ ବାଣ କାରବାର କରୁଥିବା ଅଭିଯୋଗ ଉଠିଛି।

ଗତକାଲି କମିସନରେଟ୍ ପୁଲିସ ପକ୍ଷରୁ ବେଆଇନ ବାଣ କାରବାରକୁ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହିକ୍ରମରେ ବାରଙ୍ଗ ଥାନା ଅନ୍ତର୍ଗତ ନରାଜ-ମାର୍ଥାପୁର ରେଳଷ୍ଟେସନ ନିକଟରେ ଏକ ଜନବସତି ଅଞ୍ଚଳରେ ଚାଲିଥିବା ବେଆଇନ ବାଣ ଗୋଦାମ ଉପରେ ପୁଲିସ ଅଚାନକ ଚଢଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଜବତ ହୋଇଥିବା ବାଣର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଗୋଦାମ ପରିଚାଳନା ପାଇଁ ଆବଶ୍ୟକ ଲାଇସେନ୍ସ କିମ୍ବା ସରକାରୀ ଅନୁମତି ନଥିବା ଜଣାପଡ଼ିବା ପରେ ପୁଲିସ ଏହି ପଦକ୍ଷେପ ନେଇଛି। ଚଢଉ ସମୟରେ ଗୋଦାମ ମାଲିକ ଫେରାର୍ ହୋଇଯାଇଥିଲା। ସେହିପରି, ପୁଲିସ ସ୍ଥାନୀୟ ବେଲଗାଛିଆ ଅଞ୍ଚଳରେ ଥିବା ଏକ ବାଣ କାରଖାନା ଉପରେ ଚଢଉ କରି ପ୍ରାୟ ୪୦ ହଜାର ଟଙ୍କାର ବାଣ ଜବତ କରିଥିଲା। ଦୀପାବଳିକୁ ଦୃଷ୍ଟିରେ ରଖି ବେଆଇନ ଭାବେ ବାଣ ମହଜୁଦ କିମ୍ବା ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିସନରେଟ୍ ପୁଲିସ ଚେତାବନୀ ଦେଇଛି।

ଅସ୍ଥାୟୀ ବାଣ ଦୋକାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା, ବିପଦପୂର୍ଣ୍ଣ ସାମଗ୍ରୀକୁ ଆଦୌ ବିକ୍ରୟ ନକରିବା, ଯେଉଁ ଧାଡିରେ ବାଣ ଦୋକାନଗୁଡ଼ିକ ଖୋଲିବ, ସେଠାରେ ନିର୍ଦ୍ଦିଷ୍ଟ ଦୂରତା ଅବଲମ୍ବନ କରିବା ଏବଂ ଆଦୌ ବିପଦପୂର୍ଣ୍ଣ ବାଣ ବିକ୍ରୟ ନକରିବା ଉପରେ ଚଳିତ ବର୍ଷ ପୁଲିସ ଗୁରୁତ୍ୱ ଦେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି)ର ସମସ୍ତ ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବାକୁ କୁହାଯାଇଛି। ସେହିପରି ଯେଉଁସ୍ଥାନରେ ବାଣ ବ୍ୟବସାୟୀମାନେ ଅସ୍ଥାୟୀ ଦୋକାନ କରିବେ, ସେଠାରେ ଗୋଟିଏ ବାଣ ଦୋକାନରୁ ଅନ୍ୟ ବାଣ ଦୋକାନ ମଧ୍ୟରେ ଦୂରତା ୩ମିଟର ରଖାଯିବ। ଚଳିତ ବର୍ଷ ଏହାକୁ କଡାକଡି ଭାବେ ପାଳନ କରିବାକୁ କମିସନରେଟ୍ ପୁଲିସର ନିର୍ଦ୍ଦେଶ ରହିଛି। ଏହାଉପରେ ସ୍ଥାନୀୟ ଅଗ୍ନିଶମବାହିନୀ ସ୍ୱତନ୍ତ୍ର ନଜର ରଖିବେ। ପ୍ରତ୍ୟେକ ବାଣ ଦୋକାନୀ ନିଜ ଦୋକାନ ଭିତରେ ୨ଟି ଅଗ୍ନି ନିର୍ବାପକ ଯନ୍ତ୍ର, ବାଲି ଓ ପାଣି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଦୋକାନ ଖୋଲାଯିବା ପରେ ତମ୍ବୁ ଓ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯିବ ବୋଲି ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର କହିଛନ୍ତି। ଅନ୍ୟପଟେ ଯେଉଁ ସ୍ଥାନରେ ବାଣ ଦୋକାନଗୁଡ଼ିକ ଖୋଲାଯିବ, ବାଣ ଦୋକାନୀମାନେ ଗୋଟିଏ ଟେଣ୍ଟ୍ ହାଉସ ମାଲିକଙ୍କୁ ଅସ୍ଥାୟୀ ଦୋକାନ ଘର ନିର୍ମାଣ କରିବାକୁ କହିଥାଆନ୍ତି। ଯାହାଫଳରେ ସମ୍ପୃକ୍ତ ଟେଣ୍ଟ୍ ମାଲିକ ଦୋକାନଗୁଡ଼ିକ ମଧ୍ୟରେ ବିଶେଷ ଦୂରତା ନରଖି ଗୋଟିଏ ତମ୍ବୁ ତଳେ ୫୦ରୁ ଅଧିକ ବାଣ ଦୋକାନ କରିଥାଆନ୍ତି। ଏଥର ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିକୋଣରୁ କମିସନରେଟ୍ ପୁଲିସ ପକ୍ଷରୁ ବାଣ ଦୋକାନ ଖୋଲିବା ନେଇ ରହିଥିବା କଟକଣା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

■ ବାଣ ଦୋକାନୀଙ୍କୁ ଲାଇସେନ୍ସ ପ୍ରଦାନ ସରିଛି
■ ଦୋକାନ ଖୋଲିବା ପୂର୍ବରୁ ଅସାଧୁ ବ୍ୟବସାୟୀଙ୍କ ରାଜୁତି

ବିଶ୍ୱ ମିତବ୍ୟୟିତା ଦିବସ

କଟକ,୧।୧୧(ସମିସ): ଜିଲ୍ଲା ପ୍ରଶାସନ ଓ ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ ବିଶ୍ୱ ମିତବ୍ୟୟତା ଦିବସ ପାଳନ କରାଯାଇଛି। ଏକ ସଚେତନତା ସଭାକୁ ପଥଚାରୀ ସଂଘର ସଭାପତି ଦେବେନ୍ଦ୍ର ସୁତାର ପରିଚାଳନା କରିଥିଲେ। ସାଇବର ଥାନାର ଭାରପ୍ରାପ୍ତ ଅଧିକାରୀ ରଶ୍ମିତା ଜେନା ସାଇବର ଠକେଇରୁ ସୁରକ୍ଷା, ସ୍ୱଳ୍ପ ସଂଚୟ ଯୋଜନା ସମ୍ପର୍କରେ କଟକ ଡାକ ବିଭାଗର ଅମରେଶ କୁମାର ହନୁମାନ, କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସନ୍ତୋଷ କୁମାର ରଥ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡ଼ ବିଷ୍ଣୁଚରଣ ସାହୁ, ଡାକ୍ତର ସଂଜିତ ପଟ୍ଟନାୟକ, ରବିନ୍ଦ୍ରନାଥ ସ୍ୱାଇଁ, ଦୁର୍ଗାପ୍ରସାଦ ମିଶ୍ର, ସୂର୍ଯ୍ୟ ରାଓ, ଦେବାନନ୍ଦ ଦଳବେହେରା, କୁଞ୍ଜବିହାରୀ ପଣ୍ଡା, ଅନିଲ ରାୟ, ମନୋରଞ୍ଜନ ଦାସ, ରମେଶଚନ୍ଦ୍ର ସାହୁ, ନରେନ୍ଦ୍ର ଦାସ ଏବଂ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଦୁର୍ଘଟଣାରେ ଯୁବକ ଗୁରୁତର

କଟକ,୧।୧୧(ସମିସ): ବିଡ଼ାନାସୀ ଥାନା ନିକଟରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି। ସେ ଏକ ବାଇକ୍‌ରେ ଦ୍ରୁତଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ କଡ଼ରେ ଥିବା ଏକ ପାନଦୋକାନରେ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେ ବେହୋସ ହୋଇ ରାସ୍ତା ଉପରେ ପଡ଼ିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ପଠାଇଥଲା। ଯୁବକଙ୍କ ପରିଚୟ ମିଳି ନଥିବା ବେଳେ ତାଙ୍କ ନିକଟରୁ ଏକ ମୋବାଇଲ୍ ଏବଂ ପର୍ସ ପୁଲିସ ଜବତ କରିଛି।

ଗଞ୍ଜେଇ ବେପାରୀ ଗିରଫ

କଟକ,୧।୧୧(ସମିସ): ପାର୍ବଣ ଚାଲିଥିବା ସମୟେର ନିଶା କାରବାର ସହରେ ସକ୍ରିୟ ରହିଛି। ଏହାକୁ ନେଇ ପୂର୍ବ ଯୋଜନା ଅନୁସାରେ ପୁଲିସ ମଧ ପ୍ରସ୍ତୁତ ରହିଛି। ବିଭିନ୍ନ ସ୍ଥାନରୁ ନିଶା କାରବାର ଉପରେ ନଜର ରଖିଛି। ଏହିକ୍ରମରେ ଜଗତପୁର ପୁଲିସ ମହାନଦୀ ବ୍ରିଜ୍ ଉପରୁ ଜଣେ ଚୋରା ଗଞ୍ଜେଇ ବେପାରୀକୁ ଗିରଫ କରିଛି। ତା' ଘର ଢେଙ୍କାନାଳରେ ହୋଇଥିବା ବେଳେ ନାଁ ଅଶୋକ ବେହେରା। ସେ ଗଞ୍ଜେଇ ନେଇ ନଦୀବନ୍ଧରେ ଯାଉଥିବା ବେଳେ ପୁଲିସ ତାକୁ ଧରିବା ସହିତ ସହିତ ତା'ନିକଟରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଯାହାର ମୂଲ୍ୟ ୧୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ମଧ ସହରରେ ନିଶା କାରବାରକୁ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ପୁଲିସ ପାଟ୍ରୋଲିଂ ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ସୂଚନା ରହିଛି।

ହୋପ୍ ଏଜ୍ ପକ୍ଷରୁ ଆଲୋଚନାଚକ୍ର



କଟକ,୧।୧୧(ସମିସ): ହୋପ୍ ଏଜ ଟ୍ରଷ୍ଟ ପକ୍ଷରୁ ସନ୍ଧ୍ୟାରେ ମର୍କତନଗର ସେକ୍ଟର ୭ସ୍ଥିତ ଆଶ୍ରୟ ଦି ସେଲଟରରେ ବରିଷ୍ଠ ନାଗରିକଙ୍କର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନର ମୁଖ୍ୟ ପ୍ରସାଦ ତ୍ରିପାଠୀ ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇ କହିଲେ ଯେ ବରିଷ୍ଠ ନାଗରିକମାନେ ମନରେ ଆଦୌ ନକାରାତ୍ମକ ଚିନ୍ତାଧାରା ସ୍ଥାନ ଦେବା ଉଚିତ ନୁହେଁ। ନିଜକୁ ସର୍ବଦା ସକ୍ରିୟ ଓ ଆନନ୍ଦ ମୁଖର ରଖିବାକୁ ପ୍ରୟାସ କରନ୍ତୁ। ଏହାଦ୍ୱାରା ପରିଣତ ବୟସରେ ଜୀବନ ସୁଖ, ଶାନ୍ତିରେ ପରିପୂର୍ଣ୍ଣ ହୋଇଯିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ, ଉପ ସଭାପତି ବିଜୟ ପୁଷ୍ଟି, ସଂପାଦକ ରଂଜିତ ସାହୁ, ଯୁଗ୍ମ ସଂପାଦିକା ସୁଜାତା ପଟ୍ଟନାୟକ, ବୃନ୍ଦାବନ ହୋତା, ପ୍ରମିଳା ଦାସବର୍ମା, ଇଂ କେ.କେ ଦାସ ବର୍ମା, କସ୍ତୁରୀ ରାୟ, ହିମାଂଶୁ ବାଳା ପଟ୍ଟନାୟକ, ଉତ୍କଳ ଭୂଷଣ ରାଉତରାୟ, ପିକେ ସାହୁ, ପ୍ରମୋଦ ପଟ୍ଟନାୟକ, ଶଶିଭୂଷଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରସରାଜ ନାୟକ ସଂଗୀତ ପରିବେଷଣ କରିଥିଲେ।

ଏସ୍‌ସିବିରେ ରୋଗୀସେବାକୁ ଅଣଦେଖା

କାର୍ଯ୍ୟ ଅଧାରୁ ପାଳନ ହେଉଛି ଜନ୍ମଦିନର ସେଲିବ୍ରେସନ୍

କଟକ,୧।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀସେବା ବଦଳରେ କର୍ମଚାରୀମାନେ ମଉଜ ମସ୍ତିରେ ମସଗୁଲ ରହୁଛନ୍ତି। ରୋଗୀ ସେବାକୁ ପଛରେ ପକାଇ ନିଜର ଜନ୍ମ ଦିନ ପାଳନ କରୁଛନ୍ତି। କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ରୋଗୀସେବା ଏକପ୍ରକାର ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜଣେ କର୍ମଚାରୀ ନିଜର ଜନ୍ମଦିନ ପାଳନ କରୁଥିବା ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏସସିବିର ୫ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କେକ୍ କାଟିବାର ଫଟୋ ଭିଡିଓର ଦୃଶ୍ୟ ଏଥିରେ ଦେଖିବାକୁ ମିଳିଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ଛତ୍ରଛାୟା ତଳେ ରହୁଥିବା କର୍ମଚାରୀମାନେ ରୋଗୀସେବାରୁ ନିବୃତ୍ତ ରହୁଥିବାରୁ ସେମାନଙ୍କୁ ପ୍ରଶ୍ନ କରିବାକୁ କାହାର ସାହସ ହେଉନାହିଁ। କାର୍ଯ୍ୟ ସମୟରେ ଏଭଳି ମଉସ ମଜଲିସ କରିବା ଦ୍ୱାରା ରୋଗୀସେବା ବାଧାପ୍ରାପ୍ତ ହେଉଛି। ଅତିରିକ୍ତ ମେଡିକାଲ ଅଧୀକ୍ଷକ (ଷ୍ଟୋର) ରେ କର୍ମଚାରୀ ଜଣକ ଠିକାସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବା ବେଳେ ବଡବାବୁ ଅନୁପସ୍ଥିତିରେ ନିଜର ପତିଆର ବୃଦ୍ଧି କରୁଛନ୍ତି। କର୍ମଚାରୀ ବଡ ବାବୁଙ୍କ ନିକଟରେ ଗଲେ ବିଭିନ୍ନ କାର୍ଯ୍ୟରେ କର୍ମଚାରୀଙ୍କୁ ସହଯୋଗ କରିବା ପରିବର୍ତ୍ତେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଗତ କିଛି ଦିନ ତଳେ ଉକ୍ତ କର୍ମଚାରୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ତାହାକୁ ଏସ୍‌ସିବିରେ ଧୁମ୍‌ଧାମରେ ତାହାକୁ ପାଳନ କରିଥିଲେ।



୫ରୁ ୬ଟି ସ୍ଥାନରେ ଉତ୍ସବକୁ ପାଳନ କରିବା ସହ କେକ କାଟିବା ଫଟୋ ଉଠାଯାଇଥିଲା। ଉକ୍ତ ଫଟୋରେ ଏସସିବିର ନିରାୟମ-୩ ନମ୍ବର କାଉଣ୍ଟର, ଅକ୍ସିଜେନ, ସେଣ୍ଟ୍ରାଲ ଷ୍ଟୋର, ଆରଡିସି କାର୍ଯ୍ୟାଳୟ ସମେତ ଅନ୍ୟ ସ୍ଥାନରେ ଗୋଟିଏ ଦିନରେ କେକ୍ କଟାଯାଇଥିଲା। ନିରାମୟ କେନ୍ଦ୍ରରେ ରୋଗୀଙ୍କ ଲାଗି ୨୪ ଘଣ୍ଟିଆ ଔଷଧ ବିତରଣ କରାଯାଏ। ତେବେ କର୍ମଚାରୀ ସେଠାକୁ ଯାଇ ଅନ୍ୟ କର୍ମଚାରୀଙ୍କୁ ଏକତ୍ରିତ କରି କିଭଳି ଭାବେ ଜନ୍ମ ଦିନ ପାଳନ କରୁଥିଲେ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ନିରାମୟ କେନ୍ଦ୍ରରେ ଜରୁରୀ ଔଷଧ ପ୍ରଦାନ କରାଯାଏ। ହେଲେ କର୍ମଚାରୀମାନେ କାର୍ଯ୍ୟ ନକରି କିଭଳି ଭାବେ ଅବହେଳା ଜନ୍ମ ଦିନ ପାଳନରେ ମସ୍ତି କରୁଥିଲେ ତାହାକୁ ନେଇ ଏବେ ଚର୍ଚ୍ଚା ହେଉଛି। ଅତିରିକ୍ତ ମେଡିକାଲ ଅଧୀକ୍ଷକ(ଷ୍ଟୋର) ମଧ୍ୟ ଉକ୍ତ ଫଟୋରେ ରହିଛନ୍ତି। କେଉଁ ସ୍ଥିତିରେ ଏଭଳି ମଉଜମଜଲିସ କରାଯାଉଛି ଏହା ପଛରେ କାହାର ହାତର ରହିଛି ତାହକୁ ତଦନ୍ତ କରିବାର ଆବଶ୍ୟକ ରହିଛି।

ଅନ୍ୟପକ୍ଷରେ, ଏସସିବିରେ ଠିକା ସଂସ୍ଥାର କର୍ମଚାରୀମାନେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛନ୍ତି। କିଛି ଦିନ ତଳେ ଠିକାସଂସ୍ଥାର ଜଣେ ଡାଟା ଏଣ୍ଟ୍ରି ଅପରେଟର କୋଟି କୋଟି ଅର୍ଥ ଆତ୍ମସାତ କରିଥିବା ଘଟଣା ସାମ୍ନାକୁ ଆସିଥିଲା। ଠିକା ସଂସ୍ଥାର କର୍ମଚାରୀଙ୍କ ସାହସ ବଢ଼ିବା ପଛରେ କେଉଁ ପ୍ରଭାବଶାଳୀ ବ୍ୟକ୍ତି ରହୁଛନ୍ତି ତାହାର ତଦନ୍ତ ଦାବି ହୋଇଛି।

ସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କର୍ମଚାରୀମାନେ ରୋଗୀସେବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ନିଜର ସମୟ ଅପଚୟ କରିବେ ନାହିଁ ବୋଲି ମାର୍ଗଦର୍ଶିକା ଜାରି ହୋଇଛି। ଏଭଳି କର୍ମଚାରୀ ଧରାପଡିଲେ ସେମାନଙ୍କ ପ୍ରତି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମା ରହିଛି। ହେଲେ କର୍ମଚାରୀ ଜଣକ କିଭଳି ଭାବେ ନିଜ ଜନ୍ମ ଦିନକୁ ଏସସିବି କ୍ୟାମ୍ପସରେ ପାଳନ କରୁଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦରଜୀ ସାହି କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ସ୍ମୃତିସଭା



କଟକ,୧।୧୧(ସମିସ): ଚାନ୍ଦିନୀଚୌକ ଦୁର୍ଗା ପୂଜା କମିଟିର ସମ୍ପାଦକ ସ୍ୱର୍ଗତ ସୁଶାନ୍ତ କୁମାର ପାଣି ଏବଂ ଦରଜିସାହିର ବରିଷ୍ଠ ମୁରବୀ ସ୍ୱର୍ଗତ ବୈରାଗୀ ଚରଣ ସିଂହଙ୍କ ବିୟୋଗରେ ଚାନ୍ଦିନୀଚୌକ ଦରଜିସାହି କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଏକ ଶୋକ ତଥା ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଦରଜିସାହିସ୍ଥିତ ଶ୍ରୀ ସାଇବାବା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସଭାରେ କାର୍ତ୍ତିକେଶ୍ୱର ପୂଜା କମିଟିର ସଭାପତି କିଶୋର କର୍ମକାର ଅଧକ୍ଷତା କରିଥିବା ବେଳେ ସମ୍ପାଦକ ବିଜୟ କୁମାର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ଉପସ୍ଥିତ ଅତିଥି ତଥା ଆଇନଜୀବୀ ବିଶ୍ୱନାଥ ଦାସ ଏବଂ ଯତୀନ୍ଦ୍ର କୁମାର ଦାସ ସ୍ୱର୍ଗତ ପାଣି ଓ ସ୍ୱର୍ଗତ ସିଂହଙ୍କ ସମାଜସେବା ତଥା ନିଷ୍ପାପର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ସଭାପତି ପ୍ରଦୀପ କୁମାର ସିଂହ ଉଭୟ ଦିବଙ୍ଗତ ବ୍ୟକ୍ତିଦ୍ୱଙ୍କ ଅବଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କମିଟିର କୋଷାଧକ୍ଷ ନୃସିଂହ ଚରଣ ସିଂହ ଉଭୟ ଆତ୍ମାର ସଦ୍‌ଗତି କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

କାଳୀପୂଜା ଓ ଭସାଣି ଉତ୍ସବ ପାଇଁ କଟକଣା

କଟକ,୧।୧୧(ସମିସ)



ମା' କାଳୀଙ୍କ ଭସାଣି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବାକୁ ସାଆନ୍ତସାହି ବଜ୍ରକବାଟି ପୂଜା କମିଟି ନିମନ୍ତ୍ରଣକ୍ରମେ ଚଳିତବର୍ଷର କାଳୀପୂଜା ଓ ଭସାଣି ଉତ୍ସବକୁ ସଫଳ କରିବା ପାଇଁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ପୂଜା କମିଟି ସଭାପତି ତଥା ଅଧିକାରୀ ସଦୟକୁମାର ବୋଷ ସ୍ୱାଗତ ଭାଷଣ ଦେବାସହ ଅତିଥି ଓ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଭିକାରୀ ଦାସଙ୍କ ଅସୁସ୍ଥତା ହେତୁ କାଳୀପୂଜା ଓ ଭସାଣି ସଂକ୍ରାନ୍ତ ପ୍ରସ୍ତାବ କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା ଆଗତ କରିଥିଲେ। ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଆସନ୍ତା ୮ ତାରିଖ ମହାକାଳୀଙ୍କ ପୂଜା, ୯ ଓ ୧୦ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ୧୧ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଦୁର୍ଗାପୂଜା ଭଳି କାଳୀପୂଜା ମଧ ବହୁ ପୁରାତନ। ଚଳିତ ବର୍ଷ କାଳୀପୂଜା ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭସାଣି ଉତ୍ସବ ଦିନ ଡାକବାଜି ଯନ୍ତ୍ର (ମାଇକ) ବ୍ୟବହାରର ସମୟ ସୀମାକୁ ରାତି ୧୨ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରିବା ନିମନ୍ତେ ରାଜ୍ୟ ସରକାର ଓ ପୋଲିସ କମିସନରେଟ୍‌ଙ୍କୁ ଅନୁରୋଧ କରାଯିବା ସହ ରାତ୍ର ୧୨ଟା ପରେ ମେଢ ଭସାଣି ପର୍ଯ୍ୟନ୍ତ ପାରମ୍ପରିକ ବାଜା ଓ ଘଣ୍ଟ ଧ୍ୱନି ମାଧ୍ୟମରେ ଶୋଭାଯାତ୍ରା ପରିଚାଳନା କରିବାକୁ ମଧ ନିବେଦନ କରାଯାଇଛି। ବିଗତ ବର୍ଷଗୁଡ଼ିକ ଭଳି ମେଢ ଶୋଭାଯାତ୍ରା ନିମନ୍ତେ ଯେଉଁ ପଦ୍ଧତି ନିର୍ଦ୍ଧାରିତ ଥିଲା, ଚଳିତ ବର୍ଷ ସେହି ପଦ୍ଧତିକୁ ଅନୁପାଳନ କରିବା, ଦୁର୍ଗାପୂଜା ପରେ କଟକ ସହରର ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ରାସ୍ତାଘାଟ ମରାମତି ବା ପୁନଃନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଇବା, କାଳୀ ଭସାଣି ନିମନ୍ତେ ଦେବୀଗଡାସ୍ଥିତ କାଠଯୋଡ଼ି ନଦୀରେ ୪/୫ଟି ଜଳପୂର୍ଣ୍ଣ କୃତ୍ରିମ ପୋଖରୀ ଖୋଳାଇବା ଏବଂ ଦେବୀଗଡା ରାସ୍ତାକୁ ମରାମତି କରିବା ସହ ପର୍ଯ୍ୟାପ୍ତ ପରିମାଣର ଆଲୋକ ବ୍ୟବସ୍ଥା କରିବାକୁ ମହାନଗର ନିଗମକୁ ନିବେଦନ କରାଯାଇଛି। ଏହି ସଭାରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତକୁମାର ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ନୟନକିଶୋର ମହାନ୍ତି, ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ, ଡିସିପି. ରଷିକେଶ ଦ୍ୟାନଦେଓ ଖିଲାରୀ, କଟକ ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, କଟକ ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ, କଟକ ନଗର ବିଜେଡି ସଭାପତି ସ୍ୱଦେଶକୁମାର ଦାସ, କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଜେଡି ନେତା ମଧୁସୂଦନ ସାହୁ, ସମାଜସେବୀ ରଞ୍ଜନ ବିଶ୍ୱାଳ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି ଓ ସିପିଆଇଏମ ନେତା ବଦ୍ରିନାରାୟଣ ଦାସ ଏବଂ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ନରେଶ ସାହୁ, ଶ୍ରୀମନ୍ତ ଦାସ ସ୍ଥାନୀୟ କର୍ପୋରେଟର ଦୀପ୍ତିମୟୀ ମୁଳିଆ ପ୍ରମୁଖ ଭାଷଣ ଦେଇଥିଲେ। ପୂର୍ବତନ ଅଧିକାରୀ ଧୀରେନ୍ଦ୍ରକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। କଟକ ମହାନଗରରେ କୋଣ-ଅନୁକୋଣରୁ ସମସ୍ତ କାଳୀପୂଜା କମିଟି ଓ ଶାନ୍ତି କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ମହାନଗର ଶାନ୍ତି କମିଟିର ପ୍ରସ୍ତୁତି; ଶୃଙ୍ଖଳାକୁ ଗୁରୁତ୍ୱ, ଡିଜେ ମନା



ଅବସର ଦିନ ପୂର୍ଣ୍ଣାଙ୍ଗ ଭତ୍ତା ପାଇଲେ ଶିକ୍ଷୟିତ୍ରୀ



ମାଥିଲି,୧।୧୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଚଞ୍ଚଳା ନାୟକଙ୍କ ଅବସର ଦିନ ଚୂଡାନ୍ତ ଭତ୍ତା କାଗଜପତ୍ର ପ୍ରଦାନ କରାଯାଇଛି । ଏହି ପଦକ୍ଷେପକୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହ ପରିପ୍ରେକ୍ଷୀରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକ ଅବସର ଦିନରେ ପୂର୍ଣ୍ଣାଙ୍ଗ ଭତ୍ତା କାଗଜପତ୍ର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରୋଇ ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟାଳୟର ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ଅବସରପ୍ରାପ୍ତ ଶିକ୍ଷୟତ୍ରୀଙ୍କୁ ଉପଢୌକନ ସହିତ ପୂର୍ଣ୍ଣାଙ୍ଗ ଭତ୍ତା କାଗଜପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ବରିଷ୍ଠ କିରାଣି ଜଗବନ୍ଧୁ ବିମାରୀ, ବିଭୁତି ସାନା, ମାଥିଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଆର ଭେଙ୍କଟ ରମଣ, ସମ୍ପାଦକ ନରେନ୍ଦ୍ର ନିଆଲ, ଉପ ସଭାପତି ସୁନୀଲ କୁମାର ଦାଶ,ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ବାଙ୍କିଆ, ପ୍ରମିଳା କର, ବରିଷ୍ଠ ଶିକ୍ଷକ ଟି.ଦିଲ୍ଲୀପ ରାଜୁଙ୍କ ସମେତ ଶିକ୍ଷକ ସଂଘର ଅନେକ ସଦସ୍ୟ/ସଦସ୍ୟା ଓ ସିଆରସିସି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ବୈପାରୀଗୁଡ଼ାରେ ମଦମୁକ୍ତି ଆନ୍ଦୋଳନ

ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ



ବୈପାରୀଗୁଡ଼ା,୧।୧୧(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଦ ବନ୍ଦ ପାଇଁ ମହିଳା ମାନେ ଅଣ୍ଟା ଭିଡ଼ିଥିବା ବେଳେ ବୈପାରୀଗୁଡା ବ୍ଲକ ଚନ୍ଦ୍ରପୋଡା ପଞ୍ଚାୟତ ଦୋରାଗୁଡା ଗାଁର ସଙ୍ଘ ହାୟକ ମହିଳା ଗୋଷ୍ଠୀ ମଧ୍ୟ ମଦ ବନ୍ଦ ପାଇଁ ଥାନା ଦ୍ୱାରସ୍ଥ ହୋଇଛନ୍ତି । ଉକ୍ତ ଅଞ୍ଚଳରେ ମଦ ବିକ୍ରି ବନ୍ଦ ପାଇଁ ବୈପାରୀଗୁଡା ଥାନାରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ମଦ କାରବାର ଯୋଗୁଁ ପରିବାରରେ ଅଶାନ୍ତି ସୃଷ୍ଟି ହେବା ସହ ଯୁବପିଢ଼ି ମଧ୍ୟରେ ଏହାର କୁପ୍ରଭାବ ପଡୁଛି । ତେଣୁ ଦୋରାଗୁଡା ଅଞ୍ଚଳରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଏଥିରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି । ଏନେଇ ଥାନାରେ ଲିଖିତ ଏତଲା ଦେଇ ତୁରନ୍ତ ମଦ କାରବାର ଉପରେ ରୋକ୍ ଲଗାଇବାକୁ ପୁଲିସ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଏହି ଅଭିଯୋଗକୁ ନେଇ ବୈପାରୀଗୁଡା ଥାନା ଆଇଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲି ମହିଳା ଗୋଷ୍ଠୀଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ପୁଲିସ ଏଥିଲାଗି ନଜର ରଖିଛି । ଗତ କିଛି ଦିନ ପୂର୍ବେ ଦୋରାଗୁଡା ଅଞ୍ଚଳରେ ୪ଥର ଚଡ଼ଉ କରି ମଦ ଜବତ କରାଯାଇଛି । ଆଗକୁ ଚଡ଼ଉ କରାଯିବ ବୋଲି ମହିଳାଙ୍କୁ ପ୍ରତିଶୃତି ଦିଆଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ପୁଲିସର ବାରମ୍ବାର ଚଢ଼ାଉ ପରେ ମଧ୍ୟ ମଦ ମାଫିଆ କାହିଁକି ବେଖାତିର । ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି ପୁଲିସ ତାହା ଦେଖିବାକୁ ଅଞ୍ଚଳବାସୀ ଚାହିଁ ରହିଛନ୍ତି ।

ମାଝୀଗୁଡ଼ା ଓ ଚୁଟିଆଗୁଡ଼ାରେ ମଦ ଚଢ଼ଉ



ନବରଙ୍ଗପୁର/ନନ୍ଦାହାଣ୍ଡି,୧।୧୧ (ସମିସ): ଆରକ୍ଷୀ ଅଧୀକ୍ଷକ ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଅବକାରୀ ଥାନା ପକ୍ଷରୁ ଆଜି ବଡ଼ ଧରଣର ଚଢ଼ଉ କରାଯାଇଛି । ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ, ନବରଙ୍ଗପୁର ଓ ନବରଙ୍ଗପୁର ପୁଲିସର ସହଯୋଗରେ ନବରଙ୍ଗପୁର ଥାନା ଅନ୍ତର୍ଗତ ମାଝୀଗୁଡା ଓ ଚୁଟିଆଗୁଡା ଗ୍ରାମରେ ଏହ ଚଢ଼ଉ ହୋଇଥିଲା । ଚଢ଼ଉ ବେଳେ ଘଟଣାସ୍ଥଳରେ ପ୍ରାୟ ୩,୬୦୦ ଲିଟର ମହୁଲି ପୋଚ ଏବଂ ୩୬୦ ଲିଟର ମହୁଲି ଆଧାରିତ ଦେଶୀ ମଦ ନଷ୍ଟ କରାଯାଇଛି । ଏହି ସଂକ୍ରାନ୍ତରେ ଏକ ମୁଦାଲା ବିହୀନ ଅବକାରୀ ମାମଲା ରୁଜୁ କରାଯାଇଛି । ଚଢ଼ଉରେ ଅବକାରୀ ନିରୀକ୍ଷକ ବୃନ୍ଦାବନ ମଣ୍ଡଳ, ପୋଲିସ ଉପନିରୀକ୍ଷକ ସମ୍ବିତ ସାହୁ, ନବରଙ୍ଗପୁର ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଅଶେଷ କୁମାର ନାୟକ, ଅବକାରୀ ଉପନିରୀକ୍ଷକ ସୁଶାନ୍ତ ନାୟକ, ଅବକାରୀ ସହକାରୀ ଉପନିରୀକ୍ଷକ କିଲ୍ଲାଡା ଭାସ୍କରଙ୍କ ସମେତ ଅନ୍ୟ ଅବକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା

ନବରଙ୍ଗପୁର,୧।୧୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ପକ୍ଷରୁ ଆଜି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନବରଙ୍ଗପୁରଠାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭୀପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ ସଚେତନତାର ଗୁରୁତ୍ୱ ଏବଂ ନାଗରିକଙ୍କ ପାଇଁ ଉପଲବ୍ଧ ଆଇନଗତ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଜାତୀୟ ଏକତା ଦିବସ ପାଳନ କରାଯାଇଥିଲା । ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଆଇନ ସଚେତନତା ଶିବିରରେ ବିପର୍ଯ୍ୟୟ ପୀଡ଼ିତଙ୍କ ପାଇଁ ନାଲ୍‌ସା ଆଇନଗତ ସେବା ଯୋଜନା, ୨୦୧୦ ଏବଂ ଶିଶୁମାନଙ୍କ ପାଇଁ ନାଲ୍‌ସା ଶିଶୁ ଅନୁକୂଳ ଆଇନଗତ ସେବା ଯୋଜନା, ୨୦୨୪ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବିଶେଷକରି ବିପର୍ଯ୍ୟୟ ସମୟରେ ପ୍ରଭାବିତ ବ୍ୟକ୍ତିମାନଙ୍କୁ ଆଇନଗତ ସହାୟତା ପ୍ରଦାନ ଏବଂ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନଗତ ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ନବରଙ୍ଗପୁରର ଆଇନଜୀବୀ କିଶୋରୀ ପଟ୍ଟନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ମିସ୍ ଆଶାଞ୍ଜଳି ବେହେରା ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଉପସ୍ଥିତ ସମସ୍ତ ଅତିଥି ଓ ଆୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଷ୍ଟ୍ର ସେବିକା ସମିତିର ଚାରାରୋପଣ



ନନ୍ଦାହାଣ୍ଡି,୧।୧୧(ସମିସ): ନବରଙ୍ଗପୁର ଜିଲ୍ଲା ରାଷ୍ଟ୍ର ସେବିକା ସମିତି ପକ୍ଷରୁ ରବିବାର ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଦେବୀଦତ୍ତ ପାତ୍ର, ଡା. ନିବେଦିତା ଗୌଡ଼ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ରାଷ୍ଟ୍ର ସେବିକା ସମିତିର ଜିଲ୍ଲା କାର୍ଯ୍ୟବାହିକା ସଙ୍ଗୀତା ପାତ୍ର, ସହ ଜିଲ୍ଲା କାର୍ଯ୍ୟବାହିକା ତରୁଣୀ ମାଝୀ, ଜିଲ୍ଲା ସମ୍ପର୍କ ପ୍ରମୁଖ ଅନ୍ନପୂର୍ଣ୍ଣା ପାତ୍ର, ସହ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ରଞ୍ଜିତା ମାଝୀ ଓ ସମିତିର ସଦସ୍ୟାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ନବରଙ୍ଗପୁର ବନାଞ୍ଚଳ ତରଫରୁ ବିଭିନ୍ନ ପ୍ରଜାତିର ୫୦ଟି ଚାରା ଯୋଗାଇ ଦିଆଯାଇଥିବା ବେଳେ ନନ୍ଦାହାଣ୍ଡି ବିଟ୍ ବନରକ୍ଷକ ସୁଧୀର କୁମାର ପଟ୍ଟନାୟକ ଓ ଜଗନ୍ନାଥପୁର ବିଟ୍ ବନରକ୍ଷକ ପରେଶ ବିଷୋୟୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

■ ଗଣମାଧ୍ୟମର ଭୂମିକାକୁ ସମ୍ମାନ

ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କଲେ ଦିଗି ସରପଞ୍ଚ



ତେନ୍ତୁଲିଖୁଣ୍ଟି, ୧।୧୧(ସମିସ): ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର ଭୂମିକାକୁ ସମ୍ମାନ ଜଣାଇ ବ୍ଲକସ୍ତରୀୟ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଦିଗି ସରପଞ୍ଚ କିଶୋର ନାୟକ । ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ପୃଥ୍ୱୀରାଜ ପାଇକରାୟ, ଚିଦାନନ୍ଦ ସାହୁ, ସୁଶାନ୍ତ ଶତପଥି, ଦିଲୀପ କୁମାର ସୁନା, ଖଗେଶ୍ୱର ମାହାଙ୍ଗୁଡ, ମହେଶ୍ୱର ମହାନ୍ତି, ବାରିଜ ପଟ୍ଟନାୟକ, ମୁନା ଦଳେଇ, ଚନ୍ଦ୍ରଶେଖର ଜେନା ଓ ଉମାକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସାମ୍ବାଦିକମାନେ କେବଳ ଖବର ପରିବେଷଣ କରନ୍ତି ନାହିଁ ବରଂ ସମାଜର ବାସ୍ତବ ଚିତ୍ରକୁ ଲୋକଲୋଚନକୁ ଆଣିବା ସହ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଉଥିବା ନେଇ ସରପଞ୍ଚ ଶ୍ରୀ ନାୟକ ପ୍ରକାଶ କରିଥିଲେ । ଗଣମାଧ୍ୟମରେ ହେଉଥିବା ସମାଲୋଚନାକୁ ବିରୋଧ ଭାବେ ନ ଦେଖି ତାହାକୁ ସଂଶୋଧନର ଏକ ମାର୍ଗ ଭାବେ ଗ୍ରହଣ କରିବା ଉଚିତ । ଅଞ୍ଚଳର ଲୋକଙ୍କ ସମସ୍ୟା ଗଣମାଧ୍ୟମରେ ଉପସ୍ଥାପିତ ହେଲେ ଜନପ୍ରତିନିଧିମାନେ ସେଗୁଡ଼ିକ ସମାଧାନ କରିବା ସହ ଲୋକଙ୍କ ସେବା କରିବାରେ ଅଧିକ ସହଜ ହୋଇଥାଏ । ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ଏହା ସମାଜ ପ୍ରତି ଏକ ଗୁରୁଦାୟିତ୍ୱ । ଲୋକଙ୍କ ସ୍ୱରକୁ ଶାସନ ବ୍ୟବସ୍ଥା ନିକଟରେ ପହଞ୍ଚାଇବା ଏବଂ ଜନସମସ୍ୟାର ସମାଧାନ ଦିଗରେ ସେତୁ ଭାବେ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କୁ ଏଭଳି ସମ୍ମାନ ପ୍ରଦାନ ନିଶ୍ଚିତ ଭାବେ ଉତ୍ସାହିତ କରିବ ବୋଲି ମତ ପ୍ରକାଶ ପାଇଛି ।

ପୁଲିସ ପକ୍ଷରୁ ଆଦର୍ଶ ବିଦ୍ୟାଳୟରେ ସଚେତନତା

କୋଷାଗୁମୁଡ଼ା,୧।୧୧(ସମିସ): କୋଷାଗୁମୁଡ଼ା ଆଦର୍ଶ ବିଦ୍ୟାଳୟ ଠାରେ ପୋସ୍କୋ ଆକ୍ଟ ଓ ନିଶା ନିବାରଣକୁ ନେଇ କୋର୍ଟ ଏବଂ କୋଷାଗୁମୁଡ଼ା ଥାନା ପୁଲିସ ପକ୍ଷରୁ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡିଏଲଏସ୍‌ଏ ନବରଙ୍ଗପୁରଙ୍କ ନିର୍ଦ୍ଦେଶ କ୍ରମେ ରିମାଣ୍ଡ ଓକିଲ ତୁଳସୀ ରାମ ସମରଥଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଶିଶୁ ଯୌନ ନିର୍ଯାତନା ତଥା ପୋସ୍କୋ ଆକ୍ଟକୁ ନେଇ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ



ସଚେତନତା କରାଯାଇଥିଲା । ଟୋଲ ଫ୍ରି ନମ୍ବର ୧୦୯୮ ରେ ନାବାଳିକା ଯୌନ ନିର୍ଯାତନା ସମ୍ପର୍କରେ ଜଣାଇ ପାରିବେ ଏବଂ ଅଭିଯୋଗକାରୀଙ୍କ ଠିକଣା ଗୋପନ ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା ।। କୋଷାଗୁମୁଡ଼ା ଥାନାଧିକାରୀ ଶ୍ରୀମତୀ ବାଙ୍ଗି ନିଶା ନିବାରଣ ଓ ସାଇବର କ୍ରାଇମକୁ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନତା କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ସୁବାଷ ନାୟକ, ସହକାରୀ ଶିକ୍ଷକ ଶ୍ରୀନିବାସ ନାୟକ, ଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟ, ଗାୟତ୍ରୀ ସାହୁ, ବରିଷ୍ଠ ଓକିଲ ଉମେଶ ଚନ୍ଦ୍ର ମିଶ୍ର ,ଏମ ଅନିତା କୁମାରୀ, ଥାନାଧିକାରୀ ଶ୍ରୀମତୀ ବାଙ୍ଗିଙ୍କ ସହ ଥାନା କର୍ମଚାରୀ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ନବରଙ୍ଗପୁର, ୧।୧୧(ସମିସ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲାର ନବନିଯୁକ୍ତ ସେବକ, ସେବିକା ଓ ଜନଜାତି ଭାଷା ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଶ୍ରୀମତୀ ମଧୁମିତା,



ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଏବଂ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ନିବେଦିତା ବିଶ୍ୱାଳ ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନେ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଷ୍ଠା, ଦାୟିତ୍ୱବୋଧ ଓ ସମର୍ପଣ ଭାବନା ସହିତ ଶିକ୍ଷାଦାନ କରିବାକୁ ଉତ୍ସାହିତ କରିଥିଲେ । ବିଶେଷକରି ନବରଙ୍ଗପୁର ଜିଲ୍ଲାର ଶିକ୍ଷାର ଗୁଣାତ୍ମକ ବିକାଶ ଏବଂ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ପ୍ରସାର ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସାଂସଦ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୨୨୮ ଜଣ ସେବକ ଓ ସେବିକା ନିଯୁକ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରୁ ୮୦ ଜଣ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ନିଯୁକ୍ତିପତ୍ର ଗ୍ରହଣ କରିଥିବାବେଳେ ଅବଶିଷ୍ଟ ୧୪୮ ଜଣ ଆଜି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଯୋଗଦେଇ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ । ଜିଲ୍ଲାର ମୋଟ ୨୨୮ ଜଣ ନବନିଯୁକ୍ତଙ୍କ ମଧ୍ୟରୁ ୮୦ ଜଣ ମହିଳା ଅଛନ୍ତି ।

ଗଣତନ୍ତ୍ର ବଞ୍ଚାଅ ସମିତିର ବୁଦ୍ଧିଜୀବୀ ସମ୍ମିଳନୀ

'ଦେଶର ସମ୍ବିଧାନ ବିଶ୍ୱରେ ଭାରତକୁ ସୁଦୃଢ ଗଣତନ୍ତ୍ର ରାଷ୍ଟ୍ର କରିଛି'



ଜୟପୁର, ୧। ୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଗଣତନ୍ତ୍ର ବଞ୍ଚାଅ ସମିତି ପକ୍ଷରୁ ସ୍ଥାନୀୟ ସଂଧ୍ୟା ଫଙ୍କସନ ହଲ ଠାରେ ବୁଦ୍ଧିଜୀବି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବକ୍ତା ଭାବେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଲୋକସଭା ସାଂସଦ ତଥା ବିଜେପି ଦଳର ଓଡିଶା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ବକ୍ତା ଭାବେ ଯୋଗଦେଇ ଆମ ଦେଶର ସମ୍ବିଧାନ ବିଶ୍ୱରେ ଭାରତକୁ ସବୁଠାରୁ ସୁଦୃଢ ଏବଂ ବଡ ଗଣତନ୍ତ୍ର ରାଷ୍ଟ୍ର ଭାବେ ଗଢିଛି । ଦେଶର ଗଣତନ୍ତ୍ର ପୂର୍ବରୁ ସୁଦୃଢ ରହିଥିଲା ଏବଂ ଆଗାମୀ ଦିନରେ ପୁଣି ଅଧିକ ସୁଦୃଢ ହେବ, ଏଥିପାଇଁ ସମସ୍ତ ଶ୍ରେୟ ଦେଶର ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କୁ ଶ୍ରେୟ ଯାଉଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ଭାରତୀୟ ସମ୍ବିଧାନ ହିଁ ଦେଶର ମହିଳା, ଗରୀବ ଶ୍ରେଣୀର ଲୋକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା, କିନ୍ତୁ ଏହାକୁ ପୂର୍ବ ସରକାର ମାନେ କୌଣସି ପାଳନ କରୁନଥିଲେ ଗତ ୨୦୧୪ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟଭାର ଗ୍ରହଣ କରିବା ପରେ ମହିଳା, ଅନୁସୂଚିତ ଜାତି ଓ ଜନଜାତି ଅନ୍ୟାନ୍ୟ ଗରୀବ ଶ୍ରେଣୀର ଲୋକ ମାନଙ୍କୁ ଆରକ୍ଷଣ ପ୍ରଦାନ କରିବାରେ ସମର୍ଥ ହୋଇପାରିଥିଲେ । ଗତ କଂଗ୍ରେସ ସରକାର ସମୟରେ ସମ୍ବିଧାନ ଆଳରେ ଦେଶରେ ବିଭିନ୍ନ ସମୟରେ ଅରାଜକତା ସୃଷ୍ଟି କରିଛି । ଏହିପରି ଦେଶର ସ୍ୱାଧିନତାରେ କଂଗ୍ରେସ ଦଳର ମୁଖ୍ୟଭୂମିକା ଆଳରେ ଭାରତୀୟ ଜାତୀୟ କଂଗ୍ରେସର ଦେଶରେ ବହୁ ସମୟ ଧରି ସରକାର ଗଠନ କରିବା ସହିତ ଶାସନ କରିଛନ୍ତି । କିନ୍ତୁ ଏହି ଦଳ ପକ୍ଷରୁ ସରକାର ଓ ଦେଶର ଅଧିକ ମାତ୍ରାରେ ଦୁର୍ନିତୀ କରାଯାଇଛି, କିନ୍ତୁ ବର୍ତ୍ତମାନ ଦେଶରେ ସ୍ୱଚ୍ଛ ଓ ସୁଶାସନ ଚାଲୁଥିବା ବିଜେପି ସରକାରଙ୍କୁ ନିନ୍ଦା ଓ ବିରୋଧ କରିବା ଏକ ହାସ୍ୟାସ୍ପଦ କଥା ବୋଲି ବକ୍ତା ତଥା ସାଂସଦ ଶ୍ରୀମତି ପୁରନ୍ଦେଶ୍ୱରୀ ଅଭିଯୋଗ ସହିତ ତାଚ୍ଛଲ୍ୟ କରିଛନ୍ତି । କେନ୍ଦ୍ର ସରକାର ସ୍ୱତନ୍ତ୍ର ସଂଶୋଧନ (ଏଆଇଆର) ପ୍ରଥମଥର ପାଇଁ ହୋଇନାହିଁ , ଦେଶ ଗଠନ ହେବା ପରେ ୧୨ ଥର ଏସଆଇର ହୋଇଛି । ବିଜେପି ଶାସନ ସମୟରେ ମାତ୍ର ୨ ଥର ହୋଇଛି , ଅନ୍ୟ ପକ୍ଷରେ କଂଗ୍ରେସ ସମୟରେ ଏହା ୧୦ ଥର ହୋଇଛି । କିନ୍ତୁ କଂଗ୍ରେସ ସମେତ ସମସ୍ତ ବିରୋଧି ଦଳ ମାନେ ଏହାକୁ ବିରୋଧ କରିବାର ଦୁର୍ଭାଗ୍ୟଜନକ ଘଟଣା । ଦେଶରେ ଏଏସଆରରେ ୧୩ କୋଟି ଲୋକଙ୍କ ନାମ ଉଲ୍ଲେଖ କରାଯାଇଛି । ସେଥିମଧ୍ୟରୁ ୬କୋଟି ୩୦ ଲକ୍ଷ ଲୋକ ସମ୍ଭାବ୍ୟ ସ୍ଥାନୀୟ ପ୍ରବାସୀ ଲୋକ , ୩ କୋଟି ଲୋକ ସର୍ଭେ ସମୟରେ ଉପସ୍ଥିତ ନଥିଲେ , ୨ କୋଟି ୮୦ ଲକ୍ଷ ଭୋଟଦାତାଙ୍କ ମୃତ୍ୟୁ ହୋଇଯାଇଛି ଏବଂ ୧ କୋଟି ଜାଲ ଭୋଟର ରହିଛନ୍ତି । ତେଣୁ ଏହିପରି ଗଣତନ୍ତ୍ର କୁ ବଞ୍ଚାଇ ରଖିବାକୁ ଏସଆଇଆର ନିତ୍ୟାନ୍ତ ଆବଶ୍ୟକ ବୋଲି ଦାବି କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଜିଲ୍ଲା ଆଇନଜୀବି ସଂଘ, ଜୟପୁର ଚାମ୍ବର ଅଫ କମର୍ସ, ପ୍ରସାଦରାଓ ପେଟା ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ସାଂସଦ ଶ୍ରୀମତି ପୁରନ୍ଦେଶ୍ୱରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ କୋଟିଆ ଗ୍ରାମପୁଞ୍ଜରେ ବେଆଇନ ଭାବେ ଅନୁପ୍ରେବଶ କରିବା ସହିତ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନକୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନରେ ସାଂସଦ ଶ୍ରୀମତି ପୁରନ୍ଦେଶ୍ୱରୀ ଏହି ଅଞ୍ଚଳକୁ ନେଇ ସୁପ୍ରିମ କୋର୍ଟ ପକ୍ଷରୁ ଉଭୟ ରାଜ୍ୟକୁ ସ୍ଥିତାବସ୍ଥା ବଜାୟ ରଖିବାକୁ ତାଙ୍କ ରାୟରେ ପରାମର୍ଶ ଦେବା ସହିତ ଉଭୟ ରାଜ୍ୟ ସରକାର ମିଳିତ ଭାବେ ରାଜନୈତିକ ସ୍ତରରେ ଏହାର ସମାଧାନ ନେଇ ନିର୍ଦ୍ଦେଶ ଦେଇଥିଲେ ବୋଲି ସାମାନ୍ୟ କହି ପ୍ରଶ୍ନକୁ ଏଡାଇ ଯାଇଥିଲେ ।

ଜିଲ୍ଲାସ୍ତରୀୟ ଖୋଖୋ ପ୍ରତିଯୋଗିତା



କୋଟପାଡ଼,୧।୧୧ (ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବଂ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ତଥା କୋରାପୁଟ ଜିଲ୍ଲା ପ୍ରଶାସନର ଦିଗଦର୍ଶନରେ କୋଟପାଡ଼ ବ୍ଲକ ଅନ୍ତର୍ଗତ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଖୋଖୋ ଆରମ୍ଭ ହୋଇଛି । ୨୦୨୬-୨୭ କାର୍ଯ୍ୟକ୍ରମ ଅନୁଯାୟୀ ଦୁଇ ଦିନିଆ ୭୦ ତମ ଜିଲ୍ଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ନଭେମ୍ବର ମାସ ୧ ଓ ୨ ତାରିଖ ଦୁଇ ଦିନ ଧରି ଚାଲିବ । ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି । ଆଜି ସକାଳେ ମଶାଲ ଯାତ୍ରା ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ୮ଟାରେ ଉଦ୍‌ଘାଟନୀ ଉତ୍ସବ ଏବଂ ସକାଳ ସାଢେ ୮ଟାରେ ମ୍ୟାଚ୍ ଆରମ୍ଭ ହୋଇଥିଲା । ପ୍ରଥମ ଦିବସର ଶୁଭ ଉଦଘାଟନୀ ଅବସରରେ ମୋଟ ୩୪୦ ଜଣ ପ୍ରତିଯୋଗୀ ଏବଂ ୪୭ ଜଣ ଗାଇଡ଼ ଟିଚର ଅଂଶଗ୍ରହଣ କରିଥିବା ବେଳେ ବହୁସଂଖ୍ୟାରେ ଦର୍ଶକମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିବସର ସନ୍ଧ୍ୟା ୬ଟାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି । ଉଦଘାଟନୀ ଉତ୍ସବରେ କୋଟପାଡ଼ ନିର୍ବାଚନମଣ୍ଡଳୀର ବିଧାୟକ ରୁପୁ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହିତ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, କୋଟପାଡ଼ ବିଧାୟକଙ୍କ ପ୍ରତିନିଧି ବିନାୟକ ଆଚାର୍ଯ୍ୟ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ ଏବଂ ଚାନ୍ଦିଲି ପଞ୍ଚାୟତର ସରପଞ୍ଚ ସୁଶ୍ରୀ ପୁଷ୍ପା ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୂଇ ଏହି ଉଦଘାଟନୀ ସଭାରେ ସଭାପତିତ୍ୱ କରିଥିଲେ । ଗୋଷ୍ଠୀ ଶାରୀରିକ ଶିକ୍ଷା ସମ୍ପାଦିକା ପ୍ରଭାସିନୀ ଲିମାଲ ଖେଳ ଓ କ୍ରୀଡ଼ା ସମ୍ପର୍କିତ ସୂଚନା ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ଦେବେନ୍ଦ୍ର ବୈଦ୍ୟ ମଞ୍ଚ ସଞ୍ଚାଳନ କରିଥିଲେ । ଶେଷରେ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର. ଦିବାକର ରାଓ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ ଓ କ୍ରୀଡ଼ା ପ୍ରେମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିପଦସଙ୍କୁଳ ଅବସ୍ଥାରେ ଫୁଲାଡ଼ି ବୁଢ଼ାବଲଙ୍ଗ ପୋଲ



କଂକ୍ରିଟ୍‌ରେ ଫାଟ; ଅଘଟଣ ଆଶଙ୍କା

ବାଲେଶ୍ୱର,୧।୧୧ (ସମିସ)

ବାଲେଶ୍ୱର ସହରର ଅନ୍ୟତମ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଫୁଲାଡ଼ି ବୁଢ଼ାବଲଙ୍ଗ ଓଭରବ୍ରିଜ୍ ଅବହେଳିତ। ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସ୍ଥାୟୀ ମରାମତି ଅଭାବରୁ ପୋଲର ସ୍ଥିତି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ପୋଲର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଫାଟି ଆଁ କରିଥିବାବେଳେ ଅନେକ ସ୍ଥାନରେ ଉପରିଭାଗର କଂକ୍ରିଟ୍ ଉଠିଯାଇଛି। କେତେକ ସ୍ଥାନରେ କଂକ୍ରିଟ୍ ଖସି ଲୁହା ରଡ୍ ଦେଖାଯାଉଛି। ଏଭଳି ସ୍ଥିତିରେ ପ୍ରତିଦିନ ହଜାର ହଜାର ଲୋକ ଜୀବନକୁ ବିପଦରେ ପକାଇ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ବାଲେଶ୍ୱର ସହରକୁ ସଂଯୋଗ କରୁଥିବା ଚାରୋଟି ପ୍ରମୁଖ ପ୍ରବେଶ ପଥ ମଧ୍ୟରୁ ଫୁଲାଡ଼ି ରାସ୍ତା ଅନ୍ୟତମ। ଏହି ରାସ୍ତା ଦେଇ ମୟୂରଭଞ୍ଜ ଜିଲ୍ଲା, ଉତ୍ତର ବାଲେଶ୍ୱର ଏବଂ ପଶ୍ଚିମବଙ୍ଗରୁ ପ୍ରତିଦିନ ବହୁ ଲୋକ ବାଲେଶ୍ୱର ସହରକୁ ଆସିଥାନ୍ତି। ବୁଢ଼ାବଲଙ୍ଗ ନଦୀ ଯୋଗୁଁ ଯାତାୟାତରେ ସମସ୍ୟା ହେଉଥିବାରୁ ବ୍ରିଟିଶ ଶାସନ ସମୟରେ ଏଠାରେ ଏକ ଲୁହା ପୋଲ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ପୁରୁଣା ପୋଲଟି ଦୁର୍ବଳ ଓ ଜରାଜୀର୍ଣ୍ଣ ହୋଇପଡ଼ିବାରୁ ନୂତନ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପୁରୁଣା ପୋଲ ନିକଟରେ ନୂତନ ପୋଲ ନିର୍ମାଣ ଲାଗି ପଦକ୍ଷେପ ନେଇଥିଲେ। ୨୦୧୫ ମସିହାରେ ପ୍ରାୟ ୮ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯ରେ ପୋଲର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିଥିବାବେଳେ ୨୦୨୦ରେ ବାତ୍ୟା 'ଅମ୍ଫନ' ପ୍ରଭାବରେ ଅନ୍ୟ ଏକ ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ପରେ ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ପୋଲଟିକୁ ଲୋକଙ୍କ ଯାତାୟାତ ପାଇଁ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଉଦ୍‌ଘାଟନର କିଛି ବର୍ଷ ମଧ୍ୟରେ ପୋଲର ଅବସ୍ଥା ପୁଣି ଚିନ୍ତାଜନକ ହୋଇପଡ଼ିଛି। ବାରମ୍ବାର ପୋଲ ଉପରେ ଗର୍ତ୍ତ ସୃଷ୍ଟି ହେବା, କଂକ୍ରିଟ୍ ଖସିବା ଏବଂ ରାସ୍ତା ଖରାପ ହେବା ଘଟଣା ସାମ୍ନାକୁ ଆସୁଛି। ବିଭାଗ ପକ୍ଷରୁ ମରାମତି କରାଯାଉଥିଲେ ମଧ୍ୟ ତାହା ସାମୟିକ ଭାବେ ସୀମିତ ରହୁଥିବା ଅଭିଯୋଗ ହେଉଛି। ଗର୍ତ୍ତରେ ପ୍ୟାଚ୍ ପକାଇ ଦାୟିତ୍ୱ ସାରିଦିଆଯାଉଛି। ହେଲେ ପୋଲର ମୂଳ ଗଠନ କେତେ ସୁରକ୍ଷିତ ରହିଛି, ସେନେଇ କୌଣସି ବ୍ୟାପକ ବୈଷୟିକ ଯାଞ୍ଚ ହେଉଛି କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ବିଶେଷଜ୍ଞଙ୍କ ମତରେ, ପୋଲରେ ସୃଷ୍ଟି ହୋଇଥିବା ଫାଟ ଦେଇ ବର୍ଷାଜଳ ପ୍ରବେଶ କଲେ ଭିତରେ ଥିବା ଲୁହା ରଡ୍‌ରେ କଳଙ୍କି ଲାଗିବା ସହ କଂକ୍ରିଟ୍‌ର ସ୍ଥାୟିତ୍ୱ ହ୍ରାସ ପାଇପାରେ। ତେଣୁ କେବଳ ଉପରିଭାଗରେ ମରାମତି କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ପୋଲର ସମ୍ପୂର୍ଣ୍ଣ ଗଠନର ବୈଷୟିକ ଯାଞ୍ଚ କରାଯିବା ସହ ଆବଶ୍ୟକ ସ୍ଥଳେ ସ୍ଥାୟୀ ମରାମତି କରିବା ଜରୁରି। ଅନ୍ୟଥା କୌଣସି ସମୟରେ ବଡ଼ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ନାୟକ ପୋଲର ନିର୍ମାଣ ଓ ରକ୍ଷଣାବେକ୍ଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପ୍ରମୁଖ ଯୋଗାଯୋଗ ମାଧ୍ୟମର ନିର୍ମାଣ ଓ ରକ୍ଷଣାବେକ୍ଷଣରେ ହୋଇଥିବା ଅବହେଳାର ତଦନ୍ତ କରାଯାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଦରକାର। ଏହାଛଡା ଏଠାରେ କୌଣସି ଏକ ବଡ ଧରଣର ଅଘଟଣ ଘଟିଲେ ପ୍ରଶାସନ ଚେତିବ ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପୋଲର ବର୍ତ୍ତମାନ ସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବାବେଳେ କୌଣସି ଅଘଟଣ ପୂର୍ବରୁ ବିଭାଗ ପକ୍ଷରୁ ତୁରନ୍ତ ବୈଷୟିକ ଯାଞ୍ଚ, ସ୍ଥାୟୀ ମରାମତି ଓ ନିୟମିତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

ଯାତ୍ରା କଳାକାରଙ୍କ ମୃତ୍ୟୁ ଘଟଣା

ଡାକ୍ତରଖାନା କର୍ମଚାରୀଙ୍କୁ ପିୟୁଷଙ୍କ ମାଡ଼ ଅଭିଯୋଗ



ଥାନାରେ ଅଭିଯୋଗ ପରେ ଭୁଲ ମାଗିଲେ

ସୋର/ସିମୁଳିଆ,୧।୧୧(ସମିସ): ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ପିୟୁଷ ତ୍ରିପାଠୀଙ୍କ ନାମରେ ଡାକ୍ତରଖାନା କର୍ମଚାରୀଙ୍କୁ ମାଡ଼ ମାରିଥିବା ନେଇ ସୋର ଥାନାରେ ସଙ୍ଗୀନ ଅଭିଯୋଗ ହୋଇଛି। ଶବ ବ୍ୟବଚ୍ଛେଦକୁ ନେଇ ଡାକ୍ତରଖାନା ପରିସରରେ ଡାକ୍ତରଖାନା କର୍ମଚାରୀଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହେବା ପରେ ସେ ଭୁଲ ମାଗିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡିଛି। ଗତକାଲି ରାତିରେ ଯାତ୍ରା ସିଂହବାହିନୀ ବେତଡାରେ ଯାତ୍ରା ପରିବେଷଣ କରୁଥିବା ବେଳେ ଯାତ୍ରା ପାର୍ଟିର ନୃତ୍ୟ କଳାକାର ତଥା ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱର ଅଞ୍ଚଳର ପ୍ରଶାନ୍ତ ମାଝୀ ଆତ୍ମହତ୍ୟା କରିଥିଲେ। ସାଥୀ କଳାକାରମାନେ ତାଙ୍କୁ ଉଦ୍ଧାର କରି ସିମୁଳିଆ ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ସିମୁଳିଆ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଥିଲା। ଆଜି ପୁଲିସ ତାଙ୍କର ଶବ ବ୍ୟବଚ୍ଛେଦ ପାଇଁ ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତରଖାନା କର୍ମଚାରୀ ନିରଞ୍ଜନ ଗୋଛାୟତଙ୍କ ସହିତ କଳାକାରମାନଙ୍କର କଥା କଟା କଟି ହୋଇଥିଲା। ଏହି ସମୟରେ ଯାତ୍ରା କଳାକାର ପିୟୁଷ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ତାଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଏ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଘଟଣା ନେଇ ନିରଞ୍ଜନ ସୋର ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୁଲିସ ଉଭୟ ପକ୍ଷଙ୍କୁ ଡାକି ବୁଝାସୁଝା କରିବା ପରେ ପିୟୁଷ ନିଜର ଦୋଷ ସ୍ୱୀକାର କରିବା ସହିତ ନିରଞ୍ଜନଙ୍କୁ ଭୁଲ ମାଗିଥିଲେ। ଫଳରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ପରେ ସୋର ପୁଲିସ ଉପସ୍ଥିତିରେ ସୋର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ଗୁରୁତର ଅପରାଧ ମାମଲା ଗୁଡ଼ିକର ଦ୍ୱରିତ ବିଚାର ଏବଂ ଦଣ୍ଡହାର ବୃଦ୍ଧିନେଇ ସମନ୍ୱୟ ବୈଠକ

ବାଲେଶ୍ୱର, ୧।୧୧ (ସମିସ): ଗୁରୁତର ଅପରାଧ ମାମଲାଗୁଡ଼ିକର ଦ୍ୱରିତ ବିଚାର, ସଠିକ୍ ଭାବେ ମାମଲା ପରିଚାଳନା ଏବଂ ଦୋଷୀଙ୍କ ଦଣ୍ଡହାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ବାଲେଶ୍ୱର ଜିଲ୍ଲା ଅଭିଯୋଜନା ନିର୍ଦ୍ଦେଶାଳୟ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଅଭିଯୋଜନାର ଉପନିର୍ଦ୍ଦେଶକ ଦୀପ୍ତିରଞ୍ଜନ ସେଣ୍ଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗୁରୁତର ଅପରାଧ ମାମଲାଗୁଡ଼ିକର ସଠିକ୍ ପରିଚାଳନା, ଅଦାଲତରେ ମାମଲାର ଶୁଣାଣିକୁ ତ୍ୱରାନ୍ୱିତ କରିବା ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସହକାରୀ ନିର୍ଦ୍ଦେଶିକା କୁମାରୀ ରାଣୀ ସସ୍ମିତା, ପ୍ରିୟମ୍ବଦା ନାଏକ, ପବ୍ଲିକ ପ୍ରସିକ୍ୟୁଟର ଗଞ୍ଜନ ଶବର, ନବୀନ କୁମାର ପାତ୍ର ଓ ଗୁରୁପ୍ରସାଦ ବେହେରା ସହଯୋଗ କରିଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଦାଲତରେ କାର୍ଯ୍ୟରତ ଅତିରିକ୍ତ ସରକାରୀ ଓକିଲ ଏବଂ ସ୍ୱତନ୍ତ୍ର ସରକାରୀ ଓକିଲମାନେ ଯୋଗଦେଇଥିଲେ। ମାମଲା ଗୁଡ଼ିକର ସଫଳ ପରିଚାଳନା ସହ ଅଭିଯୋଜନା ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ ମାଧ୍ୟମରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବେଆଇନ ବାଣ ତିଆରିର ଏନ୍ତୁଡ଼ିଶାଳ ପାଲଟିଛି ବାଲିକୁଟୀ



କାଳିପଦା, ୧।୧୧ (ସମିସ): ସରକାରଙ୍କ ପକ୍ଷରୁ ବାଣ ଫୁଟାଇବା ଉପରେ କଟକଣା ଥିଲେ ମଧ୍ୟ ମାନୁ ନାହାନ୍ତି ବ୍ୟବସାୟୀ, ଗ୍ରାହକ କି ଅନୁଷ୍ଠାନର କର୍ମକର୍ତ୍ତା । ଯାହାକି ଦେଖିବାକୁ ମିଳିଥିଲା ବିଗତ ଦିନରେ ରାବଣ ପୋଡିରେ। ଶହଶହ ଅନୁଷ୍ଠାନରେ ରାବଣ ପୋଡିରେ ବାଣ ଫୁଟାଇ ମଜା ନେଇଥିଲେ ଲୋକେ। ବାୟୁ ପ୍ରଦୂଷଣ କି ଜନଜୀବନ ଉପରେ ସରକାରଙ୍କ ନିୟମ ପ୍ରଣୟନ କେବଳ ନାମକୁ ମାତ୍ର। ଆଗକୁ ଆସୁଛି ଦୀପାବଳି। ବାଣ ତିଆରି କରିବାରେ ଲାଗିପଡିଛନ୍ତି ବ୍ୟବସାୟୀଙ୍କ ସହିତ ପରିବାର ବର୍ଗ ଓ ସାଇପଡିଶାର ଲୋକମାନେ। ଅସାବଧାନତା ପାଇଁ ବଡ଼ବଡ଼ ଅଘଟଣ ଘଟିଯାଇ ଧନଜୀବନ ନଷ୍ଟ ହୋଇଯାଏ। ବାଲିଆପାଳ ବ୍ଲକର ବାଲିକୁଟୀ ପଞ୍ଚାୟତର ଛଡ଼ା ଗାଁରେ ଚାଲିଛି ରୀତମତ ବାଣ ତିଆରି ହେଉଛି। ମାତ୍ର ପୁଲିସ ସବୁ ଜାଣି ମଧ୍ୟ ଚୁପ୍ ରହିଛି। କିଛି ବର୍ଷ ତଳେ ବାଲିକୁଟୀ ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ୬୦ ବର୍ଷର ବୃଦ୍ଧ ଓ ୩ ବର୍ଷର ଶିଶୁର ମୃତ୍ୟୁ ହେବା ସହିତ ବଡାଶ ଗ୍ରାମର ଜଣେ ଯୁବକଙ୍କର ହାତ ପୋଡି ଯାଇଥିଲା। ଏହି ବେଆଇନ ବାଣ ତିଆରି ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଗଗନ ବେହେରା, ମୁକୁନ୍ଦ ଟୁଡୁ, ଜୀବନକୃଷ୍ଣ ମାଝୀ, ମନ୍ମଥ କୁମାର ଦେହୁରୀ, ସୁକୁମାର ଦତ୍ତ, କିଶୋ ରାମ ମାଝୀ, ସଞ୍ଜୟ କୁମାର ପିଳା, ସୁନା ମଣି ବେହେରା, ଖଗେଶ୍ୱର ଜେନା, ବୁଦ୍ଧିରାମ ଜେନା ପ୍ରମୁଖ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ଡାକ୍ତରଙ୍କ ବଦଳି ବାତିଲ ଦାବି

ଜଳେଶ୍ୱର ବ୍ଲକ, ୧।୧୧ (ସମିସ): ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଗ୍ରାମାଞ୍ଚଳରେ ପ୍ରତି ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ଜନସାଧାରଣଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା କରାଯାଉଛି। ରାଇବଣିଆ ଅଞ୍ଚଳର ୧୪ଟି ଗ୍ରାମ ପଞ୍ଚାୟତର ରୋଗୀ ମାନେ ସେମାଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏଠାରେ ଦାୟିତ୍ୱରେ ଥିବା ଡାକ୍ତର ସୌମେଶ ମଣ୍ଡଳ ଜଣେ ନମ୍ର ଭଦ୍ର ଓ ରୋଗୀ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ନିରନ୍ତର ଭାବେ ଯୋଗାଇ ଆସୁଥିବା ବେଳେ ତାଙ୍କୁ ହଠାତ ଏଠାରୁ ବଦଳି କରାଯାଉଅଛି। ଯାହା ଫଳରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବାରେ ବ୍ୟାଘାତ ଘଟିବା ସହିତ ସାଧାରଣ ଗରିବ ଖଟିଖିଆ ରୋଗୀ ମାଗଣା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବାକୁ ପଡିବ। ଯାହାକୁ ନେଇ ରାଇବଣିଆ ଅଞ୍ଚଳରେ ସଚେତନ ଯୁବ ନାଗରିକ ବ୍ରଜକିଶୋର ଗିରି, ଅଶ୍ରୁମୋଚନ ଘୋଷ, ଜଗନ୍ନାଥ ମହାନ୍ତ, ନିହାର ରଞ୍ଜନ ଦାସ, ଗଣେଶ ସୋରେନ, ରବୀନ୍ଦ୍ର ମହାନ୍ତ, ଉମାଶଙ୍କର ଜେନା, ସପନ ବିନ୍ଧାଣି, ହାପନା ମାରାଣ୍ଡି, ମଙ୍ଗଳ ହେମରେମ, ଦିଗାମ୍ବର ଦାସ, ରଞ୍ଜିତ କୁମାର ଦାସ, ଶରତ କୁମାର ଶାସମାଲ, ଉଦୟନାଥ ମୁର୍ମୁ, କମଳାକାନ୍ତ ପାତ୍ର, ଦେବାଶିଷ ପ୍ରଧାନ, ସାକିଲା ମହାନ୍ତ ପ୍ରମୁଖ ଅନେକ ଅଞ୍ଚଳବାସୀ ଦସ୍ତଖତ ସମ୍ବଳିତ ଦାବି ପତ୍ର ହାତୀଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା. ଭୀଷ୍ମ ପରିଡ଼ାଙ୍କୁ ପ୍ରଦାନ କରିଥିଲେ। ଆଗକୁ ଯଦି ମେଡିକାଲ କର୍ତ୍ତୃପକ୍ଷ ଆଗକୁ ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ଆନ୍ଦୋଳନ କରିବାର ଚେତାବନୀ ଦେଇଛନ୍ତି।

ଦେଶୀ ମଦ ସହିତ ସ୍କୁଟି ଓ ବାଇକ୍ ଜବତ; ୨ ଗିରଫ

ସିମୁଳିଆ, ୧।୧୧ (ସମିସ): ବାଲେଶ୍ୱର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ବାରାପୁର ବଜାର ଓ ବରଦା କେନାଲ ଛକ ନିକଟରେ ଚଢ଼ଉ କରାଯାଇ ୨୦୦ ଲିଟର ଦେଶୀ ମଦ ସହିତ ଗୋଟିଏ ମୋଟର ସାଇକେଲ ଓ ଗୋଟିଏ ସ୍କୁଟି ଜବତ କରିବା ସହିତ ଶରତ ଥାନା ଅନ୍ତର୍ଗତ ଦୁଗୁଧା ଗ୍ରାମର କମଳଲୋଚନ ଦେହୁରୀ ଓ ସୋସ ଥାନା ଅନ୍ତର୍ଗତ ପଡ଼ିଆରୀପଲ୍ଲୀ ଗ୍ରାମର ଭୀମ ସୋରେନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ, ସ୍କୁଟି ଓ ମୋଟର ସାଇକେଲର ଆନୁମାନିକ ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ ସାମିଲ ଥିଲେ।

ମୁଖ୍ୟମନ୍ତ୍ରୀ କପ୍-୨୦୨୬ ପାଇଁ ବାଲେଶ୍ୱରରେ କ୍ରୀଡ଼ା ପ୍ରସ୍ତୁତି

▸▸ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ୧୪ ସୁଦ୍ଧା ପଞ୍ଜୀକରଣ

▸▸ ୩୦ରୁ ଆରମ୍ଭ ହେବ କ୍ରୀଡ଼ା ମହାକୁମ୍ଭ

ବାଲେଶ୍ୱର, ୧।୧୧(ସମିସ) : ରାଜ୍ୟରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ସହ ଯୁବ କ୍ରୀଡ଼ାବିତ୍‌ଙ୍କୁ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ କପ୍-୨୦୨୬। ଏଥିପାଇଁ ବାଲେଶ୍ୱର ଜିଲ୍ଲାରେ ଫୁଟବଲ୍, ଖୋଖୋ, ଭଲିବଲ୍ ଓ କବାଡ଼ି ଭଳି ଚାରିଟି କ୍ରୀଡ଼ାରେ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ବାଲେଶ୍ୱର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଗତ ୩୧ ତାରିଖରେ ଏକ ବିଜ୍ଞପ୍ତି ଜରିଆରେ ଏନେଇ ସୂଚନା ଦିଆଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରାଜ୍ୟ ଫୁଟବଲ୍ ସଂଘ, ଖୋଖୋ ସଂଘ, କବାଡ଼ି ସଂଘ, ଭଲିବଲ୍ ସଂଘ ଏବଂ ଜିଲ୍ଲା କ୍ରୀଡ଼ାସଂଘର ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଫୁଟବଲ୍, ଖୋଖୋ ଓ ଭଲିବଲ୍‌ରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ କବାଡ଼ିରେ ୧୭ ବର୍ଷରୁ କମ୍ କ୍ରୀଡ଼ାବିତ୍‌ଙ୍କୁ ନେଇ ପ୍ରତିଯୋଗିତା ହେବାକୁ ଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଆସନ୍ତା ନଭେମ୍ବର ୩୦ ତାରିଖରୁ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଖେଳାଳିମାନେ ନିର୍ଦ୍ଧାରିତ ବୟସ ସୀମା ଓ ଜନ୍ମ ତାରିଖ ସମ୍ପର୍କିତ ନିୟମ ପୂରଣ କରିବାକୁ କୁହାଯାଇଛି। ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ପାଇଁ ଅନଲାଇନ୍ ଫର୍ମର ବ୍ୟବସ୍ଥା କରାଯାଇଛି। ନଭେମ୍ବର ୧୪ ତାରିଖ ସୁଦ୍ଧା ପଞ୍ଜୀକରଣ ପ୍ରକ୍ରିୟା ଶେଷ କରିବାକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତାରେ ସଫଳ ଖେଳାଳିଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସୁଯୋଗ ମିଳିବା ସହ ଜିଲ୍ଲାରୁ ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାର ଆଶା ରହିଛି। ତେଣୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, କ୍ଲବ୍ ଓ ଅନୁଷ୍ଠାନର ଖେଳାଳିମାନେ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଅନୁରୋଧ କରିଛନ୍ତି।

ରାୟ ବଳିୟାର ସିଂହ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି

ଜଳେଶ୍ୱର ବ୍ଲକ, ୧।୧୧ (ସମିସ): ରାୟ ବଳିୟାର ସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜୟନ୍ତୀ ପାଳନର ତାରିଖ ଧାର୍ଯ୍ୟ, ବିଭିନ୍ନ କମିଟି ଗଠନ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଯୋଜନା ପ୍ରସ୍ତୁତି ସମ୍ପର୍କରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ପୁରାତନ ଶିକ୍ଷକ ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷକ ରାଜାରାମ କରଶର୍ମା, ବର୍ତ୍ତମାନର ପ୍ରଧାନଶିକ୍ଷକ ବୁଦ୍ଧରାୟ ମୁର୍ମୁ, ଆଲୁମିନି କମିଟି ସଭାପତି ନାରାୟଣ ପ୍ରସାଦ ଦାସଙ୍କ ସମେତ ପୁରାତନ ଛାତ୍ର କିଶୋରାମ ମହାପାତ୍ର, ସୁକୁମାର ପ୍ରଧାନ, ଜଗନ୍ନାଥ ପାତ୍ର, ବସନ୍ତ ଘୋଷ, ସଞ୍ଜୟ ଜେନା, କମଳାକାନ୍ତ ଗାନ୍ଧୀ, ସୁଦେବ ଚନ୍ଦ୍ର ବାଗ, ରାଜେନ୍ଦ୍ର ନାଥ ଜେନା, ନିତ୍ୟଗୋପାଳ ଦାଁ, ହୃଦୟ ଚନ୍ଦ, ଚନ୍ଦନ ସାସମଲ, କ୍ଷିତିଶ ଦେ ଓ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବୈଠକରେ ଉପସ୍ଥିତ ପୁରାତନ ଛାତ୍ର, ଶିକ୍ଷକ ଓ ବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ। ଆସନ୍ତା ୨୦୨୭ ନଭେମ୍ବର ୧୨, ୧୩ ଓ ୧୪ ତାରିଖ ତିନିଦିନ ଧରି ଏହି ଜୟନ୍ତୀ ଉତ୍ସବ ପାଳନ କରିବାକୁ ସ୍ଥିର ହୋଇଛି। ଏ ନେଇ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଆସନ୍ତା ନଭେମ୍ବର ୨୦ରେ ଅନୁଷ୍ଠିତ ହେବ।


ଲୟର୍ସ ଫୋରମ୍‌ର ପ୍ରଥମ ବୈଠକ



ବାଲେଶ୍ୱର,୧।୧୧(ସମିସ): ଓକିଲସଂଘର ସମ୍ପାଦକ ସଂବିତ୍ ନନ୍ଦୀଙ୍କ ଚର୍ଚ୍ଚଲେନ୍‌ସ୍ଥିତ ବାସଭବନରେ ଲୟାରସ୍ ଫୋରମ୍, ବାଲେଶ୍ୱରର ପ୍ରଥମ ବୈଠକ ବରିଷ୍ଠ ଆଇନଜୀବୀ ରଘୁନାଥ ମହାଲିକଙ୍କ ସଭାପତିତ୍ୱ ସଭାପତିତ୍ୱରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦ ଜଣରୁ ଅଧିକ ଆଇନଜୀବୀ ଉପସ୍ଥିତ ରହିଥିଲେ। ଉପସ୍ଥିତ ଆଇନଜୀବୀମାନଙ୍କର ପ୍ରସ୍ତାବ ଓ ଅନୁମୋଦନକ୍ରମେ ଏହି ସଂଗଠନର ନାମକରଣ "ଲୟାରସ୍ ଫୋରମ୍ ବାଲେଶ୍ୱର' ରଖାଯାଇଥିଲା। ବୈଠକରେ ସର୍ବପ୍ରଥମେ ଆଇ ଇନଜୀବୀ ମହମ୍ମଦ ଇସ୍‌ଲାମ୍ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଆଇନଜୀବୀ ତଥା ଓକିଲ ସଂଘ ସମ୍ପାଦକ ସନ୍ଦୀପ କୁମାର ନନ୍ଦୀ, ରଘୁନାଥ ନାଥ ମହାଲିକ, ବିଚିତ୍ରାନନ୍ଦ ଦାସ, ନରେନ୍ଦ୍ରନାଥ ପାଣିଗ୍ରାହୀ ପ୍ରମୁଖ ମୁଖ ମଞ୍ଚରେ ଉପସ୍ଥିତ ରହି ସଭାକାର୍ଯ୍ୟ ତୁଲାଇଥିଲେ। ବୈଠକରେ ସଂଗଠନର ର ମୁଖ୍ୟ ଉଦ୍ଦେଶ୍ୟ ବାବଦରେ ଆଲୋଚନା ହୋଇଥିଲା। ଏ ସଂଗଠନ ବାଲେଶ୍ୱରରେ କିପରି ଏକ ପ୍ରମୁଖ ସଂଗଠନ ହୋଇପାରିବ, ଏ ବିଷୟରେ ଉପ ଉପସ୍ଥିତ ସମସ୍ତ ଆଇନଜୀବୀ ନିଜନିଜର ମତ ରଖିଥିଲେ। ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଓକିଲମାନଙ୍କର ବିବିଧ ସମସ୍ୟା, କଲ୍ୟାଣକାରୀ ଯୋଜନା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ କସରତ ଓ ମହିଳା ଓକିଲଙ୍କ ଅଧିକାର ଆଦି ଆଦି ରହିବ ବୋଲି ସର୍ବସମ୍ମତିକ୍ରମେ ବୈଠକରେ ଅନୁମୋଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଦୀପ୍ତ ଦାସ, ଯଶୋବନ୍ତୀ ସାହୁ, ଶେଖର ଚନ୍ଦ୍ର, ମିର୍ ଅବଦୁଲ ମଜିଦ୍, ରାମକୃଷ୍ଣ ଜେନା, ରମାକାନ୍ତ ପରିଡ଼ା, ସୁବ୍ରତ କୁମାର ଦେ, ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ରାମକୃଷ୍ଣ ଜେନା ଧନ୍ୟବାଦ ଦେଇଥିଲେ।

ଦୂଷିତ ପାଣି ପିଉଛନ୍ତି ଝାଡ଼ପିମ୍ପଳବାସୀ

ଜଳେଶ୍ୱର, ୧।୧୧ (ସମିସ)



ଜଳେଶ୍ୱର ବ୍ଲକ ବନ୍ୟା ପ୍ରଭାବିତ ଝାଡପିମ୍ପଳ ପଞ୍ଚାୟତରେ ୬୦ ପ୍ରତିଶତ ଅନୁସୂଚିତ ଜନ ଜାତିର ଲୋକେ ବସବାସ କରନ୍ତି। କିନ୍ତୁ ଏବେ ସୁଦ୍ଧା ପଞ୍ଚାୟତ ବାସୀଙ୍କୁ ବହୁ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରି ନାହିଁ। ପଞ୍ଚାୟତ ଅଧୀନ ଘଣ୍ଟିଆଡି ଗାଁର ୨ଟି ୱାର୍ଡ ଏବଂ ଝାଡପିମ୍ପଳ ଗାଁର ୫ଟି ୱାର୍ଡକୁ ନେଇ ଏକ ମାତ୍ର ବସୁଧା ପାନୀୟ ଜଳ ପ୍ରକଳ୍ପ ରୁଗ୍‌ଣ ଭାବେ କାର୍ଯ୍ୟ କରୁଛି। ଦୀର୍ଘ ୧୫ ବର୍ଷ ତଳେ ଏହି ପ୍ରକଳ୍ପ ଯେନତେନ ପ୍ରକାରେଣ ନିମ୍ନମାନର ନିର୍ମାଣ ହୋଇ ଛିଡା ହୋଇଛି। ଉକ୍ତ ପାଣି ଟାଙ୍କି ଉପରେ ୧୫ ଶହରୁ ଅଧିକ ଲୋକେ ନିର୍ଭରଶୀଳ ଥିବା ବେଳେ ପ୍ରାୟ ହଜାରେ ଲୋକ ଠିକ୍ ଭାବେ ପାଣି ପାଇ ପାରୁ ନାହାଁନ୍ତି। ପାଇପ୍ ବିଛାଇବାରେ ଅଦୂରଦର୍ଶିତା ଏବଂ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ୩ଟି ୱାର୍ଡକୁ ପାଣି ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ଆଜିପର୍ଯ୍ୟନ୍ତ ପ୍ରକଳ୍ପ ଡ୍ରାଇଭର ପାରିଶ୍ରମିକ ପାଇନଥିବା ବେଳେ ୧୫ ବର୍ଷରେ କେବଳ ଥରେ ମାତ୍ର ଟାଙ୍କି ସଫା ହୋଇଥିବା ସଙ୍ଗୀନ ଅଭିଯୋଗ ହୋଇଛି। ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ରୁ ଓଭର ହେଡ ଟାଙ୍କି ଫାଟି ତଳକୁ ପାଣି ପଡୁଥିବା ଦେଖାଯାଇଥିଲା। ପରେ ଠିକାଦାର, ପାଣି ଟାଙ୍କିରେ ପେଚ୍ ପକାଇ କାମ ଚଳାଉଥିବା ଅଭିଯୋଗ ହୋଇଛି। ବସୁଧା ପ୍ରକଳ୍ପ ଗୃହର ପରିସର ପରିତ୍ୟକ୍ତ ହୋଇ ପଡିଥିବାବେଳେ ପାଣି ପମ୍ପ ସ୍ଥାନରେ ପୁଣି ଗନ୍ଧ ମୟ ପରିବେଶ ରହିଛି। ସମ୍ମୁଖରେ ପିମ୍ପଳେଶ୍ୱର ଗାର୍ଲ୍ସ ହାଇସ୍କୁଲ ରହିଥିବାରୁ ବିଦ୍ୟୁତ୍ ସବ୍ ଷ୍ଟେସନରେ ଲଟା ବୁଦା ମାଡ଼ି ବିପଦ ସଙ୍କୁଳ ଭାବେ ବିପଦକୁ ଆମନ୍ତ୍ରଣ କରୁଛି। ଚଳିତ ବର୍ଷ ସୁବର୍ଣ୍ଣରେଖାରେ ୪ଥର ବନ୍ୟା ଫଳରେ ପଞ୍ଚାୟତ ପ୍ଲାବିତ ହୋଇ ବିଶେଷ ପ୍ରଭାବିତ ହୋଇଥିଲା। ଫଳରେ ପ୍ରକଳ୍ପର ପାଣି ଉତ୍ସ ଉପରେ ଦୂଷିତ କାଦୁଅ ମାଟି,ଦଳ ଲାଖି ହୋଇ ପାଣି ସଂକ୍ରମିତ ହେବାର ଆଶଙ୍କା ରହିଛି। ବନ୍ୟା ପରେ ଅଞ୍ଚଳରେ ଥିବା ପିଇବା ପାଣି ଉତ୍ସରେ ଜୀବାଣୁ ନାଶକ ପାଉଡର ସିଞ୍ଚନ ହୋଇନଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ନିର୍ମାଣ ବେଳେ ପ୍ରାଚେରୀ ହେବାକୁ ଥିବା ବେଳେ ୧୫ ବର୍ଷ ପରେ ପ୍ରାଚେରୀ ଲାଗି ବୋର୍ଡ଼ ହେଉଥିବା ଦେଖାଯାଇଛି। ଏହି ଅବହେଳିତ ପଞ୍ଚାୟତରେ, ଆଦର୍ଶ ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଘାଟ, ସ୍ୱାସ୍ଥ୍ୟ ସେବା, ଆଲୋକ ବ୍ୟବସ୍ଥା ଇତ୍ୟାଦି ଘୋର ସମସ୍ୟା ହୋଇ ରହିଛି। ପର୍ଯ୍ୟାପ୍ତ ଶୁଦ୍ଧ ପାନୀୟ ଜଳ ଅଭାବରୁ ଗ୍ରାମବାସୀ ନିତିଦିନ ଦୂଷିତ ଗାଡ଼ିଆ ଜଳ ବ୍ୟବହାର କରି ରୋଗରେ ପଡୁଛନ୍ତି। ତେଣୁ ଅଞ୍ଚଳରେ ହଇଜା ବ୍ୟାପିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ପରିଷ୍କାର କରିବା ସହିତ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ସଫେଇ ଏବଂ ମରାମତିର ଆବଶ୍ୟକତା ରହିଛି। ଏହା ସହିତ ପଞ୍ଚାୟତର ସମସ୍ତ ପରିବାରକୁ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବିନା ପ୍ରଚାରପ୍ରସାରରେ ସରିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



• ପ୍ରକୃତ ଚାଷୀଙ୍କୁ ଅଣଦେଖା
• ଅନୁଦାନ ଖର୍ଚ୍ଚର ସ୍ୱଚ୍ଛତା ନେଇ ଉଠିଲା ପ୍ରଶ୍ନ

ଅମ୍ବାଭୋନା,୧।୧୧(ସମିସ): ଚାଷୀଙ୍କ ଆୟ ବୃଦ୍ଧି, ମତ୍ସ୍ୟ ଓ ପଶୁପାଳନ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରସାର ଏବଂ ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମେଳା ଆୟୋଜନ କରାଯାଉଛି। ହେଲେ ଅମ୍ବାଭୋନା ବ୍ଲକରେ ଆୟୋଜିତ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ବାସ୍ତବ ଚିତ୍ର ଏହି ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଚାରପ୍ରସାର ନାହିଁ, ପ୍ରକୃତ ଚାଷୀଙ୍କୁ ନିମନ୍ତ୍ରଣ ନାହିଁ, ଆଉ ଯେଉଁ ଚାଷୀମାନେ ଏହି କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ସେମାନଙ୍କୁ ମଧ୍ୟ ଅଣଦେଖା। ତେବେ କାହା ପାଇଁ ଏବଂ କେଉଁ ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହେଲା, ତାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଶନିବାର ଅମ୍ବାଭୋନା ବ୍ଲକସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିସରରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟଚାଷୀ, କୁକୁଡ଼ା ଚାଷୀ ଓ ପଶୁପାଳକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ହୋଇପାରିଥାନ୍ତା। କିନ୍ତୁ ଏଭଳି ଏକ ଉପଯୋଗୀ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରା ନଯିବାରୁ ଅନେକ ପ୍ରକୃତ ଚାଷୀ ଏହାର ସୂଚନା ପାଇପାରି ନଥିବା ଅଭିଯୋଗ ହୋଇଛି। ମେଳାରେ ଚାଷୀଙ୍କ ଅଂଶଗ୍ରହଣ, ସେମାନଙ୍କୁ ମିଳିଥିବା ପରାମର୍ଶ ଏବଂ ସରକାରୀ ଯୋଜନା ସମ୍ପର୍କରେ କେତେ ଲୋକ ଅବଗତ ହେଲେ, ତାହା ଏବେ ବଡ଼ ପ୍ରଶ୍ନ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଅମ୍ବାଭୋନା ବ୍ଲକର ଭୋଇନାତୁରା ଅଞ୍ଚଳରେ ଥିବା ସର୍ବ ବୃହତ କୁକୁଡ଼ା ଫାର୍ମର ସଫଳ କୁକୁଡ଼ା ଚାଷୀଙ୍କୁ ମଧ୍ୟ ଏହି ମେଳାକୁ ନିମନ୍ତ୍ରଣ କରାଯାଇ ନଥିବା ଜଣାପଡ଼ିଛି। ଯେଉଁ ଚାଷୀମାନେ ନିଜ ଅଭିଜ୍ଞତା ଓ ପରିଶ୍ରମ ବଳରେ କୁକୁଡ଼ା ଚାଷରେ ସଫଳତା ପାଇଛନ୍ତି, ସେମାନଙ୍କ ଅନୁଭୂତି ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ହୋଇପାରିଥାନ୍ତା। କିନ୍ତୁ ସେମାନଙ୍କୁ ହିଁ ଡକା ନଯିବା ଆୟୋଜନର ଉଦ୍ଦେଶ୍ୟ ଓ ଚୟନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଚାଷୀଙ୍କୁ ନେଇ ଆୟୋଜିତ ମେଳାରେ ଚାଷୀଙ୍କ ଅପେକ୍ଷା ଆନୁଷ୍ଠାନିକତାକୁ ଅଧିକ ଗୁରୁତ୍ୱ ଦିଆଗଲା କି? ସାଧାରଣ ଲୋକଙ୍କୁ ଡାକି ଭୋଜିଭାତରେ କାର୍ଯ୍ୟକ୍ରମ ସୀମିତ ରହିଗଲା କି? ଏଭଳି ପ୍ରଶ୍ନ ଉଠାଇ ଚାଷୀ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ମେଳାରେ କେତେ ଚାଷୀ ଯୋଗଦେଲେ, କେତେ ଜଣଙ୍କୁ ବିଭାଗୀୟ ପରାମର୍ଶ ମିଳିଲା ଏବଂ କେତେ ଜଣ ଯୋଜନାର ସୁଫଳ ପାଇଲେ, ତାହାର ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିକ୍ରିୟା ଜାଣିବା ପାଇଁ ବିଭାଗୀୟ ବିଡିଓଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ମୋବାଇଲ୍ କଲ୍ ଗ୍ରହଣ କରିନଥିଲେ। ଫଳରେ ପ୍ରତିକ୍ରିୟା ମିଳିପାରିନାହିଁ।

ସରକାର ମତ୍ସ୍ୟଚାଷ ଓ କୁକୁଡ଼ା ଚାଷର ପ୍ରୋତ୍ସାହନ ପାଇଁ ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟ କରୁଥିବାବେଳେ ତାହାର ପ୍ରକୃତ ସୁଫଳ ଚାଷୀଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହାର ତଦାରଖ ହେବା ଆବଶ୍ୟକ। ମେଳା ଆୟୋଜନ ପାଇଁ ସରକାରୀ ଭାବେ କେତେ ଅନୁଦାନ ମଞ୍ଜୁର ହୋଇଥିଲା, କେଉଁ କେଉଁ ଖାତରେ କେତେ ଅର୍ଥ ଖର୍ଚ୍ଚ ହେଲା, ଭୋଜିଭାତ ଓ ଅନ୍ୟାନ୍ୟ ଆୟୋଜନରେ କେତେ ବ୍ୟୟ ହେଲା, ତାହାର ହିସାବ ସାର୍ବଜନୀନ କରିବାକୁ ଦାବି ହେଉଛି।

ଜିଲ୍ଲା ପ୍ରଶାସନ ଏହି ମେଳାର ଆୟୋଜନ, ଚାଷୀଙ୍କୁ ନିମନ୍ତ୍ରଣ, ଉପସ୍ଥାନ ଓ ଅର୍ଥ ବିନିଯୋଗ ସମ୍ପର୍କରେ ତଦନ୍ତ କରି ସ୍ପଷ୍ଟୀକରଣ ଦେବାକୁ ଦାବି ହେଉଛି। ନଚେତ୍ ଚାଷୀଙ୍କ ଉନ୍ନତି ନାମରେ ଆୟୋଜିତ ଏହି ମେଳା କେବଳ ଏକ ଆନୁଷ୍ଠାନିକତା ହୋଇ ରହିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି।

୩ ବର୍ଷ ହେଲା ସରୁନି ଆଇଆଇଟି କୋଠା



ସମୀକ୍ଷା କଲେ ବିଧାୟକ ସନତ କୁମାର

ବିଜେପୁର,୧।୧୧(ସମିସ): ବିଜେପୁରରେ ସ୍ଥାପିତ ଆଇଟିଆଇର ନିଜସ୍ୱ କୋଠା ନିର୍ମାଣ ଦୀର୍ଘ ତିନି ବର୍ଷ ହେଲା ଅଧପନ୍ତରିଆ ହୋଇପଡ଼ିରହିଛି। ଫଳରେ ଏହାର ପ୍ରଶିକ୍ଷଣ କାର୍ଯ୍ୟ ବରଗଡ଼ଠାରେ ଚାଲୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା ଆଇଟିଆଇ ପରିଦର୍ଶନ କରି ପ୍ରଶିକ୍ଷଣ ବ୍ୟବସ୍ଥା ଓ ନିର୍ମାଣାଧୀନ କୋଠାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସୁବିଧା ଓ ବିଭିନ୍ନ ଟ୍ରେଡ୍‌ରେ ଚାଲୁଥିବା ପ୍ରଶିକ୍ଷଣ ସମ୍ପର୍କରେ ଅବଗତ ହୋଇଥିଲେ। ବିଧାୟକଙ୍କ ପରିଦର୍ଶନ ପରେ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବିଭାଗ ଓ ନିର୍ମାଣକାରୀ ସଂସ୍ଥା ତ୍ୱରିତ ପଦକ୍ଷେପ ନେଇ କୋଠା ନିର୍ମାଣ ଶେଷ କରିବାକୁ ଦାବି ହେଉଛି।

ଗୋପାଲ ଶର୍ମାଙ୍କ କଂଗ୍ରେସରେ ଯୋଗଦାନ



ବରଗଡ଼,୧।୧୧(ସମିସ): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଲଢୁଆ ନେତୃତ୍ୱ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦୃଢ଼ ନେତୃତ୍ୱ ଏବଂ କଂଗ୍ରେସ ଦଳର ନୀତି, ଆଦର୍ଶ ଓ ଜନକଲ୍ୟାଣକାରୀ ବିଚାରଧାରାରେ ଅନୁପ୍ରାଣିତ ହୋଇ ବରଗଡ଼ର ଯୁବ ସମାଜସେବୀ ତଥା ଦକ୍ଷ ସଂଗଠକ ଗୋପାଳ ଶର୍ମା କଂଗ୍ରେସରେ ଯୋଗ ଦେଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଶୁଭେନ୍ଦୁ ସାହୁ ଏବଂ ପୂର୍ବତନ ବିଧାୟକ ସାଧୁ ନେପାକଙ୍କ ଉପସ୍ଥିତିରେ ସେ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି। ଗୋପାଳ ଶର୍ମାଙ୍କୁ କଂଗ୍ରେସ ପରିବାରକୁ ସ୍ୱାଗତ ସହ ତାଙ୍କ ଯୋଗଦାନ ଦଳୀୟ ସଂଗଠନକୁ ସୁଦୃଢ଼ କରିବ ବୋଲି ଉପସ୍ଥିତ ବରିଷ୍ଠ ନେତାମାନେ କହିଛନ୍ତି।

ଅଞ୍ଚଳ ମହାବିଦ୍ୟାଳୟରେ ଏକତା ଦିବସ

ପଦ୍ମପୁର,୧।୧୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ଦିବସ ଏବଂ ଏକତା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଝୁନୁ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏକ ସୁସ୍ଥ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧ୍ୟାପିକା ଶର୍ମିଳା ପଣ୍ଡା ତାଙ୍କର ଓଜସ୍ୱିନୀ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରାଧ୍ୟାପିକା କଳ୍ପନା ପାଢ଼ୀ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ-କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରେଡିଆନ୍ସରେ ୟୁଥ୍ ପାର୍ଲିଆମେଣ୍ଟ



ବିଜେପୁର,୧।୧୧(ସମିସ): ଏମ୍‌ୱାଇ ଭାରତ, ବରଗଡ଼ ଆନୁକୂଲ୍ୟରେ ବିଜେପୁରସ୍ଥିତ ରେଡିଆନ୍ସ ଶିକ୍ଷାନୁଷ୍ଠାନ ପରିସରରେ ନେବରହୁଡ୍ ୟୁଥ୍ ପାର୍ଲାମେଣ୍ଟ ଓ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ନେତ୍ରମଣି ମେହେର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ଯୁବ ଅଧିକାରୀ କମଲ ସା ଓ ଉପାଧ୍ୟକ୍ଷ ସଞ୍ଜୟ ବାରିକ ଯୁବ ସଂସଦର ଲକ୍ଷ୍ୟ ଓ ନୈତିକ ମତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଗଜେନ୍ଦ୍ର ମେହେର, ସତ୍ୟ ନିହତ, ଶ୍ରୁତି ସୁଧା ବାରିକ ପ୍ରମୁଖ ଯୁବ ପ୍ରତିଭାମାନେ ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

କବିତା ସଂକଳନ 'ଉଜୁଲ ପଖ' ଉନ୍ମୋଚିତ



ବରଗଡ଼,୧।୧୧(ସମିସ): ଉଚ୍ଚାଙ୍ଗ ସମ୍ବଲପୁରୀ ସାହିତ୍ୟ ସର୍ଜନା ସହିତ ମଞ୍ଚ କବି ଭାବେ ସୁପ୍ରତିଷ୍ଠିତ କବି ମୁନିରାମ କୁମ୍ଭାରଙ୍କ କବିତା ସଂକଳନ "ଉଜୁଲ ପଖ'ର ଶୁଭ ଉନ୍ମୋଚନ ଉତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଦଇନି ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜଗଦୀଶ ସାହୁ ସଭାପତିତ୍ୱ କରିଥିବା ବେଳେ ସଭାକୁ ସଂଯୋଜନା କରିଥିଲେ ବ୍ୟଙ୍ଗ କବି ସଚ୍ଚିଦାନନ୍ଦ ପଣ୍ଡା। ମୁଖ୍ୟ ଅତିଥିଭାବେ ଗବେଷକ ଉତ୍ପନ୍ନ କୁମାର ଭୋଇ, ସମୀକ୍ଷକଭାବେ ଅଧ୍ୟାପକ ରାମଚନ୍ଦ୍ର ସାହୁ ଓ ସ୍ତମ୍ଭକାର ସୁଶାନ୍ତ କୁମାର ମିଶ୍ର ତଥା ଅତିଥିଭାବେ ବ୍ୟଙ୍ଗକାର ମନ ମାଷ୍ଟ୍ରେ, ଅଶୋକ କୁମାର ପୂଜାହାରୀ ଓ ସଂଗୀତାରାଣୀ ମିଶ୍ର ଯୋଗ ଦେଇ ଉନ୍ମୋଚିତ କବିତା ଗ୍ରନ୍ଥର ସମ୍ୟକ ଆଲୋଚନା କରିବା ସହ କବିଙ୍କ ସିଦ୍ଧି ଓ ସାଧନା ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ମା' ସମଲେଇଙ୍କ ପୂଜାର୍ଚ୍ଚନା ପୂର୍ବକ ଦେବୀ ବନ୍ଦନା ଗାନ କରିଥିଲେ କଣ୍ଠଶିଳ୍ପୀ ଦୁର୍ବାଦଳ ମେହେର। ଉପସ୍ଥିତ ବହୁ କବି ମୁନିରାମ କୁମ୍ଭାରଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

'ବିକଶିତ ଭାରତ ଯୁବ ଶକ୍ତି' କାର୍ଯ୍ୟକ୍ରମ



ଅମ୍ବାଭୋନା,୧।୧୧(ସମିସ): ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ "ବିକଶିତ ଭାରତ ଯୁବ ଶକ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟଦେବ ଦୋରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା "ନିଶାମୁକ୍ତ ଯୁବା ଓ ବିକଶିତ ଭାରତ'। ଯୁବପିଢ଼ିଙ୍କ ମଧ୍ୟରେ ନିଶାମୁକ୍ତିର ବାର୍ତ୍ତା ପ୍ରସାର ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଲକ୍ଷ୍ୟରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ନାଟକ ଓ କବିତା ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରେ ବିଡିଓ ଡ. ଲଳିତ ବାଗଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଅତିଥି ଭାବେ ଯୋଗଦେଇଥିବା ବେଳେ ଭୁକ୍ତା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜୟନ୍ତ କୁମାର ବାରିକ ଓ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦର ସଙ୍ଗୀତ ସୁଧାକର ରବିଶଙ୍କର ବେହେରା ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଓ ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଶେଷରେ ଅତିରିକ୍ତ ବିଡିଓ ସରୋଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶିଷ୍ଟ ବୈଜ୍ଞାନିକ ଡ. ଅରୁଣ ମହାନ୍ତି ସମ୍ବର୍ଦ୍ଧିତ



ବରଗଡ,୧।୧୧(ସମିସ): ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ବିକାଶ ହାୟର ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସର କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜ ତଥା ବିକାଶ ଫାର୍ମାସୀ କଲେଜର ୨୦୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ବିଶିଷ୍ଟ ବୈଜ୍ଞାନିକ ତଥା ୩ ଡିଜେନୋମିକ୍ସ ହେଲ୍‌ଥ୍ କେୟାର୍ (ଭାରତ ଯୁକ୍ତରାଷ୍ଟ୍ର ଆମେରିକା)ର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଡ. ଅରୁଣ ମହାନ୍ତିଙ୍କ ଭାବର ଆଦାନ ପ୍ରଦାନ କରିବାର ଅବସର ମିଳିଥିଲା। ମୟୁରଭଞ୍ଜର ଓଡିଆ ପୁଅ ବାଣୀବିହାର ଠାରୁ ୟୁନିଭର୍ସିଟି ଅଫ୍ ଭର୍ଜିନିଆ, ହାୱାର୍ଡ ମେଡିକାଲ୍ ସ୍କୁଲ୍ ଏବଂ ଭର୍ଟେକ୍ସ ଯାଏ ତାଙ୍କ ବିଶିଷ୍ଟ ବୈଜ୍ଞାନିକ ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଏବଂ ବିଭିନ୍ନ ଉପଲବ୍ଧ ଗୁଡିକୁ ଛାତ୍ରଛାତ୍ରୀଙ୍କ ସହିତ ବାଣ୍ଟିଥିଲେ, ଯାହା ଅତ୍ୟନ୍ତ ପ୍ରେରଣାଦାୟୀ ଥିଲା।

ବୈଜ୍ଞାନିକ ଡ. ଅରୁଣ ମହାନ୍ତିଙ୍କୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଏଓ ଇଂ ଅଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡିନ୍ ଡ. ଆର୍.ଏସ୍.ଭି କ୍ରିଷ୍ଣା ଅତିଥି ପରିଚୟ ଦେଇଥିବାବେଳେ, ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଏବଂ ଶୁଭେନ୍ଦୁ ଶେଖର ମିଶ୍ର ତଥା ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ମଞ୍ଚାସୀନ ଥିଲେ।

• ଡିସେମ୍ବର ୧୮ ରୁ କୃଷକପଲ୍ଲୀରେ ବିଶ୍ୱଶାନ୍ତି ମହାଯଜ୍ଞ

ଶୁଭସ୍ତମ୍ଭ ସ୍ଥାପନ ସହ ଚର୍ତୁଧାମ ମହୋତ୍ସବର ପ୍ରସ୍ତୁତି



ବରପାଲି,୧।୧୧(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ରେମତା ପଂଚାୟତ ଅନ୍ତର୍ଗତ କୃଷକପଲ୍ଲୀଠାରେ ଡିସେମ୍ବର ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ବିରାଟ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚର୍ତୁଧାମ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏଥିସହ ମହୋତ୍ସବର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ଶହ ଶହ ମହିଳା ଓ ପୁରୁଷ ଏକ ବିଶାଳ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସାମିଲ ହୋଇ ଗାଁ ପରିକ୍ରମା କରିଥିଲେ। ମହୋତ୍ସବରେ ନବକୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ଆୟୋଜକ କମିଟିର ସୁଧୀର ଗଡ଼ତିଆ ପରିଚାଳନା କରିଥିବା ବେଳେ କର୍ତ୍ତା ଭାବେ ନରେନ୍ଦ୍ର ଭୋଇ, ସରପଞ୍ଚ ବିନୟ ଗଡ଼ତିଆ, ମଧୁସୂଦନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ବରଗଡ଼ରେ ଏକତା ପଦଯାତ୍ରା



ବରଗଡ଼,୧।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ବରଗଡ଼ରେ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ପ୍ରଶାସନର ମିଳିତ ସହଯୋଗରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏହି ପଦଯାତ୍ରାର ଆୟୋଜନ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ପ୍ରାୟ ୩୫୦ ଜଣ ଅଂଶଗ୍ରହଣ କରିଥିଲେ। ଏଥିରେ ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ, ଏଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ, ଏସ୍‌ଡିପିଓ ଏ ବି ଶିକ୍ଷା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ପଟ୍ଟନାୟକ ପୁଲିସ ଡିଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବରଗଡ଼,୧।୧୧(ସମିସ): କନଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡଃ ଭୁବନେଶ୍ୱର ପ୍ରଧାନଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଶ୍ୟାମକୁମାର ବାରିକ ଉପସ୍ଥିତ ରହି ଡଃ ପଧାନଙ୍କ ଦୀର୍ଘ ଶିକ୍ଷକତା ଜୀବନ ଓ ଶିକ୍ଷା କ୍ଷେତ୍ରକୁ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ଡଃ ପ୍ରଧାନଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଦୀର୍ଘବର୍ଷ ଧରି ଶିକ୍ଷାଦାନ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ମନେ ପକାଇ ସମସ୍ତେ ଭାବବିହ୍ୱଳ ହୋଇଥିଲେ। ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ସୁଖମୟ ଓ ମଙ୍ଗଳମୟ ହେଉ ବୋଲି ସମସ୍ତେ କାମନା କରିଛନ୍ତି।


ମାନସିକ ଓ ଭାବନାତ୍ମକ ସଶକ୍ତୀକରଣ କାର୍ଯ୍ୟକ୍ରମ



ବରପାଲି,୧।୧୧(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ମାନସିକ ଓ ଭାବନାତ୍ମକ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ଅଧ୍ୟାପକ ସଂଗ୍ରାମ ରଥ, ଇଂରାଜୀ ବିଭାଗ ମୁଖ୍ୟ ସୁଶୀଲ କୁମାର ଶତପଥୀ ଯୋଗ ଦେଇ ଛାତ୍ରୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଡକ୍ଟର ସସ୍ମିତା ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧ୍ୟାପିକା ସୀମା ଭୋଇ, ଅଧ୍ୟାପିକା ମୋନିକା ପ୍ରଧାନ, ଦେବଯାନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

୩ କିଲୋୱାଟ୍ ସୋଲାର ଲଗାଇ ବି କମୁନି ବିଦ୍ୟୁତ୍ ବିଲ୍

ପିଏମ୍ ସୂର୍ଯ୍ୟଘର ଯୋଜନାରେ ଅବହେଳା ଅଭିଯୋଗ



ଝାରବନ୍ଧ,୧।୧୧(ସମିସ): ସରକାରଙ୍କ ପିଏମ୍ ସୂର୍ଯ୍ୟଘର ଯୋଜନାରେ ୩ କିଲୋୱାଟ୍ ସୋଲାର ସିଷ୍ଟମ୍ ଲଗାଇବା ପରେ ମଧ୍ୟ ପୂର୍ବଭଳି ବିଦ୍ୟୁତ୍ ବିଲ୍ ଆସୁଥିବାରୁ ଚଣ୍ଡୀଭଟା ଗ୍ରାମର ତ୍ରିନାଥ ସେଠ ଏବେ ଚିନ୍ତାରେ।

ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୯ ନଭେମ୍ବର ୨୦୨୫ରେ ତାଙ୍କ ଘରେ ଟାଟା ପାୱାରର ବିଦ୍ୟୁତ୍ ମିଟର ସହିତ ଜିଡିଏ କମ୍ପାନୀର ୩ କିଲୋୱାଟ୍ ସୋଲାର ସିଷ୍ଟମ୍ ଲଗାଯାଇଥିଲା। ପାଇକମାଲ ବ୍ଲକର ଜଣେ ଭେଣ୍ଡରଙ୍କ ଜରିଆରେ ଏହି ସୋଲାର ସିଷ୍ଟମ୍ ସ୍ଥାପନ କରାଯାଇଥିଲା। ତେବେ ସୋଲାର ଲାଗିବା ପରଠାରୁ ମଧ୍ୟ ପୂର୍ବଭଳି ବିଦ୍ୟୁତ୍ ବିଲ୍ ଆସୁଛି। ସମାଧାନ ପାଇଁ ସେ ବାରମ୍ବାର ସମ୍ପୃକ୍ତ ଭେଣ୍ଡରଙ୍କୁ ଫୋନ୍ କରୁଥିଲେ ମଧ୍ୟ ଫୋନ୍ ଉଠାଉ ନଥିବା ଏବଂ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ଏହି ୩ କିଲୋୱାଟ୍ ସୋଲାର ସିଷ୍ଟମ୍ ସ୍ଥାପନ ପାଇଁ ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅମଠି ଶାଖାରୁ ୨ ଲକ୍ଷ ୪ ହଜାର ଟଙ୍କା ଋଣ ନେଇଥିବାବେଳେ ଏହା ଏବେ ଆର୍ଥିକ ବୋଝ ପାଲଟିଛି। ସୋଲାର ସିଷ୍ଟମ୍ ଓ ବିଦ୍ୟୁତ୍ ମିଟରର ଯାଞ୍ଚ କିଏ କରିବ କିପରି ସମସ୍ୟାର ତୁରନ୍ତ ସମାଧାନ ହେବ ଏହିକ୍ରମରେ ପ୍ରଶାସନ ଦୃଷ୍ଟି ଦେବାକୁ ତ୍ରିନାଥ ସେଠ ସରକାରଙ୍କୁ ନିବେଦନ କରିଛନ୍ତି।

ଅଖିଳ ଭାରତ ଟ୍ରେଡ୍ ୟୁନିଅନ୍ କଂଗ୍ରେସର ରାଜ୍ୟ ସମ୍ମିଳନୀ

ଶ୍ରମିକ ଆନ୍ଦୋଳନ ପାଇଁ ଏଆଇଟିୟୁସିର ଆହ୍ୱାନ

ତାଳଚେର,୧ ।୧୧(ସମିସ):



କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ଓ ଜନବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ବ୍ୟାପକ ଆନ୍ଦୋଳନ ପାଇଁ ଏଆଇଟିୟୁସିର ଚତୁର୍ଦ୍ଦଶ ରାଜ୍ୟ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ତାଳଚେରର ଦେଉଳବେଡ଼ା କୋଲିୟରୀ ଦୁର୍ଗା ମଣ୍ଡପଠାରେ ଶ୍ରମିକଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହୋଇଛି । ହାଣ୍ଡିଧୂଆ ଛକରୁ ଶ୍ରମିକମାନେ ଶୋଭାଯାତ୍ରାରେ ବାହାରି ଦୁର୍ଗା ମଣ୍ଡପଠାରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏଆଇଟିୟୁସିର ଜାତୀୟ ସାଧାରଣ ସମ୍ପାଦିକା ଅମରଜିତ କୌର ଯୋଗଦେଇ ଦେଶର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ । ମୋଦୀ ସରକାରଙ୍କ ସମ୍ବିଧାନ ବିରୋଧୀ, ଗଣତନ୍ତ୍ର ବିରୋଧୀ, ଦେଶ ବିରୋଧୀ, କାର୍ଯ୍ୟକ୍ରମ ସହ ଶ୍ରମିକ, କୃଷକମାନଙ୍କ ଅଧିକାର ଉପରେ ଆକ୍ରମଣ ବିରୋଧରେ ଦେଶବ୍ୟାପୀ ଜନଆନ୍ଦୋଳନ ଆରମ୍ଭ ହୋଇଛି । ଏହି ଆନ୍ଦୋଳନରେ ଶ୍ରମିକ ଓ କୃଷକମାନେ ବ୍ୟାପକ ଭାବେ ଭାଗ ନେବାକୁ ସେ ଆହ୍ୱାନ କରିଥିଲେ । କେନ୍ଦ୍ର ସରକାର ଶ୍ରମିକ ଶ୍ରେଣୀର ବହୁକଷ୍ଟ ଅର୍ଜିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଯେଉଁ କଳା ଶ୍ରମକୋଡ୍ ଆଣିଛନ୍ତି ତାହା ବିରୋଧରେ ଏଆଇଟିୟୁସି ଓ ଅନ୍ୟାନ୍ୟ ଶ୍ରମିକ ସଂଗଠନଗୁଡ଼ିକ ଆନ୍ଦୋଳନ ଜାରି ରଖିଛନ୍ତି । ଯେପର୍ଯ୍ୟନ୍ତ ଶ୍ରମକୋଡ୍ ବାତିଲ୍ ନ ହୋଇଛି, ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସେ ଘୋଷଣା କରିଥିଲେ ।

ଅନ୍ୟତମ ଅତିଥି ଭାବେ ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ସଂଗଠିତ ଓ ଅସଂଗଠିତ ଶ୍ରମିକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହା ବିରୋଧରେ ଦୁର୍ବାର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ସିପିଆଇର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର କହିଲେ, କେନ୍ଦ୍ର ସରକାର ଓଡ଼ିଶାକୁ ଲୁଟ୍ କରିବା ପାଇଁ ଏମଏମଡିଆର ଆଇନ୍ ସଂଶୋଧନ କରିଛନ୍ତି । ଏହି ଆଇନ ପ୍ରତ୍ୟାହାର କରିବା ପାଇଁ ସେ ଦାବି କରିବା ସହ ଏସଆଇଆର ପ୍ରକ୍ରିୟା ବିରୋଧରେ ହେଉଥିବା ଆନ୍ଦୋଳନରେ ଶ୍ରମିକ ଶ୍ରେଣୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମାବେଶରେ ଏଆଇଟିୟୁସି ରାଜ୍ୟ ସଭାପତି ଆଶୋକ ଦାସ ସଭାପତିତ୍ୱ କରିଥିବା ବେଳେ ଅଭ୍ୟର୍ଥନା କମିଟି ସଭାପତି ତଥା ପୂର୍ବତନ ସାଂସଦ ରବିନାରାୟଣ ପାଣି, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ଏଆଇଟିୟୁସିର ଅନ୍ୟତମ ଜାତୀୟ ସମ୍ପାଦକ ୱାହିଦା ନିଜାମ୍, ଏଆଇଟିୟୁସି ଉପସଭାପତି ହରିଦ୍ୱାର ସିଂହ, ପ୍ରଫୁଲ୍ଲ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ସୁରେନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦଘାଟନୀ ସମାରୋହରେ ଅଶୋକ ଦାସ ସଭାପତିତ୍ୱ କରିଥିବାବେଳେ ଏଆଇଟିୟୁସିର କେନ୍ଦ୍ରୀୟ ନେତୃବୃନ୍ଦ ଓ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍‌ର ରାଜ୍ୟ ନେତୃବୃନ୍ଦ, ଏଚଏମଏସ୍‌ର ରାଜ୍ୟ ସଭାପତି ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସିଆଇଟିୟୁର ରାଜ୍ୟ ସମ୍ପାଦକ ଦୁଷ୍ମନ୍ତ କୁମାର ଦାସ, ଏଆଇୟୁଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ଜୟସେନ ମେହେର, ଏଆଇସିସିଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଏଲପିଏଫ୍‌ର ଅରକ୍ଷିତ ପ୍ରଧାନ ପ୍ରମୁଖ ଅଭିଭାଷଣ ରଖି ଶ୍ରମିକ ଶ୍ରେଣୀର ଦୁର୍ଦ୍ଦଶାର ପ୍ରତିକାର ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ ଉପରେ ଗୁରୁତ୍ୱ ଦେଇଥିଲେ । ଅଭ୍ୟର୍ଥନା କମିଟି ସଭାପତି ପାଣି ସ୍ୱାଗତ ଭାଷଣ ଦେଇଥିବାବେଳେ କମ୍ରେଡ୍ ପ୍ରଶାନ୍ତ ପାଟ୍ଟଯୋଶୀ ଏଆଇଟିୟୁସିର ଲାଲ୍ ପତାକା ଉତ୍ତୋଳନ କରିଥିଲେ । ଏହି ସମ୍ମିଳନୀ ତିନିଦିନ ଧରି ଚାଲିବ ବୋଲି ପକ୍ଷରୁ ସୂଚନା ଦିଆଯାଇଛି ।

କାର୍ତ୍ତିକେଶ୍ୱର ପୂଜା ପାଇଁ ମାଟି ଅନୁକୂଳ



କିଶୋରନଗର,୧ ।୧୧(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଆଗାମୀ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ମୂର୍ତ୍ତି ନିର୍ମାଣ ପାଇଁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ମାଟି ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଏଥିସହ ଆନୁଷ୍ଠାନିକ ଭାବେ ପୂଜାର ପ୍ରସ୍ତୁତି ଆରମ୍ଭ ହୋଇଛି । ବ୍ରାହ୍ମଣ ବିଶ୍ୱଜିତ ମିଶ୍ରଙ୍କ ଦ୍ୱାରା ମନ୍ତ୍ରପାଠ ଓ ପୂଜାର୍ଚ୍ଚନା କରାଯାଇଥିଲା । ବିକ୍ରମ ବାଘ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ସୁମନ୍ତ କୁମାର ସାହୁ, ପଞ୍ଚାନନ ସାହୁ, ଦେବାଶିଷ ସାହୁ, ଅନିଲ କୁମାର ଖୁଣ୍ଟିଆ, ଜିତେନ୍ଦ୍ର ଦେହୁରୀ, ସତ୍ୟବ୍ରତ ବାଘ, ବିକାଶ ଖୁଣ୍ଟା ଓ ରାକେଶ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ତ୍ତିକେଶ୍ୱର ପୂଜାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି ।

ନାହିଁ ନାହିଁରେ ଚାଲିଛି ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ

କିଶୋରନଗର,୧ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସଦରମହକୁମାରେ ରହିଛି ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ । ଏହି କାର୍ଯ୍ୟାଳୟ ଅଧୀନରେ ୧୫୮ ଅଙ୍ଗନବାଡ଼ି କେନ୍ଦ୍ର କାମ କରୁଛି । ତେବେ ଏହି କାର୍ଯ୍ୟାଳୟ ନାହିଁ ନାହିଁରେ ଚାଲିଥିବା ଅଭିଯୋଗ ହୋଇଛି । ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆସୁଥିବା ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଏଠାରେ ଶୌଚାଳୟଟିଏ ନାହିଁ । କାର୍ଯ୍ୟାଳୟ ଚାରିପାଖରେ ଥିବା ବହୁ ପୁରୁଣା ପାଚେରି ଭାଙ୍ଗିରୁଜି ନଷ୍ଟ ହେଲାଣି । କାର୍ଯ୍ୟାଳୟ ସମ୍ମୁଖରେ ଫାଟକଟିଏ ବି ନିର୍ମାଣ କରାଯାଇନାହିଁ । ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ, ସିଡିପିଓ, ସୁପରଭାଇଜରମାନଙ୍କ ପାଇଁ ସରକାରୀ କ୍ୱାର୍ଟର୍ସ ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ଏଣେତେଣେ ଘର ଭଡ଼ା ନେଇ ରହୁଛନ୍ତି । ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

- ନାହିଁ ଶୌଚାଳୟ, ପାଚେରି, ଫାଟକ
- କର୍ମଚାରୀଙ୍କ କ୍ୱାର୍ଟର୍ସ କଥା ନ କହିବା ଭଲ

ଲକ୍ଷ୍ମୀପୂଜା ମେଲଣ ପାଇଁ ଲଟେରୀ ଉଠାଣ



ଅନୁଗୋଳ,୧ ।୧୧(ସମିସ): ଆସନ୍ତା ୪ ତାରିଖ ଅନୁଗୋଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଭସାଣି ଶୋଭାଯାତ୍ରାରେ କେଉଁ କମିଟି ଆଗରେ କିମ୍ବା ପଛରେ ଯିବ ସେଥିନେଇ ଏକ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ରୀୟ ପୂଜା କମିଟି ସଭାପତି ସୁନୀଲ କୁମାର ସାହୁ, ସମ୍ପାଦକ ଦିଲୀପ କୁମାର ପ୍ରଧାନଙ୍କ ସମେତ ସମସ୍ତ ଉପଦେଷ୍ଟା, ସଦସ୍ୟ ଓ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସଉପସ୍ଥିତ ଥିଲେ । ଲଟେରୀ ମୁତାବକ ମେଲଣରେ ସବା ଆଗରେ ପୁରୁଣା ସୂଚନା ବଜାର, ଦ୍ୱିତୀୟରେ ହାଟଛକ, ତୃତୀୟରେ ହନୁମାନ ବଜାର, ଚତୁର୍ଥରେ ନିଉ ଡେଲି ମାର୍କେଟ, ପଞ୍ଚମରେ ପୁରୁଣା ବସଷ୍ଟାଣ୍ଡ ଏପରି କ୍ରମାନ୍ୱୟରେ ଶେଷରେ ୧୪ ନମ୍ବରରେ କଲେଜ୍ ଛକ ମେଢ଼ ଆସିବ । ଭସାଣି ଶୋଭାଯାତ୍ରା ଅପରାହ୍ନ ୩ଟାରୁ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି । ଅମରେଶ ସ୍ୱାଇଁ ଧନ୍ୟବାଦ ଦେଇଥିବା ବେଳେ ପବନ ମାଣ୍ଡୋଠିଆ ମଞ୍ଚ ପରିଚାଳନା କରିଥିଲେ ।

ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଅନୁଗୋଳ,୧ ।୧୧(ସମିସ): ମରାତିରା ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସଫଳ ଓ ଭବ୍ୟ କରିବା ପାଇଁ ବିଦ୍ୟାଳୟ ପରିସରରେ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ୧୯୭୭ ମସିହା ଜୁଲାଇ ୧ରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ୨୦୨୭ରେ ତା'ର ୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି । ଏହି ସ୍ମରଣୀୟ ଅବସରକୁ ଭବ୍ୟ ଏବଂ ଆକର୍ଷଣୀୟ ଭାବେ ପାଳନ ପାଇଁ ବିଦ୍ୟାଳୟ ଛାତ୍ରଚାତ୍ରୀ ଏବଂ ଅଲୁମ୍‌ନି କମିଟି ମଧ୍ୟରେ ବ୍ୟାପକ ପ୍ରସ୍ତୁତି ଓ ଉତ୍ସାହ ଦେଖିବାକୁ ମିଳିଛି ।



ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାନ୍ତରାପୁର, ଜରଡ଼ା, ତୁବେ ଏବଂ ବଢ଼ହିଂସର ପଞ୍ଚାୟତ ବହୁ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ । ଉତ୍ସବକୁ ସୁଚାରୁରୂପେ ପରିଚାଳନା ନିମନ୍ତେ ବିଭିନ୍ନ ଅସ୍ଥାୟୀ କମିଟି ଗଠନ କରାଯାଇଛି । ଏଥିସହ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ପ୍ରତ୍ୟେକ ଘରକୁ ଯାଇ ପୁରାତନ ଛାତ୍ରଛାତ୍ରୀଙ୍କୁ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି ହୋଇଛି । ଉତ୍ସବ ପୂର୍ବରୁ ବିଦ୍ୟାଳୟର ବାକିଥିବା ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକୁ ଯଥାଶୀଘ୍ର ସମ୍ପାଦନ କରିବା ପାଇଁ ମଧ୍ୟ ଆଲୋଚନା ହୋଇଛି ।

ଅନୁଗୋଳରେ ଖୋଲିବ 'ଚାନ୍ଦି ଉତ୍ସବ' ଷ୍ଟୋର

- ଶୁଦ୍ଧତା ଓ କାରୁକାର୍ଯ୍ୟକୁ ଗୁରୁତ୍ୱ

ଅନୁଗୋଳ,୧ ।୧୧(ସମିସ): ଅନୁଗୋଳ ଶଙ୍କର ସିନେମା ରୋଡ୍‌ରେ ନଭେମ୍ବର ୨ ତାରିଖ ଉଦଘାଟିତ ହେବ ଅନୁଗୋଳର ନିଜସ୍ୱ ରୁପା ଅଳଙ୍କାର ପ୍ରତିଷ୍ଠାନ "ଚାନ୍ଦି ଉତ୍ସବ' । ଏହି ଷ୍ଟୋରରେ ରୁପାର ବିଭିନ୍ନ ଅଳଙ୍କାର ସହ ଉପହାର ସାମଗ୍ରୀ, ବାସନକୁସନ ଓ ଆଣ୍ଟିକ୍ କଲେକ୍ସନ ଉପଲବ୍ଧ ହେବ । ଗ୍ରାହକଙ୍କୁ ଶୁଦ୍ଧତା ଓ ଗୁଣାତ୍ମକ ମାନର ଭରସା ଦେବା ପାଇଁ ପ୍ରତ୍ୟେକ ସାମଗ୍ରୀର ଶୁଦ୍ଧତା ସମ୍ପର୍କିତ ପ୍ରମାଣ ମଧ୍ୟ ପ୍ରଦାନ କରାଯିବ । ଏହା ସହ ପ୍ରତିଷ୍ଠାନ ପକ୍ଷରୁ ବାଇ-ବ୍ୟାକ୍ ପଲିସି ରଖାଯାଇଛି । ଷ୍ଟୋରରେ ଭାରତର ବିଭିନ୍ନ ପ୍ରାନ୍ତ ସହ ବିଦେଶର ଆକର୍ଷଣୀୟ ଡିଜାଇନର ରୁପା ଗହଣା, ମଡର୍ଣ୍ଣ ଡିଜାଇନ, ଟ୍ରେଣ୍ଡି ଫ୍ୟାସନ ଜୁଏଲରୀ ଏବଂ ଆକର୍ଷଣୀୟ କଲେକ୍ସନ ଉପଲବ୍ଧ ହେବ । ଏହି ଯୋଜନାରେ ଗ୍ରାହକମାନେ ଦୀର୍ଘବର୍ଷ ବ୍ୟବହାର ପରେ ରୁପା ଅଳଙ୍କାର ଫେରାଇ ୮୫ରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ମୂଲ୍ୟ ପାଇବାର ସୁବିଧା ରହିଥିବା ସଂସ୍ଥା ପକ୍ଷରୁ କୁହାଯାଇଛି । ଏନେଇ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ କମଲ ଅଗ୍ରୱାଲ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ କୈଳାସ ଅଗ୍ରୱାଲ, ତରୁଣ ଅଗ୍ରୱାଲ, ସିଏନା ଅଗ୍ରୱାଲ, ପୁନିତ ଅଗ୍ରୱାଲ, ମେହେକ ଅଗ୍ରୱାଲଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।



- ଅନୁଗୋଳରେ ନିଯୁକ୍ତି ମେଳା

୬୩ ସେବକ ଓ ସେବିକାଙ୍କୁ ମିଳିଲା ନିଯୁକ୍ତିପତ୍ର



ଅନୁଗୋଳ,୧ ।୧୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ ସର୍କିଟ୍ ହାଉସ ସଭାଗୃହରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି । ଏଥିରେ ସରକାରଙ୍କ ଦ୍ୱାରା ଚୟନ ହୋଇଥିବା ୬୩ ଜଣ ସେବକ ଓ ସେବିକାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର, ମାୟାଧର ବେହେରା ଯୋଗଦେଇ ନବନିଯୁକ୍ତ ସେବକ ଓ ସେବିକାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବଞ୍ଝପାଳରେ ମା' ଗଜଲକ୍ଷ୍ମୀଙ୍କ ଆଞ୍ଚାଲଡ୍ଡୁ ନିଲାମ



ବଞ୍ଝପାଳ,୧ ।୧୧(ସମିସ): ବଞ୍ଝପାଳ ଲକ୍ଷ୍ମୀପୂଜାରେ ଆଞ୍ଚାଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବଞ୍ଝପାଳରେ ହେଉଥିବା ୧୩ ପୂଜାକମିଟି ମଧ୍ୟରୁ କେବଳ ଧନଲକ୍ଷ୍ମୀ ପୂଜା କମିଟି (ସନ୍ତାଛକ-ଖ) ପକ୍ଷରୁ ପ୍ରତ୍ୟେକ ବର୍ଷ ଆଞ୍ଚାଲଡ୍ଡୁ ନିଲାମ କରାଯାଏ । ଚଳିତ ବର୍ଷ ନୂଆହତା ଗ୍ରାମର ସୁବ୍ରତ କୁମାର ସିଂହ ସର୍ବାଧିକ ୨୫ ହଜାର ୧୧୧ ଟଙ୍କା ବଡ଼ି ଆଞ୍ଚାଲଡ୍ଡୁ ନିଲାମ ନେଇଛନ୍ତି । ବଞ୍ଝପାଳ ବଣିକ ମହାସଂଘ ଉପଦେଷ୍ଟା ଖଗେଶ୍ୱର ପରିଡ଼ା, ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧ୍ୟକ୍ଷ ବିଜୟ କୁମାର ସାମଲ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ବିଶୋଇ ଓ ଲଲାଟେନ୍ଦୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ଆଞ୍ଚାଲଡ୍ଡୁ ପ୍ରଦାନ କରିଥିଲେ । ଏହି ଅବସରରେ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । 'ରକ୍ ଡ୍ୟାନ୍ସ ଗ୍ରୁପ' କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ । ପୂଜା କମିଟି ସଭାପତି ଗୌରଚନ୍ଦ୍ର ପ୍ରଧାନ, ଉପ-ସଭାପତି ଅଶୋକ କୁମାର ବେହେରା, ସମ୍ପାଦକ ସଂଗ୍ରାମ କେଶରୀ ସାମଲ, କୋଷାଧ୍ୟକ୍ଷ ଶକ୍ତିପ୍ରସାଦ ରାଉତଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଗଞ୍ଜେଇ ଜବତ; ଜଣେ ଗିରଫ

ବଇଣ୍ଡା,୧ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକ ଅଞ୍ଚଳରୁ ଶନିବାର ସନ୍ଧ୍ୟାରେ ବଇଣ୍ଡା ଅବକାରୀ ବିଭାଗ ଚଢ଼ଉ କରି ୬ କେଜି ଗଞ୍ଜେଇ ଜବତ କରିଛି । ଏହି ବେଆଇନ କାବବାରରେ ସମ୍ପୃକ୍ତି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ପାଲଘର ଅଞ୍ଚଳର ନିଖିଲ ସନ୍ତୋଷ ପବନ । ନିଖିଲ ଏକ ବସ୍ତାରେ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ଧରି ଟ୍ରେନ ଯୋଗେ ମହାରାଷ୍ଟ୍ର ଚଲାଣ କରିବାକୁ ନେଉଥିବା ବେଳେ କୌଣସି ସୂତ୍ରରୁ ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା । ଚଢ଼ଉରେ ବିଭାଗୀୟ ଅଧିକାରୀ ମାଧବେଶ ମାର୍ଣ୍ଡି, ସମୀର ରଞ୍ଜନ ଭୋଇ, ବବୁଲୁ ଦେହୁରି, ସୌମ୍ୟ ସେଠୀ ସାମିଲ ହୋଇଥିଲେ ।

ଗୋପାଳପ୍ରସାଦ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ



ତାଳଚେର,୧ ।୧୧(ସମିସ): ଗୋପାଳପ୍ରସାଦ ଥାନା ପକ୍ଷରୁ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି । ପ୍ରଧାନାଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବରେ ଏସ୍‌ଆଇ ଶେଷଦେବ ଯୋଗଦେଇଥିଲେ । ଏହି ଅବସରରେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ପ୍ରଥମ ଗୃହମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରାଯିବା ସହ ଦେଶର ଏକତା, ଅଖଣ୍ଡତା ଓ ସଂହତି ସୁଦୃଢ଼ କରିବାରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । ଏହାସହ ଯୁବପିଢ଼ି ନିଶା କବଳରୁ ନିଜକୁ ରକ୍ଷା କରିବା ସହ ସୁସ୍ଥ ସମାଜ ଗଠନ କରିବାକୁ ଥାନାଧିକାରୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ବନ୍ଧରେ ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

- ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟଣା

ଉଦବେଗ ପ୍ରକାଶ କଲେ ସାଂସଦ

ଅନୁଗୋଳ,୧ ।୧୧(ସମିସ): ପାଲଲହଡ଼ା ବ୍ଲକ ଅଞ୍ଚଳରେ ଦୁଇଦିନ ମଧ୍ୟରେ ହାତୀ ଆକ୍ରମଣରେ ଦୁଇଜଣଙ୍କ ଜୀବନ ଯାଇଛି । କରଡ଼ାପାଳ ପଞ୍ଚାୟତ ମୁନିପାଳପୁର ଗ୍ରାମର ରୁନୁ ପେଣ୍ଡଇ (୩୨) ଏବଂ ବାଲିପସି ପଞ୍ଚାୟତ ଜୟପୁର ଗ୍ରାମର ସିଦ୍ଧେଶ୍ୱର ଶୁଣ୍ଡୀଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି । ଏ ନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଉଭୟଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ପରିବାରର ଜଣଙ୍କୁ ବନ ବିଭାଗରେ ଠିକାନିଯୁକ୍ତି ଦେବା ପାଇଁ ସାଂସଦ ଦେବଗଡ଼ ଡିଏଫଓଙ୍କ ସହ ଫୋନ ଯୋଗେଁ କଥା ହୋଇଛନ୍ତି । ହାତୀ-ମଣିଷ ବିବାଦର ସ୍ଥାୟୀ ସମାଧାନ ପାଇଁ ସାଂସଦ ବାରମ୍ବାର ସଂସଦରେ ଦାବି ଉପସ୍ଥାପନ କରିଆସୁଛନ୍ତି । ସରକାର ଏ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଅନୁରୂପ ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମଧ୍ୟ ହାତୀ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

ମା' ଗଜଲକ୍ଷ୍ମୀଙ୍କ ଭସାଣି, ଆଞ୍ଚାଲଡ୍ଡୁ ନିଲାମ



ପବିତ୍ରନଗର,୧ ।୧୧(ସମିସ): କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗାନ୍ଧୀନଗର ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାର ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି । ଭସାଣି ପୂର୍ବରୁ ମା'ଙ୍କ ଆଞ୍ଚାଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହୋଇଥିଲା । ନିଲାମରେ ଶରଧାପୁର ଗ୍ରାମର ପୀୟୁଷ ଏବଂ ଶୁଭଲକ୍ଷ୍ମୀ ଅଂଶଗ୍ରହଣ କରି ସର୍ବାଧିକ ୧୯,୫୦୦ ଟଙ୍କାରେ ଲଡ୍ଡୁ ହାସଲ କରିଛନ୍ତି । ପୂଜା କମିଟି ସଭାପତି ସୁକାନ୍ତ ମହାନ୍ତି ଏବଂ ସମ୍ପାଦକ କଳିଙ୍ଗ ମହାନ୍ତି ସେମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଲଡ୍ଡୁ ପ୍ରଦାନ କରିଥିଲେ । ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଭାକର ମହାନ୍ତି, କନକେଶ୍ୱରୀ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ, ଶିକ୍ଷକ ରଞ୍ଜନ କୁମାର ସେଠୀ, ପୂର୍ବତନ ସଭାପତି ଶିବରାମ ମହାନ୍ତି, ବିଭୂତି ଭୂଷଣ ମହାନ୍ତି, ଦୁର୍ଗାପୂଜା କମିଟି ସଭାପତି ସ୍ୱାଧୀନ ମହାନ୍ତି, ଶିକ୍ଷକ ଉଦୟ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା । 'ହେ ନବୀନ ବାବୁ-ଆମେ ତୁମ ଫ୍ୟାନ' ଗୀତର ତାଳେ ତାଳେ ଯୁବକମାନେ ନୃତ୍ୟ କରିଥିଲେ । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନାଯୋଗ୍ୟ, ୨୦୦୩ରୁ ଶରଧାପୁରରେ ଗଜଲକ୍ଷ୍ମୀ ପୂଜା ଆଡ଼ମ୍ବରରେ ପାଳିତ ହୋଇଆସୁଛି ।

ଚୁଲିକୁ ଯାଉ ପାଠପଢ଼ା, ସରକାରୀ କାର୍ଯ୍ୟ ଆଗ

ତାଳଚେର,୧ ।୧୧(ସମିସ):

ସରକାର ଶିକ୍ଷାକୁ ଗୁରୁତ୍ୱ ଦେବା ପାଇଁ କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା କରିଛନ୍ତି । ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ମାଗଣା ପାଠ୍ୟପୁସ୍ତକ, ୟୁନିଫର୍ମ, ଜୋତା, ସାଇକଲ ଏମିତି କେତେ ଯୋଜନା କରିଛନ୍ତି । ବିଦ୍ୟାଳୟ ପରିଚାଳନା ଓ ଶିକ୍ଷକ ଓ ବିଭାଗୀୟ ଅଧିକାରୀଙ୍କ ଦରମା ବାବଦ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ତେବେ ବାସ୍ତବରେ ଶିକ୍ଷାର କେତେ ବିକାଶ ହେଉଛି, ଯୋଜନା କେତେ କାର୍ଯ୍ୟକାରୀ ହେଉଛି ତାହା ଜଣେ ସ୍କୁଲର ଶିକ୍ଷକ ହିଁ କହିପାରିବ । ଅନେକ ସ୍କୁଲରେ ଆବଶ୍ୟକ ଶିକ୍ଷକ ଅଭାବ ରହୁଥିବା ଶିକ୍ଷକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ପିଲାଙ୍କ ପାଠପଢ଼ା ଚୁଲିକୁ ଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ ।

ଶିକ୍ଷକମାନଙ୍କୁ ଜନଗଣନା, ଭୋଟରକାର୍ଡ ସଂଶୋଧନ, ମଧ୍ୟାହ୍ନଭୋଜନ ହିସାବଠାରୁ ଆରମ୍ଭକରି କୃମି ବଟିକା ବଣ୍ଟନ, ଏସ୍‌ଆଇଆର୍ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ଆଦି ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ାଇବା ପରିବର୍ତ୍ତେ ବିଭିନ୍ନ କାର୍ଯ୍ୟରେ ଘାଣ୍ଟି ହେଉଛନ୍ତି । ସରକାରୀ କାର୍ଯ୍ୟର ଡିଜିଟାଲ ତଥ୍ୟ ଅପଲୋଡ୍ ଓ ଅନଲାଇନ୍ କାର୍ଯ୍ୟରେ ବିତୁଛି ଶିକ୍ଷକଙ୍କ ଅଧିକାଂଶ ସମୟ । ଦୀକ୍ଷା, ନିପୁନ ଓଡ଼ିଶା, ୟୁଡାଇସ୍, ପ୍ରଶସ୍ତ, ଏସଏଚଭିଆର, ଉଲ୍ଲାସ, ବିଏଲଓ ଭଳି କାର୍ଯ୍ୟ ଶିକ୍ଷକମାନେ କରୁଥିବା ବେଳେ ଆଧାରକାର୍ଡ, ଜାତି ପ୍ରମାଣପତ୍ର, ସ୍କୁଲ ଜମିପଟ୍ଟା ଓ ଏବେ ଏସଆଇଆର କାମରେ ଶିକ୍ଷକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି । ଏଥିରେ ଖିଲାପ ହେଲେ ଚାକିରି ଯିବା ଭୟ ମଧ୍ୟ ରହିଛି । ଏତେସବୁ କାର୍ଯ୍ୟ ସହ ଛାତ୍ରଛାତ୍ରୀଙ୍କୁ କେତେବେଳେ ପାଠ ପଢ଼ାଇବେ, ତାକୁ ନେଇ ଶିକ୍ଷକମାନେ ଚିନ୍ତାରେ ପଡ଼ିଛନ୍ତି । ଶିକ୍ଷାର ଡିଜିଟାଲକରଣ ନିଶ୍ଚିତ ସ୍ୱାଗତଯୋଗ୍ୟ । କିନ୍ତୁ ଡିଜିଟାଲ ବ୍ୟବସ୍ଥା ଶିକ୍ଷାଦାନକୁ ସହଜ କରିବା ପରିବର୍ତ୍ତେ ଯଦି ଶିକ୍ଷକଙ୍କ ଉପରେ ଅତିରିକ୍ତ ବୋଝର କାରଣ ହୁଏ ତେବେ ଏହାର ଉଦ୍ଦେଶ୍ୟ ନେଇ ପୁନର୍ବିଚାର କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

- ଜନଗଣନାରୁ ଆଧାରକାର୍ଡ ସବୁଠାରେ ଶିକ୍ଷକ ନିୟୋଜିତ
- ଅଣଶିକ୍ଷା କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଭୟ

ବର୍ତ୍ତମାନ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀ ତୁଳନାରେ ଶିକ୍ଷକ, ଶିକ୍ଷୟିତ୍ରୀ ସଂଖ୍ୟା କମ ରହୁଥିବାରୁ ପାଠ ପଢ଼ାଇବା ସହ ଏ ସବୁ ଦାୟିତ୍ୱ କିପରି ନିର୍ବାହ କରିବେ ଓ କେତେବେଳେ କରିବେ ତାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ଚାପରେ ରହିଛନ୍ତି । ଅପରପକ୍ଷେ ଘରୋଇ ସ୍କୁଲଗୁଡ଼ିକରେ ସଂଖ୍ୟାଧିକ ଶିକ୍ଷକ ରହି କେବଳ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା ସହ ଶିକ୍ଷାର ମାନ ବୃଦ୍ଧି କରୁଥିବା ବେଳେ ସରକାରୀ ସ୍କୁଲଗୁଡ଼ିକରେ ମଧ୍ୟ ସମାନ ବ୍ୟବସ୍ଥା ଅନୁସରଣ କରାଯିବାକୁ ଦାବି ହୋଇଛି । ସରକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅଣଶିକ୍ଷା କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଥିବାରୁ ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନ ରସାତଳଗାମୀ ହେଲାଣି । ଏ ନେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ସରକାର ଆବଶ୍ୟକ ଶିକ୍ଷକ, ସ୍କୁଲ ପାଇଁ ଭିତ୍ତିଭୂମି, ଉତ୍ତମ ପରିବେଶ ଯୋଗାଇଦେଇ ଶିକ୍ଷକଙ୍କ ଉପରୁ ଅଣଶିକ୍ଷା ଦାୟିତ୍ୱ ହଟାଇବାକୁ ଦାବି ହେଉଛି ।

ଭଙ୍ଗାରୁଜାର ୧୮ ଦିନ ପରେ ବି ପ୍ରଶାସନ ନିରବ

ମରାମତି ହେଲାନି; ଖୋଲା ଆକାଶ ତଳେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ

ସାକ୍ଷୀଗୋପାଳ,୦୧୧୧(ସମିସ): ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାକୁ ୧୮ ଦିନ ବିତିଲାଣି। ହେଲେ ଏଯାଏଁ କାର୍ଯ୍ୟାଳୟର ମରାମତି ହୋଇନାହିଁ କି ହଜିଥିବା ଜରୁରୀ କାଗଜପତ୍ରର ପୁନରୁଦ୍ଧାର ହୋଇପାରିନାହିଁ। ଫଳରେ ଅଧ୍ୟକ୍ଷଙ୍କୁ ଭେଟି ବିଭିନ୍ନ ସମସ୍ୟା ଓ ଅଭିଯୋଗ ଜଣାଇବାକୁ ଆସୁଥିବା ଲୋକଙ୍କ କାମ ଖୋଲା ଆକାଶ ତଳେ ଚାଲିଛି। ରାଜନୈତିକ ବିବାଦ ଥମିବା ପରେ ବ୍ଲକ୍ କାର୍ଯ୍ୟାଳୟର ସାଧାରଣ କାର୍ଯ୍ୟ ସ୍ୱାଭାବିକ ହୋଇଥିଲେ ମଧ୍ୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଅଚଳାବସ୍ଥା ଦୂର ହୋଇନାହିଁ। ଏହାକୁ ନେଇ ପ୍ରଶାସନର ତତ୍ପରତା ଉପରେ ପ୍ରଶ୍ନ ଉଠିଛି।

ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ କହିବା ଅନୁଯାୟୀ, ଭଙ୍ଗାରୁଜା ସମୟରେ କାର୍ଯ୍ୟାଳୟରେ ଥିବା କେତେକ ଅତି ଜରୁରୀ ଫାଇଲ୍ ଓ ଜନସାଧାରଣଙ୍କ



ବିଭିନ୍ନ ଅଭିଯୋଗ ସମ୍ପର୍କିତ କାଗଜପତ୍ର ହଜିଯାଇଛି। ଏହାଦ୍ୱାରା ସମ୍ପୃକ୍ତ ଲୋକଙ୍କ କାର୍ଯ୍ୟ ସମ୍ପାଦନରେ ସମସ୍ୟା ହେଉଛି। କାର୍ଯ୍ୟାଳୟର ମରାମତି କେବେ ହେବ, ସେ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ତଥାପି ଲୋକଙ୍କ କାମ ବନ୍ଦ ନ କରି ସେମାନଙ୍କ ଅଭିଯୋଗ ଶୁଣିବା ସହ ଆବଶ୍ୟକ କାର୍ଯ୍ୟ କରୁଛନ୍ତି। ପ୍ରଶାସନିକ ନିଷ୍କ୍ରିୟତା ଓ ରାଜନୈତିକ କାରଣରୁ ସତ୍ୟବାଦୀରେ ଏଭଳି

ମିଳୁନି ଜରୁରୀ ଫାଇଲ୍‌ପତ୍ର; ସବୁ ହଜିଯାଇଛି

ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୪ ତାରିଖରେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ତୀବ୍ର ହୋଇଥିଲା। ବିଜେପି ସମର୍ଥିତ ବ୍ୟକ୍ତିମାନେ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଗିରଫ ଦାବିରେ ବିଜେପି ପକ୍ଷରୁ ସତ୍ୟବାଦୀ ଥାନା ସମ୍ମୁଖରେ ଆନ୍ଦୋଳନ ହୋଇଥିଲା। ଭଙ୍ଗାରୁଜା ଘଟଣାର ପ୍ରତିବାଦରେ ବିଜେଡି ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେବା ସହ ରାସ୍ତାରୋକ ପାଇଁ ଚେତାବନୀ ଦେଇଥିଲା। ଏହି ଘଟଣାରେ ବିଡିଓଙ୍କ ଅଭିଯୋଗ ଆଧାରରେ ସତ୍ୟବାଦୀ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ପ୍ରଶାସନର ପ୍ରତିଶ୍ରୁତି ପରେ ଉଭୟ ଦଳର ଆନ୍ଦୋଳନ ସ୍ଥଗିତ ଓ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ପ୍ରତ୍ୟାହାର ପରେ ବ୍ଲକ୍ କାର୍ଯ୍ୟାଳୟର ସାଧାରଣ କାର୍ଯ୍ୟ ସ୍ୱାଭାବିକ ହୋଇଛି। ମାତ୍ର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ମରାମତି ଓ ହଜିଥିବା ଫାଇଲ୍ ଏବଂ ଅଭିଯୋଗପତ୍ରର ପୁନରୁଦ୍ଧାର ହୋଇପାରିନାହିଁ। ଏହାଦ୍ୱାରା ସାଧାରଣ ଲୋକଙ୍କ କାର୍ଯ୍ୟ ପ୍ରଭାବିତ ହେଉଥିବାବେଳେ ମରାମତି ଓ କାଗଜପତ୍ର ପୁନରୁଦ୍ଧାର ନେଇ ପ୍ରଶାସନ କେବେ ଠୋସ୍ ପଦକ୍ଷେପ ନେବ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ନୟାହାଟ ବାଇପାସ୍ ରାସ୍ତା ଶୋଚନୀୟ



ନୟାହାଟ,୦୧୧୧(ସମିସ): ନୟାହାଟ ବଜାରରୁ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ କୁଣ୍ଢେଇ କେନାଲର ବାମପାର୍ଶ୍ୱରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ନୟାହାଟ କାନାରା ବ୍ୟାଙ୍କଠାରୁ ବରଗଡ଼ା ପର୍ଯ୍ୟନ୍ତ ପ୍ରାୟ ୧୨୦୦ ମିଟର ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ ହେବାର ୬ ବର୍ଷ ବିତିଯାଇଥିବା ବେଳେ ଜଳ ସେଚନ ବିଭାଗ ପକ୍ଷରୁ ମରାମତି କରାଯାଉ ନ ଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଗୋଡ଼ିଉଠି ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇଛି। ବର୍ଷା ଦିନରେ ଖାଲରେ ପାଣି ଜମିରହି ରାସ୍ତା ନଷ୍ଟ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର୍ ରହିଛି। ମରାମତି ସମ୍ପର୍କରେ ପାଣିଛତ୍ର ଜଳସେଚନ ଯନ୍ତ୍ରୀ ରବୀନ୍ଦ୍ର ଦାସଙ୍କୁ ପଚାରିବାରେ ସେ କହିଥିଲେ, ଡିସେମ୍ବର ମାସରେ କାମ ହେବ। ଏହି ରାସ୍ତା ଉପରେ ଭାରୀଯାନ ଯାଉଥିବାବେଳେ ରାସ୍ତା ନଷ୍ଟ ହେଲା ବୋଲି ଯନ୍ତ୍ରୀ ଶ୍ରୀ ଦାସ ପ୍ରକଶ କରିଛନ୍ତି। ବୁଧବାର ଓ ରବିବାର ହାଟ ଦିନମାନଙ୍କରେ ବାଇକ୍, ଅଟୋ, ଟ୍ରାକ୍ଟର ଓ ମାଲ୍‌ବୋଝେଇ ଗାଡ଼ି ଆଦି ଯାତାୟାତ କରିବା ଫଳରେ କେନାଲ ବନ୍ଧ ଅଳ୍ପ ଦିନରେ ପିଚୁ ରାସ୍ତାଟି ମାଟି ରାସ୍ତାରେ ପରିଣତ ହୋଇଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

ନିମାପଡ଼ା ମହାବିଦ୍ୟାଳୟରେ ଭିଜିଲାନ୍ସ ସପ୍ତାହ



ନିମାପଡ଼ା,୦୧୧୧(ସମିସ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଭ୍ୟନ୍ତରିଣ ଗୁଣବତ୍ତା ସେଲ ଓ ଜାତୀୟ ସେବା ଯୋଜନା ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ୨୬ ତାରିଖରୁ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ରବିବାର ଶପଥପାଠ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସଚେତନତା ଶୋଭାଯାତ୍ରା, କୁଇଜ୍ ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ, ଅଣଶିକ୍ଷା କର୍ମଚାରୀଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସାଧୁତାରୁ ସମୃଦ୍ଧି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ସାମନ୍ତସିଂହାର, ସ୍ୱପ୍ନାରାଣୀ ମିଶ୍ର, ଶିଳ୍ପିକା ମହାରଣା, ଦେବୀଦତ୍ତ ବେହେରା, ପ୍ରବୀର କୁମାର ବେହେରା, ପ୍ରେମରାଜ ଗହୀର, ଡ. ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ନିମାପଡ଼ା ପୁଲିସ ପକ୍ଷରୁ ଏକତା ଦିବସ



ନିମାପଡ଼ା,୦୧୧୧(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ସ୍ୱାଧୀନ ଭାରତର ଏକୀକରଣ ପାଇଁ ତାଙ୍କର ଅବଦାନକୁ ସମ୍ମାନ ଜଣାଇବା ନିମନ୍ତେ ଏହି ଦିବସ ପାଳନ କରାଯାଏ। ଏହି ଅବସରରେ ନିମାପଡ଼ା ପୁଲିସ ପକ୍ଷରୁ ଥାନା ପରିସରରେ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ସହିତ ସମସ୍ତ ଅଫିସର ଓ କର୍ମଚାରୀ ଶପଥ ନେଇଥିଲେ। ପୁଲିସ ଓ ଜନତା ପରସ୍ପର ମଧ୍ୟରେ ଥିବା ଭେଦଭାବକୁ ଭୁଲି ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସମସ୍ତ ଅଫିସର ମତବ୍ୟକ୍ତ କରିଥିଲେ।

ବିଦ୍ୟୁତ୍ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସଚେତନତା ଶୋଭାଯାତ୍ରା



ନିମାପଡ଼ା,୦୧୧୧(ସମିସ): ରବିବାର ବିଦ୍ୟୁତ୍ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଠିକା କର୍ମଚାରୀ ମିଳିତ ମଞ୍ଚ ଜରିଆରେ ନିମାପଡ଼ା ଡିଭିଜନରୁ ବାହାରି ଚାରିଛକ ଏବଂ କିଛି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ 'ଟାଟା ହଟାଓ, ଓଡ଼ିଶା ବଞ୍ଚାଅ' ନାରା ଦିଆଯାଇଥିଲା। ଗତ ମାସ ୫ ତାରିଖଠାରୁ ନିମାପଡ଼ା ଡିଭିଜନ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ମଞ୍ଚ ପକ୍ଷରୁ ଡିଭିଜନ କାର୍ଯ୍ୟାଳୟ ଆଗରେ ଟାଟା ପାୱାର ପକ୍ଷରୁ ବେଆଇନ କର୍ମଚାରୀ ଛଟେଇ ବିରୁଦ୍ଧରେ ଧାରଣାରେ ବସିଛନ୍ତି। ଏଥିପାଇଁ ଏକ ମାସ ହେଲା ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରବିବାର ମଞ୍ଚ ପକ୍ଷରୁ ଟାଟା ପାୱାର କମ୍ପାନୀ ଉପଭୋକ୍ତାଙ୍କୁ କିପରି ଲୁଟୁଛନ୍ତି ତାହାର ସଚେତନ କରାଇବା ସହ ଆସନ୍ତା ୪ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ମହାସମାବେଶରେ ସାମିଲ୍ ହେବାକୁ ଉପଭୋକ୍ତାମାନଙ୍କୁ ନିବେଦନ କରିଥିଲେ। ଆଗାମୀ ଦିନରେ ଠିକା କର୍ମଚାରୀ ସଂଘ ନିମାପଡ଼ା ଡିଭିଜନ ଅଧୀନରେ ଥିବା ସମସ୍ତ ଠିକା କାର୍ଯ୍ୟାଳୟ ଜିଭି ଇଲେକ୍ଟ୍ରିକାଲ୍ ଏମ୍‌ଏମ୍‌ଜି, ଏଚ୍‌ଏସ୍ ପାୱାର, ଏଏମ୍‌ସି, ଗୋପାଳ ଏଜେନ୍ସି, ଏମ୍‌ବିସି, ପ୍ରୋଜେକ୍ଟ ଇମ୍ପେରିଆଲ ସହ ବାହାରୁ ଆଣି କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଏଥିରେ ପ୍ରଶାନ୍ତ କୁମାର ଓଝା, ଗିରିଶ ଚନ୍ଦ୍ର ପ୍ରଧାନ, ସତ୍ୟରଞ୍ଜନ ସେନାପତି, ବିଷ୍ଣୁ ଚରଣ ସ୍ୱାଇଁ, କପିଳ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାରେ ଆୟୋଜନ କରାଯାଇଥିଲା।

୭୧ତମ ମୁକ୍ତାକାଶ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



ନିମାପଡ଼ା,୦୧୧୧(ସମିସ): ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅରବିନ୍ଦ କ୍ଲବ୍, ଗଡ଼ଅଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ୭୧ତମ ମୁକ୍ତାକାଶ ରଙ୍ଗମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ ଭବ୍ୟ ପୁରସ୍କାର ବିତରଣ ଉତ୍ସବରେ ବିଜୟୀ ନାଟ୍ୟାନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯିବା ସହ ୫୦ରୁ ଊର୍ଦ୍ଧ୍ୱ କଳାକାର, ମେଧାବୀ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ୬ ଦିନ ଧରି ଚାଲିଥିବା ଏହି ନାଟକ ପ୍ରତିଯୋଗିତାରେ ନାଟ୍ୟାନୁଷ୍ଠାନଗୁଡ଼ିକ ନିଜ ନିଜର କଳା ଓ ଅଭିନୟର ନିଖୁଣ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ 'ଚନ୍ଦ୍ରମୁଖୀ' ନାଟକ ପରିବେଷଣ କରି ମା' ପାଦୁକେଇ ଯୁବ ନାଟ୍ୟ ସଂସଦ, ଭେକ୍ଷରୀ, ଖୋର୍ଦ୍ଧା ପ୍ରଥମ ସ୍ଥାନ ଅଧିକାର କରିଥିଲା। ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। "କିଏ କାନ୍ଦି ନାହିଁ ହାତ ଟେକ" ନାଟକ ପରିବେଷଣ କରି ରାଜଧାନୀ ରଙ୍ଗମଞ୍ଚ, ସୁନ୍ଦରପଡ଼ା ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଉପ ବିଜେତା ଦଳକୁ ନଗଦ ୪୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭବ୍ୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ନବୀନ କିଶୋର ପଟ୍ଟନାୟକ ଯୋଗଦେଇଥିବା ବେଳେ ପୂଜା କମିଟିର ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର, ଅରବିନ୍ଦ କ୍ଲବ୍‌ର ସଭାପତି ନିର୍ମଳ ପରିଜା, ସମ୍ପାଦକ ସୌମ୍ୟରଞ୍ଜନ ଦାସ, ଗ୍ରାମ ମଙ୍ଗଳ ସମିତି, ଗଡ଼ଅଣ୍ଡିଆର ସଭାପତି କିରଣ ପଟ୍ଟନାୟକ ଓ ସମ୍ପାଦକ ସୁଶାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଦିଲ୍ଲୀପ କୁମାର ପାତ୍ର। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଆୟୋଜିତ ମେଗା ମେଲୋଡି ସା ରେ ଗା ମା ପା ସଙ୍ଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଲୋକପ୍ରିୟ କଣ୍ଠଶିଳ୍ପୀ କୁମାର ବାପି, ନାଭ୍ୟା, ଜ୍ୟୋତି ଓ ଶର୍ମିଷ୍ଠା ସରକାରଙ୍କ ସୁମଧୁର ସଙ୍ଗୀତରେ ଝୁମିଥିଲେ ଉପସ୍ଥିତ ଦର୍ଶକ ଓ ଶ୍ରୋତା। ସଙ୍ଗୀତର ମଧୁର ମୂର୍ଚ୍ଛନାରେ ପୂଜା ମଣ୍ଡପ ଉତ୍ସବମୁଖର ହୋଇଉଠିଥିବା ବେଳେ ଦର୍ଶକଙ୍କ ଉତ୍ସାହ ଓ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା।

ଶିଶୁଙ୍କ ବିକାଶରେ ମାତୃମଣ୍ଡଳୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସାକ୍ଷୀଗୋପାଳ,୦୧୧୧(ସମିସ): ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ସର୍ବାଙ୍ଗୀଣ ବିକାଶରେ ମାଆଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରାର ଶିଶୁବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ମାତୃମଣ୍ଡଳୀଙ୍କ ସମେତ ଗୁରୁଜୀ ଓ ଗୁରୁମା' ଯୋଗଦେଇଥିଲେ। କର୍ମଶାଳାରେ ଅବସରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) ରେଣୁବାଳା ନନ୍ଦ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ଦେବୀ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଓ ନୈତିକ ବିକାଶରେ ମାଆଙ୍କ ଭୂମିକା ଏବଂ ଶିଶୁବାଟିକା ଶିକ୍ଷାର ଗୁରୁତ୍ୱ ଉପରେ ମାର୍ଗଦର୍ଶନ ଦେଇଥିଲେ। ଶିଶୁର ପ୍ରଥମ ଶିକ୍ଷା ଓ ଅଭ୍ୟାସ ଗଠନ ପରିବାରରୁ ଆରମ୍ଭ ହେଉଥିବାରୁ ମାଆଙ୍କ ସଚେତନତା ଓ ସହଭାଗିତା ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ଶିଶୁବାଟିକା ବିଭାଗ ପକ୍ଷରୁ ପୌଷ୍ଟିକ ଓ ସ୍ୱାଦିଷ୍ଟ ଘରୋଇ ଖାଦ୍ୟ ଏବଂ ପିଠା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଭାଗ ନେଇଥିବା ମାତୃମଣ୍ଡଳୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା ସମିତି ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ, ସଭାପତି ଜୟନ୍ତ କୁମାର ତ୍ରିପାଠୀ ଓ ଉପସଭାପତି ଶରତ କୁମାର ନନ୍ଦ ମାତୃମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଦେବ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଧାନଆଚାର୍ଯ୍ୟା ମାଆ ଓ ଶିକ୍ଷକମାନଙ୍କ ମଧ୍ୟରେ ନିୟମିତ ଯୋଗାଯୋଗ ଓ ସହଯୋଗ ରହିଲେ ଶିଶୁର ଶିକ୍ଷା, ଆଚରଣ ଓ ବ୍ୟକ୍ତିତ୍ୱ ବିକାଶ ଅଧିକ ସୁଦୃଢ଼ ହୋଇପାରିବ ବୋଲି ମତ ରଖିଥିଲେ। ଶେଷରେ ଅତିଥି, ଗୁରୁଜୀ, ଗୁରୁମା' ଓ ଉପସ୍ଥିତ ମାତୃମଣ୍ଡଳୀଙ୍କୁ ଧନ୍ୟବାଦ ଅର୍ପଣ ସହ କର୍ମଶାଳା ଉଦ୍‌ଯାପିତ ହୋଇଥିଲା।

■ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

ଦଶ ମହାବିଦ୍ୟା ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସମ୍ପର୍କ ଅଭିନ୍ନ

ପୁରୀ,୦୧୧୧(ସମିସ): ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ନଭେମ୍ବର ମାସର ଆଲୋଚନା ରବିବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରର ବିଷୟ 'ଦଶ ମହାବିଦ୍ୟା ଓ ଶ୍ରୀଜଗନ୍ନାଥ' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ଅଧ୍ୟାପିକା ବାସନ୍ତୀ ଦେବୀ।

ମହାଶକ୍ତି ବିଦ୍ୟା ଓ ଅବିଦ୍ୟା ଦୁଇ ରୂପରେ ବିଦ୍ୟମାନ। ଅବିଦ୍ୟା ରୂପରେ ସେ ପ୍ରାଣୀମାନଙ୍କ ମୋହର କାରଣ ହୋଇଥିବାବେଳେ ବିଦ୍ୟା ରୂପରେ ମୁକ୍ତିର ମାର୍ଗ ପ୍ରଦର୍ଶନ କରନ୍ତି। ଆଗମ ଶାସ୍ତ୍ରରେ ଦଶ ମହାବିଦ୍ୟାଙ୍କର ପ୍ରଧାନତା ପ୍ରତିପାଦିତ। ଦେବୀ ପୁରାଣର ଆଖ୍ୟାନ ଅନୁସାରେ, ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁ ଯିବା ପାଇଁ ସତୀ ଓ ଶିବଙ୍କ ମଧ୍ୟରେ ହୋଇଥିବା ମତଭେଦ ପରିପ୍ରେକ୍ଷୀରେ ଦେବୀ ସତୀ ନିଜର ଦଶ ମହାଶକ୍ତିଙ୍କୁ ଦଶ ଦିଗରେ ପ୍ରକଟ କରିଥିଲେ। ଏହି ଦଶ ମହାଶକ୍ତି ହେଉଛନ୍ତି କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, କମଳା, ତ୍ରିପୁରଭୈରବୀ, ଭୁବନେଶ୍ୱରୀ, ତ୍ରିପୁର ସୁନ୍ଦରୀ ଓ ମାତଙ୍ଗୀ। ତାନ୍ତ୍ରିକ ଗ୍ରନ୍ଥଗୁଡ଼ିକରେ ଏହି ଦଶ ମହାବିଦ୍ୟାଙ୍କୁ ବିଶେଷ ସ୍ଥାନ ଦିଆଯାଇଛି। ଶାକ୍ତ ଉପାସନା ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କୁ କାଳୀକା, ଶ୍ରୀବଳଭଦ୍ରଙ୍କୁ ନୀଳରୂପଧାରିଣୀ ତାରା, ଦେବୀ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ଷୋଡ଼ଶୀ ରୂପେ ଉପାସନା କରାଯାଏ। ଶାକ୍ତ ତନ୍ତ୍ର ଅନୁସାରେ ଶ୍ରୀଜଗନ୍ନାଥ ଓ ଦେବୀ କାଳୀକାଙ୍କ ମଧ୍ୟରେ ମୂଳତଃ କୌଣସି ଭେଦ ନାହିଁ। ଉଭୟଙ୍କ ଉପାସନାରେ ତାତ୍ତ୍ୱିକ ସାମଞ୍ଜସ୍ୟ ରହିଥିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ବରାହ ସଂହିତାର ଉଦ୍ଧୃତି ଦେଇ ପରମେଶ୍ୱରଙ୍କ ଶକ୍ତିର ବିଭିନ୍ନ ସ୍ୱରୂପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୋଗ ସମୟରେ ଭବାନୀ, ପୁରୁଷମାନଙ୍କ ମଧ୍ୟରେ ବିଷ୍ଣୁ, କୋପ ସମୟରେ କାଳୀ ଏବଂ ସମର ସମୟରେ ଦୁର୍ଗା ରୂପେ ଆବିର୍ଭୂତ ହୋଇଥା'ନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ରକ୍ଷାକାରିଣୀ ଦେବୀ କାଳୀକାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅଣସର ପଟିରେ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀଙ୍କ ଉପାସନା ପରମ୍ପରା ରହିଛି। ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରର କ୍ଷେତ୍ରାଧିପତି ହୋଇଥିବାବେଳେ ଅଷ୍ଟଶକ୍ତି ଏହି ପବିତ୍ର କ୍ଷେତ୍ରର ସୁରକ୍ଷା କରୁଛନ୍ତି। ଏହି ଶକ୍ତିମାନେ ହେଲେ ରୁଦ୍ରାଣୀ, ମଙ୍ଗଳା, ବିମଳା, ସର୍ବମଙ୍ଗଳା, ଅର୍ଦ୍ଧାଶିନୀ, ଆଲମ୍ବା, କାଳରାତ୍ରୀ ବା ଦକ୍ଷିଣକାଳୀ, ମରିଚିକା ଓ ଚଣ୍ଡରୂପା ବା ଚାମୁଣ୍ଡା ବୋଲି ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଡ. ଉମେଶ ଚନ୍ଦ୍ର ଚିହ୍ନରା, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ନୃସିଂହ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. ପ୍ରମୋଦ କୁମାର ଦଳାଇ, ଡ. ଦେବରାଜ ପ୍ରଧାନ, ଡ. କାଦମ୍ବିନୀ ଦାସ, ଅନାମ ଚନ୍ଦ୍ର ସାହୁ, ଶ୍ୟାମପ୍ରକାଶ ସେନାପତି, ଗୁରୁଚରଣ ଦାସ, ସାରଙ୍ଗଧର ଷଡ଼ଙ୍ଗୀ, ରଞ୍ଜିତା ମହାପାତ୍ର, ଅଶୋକ ଆଢ୍ୟ, କୋଟେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଗବେଷକ, ବିଦ୍ୱାନ ଓ ଆଧ୍ୟାତ୍ମିକ ଚିନ୍ତକ ଯୋଗଦେଇଥିଲେ।

ଦଶମ ୩.୦ କାର୍ଯ୍ୟକ୍ରମ | କଣାସ ବ୍ଲକ୍‌ର ୧୦୦ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାଭିତ୍ତିକ ଶିକ୍ଷାଦାନ


କଣାସ,୦୧୧୧(ସମିସ): ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଆଗାମୀ ବୋର୍ଡ ପରୀକ୍ଷା ୨୦୨୭ ପାଇଁ ଅଧିକ ଦକ୍ଷ, ଆତ୍ମବିଶ୍ୱାସୀ ଓ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଶନିବାର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କଣାସଠାରେ 'ଦଶମ ୩.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କଣାସ ବ୍ଲକ୍‌ର ଏ୧ ଓ ଏ୨ ସ୍ତରର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ଇଂରାଜୀ ଓ ଗଣିତ ବିଷୟରେ ପରୀକ୍ଷାଭିତ୍ତିକ ଶିକ୍ଷାଦାନ ସହ ମୂଲ୍ୟାୟନରେ ଅଂଶଗ୍ରହଣ କରିଥିଲେ। ଏହି ଶିକ୍ଷାମୂଳକ କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଭିଜ୍ଞ ବିଷୟଭିତ୍ତିକ ଶିକ୍ଷକ ଓ ଅଭିଭାବକ ଉତ୍ସାହର ସହ ଯୋଗଦେଇଥିଲେ। ସମଗ୍ର ପରିବେଶ ଦେଖିଲେ ମନେ ହେଉଥିଲା, ଯେପରି କଣାସ ବ୍ଲକ୍‌ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଏକ ମହାମେଳା ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଦିଗ୍‌ଦର୍ଶକ ତଥା ମାର୍ଗଦର୍ଶକ ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଗତ ୩ବର୍ଷ ଧରି ଏହି ଶିକ୍ଷାଭିତ୍ତିକ ପ୍ରୟାସ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ସେ ଇଂରାଜୀ ଓ ଗଣିତ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପିଲାମାନଙ୍କୁ ଶିକ୍ଷା ଦେବା ସହ ଶିକ୍ଷାଗ୍ରହଣର ସୁଯୋଗ ପ୍ରଦାନ କରିଥିଲେ। ଗଳ୍ପ, ଉଦାହରଣ ଓ ପ୍ରେରଣାଦାୟୀ ଉପାଖ୍ୟାନ ମାଧ୍ୟମରେ ସେ ପିଲାମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ, ଆତ୍ମବିଶ୍ୱାସ ଓ ସଫଳତାର ସ୍ୱପ୍ନ ଜାଗ୍ରତ କରିଥିଲେ। ଏହି ଅବସରରେ ବିଧାୟକ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ୮ଟି ଶିକ୍ଷାମନ୍ତ୍ର ପ୍ରଦାନ କରିଥିଲେ। ସେଗୁଡ଼ିକ ହେଲା- ପରୀକ୍ଷା ପର୍ଯ୍ୟନ୍ତ ମୋବାଇଲ୍‌ର ଅପବ୍ୟବହାରଠାରୁ ଦୂରେଇ ରହିବା, ପ୍ରତିଦିନର ପାଠ ପ୍ରତିଦିନ ଶେଷ କରିବା, ନିୟମିତ ଅଭ୍ୟାସ କରିବା, ପରିଶ୍ରମ ଜାରି ରଖିବା ଏବଂ ଲକ୍ଷ୍ୟ ପ୍ରତି ଏକାଗ୍ର ରହିବା ଭଳି ମୂଲ୍ୟବାନ ପରାମର୍ଶ। କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇଟି ପୃଥକ ଶ୍ରେଣୀକକ୍ଷରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଥିଲା। ଇଂରାଜୀ ଓ ଗଣିତ ବିଷୟର ଦକ୍ଷ ଶିକ୍ଷକମାନେ ସରଳ ଓ ଆକର୍ଷଣୀୟ ଶିକ୍ଷଣ ପଦ୍ଧତିରେ ପାଠ



ପଢ଼ାଇବା ସହ ପରୀକ୍ଷା ଉପଯୋଗୀ ଅଭ୍ୟାସ କରାଇଥିଲେ। ଏହି ଶିକ୍ଷାମୂଳକ ଅଭିଯାନରେ କଣାସ ବ୍ଲକ୍ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଚୌଧୁରୀ, ସୁଶୀଳ ମହାପାତ୍ର, ନୋଡାଲ ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମର ନିରୀକ୍ଷଣ କରିବା ସହ ଆବଶ୍ୟକୀୟ ସହଯୋଗ କରିଥିଲେ।

ବାୟୁସେନାର ଅଗ୍ନିବୀର ଯୋଜନାରେ କ୍ୟାରିୟର ଗଠନ

ସାକ୍ଷୀଗୋପାଳ,୦୧୧୧(ସମିସ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀଠାରେ ଭାରତୀୟ ବାୟୁସେନାର 'ଅଗ୍ନିବୀର ବାୟୁ' ଯୋଜନା ମାଧ୍ୟମରେ କ୍ୟାରିୟର ଗଠନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ପୁରୀଙ୍କ ସହଯୋଗରେ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ଭୁବନେଶ୍ୱର ୯ ନମ୍ବର ଏୟାରମ୍ୟାନ୍ସ ସେଲେକ୍ସନ୍ ସେଣ୍ଟରର ଅଭିଜ୍ଞ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ଓ ପରାମର୍ଶ ପ୍ରଦାନ କରିଥିଲେ। ସେମାନେ ବାୟୁସେନାର ଗୌରବମୟ ଇତିହାସ, ଦେଶ ପ୍ରତି ସେମାନଙ୍କ ଅବଦାନ ଏବଂ ଭାରତୀୟ ବାୟୁସେନାରେ ଯୋଗଦେଇ ଦେଶସେବା କରିବା ସହିତ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ଅଗ୍ନିବୀର ବାୟୁ ପାଇଁ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା ଏବଂ ଶାରୀରିକ ମାନଦଣ୍ଡ ବିଷୟରେ ପୁଙ୍ଖାନୁପୁଙ୍ଖ ସୂଚନା ଦିଆଯାଇଥିଲା। ଏହି ଯୋଜନା ମାଧ୍ୟମରେ ଯୁବପିଢ଼ି କିପରି ସ୍ୱଳ୍ପ ସମୟ ମଧ୍ୟରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଶିକ୍ଷା କରିବା ସହ ନିଜ କ୍ୟାରିୟରକୁ ସୁଦୃଢ଼ କରିପାରିବେ, ତାହା ବୁଝାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପାଢ଼ୀ କହିଥିଲେ, "ଆଜିର ଯୁବପିଢ଼ିଙ୍କ ପାଇଁ ଭାରତୀୟ ବାୟୁସେନାର ଅଗ୍ନିବୀର ବାୟୁ ଯୋଜନା ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଏହା କେବଳ ଏକ ଚାକିରି ନୁହେଁ, ବରଂ ଶୃଙ୍ଖଳା, ଦେଶପ୍ରେମ ଏବଂ ଆତ୍ମନିର୍ଭରଶୀଳତାର ଏକ ବଡ଼ ମାଧ୍ୟମ। ଆମ ବିଦ୍ୟାଳୟର



ଛାତ୍ରଛାତ୍ରୀମାନେ ଏହି ପଦକ୍ଷେପ ଦ୍ୱାରା ବହୁମାତ୍ରାରେ ପ୍ରେରିତ ହୋଇଛନ୍ତି ଏବଂ ଆଗାମୀ ଦିନରେ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନିଜର ଦକ୍ଷତାର ପରିଚୟ ଦେବେ ବୋଲି ମୁଁ ଦୃଢ଼ ଆଶାବାଦୀ।' ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଫଳପ୍ରଦ କରିଥିଲେ।

ଚୋରା ବାଲି ଚାଲାଣ ଉପରେ ଖଣି ବିଭାଗର ଚଢ଼ଉ

୨ ହାଇୱା ଓ ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

କଣାସ,୦୧୧୧(ସମିସ): ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ବେଆଇନ ବାଲି ଚାଲାଣ ଉପରେ ଖଣି ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ। ଗଡ଼ସାହି ନିକଟରେ ଚଢ଼ଉ କରି ଦୁଇଟି ହାଇୱା ଓ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ପୁରୀ ଖଣି ବିଭାଗ। ଏହି ଘଟଣାକୁ ନେଇ କଣାସ ଅଞ୍ଚଳରେ ବେଆଇନ ବାଲି ଚାଲାଣକାରୀଙ୍କ ମଧ୍ୟରେ ଛନକା ପଶିଛି।

ସୂଚନା ଅନୁଯାୟୀ, କଣାସ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ବାଲି ଚାଲାଣକୁ ନେଇ ଅଭିଯୋଗ ହୋଇଆସୁଥିବା ବେଳେ ଖଣି ବିଭାଗ ପକ୍ଷରୁ ଗଡ଼ସାହି ନିକଟରେ



ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବାଲି ପରିବହନରେ ନିୟୋଜିତ ଦୁଇଟି ହାଇୱା ଓ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଥିଲା। ତେବେ ଚଢ଼ଉ ସମୟରେ ଗାଡ଼ି ଚାଳକମାନେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, କଣାସ ତହସିଲ୍‌ଦାର ମଧ୍ୟ ବେଆଇନ ବାଲି ଚାଲାଣରେ ବ୍ୟବହୃତ ଗାଡ଼ି ସହ ଗୋଟିଏ ଜେସିବି ମେସିନ୍ ଜବତ କରିଥିବା ଖଣି ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। କଣାସ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ରୋକିବା ପାଇଁ ପ୍ରଶାସନର ଏଭଳି ତତ୍ପରତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସ୍କର୍ପିଓରେ ଗୋଚାଲାଣ; ୬ ଗୋରୁ ଉଦ୍ଧାର ୧

ସୁକିନ୍ଦା,୧।୧୧(ସମିସ): ବେଆଇନ ଗୋ ଚାଲାଣ ହେଉଥିବା ସମୟରେ ସୁକିନ୍ଦା ଛକ ନିକଟରୁ ଗୋ ସୁରକ୍ଷା ବାହିନୀ ଦ୍ୱାରା ଏକ ସ୍କର୍ପିଓ ଗାଡିରୁ ୬ ଗୋରୁ ଜବତ ହୋଇଥିବା ଜଣାପଡିଛି। ଗୋ ଚାଲାଣକାରୀ ଦିନକୁ ଦିନ ନୂଆ ନୂଆ ତରିକା ଆପଣାଉଥିବା ଦେଖିବାକୁ ମିଳିଛି। ଗତ ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଗାଡ଼ିରେ ବେଆଇନ ଗୋ ଚାଲାଣ ହେଉଥିବା ସୂଚନା ପାଇ ସୁକିନ୍ଦା ଗୋ ସୁରକ୍ଷା ବାହିନୀ ଲୋକେ ସୁକିନ୍ଦା ଛକ ନିକଟରେ ଜଗିରହି ସଂପୃକ୍ତ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ଭିତରୁ ଅତି ଅମାନୁଷିକ ଭାବେ ୬ଟି ଗୋରୁ ଉଦ୍ଧାର କରିବା ସହ ପୁଲିସ ଜିମା ଦେଇଥିଲେ। ପୁଲିସ ସଂପୃକ୍ତ ଗୋରୁଙ୍କୁ ଚିକିତ୍ସା କରିବା ସହ ଗୋଶାଳାକୁ ଜିମା ଦେଇଥିବା ସୁଚନା ମିଳିଛି। ସଂପୃକ୍ତ ନମ୍ବର ବିହୀନ ଗାଡ଼ିଟି ଭୁବନ ପଟ୍ଟ କଳିଙ୍ଗନଗର ଆଡ଼କୁ ଯାଉଥିବା ସମୟରେ ସୁକିନ୍ଦାରେ ଧରା ପଡ଼ିଥିଲା। ସୁକିନ୍ଦା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଇଟା କାରଖାନା ଶ୍ରମିକଙ୍କ ମୃତ୍ୟୁ

ପାଣିକୋଇଲି,୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ପଞ୍ଚାୟତର ସୋଲପଟା ଗ୍ରାମର ମହେନ୍ଦ୍ର ମଲିକ ନୂଆପଦାସ୍ଥିତ ଇଟା ଫେକ୍ଟରୀରେ ଶ୍ରମିକ ଭାବେ କାର୍ଯ୍ୟକରନ୍ତି। ସେ ଇଟା କାରଖାନାରେ କାମ କରୁଥିବା ବେଳେ ହଠାତ ତାଙ୍କ ଛାତି ଯନ୍ତ୍ରଣା ହେବା ସହ ଅସୁସ୍ଥ ହୋଇପଡିଥିଲେ। ଏନେଇ ସମ୍ପୃକ୍ତ ଇଟା ଫେକ୍ଟ୍ରୀ ପକ୍ଷରୁ ତାଙ୍କ ପରିବାରକୁ ଜଣାଯାଇଥିଲା। ତାଙ୍କ ମାମୁଁ ସୁରେନ୍ଦ୍ର ଜେନା ପହଞ୍ଚି ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାର ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ସ୍ତ୍ରୀ ପ୍ରତିମା ଜେନା ଥାନାରେ ଲିଖିତ ଭାବେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ୨୭/୨୬ ରୁଜୁ କରାଯ।ଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

ଦୁର୍ଘଟଣାରେ ଯୁବକ ମୃତ

ଜେନାପୁର,୧।୧୧(ସମିସ): ଯାଜପୁର ଜିଲା ଧର୍ମଶାଳା ଥାନା ଅର୍ନ୍ତଗତ ମାଣ୍ଡିଆ ଛକ ଠାରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକର ମୃତ ହୋଇଛି। ମୃତ ଯୁବକ ଜଣକ ଧର୍ମଶାଳା ଥାନା ଅନ୍ତର୍ଗତ ଓସରା ଗ୍ରାମର ପ୍ରଫୁଲ୍ଲ ଗୁରୁଙ୍କ ପୁଅ ମୁନୁ ଗୁରୁ (୨୧) ବୋଲି ଜଣାପଡ଼ିଛି। ଯୁବକ ଜଣକ ନିଜ ଘରୁ ପାଖର ଛକ ଆଡ଼କୁ ଯାଉଥିବା ବେଳେ ପଛରୁ ଆସୁଥିବା ଟ୍ରେଲର ଧକ୍କା ଦେଇଥିଲା। ଫଳରେ ଯୁବକ ଉପରେ ଟ୍ରେଲରଟି ଚଢ଼ି ଚାଲି ଯାଇଥିଲା। ଘଟଣାସ୍ଥଳରେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକ ମାନେ ଏହି ଘଟଣାଟି ପାଇଁ ଜାତୀୟ ରାଜପଥ ନିର୍ମାଣ କରି ସଂସ୍ଥାକୁ ଦାୟୀ କରିଛନ୍ତି। ୫୩ ନଂ ଜାତୀୟ ରାଜପଥ କାର୍ଯ୍ୟରେ ମନ୍ଥରତା କାରଣରୁ ମାଣ୍ଡିଆଠାରୁ ଓଷରା ନିର୍ମାଣାଧୀନ ଥିବା ଓଭରବ୍ରିଜ୍‌ଟି ସମ୍ପୂର୍ଣ୍ଣ ହୋଇ ନପାରିବାରୁ କାରଣରୁ ସେଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସର୍ଭିସ ରୋଡ୍ ଦେଇ ଯାଉଥିବା ବେଳେ ଟ୍ରେଲରଟି ଯୁବକ ଉପରେ ମାଡ଼ିଯାଇଥିଲା। ଘଟଣା ସ୍ଥଳରେ ଧର୍ମଶାଳା ପୁଲିସ ପହଞ୍ଚି ମୃତଦେହକୁ ଆମ୍ବୁଲାନ୍ସ ଜରିଆରେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ପାଣିକୋଇଲି,୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପନଥର ଦୁର୍ଗା ମାର୍କେଟ ଠାରେ ଭାରସାମ୍ୟ ହରାଇ ଜଣେ ସ୍କୁଟି ଆରୋହୀ ଡିଭାଇଡରେ ପିଟି ହୋଇ ଗୁରୁତର ଆହତ ହୋଇଛି। ପ୍ରକାଶ ଯେ ଯାଜପୁର ଟାଉନର ଉମେଶ ସାହୁ ଯେକି ରେଳ ବିଭାଗର ଜଣେ କର୍ମଚାରୀ ସେ ଯାଜପୁରରୋଡ଼ରୁ ଡିୟୁଟି ସାରି ଏକ ଇଭି ସ୍କୁଟି ଯୋଗେ ଯାଜପୁର ଟାଉନ ଫେରୁଥିବା ବେଳେ ଆଖି ଲାଗିଯିବାରୁ ସେ ଭାରସାମ୍ୟ ହରାଇ ରାସ୍ତା କଡ ଡିଭାଇଡରରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଞ୍ଚି ତାଙ୍କୁ ନିଜ ଗାଡିରେ ନେଇ ପ୍ରାଥମିକ ଚିକିତ୍ସା କରାଇ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ସ୍କୁଟି ଜବତ କରିବା ସହିତ ତଦନ୍ତ ଜାରିରଖିଛି।

ଛେଳି ଚୋରି ନେଇ ଥାନାରେ ଅଭିଯୋଗ

ପାଣିକୋଇଲି,୧।୧୧(ସମିସ): ପାଣିକୋଇଲି ଥାନାରେ ଛେଳି ଚୋରି କରି ମାରି ଖାଇ ଦେବା ନେଇ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ମୁତାବକ ଏହି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମର ନରହରି ମଲିକଙ୍କ ଅଭିଯୋଗ ମୁତାବକ ସେ ଛେଳି ଚରାଇବାକୁ ଯାଇଥିଲେ। ଛେଳିକୁ ଛାଡି ଜଳଖିଆ ଖାଇବାକୁ ଆସିଥିଲେ। ସେଠାରୁ ଫେରି ଦେଖିବା ବେଳେକୁ ତାଙ୍କର ଗୋଟିଏ ଛେଳି ନଥିଲା। ବହୁ ଖୋଜାଖୋଜି କରିବା ପରେ ସେ ତାଙ୍କ ଗ୍ରାମର ଅଶୋକ ସେନାପତି ମାଂସ ମାରିବା ଖବର ପାଇ ତା' ଘରେ ପହଞ୍ଚିଥିଲେ। ହେଲେ ସେଠାରେ ଛେଳିର ମୁଣ୍ଡ, ଚମଡ଼ା ଓ କିଛି ଅଂଶ ଦେଖିବାକୁ ପାଇଥିଲେ। ସେ ପଚାରିବାରୁ ତାକୁ ଓଲଟି ଗାଳି ଓ ଧମକ ଦେଇଥିଲେ। ଏନେଇ ନରହରି ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ଏକ ମାମଲା ୩୯୧/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

୪୦ ଲିଟରମଦ ଜବତ; ୨ ଗିରଫ

କୁଆଖିଆ,୧।୧୧(ସମିସ): ରସୁଲପୁର ଅବକାରୀ ଥାନା ଅଞ୍ଚଳରେ ପୁଲିସ ଚଢ଼ଉରେ ୪୦ ଲିଟର ବେଆଇନ ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ଏସ୍‌ଡିଜେଏମ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି। ଓଆଇସି ଶୁଭଶ୍ରୀ ଚକ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ଚନ୍ଦ୍ରଭାନୁ ଦାସ ଓ କନଷ୍ଟେବଲ ଚଗଲା ମଲ୍ଲିକଙ୍କୁ ନେଇ ଗଠିତ ଟିମ୍ ଚଢ଼ଉ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶୋ ପଞ୍ଚାୟତ ଅର୍ଡିଆ କୁସୁନପୁରରୁ ୨୦ ଲିଟର ଦେଶୀମଦ ସହ ଜଗନ୍ନାଥ ମଲ୍ଲିକ ଏବଂ ନଠୁଆବରରୁ ୨୦ ଲିଟର ଦେଶୀ ମଦ ସହ ବିଜୟ ସେଠୀଙ୍କୁ ଗିରଫ କରାଯାଇଛି।

ଯାଜପୁରରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

୩୭ ଜଣ ସେବକ/ସେବିକାଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

ଯାଜପୁର,୧।୧୧(ସମିସ):

ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା କଲେକ୍ଟରେଟ୍ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ଯୋଗଦେଇ ନବନିର୍ବାଚିତ ୪୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୭ ଜଣ ସେବକ/ସେବିକାଙ୍କୁ ନିଯୁକ୍ତି ପତ୍ର ଆନୁଷ୍ଠାନିକ ଭାବେ ବଣ୍ଟନ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଜିଲ୍ଲାର ଶିକ୍ଷା, ଜନଜାତି ଭାଷା ଓ କଲ୍ୟାଣମୂଳକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିବ। ସେବକ, ସେବିକା ଏବଂ ଜନଜାତି ଭାଷା ଶିକ୍ଷକ ମାନଙ୍କର ଏହି ନିଯୁକ୍ତି ଦ୍ୱାରା ଅବହେଳିତ ଓ ଅନଗ୍ରସର ଅଞ୍ଚଳର ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ଓ ଉଚିତ୍ ପରିଚାଳନା ପାଇପାରିବେ। ଏହା ସହିତ ସ୍ଥାନୀୟ ସଂସ୍କୃତି ଓ ଭାଷାର ସୁରକ୍ଷା ହେବା ସହ ଜନଜାତି ଅଞ୍ଚଳରେ ଶିକ୍ଷାର ସ୍ତର ଯଥେଷ୍ଟ ବୃଦ୍ଧି ପାଇବ। ଜିଲ୍ଲାର ଯୁବପିଢ଼ିଙ୍କ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା ଏକ ଆଶାର ଆଲୋକ ନେଇ ଆସିଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଏହି ଆଭିମୁଖ୍ୟ ଯୁବସମାଜକୁ ନିଯୁକ୍ତିର ସୁଯୋଗ ଦେବା ସହ ଜିଲ୍ଲାର ବେକାରୀ ସମସ୍ୟା ଦୂର କରିବାରେ ଏକ ସକାରାକେ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଏହା ଦ୍ୱାରା ଅନେକ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆସିବ ଏବଂ ସେମାନଙ୍କର ଜୀବନଧାରଣର ମାନ ବୃଦ୍ଧି ପାଇବ। ସମାଜର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନର ଏହି ପ୍ରଶଂସନୀୟ ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସ୍ୱାଗତ କରାଯାଇଛି। ସରକାରଙ୍କ ଏହିପରି ଜନକଲ୍ୟାଣକାରୀ ଓ ନିଯୁକ୍ତିଭିତ୍ତିକ ଯୋଜନା ଯାଜପୁର ଜିଲ୍ଲାକୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଏକ ନୂତନ ଶିଖରକୁ ନେଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।



ବିପର୍ଯ୍ୟୟ ପରବର୍ତ୍ତୀ ଆବଶ୍ୟକତା ଆକଳନ ସମୀକ୍ଷା ବୈଠକ

ଯାଜପୁର,୧।୧୧(ସମିସ): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବିପର୍ଯ୍ୟୟ ପରବର୍ତ୍ତୀ ଆବଶ୍ୟକତା ଆକଳନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ଆକଳନ ପ୍ରକ୍ରିୟା ସମ୍ପର୍କରେ ସମସ୍ତ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ଓସଡମାର ସାଧାରଣ ପରିଚାଳକ ଡ. ସୁନିତା ଜେନା, ଭୁବନେଶ୍ୱର ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଏବଂ ଯାଜପୁର ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀନିବାସ ପଣ୍ଡା ଉପସ୍ଥିତ ରହି ପିଡିଏନଏର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଫିଲ୍ଡସ୍ତରରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଏକ ଭିଡିଓ/ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୨୬ ବନ୍ୟାରେ ଯାଜପୁର ଜିଲ୍ଲାର ସବାଧିକ ପ୍ରଭାବିତ ବ୍ଲକଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ଓ ହାନିର ସଠିକ୍ ଆକଳନ କରାଯିବ। ଜିଲ୍ଲାପାଳ ଆଗାମୀ ୩୦ ନଭେମ୍ବର ୨୦୨୬ ସୁଦ୍ଧା ଏହି ସମ୍ପୂର୍ଣ୍ଣ ଆକଳନ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ବହୁ-କ୍ଷେତ୍ରୀୟ ଟିମ୍ ଗଠନ କରାଯିବ, ଯାହା କ୍ଷେତ୍ରସ୍ତରରୁ ମୂଳ ତଥ୍ୟ ଓ କ୍ଷୟକ୍ଷତିର ସୂଚନା ସଂଗ୍ରହ କରିବ। ସଂଗୃହିତ ତଥ୍ୟର ସଠିକ୍ ବିଶ୍ଳେଷଣ ପରେ ଚୂଡ଼ାନ୍ତ ପିଡିଏନଏ ରିପୋର୍ଟ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସମସ୍ତ ଅଂଶୀଦାର ଓ ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରି ବୈଠକ ଶେଷ କରିଥିଲେ।



ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ଯାଜପୁର,୧।୧୧(ସମିସ): ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ଜନସଂଖ୍ୟା ଗଣନା ପାଇଁ ଯାଜପୁର ଜିଲ୍ଲାରେ ଆୟୋଜିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ମାର୍ଗଦର୍ଶନ ତଥା ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଗାମୀ ଜନସଂଖ୍ୟା ଗଣନା କାର୍ଯ୍ୟକୁ ସଠିକ୍ ଓ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀ, ଭାରପ୍ରାପ୍ତ ଅଧିକାରୀ, ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ଏବଂ ବୈଷୟିକ ସହାୟକମାନଙ୍କୁ ପ୍ରସ୍ତୁତ କରିବା। କର୍ମଶାଳାରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଅମ୍ବର କୁମାର କର ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତଥା ଉପଖଣ୍ଡୀୟ ଜନଗଣନା ଅଧିକାରୀ ତାପସ ରଞ୍ଜନ ଦେହୁରୀ, ଡେପୁଟି ଜନଗଣନା ଅଧିକାରୀ ନିବେଦିତା ପ୍ରଧାନ, ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବରିଷ୍ଠ ରାଜସ୍ୱ ସହାୟକ ବିକାଶଦୀପ ତରାଇ, କନିଷ୍ଠ ରାଜସ୍ୱ ସହାୟକ ଧନଞ୍ଜୟ ଦାସଙ୍କ ସୁପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଜନଗଣନା ଭବନ, ଭୁବନେଶ୍ୱରରୁ ଆସିଥିବା ଜାତୀୟ ପ୍ରଶିକ୍ଷିକା ମିଲତା ଦତ୍ତ, ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ ଉପେନ୍ଦ୍ର କୁମାର ନାଏକ ଏବଂ ଅନିଲ କୁମାର ବେହୁରିଆ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଜାନୁଆରୀ ୧୦ରୁ ୨୪ ତାରିଖ ମଧ୍ୟରେ ଜନସାଧାରଣ ପୋର୍ଟାଲ୍‌ରେ ନିଜର ତଥ୍ୟ ଭରିପାରିବେ। ଏହା ଭାରତର ପ୍ରଥମ ଡିଜିଟାଲ୍ ଜନଗଣନା। ଜାନୁଆରୀ ୨୫ରୁ ଫେବୃଆରୀ ୨୮ ତାରିଖ ମଧ୍ୟରେ ଗଣନାକାରୀମାନେ ଘରକୁ ଘର ଯାଇ ଜନଗଣନା ତଥ୍ୟ ସଂଗ୍ରହ କରିବେ। ରେଫରେନ୍ସ ତାରିଖ ୨୦୨୭ ମାର୍ଚ୍ଚ ୧ ତାରିଖ ରହିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କର୍ମୀ ଆପଣଙ୍କ ଘରକୁ ଆସିବେ ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ବୟସ, ଧର୍ମ, ଶିକ୍ଷା, ନିଯୁକ୍ତି ଆଦି ତଥ୍ୟ ନେବେ। ମାର୍ଚ୍ଚ ୧ରୁ ୫ ତାରିଖ ମଧ୍ୟରେ ୫ ଦିନ ଧରି ରିଭିଜନ୍ ରାଉଣ୍ଡ କରାଯିବ, ଯାହାଫଳରେ କୌଣସି ବ୍ୟକ୍ତି ଏହି ଗଣନାରୁ ବାଦ୍ ପଡ଼ିବେ ନାହିଁ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ବରୀ,୧।୧୧(ସମିସ): ବରୀ ବ୍ଲକ କଣ୍ଡପୋଇ ଖେଳପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ୍ ଯୋଗ ଦେଇଥିଲେ। ସଫଳ ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଅର୍ଥ ରାଶି ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଓ ବରୀ ବ୍ଲକ ଉପାଧକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିସଦ ଦିଲୀପ ମହାନ୍ତି, ଅଶୋକ ସାମଲ, ସନ୍ତୋଷ ସାମଲଙ୍କ ସମେତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ। ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଭକ୍ତଚରଣ ସେଠିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

ସିଂହପୁର,୧।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଓ ଜରି ପଞ୍ଚାୟତ ସ୍ଥିତ ଇନ୍ଦିରା ଗାନ୍ଧୀ ଛକ ଠାରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଠାରେ ତିରୋଧାନ ଦିବସ ପାଳିତ ହୋଇଥିଲା। କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଂଗଠକ ଧନେଶ୍ୱର ସାମଲ, ବିପିନ ବିହାରୀ ସାମଲ, ହରେକୃଷ୍ଣ ସାମଲ, ସତ୍ୟରଂଜନ ପ୍ରଧାନ, ଜଳଧର ଯେନା, ଶ୍ରୀଧର ମଲ୍ଲିକ, ଉମାକାନ୍ତ ମଲ୍ଲିକ, ବିଜୟ ମଲ୍ଲିକ, ଅମୂଲ୍ୟ ବିଶ୍ୱାଳ, ସନାତନ ମଲ୍ଲିକ, ଗଜେନ୍ଦ୍ର ଦାସ, ନିରଞ୍ଜନ ଗୁରୁ, ଧନେଶ୍ୱର ବେହେରା, ଦିଲ୍ଲୀପ ସାମଲ, ଧନେଶ୍ୱର ଜେନା, ମହେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ।

ଗ୍ରାମାଞ୍ଚଳରେ ଅଚଳ ଷ୍ଟ୍ରିଟ୍‌ଲାଇଟ୍

ଜେନାପୁର,୧।୧୧(ସମିସ): ରାତି ଅନ୍ଧାକାରକୁ ଦୂର କରିବା ପାଇଁ ସରକାର ପ୍ରତି ପଞ୍ଚାୟତରେ ବିଭିନ୍ନ ବିଜୁଳିବତୀର ବ୍ୟବସ୍ଥା କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ତାହା ଏବେ ଅଚଳ ହୋଇପଡ଼ିଛି। ଗ୍ରାମାଞ୍ଚଳର ଛକ ଓ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଛକଛକରେ ବିଜୁଳି ଖୁଣ୍ଟରେ ସ୍ୱଚଂ ଚାଳିତ ଏଲଇଡି ଲାଇଟ୍ ଲଗାଯାଇଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଯୋଜନା ଅଧିକାଂଶ ସ୍ଥାନରେ ଫେଲ୍ ମାରିଛି। ବିଦ୍ୟୁତ୍ ଖୁଣ୍ଟରେ ଝୁଲୁଥିବା ଲାଇଟ୍ କାଁ ଭାଁ ଜଳୁଛି; ବାକି ଅଧିକାଂଶ ସମୟରେ ଅଚଳ ହୋଇପଡ଼ିଛି। ଆଉ ସ୍ଥାନେସ୍ଥାନେ ଦିନରାତି ଜଳୁଥିବା ବେଳେ ବିଜୁଳି ଅପବ୍ୟୟ ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଅଭିଯୋଗ ହେଉଛି। ହେଲେ ବିଭାଗୀୟ କର୍ମଚାରୀ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହି ଭଳି ଦୃଶ୍ୟ ଧର୍ମଶାଳା ଅଞ୍ଚଳର ବହୁ ସ୍ଥାନରେ ଦେଖିବାକୁ ମିଳୁଛି। ଧର୍ମଶାଳା ବ୍ଲକର ମଧୁପୁର ଗଡ, ମହିଷରା, ପୁରୁଣା ବୋଉଳ ମାଳ, ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ଚକ୍ରଧରପୁର, ଅଞ୍ଜିରା, ମଧୁସୂଦନପୁର, ମର୍ଜିତାପୁର, ବୃନ୍ଦାଦେଇପୁର, ଜେନାପୁର ଆଦି ପଞ୍ଚାୟତର ସମସ୍ତ ଗ୍ରାମରେ ସରକାରଙ୍କ ପକ୍ଷରୁ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ସଞ୍ଚାଳିତ ଏହି ଲାଇଟ୍ ଗୁଡ଼ିକ ଅନ୍ଧାର ହେଲେ ଆପେ ଆପେ ଜଳିବା ସହିତ ସକାଳ ହେଲେ ଆପେ ଆପେ ବନ୍ଦ ହୋଇଯାଇଥାଏ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇଟ୍ ଅଚଳାବସ୍ଥାରେ ପଡ଼ିରହିଛି। ଆଂଶିକ କେଉଁଠି ଜଳୁଛି ତ କିଛି କିଛି ସ୍ଥାନରେ ଏହା ଦିନରାତି ଜଳୁଥିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ବିଦ୍ୟୁତ୍ ଅପଚୟ ହେଉଛି। ଏହାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି ତିଳେ ହେଲେ ଦୃଷ୍ଟି ଦେଉନାହାନ୍ତି। ଅଚଳ ଲାଇଟ୍ ଯୋଗୁଁ ରାତି ଅନ୍ଧାରରେ ଯାତାୟାତ କରୁଥିବା ବହୁ ଲୋକ ବିଷଧର ସରିସୃପ, ବିଛାଙ୍କ ଦଂଶନର ଶିକାର ହେଉଛନ୍ତି। ଯାହାକୁ ନେଇ ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ବିଭାଗ ପକ୍ଷରୁ ତୁରନ୍ତ ଅଚଳ ଲାଇଟ୍ ଗୁଡ଼ିକ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।



ଠିଆରଦେବିଲ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଷ୍ଟ୍ରନିର୍ମାଣରେ ଶିକ୍ଷକଙ୍କ ଭୂମିକା ଅଗ୍ରଗଣ୍ୟ





ଯାଜପୁର,୧।୧୧(ସମିସ):

ଯାଜପୁର ବ୍ଲକ୍ ଛତିଶଦେବିଲ ପଞ୍ଚାୟତ ଅନ୍ତର୍ଗତ ଠିଆରଦେବିଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଓ ଗ୍ରାମବାସୀଙ୍କ ଦ୍ୱାରା ରବିବାର ବିଦ୍ୟାଳୟ ପରିସରେ ଏହି ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଯାଜପୁର ସହ ମଣ୍ଡଳ ଅଧିକାରୀ ବଳରାମ ପତି ମୁଖ୍ୟଅତିଥି, କାହ୍ନୁଚରଣ ମହାବିଦ୍ୟାଳୟର ଅଧକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ରନିର୍ମାଣରେ ଶିକ୍ଷକଙ୍କ ଭୂମିକା ଅଗ୍ରଗଣ୍ୟ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସହମଣ୍ଡଳ ଅଧିକାରୀ ଅଭୟ ବିଶ୍ୱାଳ, ଶିକ୍ଷକ ନେତା ନାରାୟଣ ଚନ୍ଦ୍ର ମହାଳିକ ଓ ବେଣୁଧର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ। ବିଞ୍ଝାରପୁର ଗୋପ୍ରଜାତି ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ଉତ୍ସବର ଆଭିମୁଖ୍ୟ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

ସମ୍ବର୍ଦ୍ଧନା ଉତ୍ସବ ଆରମ୍ଭ ପୂର୍ବରୁ ଡଅଁରକୁଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଆର୍‌ବି ଆରାଧା ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲା ବେଳେ ଛାତ୍ରଛାତ୍ରୀ ନୃତ୍ୟମାଧ୍ୟମରେ ଅତିଥିମାନଙ୍କର ସ୍ୱାଗତ କରିଥିଲେ। ଏହି ଅବସରରେ ଯାଜପୁର ମଣ୍ଡଳର ଅବସରପ୍ରାପ୍ତ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଉତ୍ତରାୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଠିଆରଦେବିଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବିଶ୍ୱାଳ ମାନପତ୍ର ପାଠକରିଥିଲା ବେଳେ ଶିକ୍ଷକ ଅଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଛତିଶଦେବିଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ, ଶ୍ରୀକାନ୍ତଙ୍କ ପିତା ତଥା ସହିଦ ଶ୍ରୁତିବିଶ୍ୱାଳ ସ୍ମୃତି କମିଟି ସଭାପତି କାମଦେବ ବିଶ୍ୱାଳ, ମାତ୍ର ପଞ୍ଚାଳି ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଶିକ୍ଷା ମଣ୍ଡଳର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ଗ୍ରାମବାସୀ, ଶୁଭେଚ୍ଛୁ, ସାମ୍ବାଦିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍ସବର ଶୋଭାବର୍ଦ୍ଧନ କରିଥିଲେ।

ନିର୍ମାଣ ଶ୍ରମିକଙ୍କ ଖାତାକୁ ଗଲା ୨.୬୨ କୋଟି ଟଙ୍କା

ଯାଜପୁର,୧।୧୧ (ସମିସ): ଅକ୍ଟୋବର ମାସ ପାଇଁ ଯାଜପୁର ଜିଲ୍ଲାରେ ୬୮୦ ଜଣ ନିର୍ମାଣ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କ ବ୍ୟାଙ୍କ ଖାତାକୁ ସର୍ବମୋଟ ୨ କୋଟି ୬୨ ଲକ୍ଷ ୨ ହଜାର ୮୦୦ ଟଙ୍କା ବିଭିନ୍ନ ସହାୟତା ରାଶି ଯାଇଥିବା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଜଣାପଡିଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାୟକଙ୍କ ମାଧ୍ୟମରେ ଆବେଦନ ଗୁଡିକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ସଂକେତ ସୂଚକ ଡମି ଚେକ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବଶଙ୍କର ମିଶ୍ର, ଯାଜପୁର ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଦୀପ୍ତିରଞ୍ଜନ ସାହୁ ଓ ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ)ଙ୍କ ଦ୍ୱାରା ପ୍ରଦାନ କରଯାଇଥିଲା। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ବିଭିନ୍ନ ସହାୟତା ରାଶି ଯଥା ୪୧ ଜଣ ମନୋନୀତ ଆବେଦନକାରୀଙ୍କୁ ସର୍ବମୋଟ ୧ କୋଟି ୨୧ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା, ଅନ୍ତେଷ୍ଟି କ୍ରିୟା ସହାୟତା ୪୩ ଜଣଙ୍କୁ ୨ ଲକ୍ଷ ୧୫ ହଜାର ଟଙ୍କା, ୧୮ ଜଣଙ୍କୁ ପ୍ରସୂତି କାଳୀନ ସହାୟତା ବାବଦରେ ୧ ଲକ୍ଷ ୮୦ ହଜାର, ବିବାହ କାଳୀନ ସହାୟତା ବାବଦରେ ୧୬୧ ଜଣଙ୍କୁ ୮୦ ଲକ୍ଷ ୫୦ ହଜାର ଶିକ୍ଷା ସହାୟତା ବାବଦରେ ୪୦୮ ଜଣକୁ ୩୯,୫୭,୮୦୦ ଟଙ୍କା ଏବଂ ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୯ ଜଣ ମୃତ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିକୁ ୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ବଣ୍ଟନ ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ପ୍ରଦାନ କରାଯାଇ ସାରିଲାଣି। ସମଗ୍ର ବଣ୍ଟନ ପ୍ରକ୍ରିୟାରେ ଜିଲ୍ଲାର ବିଭିନ୍ନ ବ୍ଲକର ସହକାରୀ ଶ୍ରମ ଅଧିକାରୀ ସୌମ୍ୟସୁନ୍ଦର ରାଉତରାୟ, ସୌମ୍ୟରଞ୍ଜନ ବେହେରା, ସ୍ମୃତିରଞ୍ଜନ ପଣ୍ଡା, ଅଭିଜିତ ଜୟପ୍ରକାଶ ପ୍ରଧାନ, ଶତାବ୍ଦୀକା ନାୟକ, ଶତରୂପା ସାହୁ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ନାରାୟଣ ଚନ୍ଦ୍ର ନନ୍ଦ ଓ ଜିଲ୍ଲାପାଳ କାର୍ଯ୍ୟାଳୟର ଅଜୟ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଘସିପୁରା ଲକ୍ଷ୍ମୀ ବଜାରରେ ମା’ ଗଜଲକ୍ଷ୍ମୀଙ୍କ ଭସାଣି

ଆନନ୍ଦପୁର, ୧।୧୧(ସମିସ): ଘସିପୁରା ଲକ୍ଷ୍ମୀ ବଜାରରେ ମା’ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ଆକର୍ଷଣୀୟ ଲାଇଟ୍ ପ୍ରୋଗ୍ରାମ ଓ ସିଂହ ବାଜା ପରିବେଷଣ ମୁଖ୍ୟ ଆକର୍ଷଣ ପାଲଟିଥିଲା। ବାଜା ଓ ନୃତ୍ୟର ତାଳେ ତାଳେ କମିଟି ସଦସ୍ୟ ଉତ୍ସବରେ ସାମିଲ ହୋଇଥିଲେ। ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ବୈତରଣୀରେ ଧନଦାତ୍ରୀଙ୍କୁ ମେଲାଣି ଦିଆଯାଇଥିଲା। କମିଟି ସଭାପତି ଶିବପ୍ରସାଦ ହେମ୍ବ୍ରମ ଓ ସମ୍ପାଦକ ଯଦୁନାଥ ଓଝାଙ୍କ ସମେତ ସଦସ୍ୟ ଖଗେଶ୍ୱର ସାହୁ, ମହେଶ୍ୱର ସାହୁ, ସତ୍ୟବ୍ରତ ସାହୁ, ସୀତାରାମ ସାହୁ, ଧନେଶ୍ୱର ସାହୁ, କାହ୍ନୁଚରଣ ସାହୁ, ମନୋଜ ସାହୁ, ଯଜ୍ଞପ୍ରସାଦ ସାହୁ, ସାଧୁଚରଣ ସାହୁ, ସଦାଶିବ ସାହୁ, ରବୀନ୍ଦ୍ର ସାହୁ, ଶିବାନନ୍ଦ ମହାରଣା, ସୁଜିତ ସାହୁ, ରଞ୍ଜନ ସାହୁ, ନୀଳମାଧବ ସାହୁ, ବିକି ସାହୁ, ଜଗନ୍ନାଥ ବାରିକ, ଖଗେଶ୍ୱର ପଣ୍ଡା, କାଳନ୍ଦୀ ସାହୁ, ନରି ସାହୁ, ହରିହର ସାହୁ ଓ ଦିଲ୍ଲୀପ ବେହେରା ପରିଚାଳନା କରିଥିଲେ।



ପାଣିରେ ବୁଡ଼ି ଜଣେ ମୃତ

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଗୁଡ଼ିପୋଷି ମହାନ୍ତସାହିରେ ରବିବାର ଅପରାହ୍ଣରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ୫୩ ବର୍ଷୀୟ ବିବାହିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗବନ୍ଧୁ ମହାନ୍ତ। ସେ ଗାଧୋଇବାକୁ ଯାଇଥିବା ସମୟରେ ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ଏନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଚଳନ୍ତା ଟ୍ରାକ୍ଟରରୁ ଖସି ଚାଳକ ମୃତ

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଏରେଣ୍ଡେଇ ତାଟିହୁଡ଼ି ନିକଟରେ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଚଳନ୍ତା ଟ୍ରାକ୍ଟରରୁ ଖସି ମଝିଚକ ତଳେ ଚାପି ହୋଇ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏରେଣ୍ଡେଇ ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ପୁଅ ରଞ୍ଜନ ମହାନ୍ତ (୩୫)। ରଞ୍ଜନ ଧାନ ବୋହିବା କାମ ସାରି ଟ୍ରାକ୍ଟର ନେଇ ଫେରୁଥିବା ସମୟରେ ଏରେଣ୍ଡେଇ ତାଟିହୁଡ଼ି ନିକଟରେ ସେ ଚଳନ୍ତା ଟ୍ରାକ୍ଟରରୁ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲେ। ଫଳରେ ଟ୍ରାକ୍ଟରର ମଝି ଚକ ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହକୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକଙ୍କ ସ୍ମୃତିସଭା




ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକଙ୍କ ଏକାଦଶାହରେ ରବିବାର କଣ୍ଡିଆପଡା ପଞ୍ଚାୟତ ଅନ୍ତର୍ଗତ ଭଗପଶି ଗ୍ରାମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ଅଧ୍ୟକ୍ଷ ଇଂରାଜୀ କବି ଡକ୍ଟର କୁଶଚନ୍ଦ୍ର ପ୍ରଧାନ ଏବଂ ଯୁବଲି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ସ୍ୱର୍ଗତ ନାଏକଙ୍କ ଗାରିମାମୟ ଜୀବନ, ରାଜନୈତିକ ଅବଦାନ ଓ ଜନସେବାମୂଳକ କାର୍ଯ୍ୟକୁ ସ୍ମରଣ କରିଥିଲେ। ପୂର୍ବତନ ତେଲକୋଇ ବିଧାୟକ ପ୍ରାଣବଲ୍ଲଭ ନାୟକ, ଗୋଣ୍ଡ ସମାଜ ସଭାପତି ଦନାର୍ଦ୍ଦନ ନାଏକ, କୋରେଇ ବିଧାୟକ ଅଶୋକ ବଳ, ପାଲଲହଡା ବିଧାୟକ ମୁକେଶ ପାଲ, ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଫକୀର ମୋହନ ନାୟକ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ଚମ୍ପୁଆ ବିଧାୟକ ଧନୁର୍ଜୟ ସିଧୁ, ସରୋଜିନୀ ସିଂ, ସାମ୍ବାଦିକ ନୃସିଂହନାଥ ସିଂହ, ବିରକିଶୋର ଦାଶ, ସତ୍ୟବ୍ରତ ନାଏକଙ୍କ ସମେତ ବହୁ ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାଏକ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, କରଞ୍ଜିଆ ପୂର୍ବତନ ବିଧାୟକ ବିଜୟ ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ସୁକାନ୍ତି ନାଏକ, ଚମ୍ପୁଆ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମଣୀ ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଡୁମୁରିଆ ସରପଞ୍ଚ ଗୌରହରୀ ନାଏକ ଯୋଗ ଦେଇଥିଲେ। ବଡ଼ପୁଅ ଲୋକନାଥ ନାଏକ ସତ୍ୟବ୍ରତ ନାୟକ, ଜଗନ୍ନାଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଲଘୁ ଖଣିଜ ଲୁଟ୍ କାର୍ପଟଦାରଙ୍କୁ ବାନ୍ଧିବାରେ କାର୍ପଣ୍ୟ କାହିଁକି?

ଗୋଟିଏ ଟି.ପିରେ ୧୧ ମାସ ବାଲି, ୧୫ ମାସ ପଥର ପରିବହନ

ଆନନ୍ଦପୁର, ୧।୧୧ (ସମିସ):





କେନ୍ଦୁଝର ଜିଲ୍ଲାରେ ଚାଲିଛି ବେଧଡ଼କ ଲଘୁ ଖଣିଜ ଲୁଟ୍। ଉତ୍ତୋଳନଠାରୁ ପରିବହନ ପର୍ଯ୍ୟନ୍ତ ସବୁଠି ମୋଡ଼ି ମକଚି ହୋଇପଡ଼ିଛି ଆଇନ। ଖନନ ବା ଉତ୍ତୋଳନ ଅନୁମତି ନଥିବା ସୈରାତ୍/ଖାଦାନଗୁଡ଼ିକରୁ ଚୋରା ଚାଲାଣ ହେଉଛି ପଥର ଓ ବାଲି ଭଳି ଲଘୁ ଖଣିଜ। ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା ଓ ଲିଜଧାରୀଙ୍କ ମହାମେଣ୍ଟରେ ଚାଲିଛି ଛାତିଥରା ଲଘୁ ଖଣିଜ ତସ୍କରୀ। କେନ୍ଦୁଝର ଜିଲ୍ଲାର ଖଣି ଦୁର୍ନୀତି ଭଳି ପଥର ଓ ବାଲି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। କେବଳ ଆନନ୍ଦପୁର ଉପଖଣ୍ଡରେ ଥିବା ସୈରାତ୍/ପଥର ଖାଦାନରୁ ୫ ହଜାର କୋଟି ଟଙ୍କାର ଲଘୁ ଖଣିଜ ଲୁଟ୍ ଅଭିଯୋଗ ହୋଇଛି। ଗତ ୨ ବର୍ଷରେ ଆଖିବୁଜା ଲୁଟ୍ ହୋଇଥିବା ନେଇ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଘଷିପୁରାଠାରେ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଓ ଯଜ୍ଞପ୍ରସାଦ ସାହୁ ସାମ୍ବାଦିକ ସମ୍ମିଳନୀ କରି ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁଯାୟୀ, ୧ ଜାନୁଆରୀ ୨୦୨୫ରୁ ୨୭ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମାତ୍ର ଗୋଟିଏ ଟିପି ବ୍ୟବହାର କରାଯାଇଛି। ବାସ୍ତବରେ ଏହି ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଉତ୍ତୋଳନ ଓ ପରିବହନ ହେଉଛି। ସରକାରୀ ନିୟମ ଅନୁଯାୟୀ ଉକ୍ତ ଘାଟରେ ମେସିନ୍ ବ୍ୟବହାର ହୋଇପାରିବ ନାହିଁ। ଅଭିଯୁକ୍ତ ନିରଞ୍ଜନ ୨ଟି ମେସିନ୍ ସାହାଯ୍ୟରେ ବାଲି ଉତ୍ତୋଳନ କରିଥିଲେ ବୋଲି ହିମାଂଶୁ ନାୟକ କହିଛନ୍ତି। ଏହି ଲୁଟରେ ସେତେବେଳର ଖଣି ଅଧିକାରୀ ତାରିଣୀ ସିଂ ସମ୍ପୃକ୍ତ ଥିବା ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ଘଷିପୁରା ତହସିଲ ଓସ୍ତପୁରା ମୌଜାରେ ଥିବା ପଥର ଖାଦାନ ଏମ୍ଏସ ଜେନା ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡକୁ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି। ୫.୨୬ ହେକ୍ଟର ପରିମିତ ଅଞ୍ଚଳକୁ ଲିଜ ଆକାରରେ ଦିଆଯାଇଛି। ୨୦୨୫ ଜୁଲାଇ ୧ ତାରିଖରେ ଖଣି ଅଧିକାରୀ ନିଜ ଚିଠିରେ ଦର୍ଶାଇଥିଲେ ଯେ ଏହି ଅଞ୍ଚଳରେ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ହୋଇଥିଲା। ଏଠାରେ ପୂର୍ବ ଲିଜଧାରି ମାତ୍ରାଧିକ ଖନନ କରି ନଥିବା ଖଣି ଅଧିକାରୀ ନିଜ ପତ୍ରରେ ଉଲ୍ଲେଖ କରିଥିଲେ। ହେଲେ ଗତ ଦେଢ଼ବର୍ଷ ଭିତରେ ଏଠାରେ ମାତ୍ରାଧିକ ଖନନ ହୋଇଛି। ଯାହାର ଗଭୀରତା ପ୍ରାୟ ୩୦୦ ଫୁଟ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି। ଏହି ଖାଦାନରେ ବୁଡି ଗତ ଜୁନ୍ ୧୪ ତାରିଖରେ ଜଣେ ଛାତ୍ରଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏହି ଖଣିର ବାର୍ଷିକ ଉତ୍ତୋଳନ କ୍ଷମତା ୩ହଜାର ୨୪ କ୍ୟୁବିକ ମିଟର ରହିଛି। ତେବେ ଏଠାରୁ ମାତ୍ରାଧିକ ଖନନ ଓ ଉତ୍ତୋଳନ କରାଯାଇ ସେଠାରେ ଥିବା କ୍ରସରରେ ପେଡା ଯାଇ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଛାତ୍ର ମୃତ୍ୟୁ ଘଟଣା ପରେ ଲୁଟର ଗୁମର ଫିଟିଥିଲା ବୋଲି ଶ୍ରୀ ନାୟକ କହିଛନ୍ତି। ପଥର ଲୁଟ୍ ଘଟଣାରେ ଘଷିପୁରା ପୁଲିସ ନିରଞ୍ଜନ ସାହୁଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଥିଲା। ତେବେ ଓସ୍ତପୁରା ଖାଦାନର ଲିଜଧାରୀଙ୍କୁ ପୁଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ଲିଜଧାରୀଙ୍କ ବିରୋଧରେ ୫୦ କୋଟିରୁ ଅଧିକ ଟଙ୍କାର ଜୋରିମାନା ଅର୍ଥ ଅନାଦେୟ ହୋଇରହିଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ରାଜ୍ୟ ସରକାର ଏକ ନିରପେକ୍ଷ ସଂସ୍ଥାକୁ ପ୍ରଦାନ କରନ୍ତୁ ବୋଲି ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଦାବି କରିଛନ୍ତି। ଗଡବାନ୍ଦଗୋଡ଼ାରେ ଜବତ ହୋଇଥିବା ୩୦୦ ଟ୍ରିପର ପଥର କେଉଁଠାରୁ ଆସିଲା ବୋଲି ଯଜ୍ଞପ୍ରସାଦ ସାହୁ ପ୍ରଶ୍ନ କରିଛନ୍ତି।

କାଳୀ ତାଣ୍ଡବ ନୃତ୍ୟରେ ଗଜଲକ୍ଷ୍ମୀଙ୍କୁ ମେଲାଣି

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ କୁମାର ଉତ୍ସବ କମିଟି ତରଫରୁ ମା’ ଗଜଲକ୍ଷ୍ମୀ ପୂଜା ଧୂମଧାମରେ ପାଳନ ହୋଇଥିଲା। ଶନିବାର ଭାସାଣି ଉତ୍ସବରେ ଛତିଶଗଡ଼ର ଅବତାର ଗ୍ରୁପର କାଳୀ ତାଣ୍ଡବ ଓ ଶିବ ତାଣ୍ଡବ ନୃତ୍ୟର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ପାଟଣା ବଜାର ପରିକ୍ରମା କରିବା ପରେ ମୃଣ୍ମୟୀ ମୂର୍ତ୍ତିକୁ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ପାଟଣା କୁମାର ଉତ୍ସବ କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଲିପକ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରିୟବ୍ରତ ମିଶ୍ର, ଅଭିଷେକ ଦାଶ, କମଳାକାନ୍ତ ପତି, ପ୍ରୀତମ ପଣ୍ଡା, ସୁଜିତ ମିଶ୍ର ଓ ସୌମ୍ୟରଂଜନ ଦାଶଙ୍କ ସହ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।



ରାଷ୍ଟ୍ରୀୟ ଏକତା ଦିବସରେ ନିଶାମୁକ୍ତି ସଚେତନତା

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଗଣିଆବରେଇ ଗ୍ରାମରେ ଶନିବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମାଇ ଭାରତ ସ୍ୱେଚ୍ଛାସେବୀ ସଙ୍ଗଠନ କେନ୍ଦୁଝର ଆନୁକୂଲ୍ୟରେ ଏବଂ ଅର୍ଜୁନପଶି ସିଦ୍ଧି ବିନାୟକ କ୍ଲବର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ଉପସଭାପତି ନିହାର ରଞ୍ଜନ ମହାକୁଡ଼ ସଭାପତିତ୍ୱ କରିଥିଲେ। ମଲାରପଦା ପଞ୍ଚାୟତର ପିଇଓ ତପନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନାଏବ ସରପଞ୍ଚ ନେତ୍ରାନନ୍ଦ ମହାନ୍ତଙ୍କ ସମେତ ଦୀନବନ୍ଧୁ ନାଏକ, ଆଶିକ ହାଁସଦା, ବିବେକ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମରେ ନିଶାମୁକ୍ତି ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଗ୍ରାମର ମହିଳାମାନଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଯାଇ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥପାଠ



ଆନନ୍ଦପୁର, ୧।୧୧ (ସମିସ): ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବପିଢ଼ିଙ୍କୁ ନିଶାର କବଳରୁ ଦୂରେଇ ରଖିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ‘ନେବରହୁଡ୍ ଯୁଥ୍ ପାର୍ଲାମେଣ୍ଟ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ‘ନଶାମୁକ୍ତ ଯୁବ’ ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶା ନିବାରଣ, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଓ ସାମାଜିକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୁବପିଢ଼ି ନିଜେ ନିଶାଠାରୁ ଦୂରେଇ ରହିବା ସହ ନିଜ ପରିବାର ଓ ସମାଜକୁ ମଧ୍ୟ ନିଶାମୁକ୍ତ ରହିବା ପାଇଁ ସଚେତନ କରିବା ଆବଶ୍ୟକ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଅତିଥି, ଅଧ୍ୟାପକଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ନିଶାଦ୍ରବ୍ୟ ସେବନ ନକରିବା, ଅନ୍ୟମାନଙ୍କୁ ନିଶା ସେବନରୁ ନିବୃତ୍ତ ରହିବାକୁ ପ୍ରେରଣା ଦେବା ଏବଂ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଶାର କୁପରିଣାମ ସମ୍ପର୍କରେ ଜାଣିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅନନ୍ତ ସାହୁ, ଅଧ୍ୟାପିକା ଜୟଶ୍ରୀ ଓଝା, ମମତା ସାହୁ ଓ ଶୁଭଶ୍ରୀ ମହାନ୍ତ ଅଧ୍ୟାପକ ରୋନିତ୍ ମହାନ୍ତି ଏବଂ କାର୍ଯ୍ୟକ୍ରମ ସଂଯୋଜିକା ତେଜସ୍ୱିନୀ ରାଜ ଯୋଗ ଦେଇଥିଲେ। ଫ୍ରେଣ୍ଡସ୍ କ୍ଲବର ସଭାପତି ବିଶ୍ୱରଞ୍ଜନ ପାତ୍ର ଓ ସମ୍ପାଦକ ପ୍ରକାଶ ନାୟକ ଉପସ୍ଥିତ ଥିଲେ।

ଦିନରେ ଆଲୋକ, ରାତିରେ ଅନ୍ଧାର!

ଚମ୍ପୁଆ ଏନ୍ଏସିରେ ଷ୍ଟ୍ରିଟ୍‌ଲାଇଟ୍ ପରିଚାଳନାରେ ମହାବିଭ୍ରାଟ

ଚମ୍ପୁଆ, ୧।୧୧(ସମିସ): ସହରବାସୀଙ୍କ ସୁବିଧା ଓ ସୁରକ୍ଷା ଦୃଷ୍ଟିରୁ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ୱାର୍ଡର ଗଳିକନ୍ଦି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଓ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ବ୍ୟୟ କରାଯାଉଥିବା ବେଳେ ଏହାର ସଠିକ୍ ପରିଚାଳନା ଅଭାବରୁ ଚମ୍ପୁଆ ଏନ୍ଏସିରେ ଏବେ ଏକ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। କେଉଁଠି ଦିନ ଦ୍ୱିପ୍ରହରରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି ତ ଆଉ କେଉଁଠି ରାତିରେ ମଧ୍ୟ ରାସ୍ତା ଅନ୍ଧାର ରହୁଛି। ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଏନ୍ଏସି ଅଞ୍ଚଳରେ ଲାଗିଥିବା ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ପରିଚାଳନା ଏବେ ପ୍ରଶ୍ନବାଚୀ ହୋଇଛି। ଏନ୍ଏସିର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ୱାର୍ଡରେ କେତେକ ଲାଇଟ୍ ଦିନରାତି ଅହରହ ଜଳୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ରାତି ହେଲେ ମଧ୍ୟ ଲାଇଟ୍ ଜଳୁନାହିଁ। ଫଳରେ ଦିନରେ ଅନାବଶ୍ୟକ ବିଦ୍ୟୁତ୍ ଖର୍ଚ୍ଚ ହେଉଥିବା ବେଳେ ରାତିରେ ଆଲୋକରୁ ବଞ୍ଚିତ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏହା କେବଳ ବିଦ୍ୟୁତ୍ ଅପଚୟ ନୁହେଁ, ବରଂ ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଓ ତଦାରଖ ଉପରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠାଇଛି। ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ବାବଦରେ ବିଦ୍ୟୁତ୍ ବିଲ୍ ପୈଠ କରାଯାଉଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁଁ ପ୍ରତିମାସରେ ସରକାରୀ ଅର୍ଥର ଅପଚୟ ହେଉଛି। ଦିନରେ ଜଳୁଥିବା ଲାଇଟ୍‌ଗୁଡ଼ିକୁ ସମୟାନୁସାରେ ବନ୍ଦ କରିବା ଏବଂ ରାତିରେ ଅଚଳ ଲାଇଟ୍‌ଗୁଡ଼ିକୁ ତୁରନ୍ତ ମରାମତି କରିବା ଦିଗରେ ଦାୟିତ୍ୱପ୍ରାପ୍ତ ସଂସ୍ଥା ଓ ବିଭାଗର ତତ୍ପରତା ଦେଖାଯାଉନଥିବା ଅଭିଯୋଗ ହେଉଛି। ଯଦି ନିୟମିତ ଯାଞ୍ଚ ଓ ଉପଯୁକ୍ତ ତଦାରଖ କରାଯାଆନ୍ତା, ତେବେ ଏଭଳି ବିଦ୍ୟୁତ୍ ଅପଚୟକୁ ରୋକାଯିବା ସହ ସହରବାସୀଙ୍କୁ ନିରବଚ୍ଛିନ୍ନ ଆଲୋକ ସେବା ମିଳିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଚମ୍ପୁଆ ଏନ୍ଏସିର ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିଭାଗ ପକ୍ଷରୁ ନିୟୋଜିତ ସୂର୍ଯ୍ୟରଶ୍ମି ସଂସ୍ଥା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ଟାଇମିଂ ସେଟ୍‌ରେ ତ୍ରୁଟି ରହିଥିବାରୁ କେତେକ ସ୍ଥାନରେ ଲାଇଟ୍ ଅହରହ ଜଳୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଆଦୌ ଜଳୁନାହିଁ। ତେବେ ଏହି ତ୍ରୁଟିର ସୁଧାର ପାଇଁ ସଂପୃକ୍ତ ସଂସ୍ଥା ପକ୍ଷରୁ ଟାଇମିଂ ସେଟ୍ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଥିଲେ।



କନିଷ୍ଠ ଅନୁଭବ ଅଧିକାରୀ ଓ ସିଆରସିସି ନିଯୁକ୍ତିକୁ ଶିକ୍ଷକ ସଂଘର ବିରୋଧ

ଘଟଗାଁ, ୧।୧୧(ସମିସ): ଘଟଗାଁ ବ୍ଲକ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଅନୁଭାଗ ଅଧିକାରୀ ଅମର କୁମାର ପାତ୍ରଙ୍କ ଘଟଣା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ବଦଳିକୁ ନେଇ ଘଟଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। କିଛି ମାସ ତଳେ ଉକ୍ତ ଅଧିକାରୀଙ୍କ ହରିଚନ୍ଦନପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟକୁ ବଦଳି ବାତିଲ ହୋଇଥିବା ବେଳେ ଗୋଟିଏ ଶିକ୍ଷା ବର୍ଷରେ ଦୁଇ ଦୁଇ ଥର ବଦଳି କ’ଣ ପାଇଁ ବୋଲି ଘଟଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପ୍ରଶ୍ନ କରିଛି। ଖୁବ କମ ସମୟ ଭିତରେ ନିଜସ୍ୱ ନିଆରା କାର୍ଯ୍ୟଧାରା ଓ ଶିକ୍ଷକଙ୍କ ମାସିକ ବେତନ ପ୍ରଦାନ, ଅନ୍ୟାନ୍ୟ ପାଉଣାକୁ ଖୁବ ଶୀଘ୍ର ତ୍ୱରିତ ପଦକ୍ଷେପ ଓ ସ୍ୱଚ୍ଛଟ ପଣିଆ ମାଧ୍ୟମରେ ସମାଧାନ କରି ଶିକ୍ଷକ କର୍ମଚାରୀଙ୍କ ବେଶ ପ୍ରିୟପାତ୍ର ହୋଇଥିବା କର୍ମଚାରୀ ଶ୍ରୀ ପାତ୍ରଙ୍କ ବଦଳିକୁ ସଂଘ ବିରୋଧ କରିବା ସହ ସାଂସଦ ଅନନ୍ତ ନାୟକଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ସିଆରସିସି ଧରଣୀଧର ମହାନ୍ତ ତୃତୀୟ ବର୍ଗ ପଦୋନ୍ନତି ପାଇ ବଡଜାମ୍ବୁପସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ ହୋଇଥିବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶକ୍ରମେ ଖାଲି ଥିବା ଗଦାଧରପୁର ସିଆରସିସି ପାଇଁ ମଧୁପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସିମନ ସ୍ମିତା ପୃଷ୍ଟିଙ୍କ ନାମ ଘଟଗାଁ ବିଇଓ ହରେକୃଷ୍ଣ ନାଏକ ସୁପାରିସ କରିଥିଲେ। ଗତକାଲି ସିମନ ସ୍ମିତା ପୃଷ୍ଟିଙ୍କ ବଦଳରେ ବାଲିପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିଶିର ପ୍ରଧାନଙ୍କ ନାମ ଚୂଡାନ୍ତ କରି ନିଯୁକ୍ତିପତ୍ର କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି। ଜଣେ ଦୁଇ ଜଣ ସିଆରସିସି ବିଭିନ୍ନ ଆଳରେ ଶିକ୍ଷକଙ୍କ ବଦଳି ବାତିଲ କରିବା ସେବା ପୁସ୍ତିକା ଲେଖାଯିବା, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପଯ୍ୟାପ୍ତ ଅର୍ଥ ଆଦାୟ କରି କାର୍ଯ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରି କବଜା କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସଂଘ ସଭାପତି ରମେଶଚନ୍ଦ୍ର ମହାନ୍ତ ଓ ସମ୍ପାଦକ ନବକିଶୋର ରାଉତ କ୍ଷୋଭ ପ୍ରକାଶ କରିବା ସହ ଏସବୁ କାର୍ଯ୍ୟ ଧାରା ବନ୍ଦ ନ ହେଲେ ଆଗାମୀ ଦିନରେ ଘଟଗାଁ ବିଇଓ କାର୍ଯ୍ୟାଳୟରେ ତାଲା ପଡିବା ସହ ଅନଶନ କରାଯିବ ଓ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ବାଣେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜ ସମିତିର ପରିଚାଳନା କମିଟି



ଘଟଗାଁ, ୧।୧୧(ସମିସ): ବାଣେଶ୍ୱର ଶୈବପୀଠରେ ଆଞ୍ଚଳିକ ବ୍ରାହ୍ମଣ ସମାଜ ସମିତି ବାଣେଶ୍ୱରର ନୂତନ ପରିଚାଳନା କମିଟି ଗଠନ ନିମନ୍ତେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଟଗାଁ, ତରା, ବାରହାଟିପୁରା, ନୁସୁରିପସି, ଖୁଣ୍ଟାପଡା, ବାଣକାଣ୍ଡ, ଶାସନର ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ବୈଦନାଥ ପଣ୍ଡାଙ୍କ ଦ୍ୱାରା ବେଦମନ୍ତ୍ର ପାଠ କରାଯାଇଥିଲା। ସଭାରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମଧୁସୂଦନ ଦାଶ, କାର୍ଯ୍ୟକାରୀ ସଭାପତି ବୈଦନାଥ ପଣ୍ଡା, ସମ୍ପାଦକ ଦିଲ୍ଲୀପ କୁମାର ପ୍ରହରାଜ, ସହସମ୍ପାଦକ ଦେବବ୍ରତ ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରଳୟ ପ୍ରଭଞ୍ଜନ ଶତପଥୀଙ୍କୁ ମନୋନୀତ କରାଯାଇଛି। ପରିଚାଳନା କମିଟିର ସଭ୍ୟ ଭାବେ ଶ୍ରୀନିବାସ ଶତପଥୀ, ସରୋଜ ପଣ୍ଡା, ପ୍ରଦୀପ ପଣ୍ଡା, କେଶବଚନ୍ଦ୍ର ଆଚାର୍ଯ୍ୟ, ଅଜୟ ପଣ୍ଡା, ବିଜୟ ଶତପଥୀଙ୍କୁ ମନୋନୀତ କରାଯାଇଛି। ମାର୍ଗଦର୍ଶକମଣ୍ଡଳୀରେ ଜୟଦେବ ପଣ୍ଡା, ଗୋପୀନାଥ ପଣ୍ଡା, ଜଗନ୍ନାଥ ଶତପଥୀ, ସୁରେଶ ପାଣିଗ୍ରାହୀ ଓ ସନ୍ତୋଷ ପତିଙ୍କୁ ନେଇ ଏକ ପରାମର୍ଶଦାତାମଣ୍ଡଳୀ ଗଠନ କରାଯାଇଛି। ଏଥିରେ ଦୋଳଗୋବିନ୍ଦ ପଣ୍ଡା, କୈଳାଶ ପଣ୍ଡା, ନାରାୟଣ ଆଚାର୍ଯ୍ୟ, ନିତ୍ୟାନନ୍ଦ ପତି ଇତ୍ୟାଦି ବ୍ରାହ୍ମଣ ଗୋସେଇଁ ଯୋଗଦାନ କରିଥିଲେ। ସଭାରେ ସମାଜ ସଂସ୍କାର, କର୍ମକାଣ୍ଡ ଓ ଯୁବପିଢ଼ିଙ୍କ ମଧ୍ୟରେ ବ୍ରାହ୍ମଣ କର୍ମ ପ୍ରତି ନିଷ୍ଠା ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପଣ୍ଡିତ ବୈଦନାଥ ପଣ୍ଡା ଶାନ୍ତି ପାଠ କରିଥିଲେ।

ପେନାଲ୍ଟି ସୁଟ୍‌ଆଉଟ୍‌ରେ ଅର୍ଣିକା-ଅଂଶୁ ଏକାଦଶ ଚାମ୍ପିଅନ୍

ଚମ୍ପୁଆ, ୧।୧୧(ସମିସ):



ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ବିଜେତା ଦଳର ମ୍ୟାନେଜରଙ୍କୁ ବିଦେଶ ଗସ୍ତ ଉପହାର

ଚମ୍ପୁଆ ନେହରୁ ଷ୍ଟାଡିୟମ୍‌ରେ ମର୍ନିଂ କ୍ଲବ୍ ପକ୍ଷରୁ ତିନି ଦିନ ଧରି ଆୟୋଜିତ ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୩୨ଟି ଦଳକୁ ନେଇ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ତିନି ଦିନ ମଧ୍ୟରେ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଖେଳର ରୋମାଞ୍ଚ ଉପଭୋଗ କରିଥିଲେ। ଫାଇନାଲ୍‌ରେ ମେନକା ଫୁଟବଲ୍ ଏକାଦଶ ଓ ଅର୍ଣିକା-ଅଂଶୁ ଏକାଦଶ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ଖେଳ ସମୟ ମଧ୍ୟରେ ୧-୧ ଗୋଲ୍‌ରେ ସମାନ ସ୍ଥିତିରେ ରହିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ଅର୍ଣିକା-ଅଂଶୁ ଏକାଦଶ ବିଜୟୀ ହୋଇ ଷଷ୍ଠ ଚନ୍ଦ୍ରଶେଖର କପ୍ ଚାମ୍ପିଅନ୍ ହେବାର ଗୌରବ ହାସଲ କରିଥିଲା। ବିଜୟୀ ଅର୍ଣିକା-ଅଂଶୁ ଏକାଦଶକୁ ୨ ଲକ୍ଷ ଟଙ୍କା ସହ ଚାମ୍ପିଅନ୍ ଟ୍ରଫି ଏବଂ ରନର୍ସଅପ୍ ମେନକା ଫୁଟବଲ୍ ଏକାଦଶକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ଦୁଇ ସେମିଫାଇନାଲ୍ ପରାଜିତ ଦଳକୁ ୬୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସଖୀ କଲ୍ୟାଣୀ ମଣ୍ଡପ ପକ୍ଷରୁ ବିଜୟୀ ଦଳର ଟିମ୍ ମ୍ୟାନେଜରଙ୍କୁ ୨ ରାତି ୩ ଦିନର ବିଦେଶ ଗସ୍ତ ପାଇଁ ବିମାନ ଟିକେଟ୍ ପ୍ରଦାନ କରାଯିବାର ଘୋଷଣା କରାଯାଇଥିଲା। ଏଥିସହ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳିଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମ୍ୟାଚ୍‌ରେ କେନ୍ଦୁଝର ଏକାଦଶ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପାଇତଡ଼ା ରାମକୃଷ୍ଣ ଗଣ୍ଡ, ଯୋଡ଼ା ବିଡିଓ ଚନ୍ଦନ ମଣ୍ଡଳ ଓ ବରିଷ୍ଠ ଓକିଲ ରମେଶ ପ୍ରଧା. ସମାଜସେବୀ ହବି ଦାଶ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ଜଗତର ସେଲିବ୍ରିଟିଙ୍କ ଆଗମନ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା। ମର୍ନିଂ କ୍ଲବ୍‌ର ପରିଚାଳକ ଅଭୟ ଦାଶ (ବାବି ଭାଇ), ସଭାପତି ରଶ୍ମିରଞ୍ଜନ ବେହେରା ଓ ସମ୍ପାଦକ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମଗ୍ର ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଖେଳର ଧାରାବିବରଣୀ ବୁଲବୁଲ୍ ଆପଟ, କ୍ଷୀରୋଦ ଗିରି, ଭୋଳାନାଥ ଭୂୟେଁ ଓ ଭାୟୋଲେଟ୍‌ଙ୍କ ଦ୍ୱାରା ହିନ୍ଦୀ, ଇଂରାଜୀ, ଓଡ଼ିଆ ଓ ମୁଣ୍ଡା ଭାଷାରେ ପ୍ରସାରଣ କରାଯାଇଥିଲା।

ସକାଳ
THE SAKALA

‘ବିଧାୟକ ଇସ୍ତଫା ଦିଅନ୍ତୁ’: ନିଆଳି ବଜାରରେ ପ୍ରତିବାଦ ଶୋଭାଯାତ୍ରା

ନିଆଳି, ୧।୧୧(ସମିସ):





- ବିଜେପି ନେତା ଶଶିକାନ୍ତଙ୍କ ଦୁଷ୍କର୍ମ ଘଟଣା
- ପୀଡ଼ିତାଙ୍କୁ କୋଟିଏ ଟଙ୍କା ଦାବିକଲା ବିଜେଡି

ବିଜେପି ନେତା ଶଶିକାନ୍ତ ଲେଙ୍କା ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ମାମଲାରେ ଗତ ଶନିବାର ଲକ୍ଷ୍ମୀସାଗର ଥାନା ପୁଲିସ ଦ୍ୱାରା କୋର୍ଟ ଚାଲାଣ ହେବା ପରେ ନିଆଳି ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଶଶିକାନ୍ତ ନିଆଳି ବ୍ଲକ ତିହୁଡି ପଞ୍ଚାୟତର ସମିତିସଭ୍ୟ, ବ୍ଲକ ଆମ୍ବ ସଭ୍ୟ, ନିଆଳି ବିଜେପି ଯୁବ ସଂଗଠକ ଦାୟିତ୍ୱରେ ରହିଥିଲେ। ଏହି ଘଟଣାରେ ନିଆଳି ବିଧାୟକ ଛବି ମଲିକଙ୍କ ନାମ ଏତଲାରେ ରହିଛି। ବିରୋଧୀ ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ନିଆଳି ଥାନା ନୂଆଗାଁସ୍ଥିତ ଏକ ଘରୋଇ ମଣ୍ଡପରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନା ସାମ୍ବାଦିକ ସମ୍ମିଳନୀ କରିଥିଲେ। ବିଜେପି ନେତାଙ୍କ ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି ତଦନ୍ତ କରି ସେମାନଙ୍କୁ ଗିରଫ ଦାବି କରିଥିଲେ। ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ବ୍ଲକ ମହିଳା ଶୋଭାନେତ୍ରୀ ଦୀପ୍ତି ପ୍ରତିହାରୀ, ଯୁବ ଛାତ୍ର ଉପସଭାପତି ଅଭିନାଶ ପ୍ରଧାନ, ବିଜେଡି ନେତା ଅଭିମନ୍ୟୁ ମଲିକ, ପ୍ରଭାକର ରାଉତ ବିଧାୟକ ଛବି ମଲିକଙ୍କ ତୁରନ୍ତ ଇସ୍ତଫା ଦେବା ସହ ପୀଡିତାଙ୍କ ପରିବାରକୁ ଏକ କୋଟି ଟଙ୍କା ଦେବା ପାଇଁ ଦାବି କରିଥିଲେ। ପରେ ନୂଆଗାଁରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା ଓ ତହସିଲ କାର୍ଯ୍ୟାଳୟଠାରୁ ନିଆଳି ଥାନା ପର୍ଯ୍ୟନ୍ତ ଚାଲି ଚାଲି ପ୍ରତିବାଦ ଶୋଭାଯାତ୍ରା କରିଥିଲେ ଦଳୀୟ କର୍ମୀ। ପୂର୍ବତନ ଆମ୍ବ ଅଧ୍ୟକ୍ଷ ବିଷ୍ଣୁ ସ୍ୱାଇଁ, ସରପଞ୍ଚ ତ୍ରିନାଥ ମହାନ୍ତି, ସୁରେଶ ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଓ ଆଗ ଧାଡ଼ିର ନେତା-କର୍ମୀ ସାମିଲ ହୋଇଥିଲେ। ସଦର ଏସଡିପିଓ ବିଜୟ ମଲିକ, ଗୋବିନ୍ଦପୁର ଥାନାଧିକାରୀ ରଞ୍ଜନ ପ୍ରଧାନଙ୍କ ସହ ନିଆଳି ପୁଲିସ ଶାନ୍ତିଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ।

ଚୋରି ଅଭିଯୋଗରେ ଯୁବକ ଗିରଫ



ତ୍ରିଶୂଳିଆ, ୧।୧୧(ସମିସ): ବାରଙ୍ଗ ଥାନା ଫକିରପଡା ଗ୍ରାମ ନିକଟ ଏକ ନର୍ସରୀରୁ ଚୋରି ଅଭିଯୋଗରେ ଅଭିଯୁକ୍ତ ଚୋରକୁ ଗିରଫ କରିଛି ପୁଲିସ। ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ଫକିରପଡା ଗ୍ରାମ ନିକଟରେ ଶ୍ୟାମଲାଲ ବେରାଙ୍କର ଏକ ନର୍ସରୀକୁ ଗତ ଅକ୍ଟୋବର ୧୭ କିଛି ଅଜଣା ଯୁବକ ଗଛ ପାଇଁ ଆସିଥିଲେ। ନର୍ସରୀ ଭିତରେ ଥିବା ଏକ ଘର ଭିତରୁ ୧୯ ହଜାର ଟଙ୍କା, ଏଟିଏମ୍, ପାନ କାର୍ଡ ସହିତ ଦରକାରୀ କାଗଜପତ୍ର ଚୋରି କରି ପଳାଇଥିଲେ। ପରେ ଶ୍ୟାମଲାଲ ନର୍ସରୀ ଭିତରେ ଲାଗିଥିବା ସିସିଟିଭି ଫୁଟେଜ ଦେଖି ଏ ସମ୍ପର୍କରେ ୧୯ ଅକ୍ଟୋବରରେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରବିବାର ମଧୁବନ ଗ୍ରାମର ଅମରେନ୍ଦ୍ର ପରିଡ଼ା (୨୬)କୁ ପୁଗିରଫ କରିଛି। ଅଭିଯୁକ୍ତଠାରୁ ୮ ଶହ ଟଙ୍କା ଜବତ କରି ଅଦାଲତକୁ ପଠାଇଛି ପୁଲିସ।

ଚୋରି ବାଇକ୍ ଜବତ; ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକୋଇଲି,୧।୧୧(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କଟରପଡା ପଂଚାୟତ ଓ ବଡଖୀର ପଂଚାୟତର ପଣସପଡିଆ ଗ୍ରାମରୁ କିଛି ଦିନ ତଳେ ବାଇକ ସମେତ ବିଭିନ୍ନ ସାମଗ୍ରୀ ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଥିଲା । ଗତ ଶନିବାର ଦିନ ନିଶ୍ଚିନ୍ତକୋଇଲି ପୋଲିସ ଟାଙ୍ଗୀ ଥାନା ଅଧିନ ବିଲ କରଞ୍ଜି ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କ ଘରୁ ଚୋରୀ ହୋଇଥିବା ହିରୋହୋଣ୍ଡା ବାଇକ୍?, ଗୋଟିଏ ଟ୍ରଲି, ସିମେ ନିର୍ମିତ ଘୋଡା ଆଦି ବିଭିନ୍ନ ସାମଗ୍ରୀ ଜବତ କରି ତାକୁ ଗିରଫ କରିଥିଲେ । ଅଭିଯୁକ୍ତ ଲକ୍ଷ୍ମୀଧରଙ୍କ ନାଁରେ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ଜଣାଯାଇଛି । ସଂପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି ।

ମିଛ ପରିଚୟ ଦେଇ ନାବାଳିକା ଦୁଷ୍କର୍ମ ମାମଲା: ଯୁବକ ଗିରଫ

ଚୌଦ୍ୱାର, ୧।୧୧ (ସମିସ): ନିଜର ପ୍ରକୃତ ପରିଚୟ ଗୋପନ ରଖି ଜଣେ ସ୍କୁଲ ପଢୁଆ ନାବାଳିକାଙ୍କୁ ପ୍ରେମ ସମ୍ପର୍କରେ ଫସାଇ ଦୀର୍ଘବର୍ଷ ଧରି ଦୁଷ୍କର୍ମ କରିଆସୁଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲା ଯାଜପୁର ଅଞ୍ଚଳର ଶାନ୍ତନୁ ରାଉତ (୩୨)। ସେ ଭୁବନେଶ୍ୱର ରବି ଟକିଜ୍ ନିକଟରେ ଏକ ଭଡ଼ାଘରେ ରହୁଥିଲା। ପୁଲିସ ତାକୁ ଗିରଫ କରି ଆଜି ପୋକ୍ସୋ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରିଛି। ୨୦୧୯ ରେ ପୀଡ଼ିତା ସ୍କୁଲରେ ପଢୁଥିବା ସମୟରେ ଅଭିଯୁକ୍ତ ନିଜକୁ ଅର୍ଣ୍ଣବ ମହାନ୍ତି ବୋଲି ପରିଚୟ ଦେବା ସହ ନିକଟସ୍ଥ ହାଉସିଂ ବୋର୍ଡ ଅଞ୍ଚଳରେ ରହୁଥିବା କହିଥିଲା। ଏହି ମିଛ ପରିଚୟ ଦେଇ ସେ ନାବାଳିକା ସହ ପ୍ରେମ ସମ୍ପର୍କ ସ୍ଥାପନ କରିବା ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ସହ ବାରମ୍ବାର ଦୁଷ୍କର୍ମ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଇତିମଧ୍ୟରେ ପୀଡ଼ିତା ସାବାଳିକା ହେବା ପରେ ଯୁବକଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଯୁବକଙ୍କ ପ୍ରକୃତ ପରିଚୟ ସାମ୍ନାକୁ ଆସିଥିଲା। ନିଜକୁ ଅର୍ଣ୍ଣବ ମହାନ୍ତି ବୋଲି ପରିଚୟ ଦେଇଥିବା ଯୁବକଙ୍କ ପ୍ରକୃତ ନାମ ଶାନ୍ତନୁ ରାଉତ ବୋଲି ଜଣାପଡ଼ିଲା ପରେ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ସହ ମାମଲାର ତଦନ୍ତ ଜାରି ରଖିଛି।

ଶାନ୍ତିଶୃଙ୍ଖଳାରେ ସରିଲା ଗଜଲକ୍ଷ୍ମୀ ଭସାଣି

ଫୁଲନଖରା,୧।୧୧ (ସମିସ): କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା-ନଛିପୁର ଗ୍ରାମରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀଙ୍କ ୧୦ଟି ମେଢର ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ସହ ସମାପନ ହୋଇଛି। ୭ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ପ୍ରତ୍ୟେକ ମଣ୍ଡପରେ ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରତ୍ୟେକ ମେଢ଼ର କ୍ରମାଙ୍କ ଅନୁସାରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଅସ୍ଥାୟୀ ପୋଖରୀରେ ମା’ଙ୍କ ମୃଣ୍ମୟ ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା। ମେଢ଼ଗୁଡ଼ିକ ନଛିପୁରସ୍ଥିତ ମା’ ମଙ୍ଗଳା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପହଞ୍ଚିଲା ପରେ ସମ୍ବର୍ଦ୍ଧନା ସହ ଭୋଗହାଣ୍ଡି ପ୍ରଦାନ କରାଯାଇଥିଲା। ପାରମ୍ପରିକ ବାଦ୍ୟରେ ଏହି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସଦର ଥାନା ପକ୍ଷରୁ ୪ ପ୍ଲାଟୁନ୍ ଫୋର୍ସ ସହ ଜୋନ୍-୪ ଏସିପି ଅମିତାଭ ମହାପାତ୍ର, ଥାନାଧିକାରୀ ତୁଷାରକାନ୍ତ ସେଠୀ ପରିଚାଳନା କରିଥିଲେ। ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରଦୀପ ଦାସ, ସଂପାଦକ ସଂଜୟ ମୁଦୁଲି, ଉପସଭାପତି ପ୍ରମୋଦ ସାହୁ, ସହସଂପାଦକ ବିଭୂତି ତରାଇ, କୋଷାଧ୍ୟକ୍ଷ ଭାବଗ୍ରାହୀ ସାହୁଙ୍କ ସମେତ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ପରିଚାଳନା କରିଥିଲେ।

ପାରାବିଲରେ ସରିଲା ଗଜଲକ୍ଷ୍ମୀ ମେଳଣ ଓ ଭସାଣି



କିଶନନଗର, ୧।୧୧(ସମିସ): କଟକ ସଦର ଧରିଣା ପଞ୍ଚାୟତ ପାରାବିଲ ଗ୍ରାମରେ ଚାଲିଥିବା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ମେଳଣ ଓ ଭସାଣି ଉତ୍ସବ ୮ଟି ମେଢ଼ର ବିସର୍ଜନ ସହ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ବାଦ୍ୟ ଓ ଆଲୋକ ସାଜସଜ୍ଜାରେ ଶୋଭାଯାତ୍ରାରେ ପର୍ଯ୍ୟାୟକ୍ରମେ ନିଜ ନିଜ ସାହି ପରିକ୍ରମା କରି ମେଳଣ ପଡ଼ିଆରେ ରାତି ୯ଟା ସମୟରେ ମେଢ଼ଗୁଡ଼ିକ ଏକତ୍ରିତ ହୋଇଥିଲେ। ମେଳଣ ଶେଷରେ ପୂର୍ଣ୍ଣତୋୟା ରତ୍ନଯୋଡିରେ ମେଢ଼ଗୁଡ଼ିକ ବିସର୍ଜନ କରାଯାଇଥିଲା। କିଶନନଗର ଥାନାଧିକାରୀ ମାନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ପୁଲିସ ମୁତୟନ କରାଯାଇଥିଲା। ବିଶ୍ୱଜିତ ଶତପଥୀ, ଉମେଶ ବାଡ଼ି, ଶରତଚନ୍ଦ୍ର ବାଡ଼ି, ସାଗର ବେହେରା, ପ୍ରଣୟ ବେହେରା, ବିଜୟ ଦାଶ, ଶେଷଦେବ ଦାଶ, ପ୍ରଫୁଲ୍ଲ ସାହୁ, ବିଶ୍ୱଜିତ ଭୋଇ, ଦୀପକ ଭୋଇ, ବିଶ୍ୱଜିତ ବାଡ଼ିଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

ରଘୁନାଥଜୀଉଙ୍କ ମନ୍ଦିର ଦଧିନଉତି ରତ୍ନାଭରଣ

ନିଶ୍ଚିନ୍ତକୋଇଲି, ୧।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ସାଧୁପୁର ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ନୂତନ ମନ୍ଦିରର ଦଧିନଉତି ରତ୍ନାଭରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସୁବେଦୀ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ଶ୍ରଦ୍ଧାଳୁ ଗ୍ରାମବାସୀ ଦଧିନଉତିରେ ଶସ୍ୟ, ନବରତ୍ନ ଆଦି ଅର୍ପଣ କରିଥିଲେ। କାର୍ଯ୍ୟରେ ଶ୍ରୀ ଅଚ୍ୟୁତସେବା ସଦନର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ବସ୍ତିଆ ଯୋଗଦେଇ ରଘୁନାଥ ଜୀଉଙ୍କ କୃପାଲାଭ କରିବା ସହ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଛନ୍ତି। ରଘୁନାଥ ପଣ୍ଡା, ଦିବାକର ସ୍ୱାଇଁ ସମେତ ବହୁ ଶ୍ରୀଜୀଉଙ୍କ ଭକ୍ତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ସୁକରପଡା-ତେନ୍ତୁଲପୁର କେନାଲ ବନ୍ଧ ରାସ୍ତା ଶୋଚନୀୟ

ନିଶ୍ଚିନ୍ତକୋଇଲି, ୧।୧୧(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସୁକରପଡା-ତେନ୍ତୁଲପୁର ୯ ନମ୍ବର କେନାଲବନ୍ଧ ରାସ୍ତା ଶୋଚନୀୟ ହୋଇପଡିଛି। ବିଭାଗୀୟ ଅବହେଳା ଯୋଗୁଁ ଉକ୍ତ ରାସ୍ତାକୁ ବହୁ ଦିନ ହେବ ମରାମତି କରାଯାଇନାହିଁ। ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଟକ-ଚାନ୍ଦବାଲି ରାସ୍ତାର ସୁକରପଡା ବଜାର ପୋଲ ପାଖରୁ କେନ୍ଦ୍ରାପଡା କେନାଲ ବନ୍ଧ ରାସ୍ତାକୁ ସଂଯୋଗ କରିବା ପାଇଁ ଏହି ରାସ୍ତାଟି ଗତ ୫ ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଉନ୍ନତୀକରଣ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗର ତଦାରଖ ଅଭାବରୁ ଠିକାଦାର ଜଣକ ସେତେବେଳେ ଉକ୍ତ ରାସ୍ତାଟିକୁ ସରକାରୀ ଆକଳନ ଅନୁଯାୟୀ ନିର୍ମାଣ କରୁ ନଥିବାରୁ ଦିନକୁ ଦିନ ଏହି ରାସ୍ତା ଖରାପ ହେବାରେ ଲାଗିଛି। ନିୟମାନୁଯାୟୀ, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଯେଉଁ ରାସ୍ତା ନିର୍ମାଣ କରାଯାଏ ତିନି ବର୍ଷ ପର୍ଯ୍ୟନ୍ତ ଏହାର ମରାମତି କାର୍ଯ୍ୟ ପାଇଁ ଅନୁଦାନ ରଖାଯାଇଥାଏ; ହେଲେ ଉକ୍ତ ରାସ୍ତା ନିର୍ମାଣ ପରେ ଠିକାଦାର ତିନି ବର୍ଷ ଭିତରେ ଏହାର ମରାମତି କାର୍ଯ୍ୟ ମଧ୍ୟ ସଠିକ୍ ଭାବେ କରି ନଥିବାରୁ ଏବେ ରାସ୍ତା ମରଣଯନ୍ତା ପାଲଟିଛି। ସୁକରପଡା ମୁସଲିମ୍ ସାହି କେନାଲ ପୋଲ ନିକଟରେ ଉକ୍ତ ରାସ୍ତାଟିର ଦୁଇ ପାଶ୍ୱର୍ ଖାଲଖମା ହୋଇଥିବାରୁ ଚାରିଚକିଆ ଯାନ ଯିବା କଷ୍ଟକର ହୋଇ ପଡୁଛି। ରାସ୍ତାର ପିଠାପଡା, କଟରପଡା, ମୁରଦାବାଦ୍, ତେନ୍ତୁଲପୁର ନିକଟରେ ରାସ୍ତାରୁ ପିଚୁ ଉଠିଯାଇ ଚାରିଆଡେ ଖାଲ ଖମା ସୃଷ୍ଟି ହୋଇଥିବାରୁ ସାଇକଲ ଓ ବାଇକ ଆରୋହୀମାନେ ଯାତାୟାତ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ତୁରନ୍ତ ଉକ୍ତ ରାସ୍ତା କାର୍ଯ୍ୟକୁ ମରାମତି କରାଯିବା ସହିତ ଯେଉଁସ୍ଥାନରେ ଦୁଇ ପାଶ୍ୱର୍ ଅତଡା ଖାଇ ଯାଇଛି ତାହାକୁ ଓସାରିଆ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

ଭଡ଼ା ସହ ମିଳୁନି ରାସନ ଚାଉଳ, ହିତାଧିକାରୀଙ୍କ ଅସନ୍ତୋଷ

ନିଆଳି, ୧।୧୧(ସମିସ): ନିଆଳି ବ୍ଲକ ୨୩ଟି ପଞ୍ଚାୟତରେ ୭ ଶହରୁ ଅଧିକ ହିତାଧିକାରୀଙ୍କୁ ଭଡା ୬ ମାସ ହେବ ମିଳି ନଥିବାରୁ କଷ୍ଟେ ମଷ୍ଟେ ଚଳୁଥିବାବେଳେ ଏବେ ବୋଝ ଉପରେ ନଳିତା ବିଡ଼ା ପରି ୨ ମାସ ହେବ ରାସନ ଚାଉଳ ହିତାଧିକାରୀଙ୍କୁ ଦିଆଯାଉନି। ଯାହାକୁ ନେଇ ହିତାଧିକାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଣ୍ଡ ପିଛା ୫ କିଲୋ ରାସନ ଚାଉଳ ଦିଆଯାଉଥିବା ବେଳେ ସିଏମ ପୋଷଣ ଯୋଜନାରେ ଅତିରିକ୍ତ ଆଉ ୫ କିଲୋ ଚାଉଳ ଦିଆଯାଉଥିଲା। ଏହି ଯୋଜନାରେ ଚାଉଳ ଆସୁ ନଥିବାରୁ ରାସନ ଚାଉଳ ମଧ୍ୟ ହିତାଧିକାରୀଙ୍କୁ ଦିଆଯାଉନାହିଁ। ଯାହାଫଳରେ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୁଚୁରା ବିକ୍ରୟ କେନ୍ଦ୍ର ଅଧିକାରୀଙ୍କ ଉତ୍ତର ଯେ ଉଭୟ ଚାଉଳ ଆସିଲେ ବଣ୍ଟନ କରାଯିବ। ଏନେଇ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ କଳାହାଣ୍ଡିରୁ ଚାଉଳ ଆସିବ, ଆସିଲେ ଦିଆଯିବ ବୋଲି କହିଛନ୍ତି। କେବେ ଚାଉଳ ଆସିବ ସେ ସମ୍ପର୍କରେ ସ୍ୱଷ୍ଟ ସୂଚନା ନାହିଁ।

ପୁଷ୍ପଗିରି ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା

ମାହାଙ୍ଗା, ୧।୧୧(ସମିସ): ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଏନଏସଏସ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ଅଭିଯାନ ଏବଂ ସାମୂହିକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନଏସଏସ କାର୍ଯ୍ୟକାରୀ ଅଧ୍ୟାପକ ସନ୍ତୋଷ ପରିଡ଼ା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ପୁଷ୍ପଶ୍ରୀ ତ୍ରିପାଠୀ, ଅଧ୍ୟାପକ ମନୋରଞ୍ଜନ ବେହୁରା, ଅଧ୍ୟାପିକା ମଧୁସ୍ମିତା ସାମଲ ଏବଂ ଅଧ୍ୟାପକ ଡମ୍ବରୁଧର ସାହୁ, ଅଧ୍ୟାପକ ଗଗନ ପୃଷ୍ଟି, ସମ୍ମାନନୀୟ ଅତିଥି ସୁଧାଂଶୁ ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଜୟରାମ ସ୍ୱାଇଁ , ଅଧ୍ୟାପିକା ବନିତା ଭୂୟାଁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଜ୍ୟୋତିର୍ମୟୀଙ୍କ ଦ୍ୱାରା ସତ୍ୟନିଷ୍ଠାର ଶପଥ ପାଠ କରାଯାଇଥିଲା। ଅଧ୍ୟାପକ ଅକ୍ଷୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଚାକିରି ଆରମ୍ଭରୁ ଦରମା ପାଇନାହାଁନ୍ତି ଶିଶୁ ସେବିକା

ନିଶ୍ଚିନ୍ତକୋଇଲି, ୧।୧୧(ସମିସ): କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ପୂର୍ବରୁ ଶିଶୁବାଟିକା ଶ୍ରେଣୀ ଖୋଲାଯାଇଛି। ଏହି ଶିଶୁବାଟିକା ଶ୍ରେଣୀରେ ଶିଶୁମାନଙ୍କୁ ପଢାଇବା ସହିତ ସେମାନଙ୍କର ଯତ୍ନ ନେବା ପାଇଁ ଜଣେ ଲେଖାଏଁ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇଛି। ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳରେ ପ୍ରଥମ ପର୍ଯ୍ୟାୟରେ ମାତ୍ର ୨୦ଟି ବିଦ୍ୟାଳୟରେ ୨୦ ଜଣଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତି ଦିଆଯାଇଛି। ଏହି ଶିଶୁ ସେବିକାମାନଙ୍କର ଦରମା ମାସକୁ ୩ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ସେମାନଙ୍କୁ ଜୁନ୍ ମାସରେ ନିଯୁକ୍ତି ମିଳିଥିଲା। ଚାକିରି ପାଇବା ଦିନଠାରୁ ୫ମାସ ବିତିଯାଇଥିଲେ ମଧ୍ୟ ଏହି ଶିଶୁ ସେବିକାମାନେ ଏପର୍ଯ୍ୟନ୍ତ ଦରମା ପାଇ ନଥିବା ଅଭିଯୋଗ ହୋଇଛି। ନିଯୁକ୍ତି ପାଇଥିବା ଶିଶୁ ସେବିକାମାନେ ଦରମା ନପାଇ ଚଳିବା ପାଇଁ ହଇରାଣ ହରକତ ହେଉଥିବା ନେଇ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଶିଶୁ ସେବିକାମାନଙ୍କୁ ଜୁନ୍ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଦରମା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଶିଶୁ ସେବିକାମାନଙ୍କର ଦରମା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା ବେଳେ ଖୁବ୍‌ଶୀଘ୍ର ବିଦ୍ୟାଳୟରୁ କାଗଜପତ୍ର ମଗାଯାଇ ସେମାନଙ୍କୁ ଦରମା ଦିଆଯିବା ପାଇଁ ପ୍ରକ୍ରିୟା ଚାଲିଥିବା ବିଇଓ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଯାତ୍ରାରେ ଟେଟ୍ରାହେଡ୍ରନ ପକ୍ଷରୁ ସେବାକାର୍ଯ୍ୟ



ଟାଙ୍ଗୀ,୧।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଐତିହାସିକ ଭଟ୍ଟିମୁଣ୍ଡା ଯାତ୍ରାରେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ସେବା କାର୍ଯ୍ୟକ୍ରମ ହୋଇଛି। ଲକ୍ଷାଧିକ ଲୋକଙ୍କ ସମାଗମକୁ ଲକ୍ଷ୍ୟକରି ଟେଟ୍ରାହେଡ୍ରନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯାତ୍ରୀଙ୍କ ପାଇଁ ପାନୀୟ ଜଳ,ଚା ଓ ଜଳଖିଆର ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ, ଅମନ ବେଉରା, ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଶ୍ରୀଧର ପ୍ରଧାନଙ୍କ ସମେତ ଶ୍ରୀରାମ ସେନା ଓ ଟେଟ୍ରାହେଡ୍ରନର କର୍ମଚାରୀ ସହଯୋଗ କରିଥିଲେ।

କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ଟାଙ୍ଗୀ,୧।୧୧(ସମିସ): ଟାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତଚନ୍ଦ୍ର ଖୁଣ୍ଟିଆଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଅମୀୟ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ଲେଙ୍କା ଓ ପର୍ଶୁରାମ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଡ଼ ଜୟଶ୍ରୀ ମିଶ୍ର ସ୍ମୃତିଚାରଣ କରିଥିବାବେଳେ ଅର୍ଥନୀତି ଅଧ୍ୟାପିକା ମନିଷା ମିଶ୍ର ମାନପତ୍ର ପାଠ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ସୁଚିତ୍ରା ସ୍ୱାଇଁ ସଭା ପରିଚାଳନା କରିଥିଲେ। ଶ୍ରୀ ଖୁଣ୍ଟିଆ ଅଧ୍ୟାପକ ଶ୍ରୀ ଷଡଙ୍ଗୀଙ୍କୁ ଅଧ୍ୟକ୍ଷ ପଦ ଦାୟିତ୍ୱ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ପିସି ନଦେଲେ ହେଉନି କାମ

ନିଆଳି ୧।୧୧(ସମିସ): ନିଆଳି ବ୍ଲକରେ ପୁଣି ଆରମ୍ଭ ହୋଇଛି ପିସି କାରବାର। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କଠାରୁ ବିଡ଼ିଓଙ୍କ ପର୍ଯ୍ୟନ୍ତ ଅଧିକାଂଶ ସମୟ କାର୍ଯ୍ୟାଳୟରେ ରହୁ ନଥିବା ବେଳେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀମାନେ ଯେତିକି ସମୟ କାର୍ଯ୍ୟାଳୟରେ ରହୁଛନ୍ତି ଭିସି ମିଟିଙ୍ଗରେ ବ୍ୟସ୍ତ ରହୁଛନ୍ତି। କିଛି କୁଜି ନେତା ଉପସ୍ଥିତ ରହି ସାଧାରଣ ଲୋକଙ୍କୁ କାମ କରାଇ ଦେବାକୁ କହି ପିସି ମାଗିବା ଓ ବ୍ଲକ ଉନ୍ନତିମୂଳକ କାର୍ଯ୍ୟରେ ୨୦ରୁ ୨୫ ଭାଗ ପିସି ମାଗି ସେଥିରୁ କିଛି ଅଂଶ ବିଭାଗୀୟ ଅଧିକାରୀଙ୍କୁ ଦେଇ ଅବଶିଷ୍ଟ ଅଂଶ ନିଜ ପକେଟକୁ ନେଉଥିବା ଅଭିଯୋଗ ଆସିଛି। ରତନପୁର ଏରଞ୍ଚ ପଞ୍ଚାୟତର ଜଣେ କୁଜି ନେତା ଦିନତମାମ ବ୍ଲକରେ ରହି ପିସି ଆଦାୟ କରୁଥିବା ବେଳେ ମାଗୁରାକୁଦ ଗ୍ରାମରେ ୩ ଲକ୍ଷ ୫୦ ହଜାର ଟଙ୍କା ରାସ୍ତା କାମରେ ମୋଟା ଅଙ୍କର ପିସି କାରବାର ହେଉଥିବା ଅଭିଯୋଗ ହୋଇଛି। ଏଣେ ରାଜ୍ୟ ସରକାର ଘର ଭଡା ସହ ମୋଟା ଅଙ୍କର ଦରମା ଦେଉଥିବା ବେଳେ ସରକାରୀ କ୍ୱାର୍ଟର୍ସ ବା ବ୍ଲକ ପାଖ ଅଞ୍ଚଳରେ ଘର ଭଡା ନ ନେଇ କଟକ ଭୁବନେଶ୍ୱର ରହି ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଛନ୍ତି। ଯଦି କିଏ ଅଭିଯୋଗ ଆଣିଲା ଫିଲ୍ଡରେ କାମ କରୁଛୁ କହି ନିଜ ମୁଣ୍ଡରୁ ଦୋଷ ତୁଟାଉଛନ୍ତି। ଏବେ ସାଧାରଣରେ ଆଲୋଚନା ନିଆଳି ବ୍ଲକକୁ ଫେରିଲା ପିସି କାରବାର।

୮ କୋଟିର ଅନୁଦାନ, ୧୬ କୋଟିର ପ୍ରସ୍ତାବ

‘ବିକଶିତ ଗାଁ ବିକଶିତ ଓଡ଼ିଶା’ ଅନିଶ୍ଚିତତାରେ

ସାଲେପୁର, ୧।୧୧(ସମିସ):



ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ଆରମ୍ଭ ହୋଇଥିବା ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ଯୋଜନା ସାଲେପୁର ବ୍ଲକରେ ଏବେ ଅଚଳାବସ୍ଥାରେ ପଡ଼ିଥିବା ଅଭିଯୋଗ ହେଉଛି। ୩୩ଟି ପଞ୍ଚାୟତ ପାଇଁ ପ୍ରାୟ ୮ କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ପ୍ରାପ୍ୟ ଥିବାବେଳେ ବିଭିନ୍ନ ସ୍ତରରୁ ପ୍ରାୟ ୧୬ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପ୍ରସ୍ତାବ ଆସିଥିବା ଜଣାପଡ଼ିଛି; ଅର୍ଥାତ୍, ଯେତିକି ଟଙ୍କା ମିଳିବାର ଅଛି, ତାହାର ପ୍ରାୟ ଦୁଇଗୁଣ ପ୍ରକଳ୍ପର ତାଲିକା। ଫଳରେ କେଉଁ ପ୍ରକଳ୍ପକୁ ମଞ୍ଜୁରୀ ମିଳିବ ଓ କେଉଁ ପ୍ରକଳ୍ପ ବାଦ୍ ପଡ଼ିବ, ତାହାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

ପଞ୍ଚାୟତଗୁଡ଼ିକର ଜନସଂଖ୍ୟା ଅନୁପାତରେ ଅର୍ଥ ଆବଣ୍ଟନ ହେଉଥିବାବେଳେ ସାଲେପୁର ବ୍ଲକର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରାୟ ୮ କୋଟି ୮୦ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁଦାନ ମଞ୍ଜୁରୀ ପାଇଁ ପଠାଯାଇଥିଲା। ସାଂସଦ, ବିଧାୟକ ଏବଂ ଶାସକ ଦଳର ବିଭିନ୍ନ ନେତାଙ୍କ ପକ୍ଷରୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଛି। ସମସ୍ତ ପ୍ରସ୍ତାବର ମୋଟ ମୂଲ୍ୟ ପ୍ରାୟ ୧୬ କୋଟି ଟଙ୍କାରୁ ଅଧିକ ହୋଇଥିବା ଜଣାପଡ଼ିଛି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ପାଇଁ ଜମିର ମାଲିକାନା ଓ ସତ୍ତ୍ୱ ସମ୍ପର୍କରେ ଯାଞ୍ଚ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା; ତେବେ, ଅଭିଯୋଗ ହେଉଛି ଯେ ବିଭିନ୍ନ ନେତାଙ୍କ ପ୍ରସ୍ତାବକୁ ମଞ୍ଜୁରୀ ଦେବାକୁ ନେଇ ଚାପ ଓ ଟଣାଓଟରା ଯୋଗୁଁ ପ୍ରକଳ୍ପ ଚୟନରେ ବିଳମ୍ବ ହେଉଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଉ ପ୍ରାୟ ୪ ମାସ ସମୟ ଥିବାବେଳେ ଏପର୍ଯ୍ୟନ୍ତ ପ୍ରକଳ୍ପ ଚୟନ ଚୂଡ଼ାନ୍ତ ନହେବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ପ୍ରକଳ୍ପ ମଞ୍ଜୁରୀରେ ଯେତେ ବିଳମ୍ବ ହେବ, କାର୍ଯ୍ୟ ଆରମ୍ଭ ଓ ଶେଷ ହେବାରେ ମଧ୍ୟ ସେତିକି ବିଳମ୍ବ ହେବ। ନିର୍ବାଚନ ପୂର୍ବରୁ ବିକାଶ କାର୍ଯ୍ୟର ଫଳ ଗ୍ରାମବାସୀଙ୍କ ପାଖରେ ପହଞ୍ଚିବ କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି ଯେ ସାଲେପୁର ଅଞ୍ଚଳବାସୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକୃତ ଆବଶ୍ୟକତା ଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବା ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦିଅନ୍ତୁ। ସୀମିତ ଅନୁଦାନର ସଦୁପଯୋଗ କରି ଜନସ୍ୱାର୍ଥ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ଚୟନ କରାଯିବା ଆବଶ୍ୟକ। ତେବେ, ପ୍ରଶ୍ନ ଉଠୁଛି, ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ଯୋଜନାରେ ସତରେ ଗାଁର ଆବଶ୍ୟକତାକୁ ପ୍ରାଥମିକତା ମିଳିବ, ନା ପ୍ରସ୍ତାବର ଚାପ ଓ ରାଜନୈତିକ ଟଣାଓଟରା ମଧ୍ୟରେ ଗ୍ରାମାଞ୍ଚଳର ଜରୁରୀ ବିକାଶ ପ୍ରକଳ୍ପଗୁଡ଼ିକ ପଛରେ ପଡ଼ିଯିବ?

ସମସ୍ୟା ଘେରରେ କୁଆମରା ଫାଣ୍ଡି

୩୦ ହଜାର ଲୋକଙ୍କ ସୁରକ୍ଷା ପାଇଁ ମାତ୍ର ୪ କର୍ମଚାରୀ

କୁଆମରା, ୧।୧୧(ସମିସ):

ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ କୁଆମରା ପୁଲିସ ଫାଣ୍ଡି ଏବେ ବିଭିନ୍ନ ସମସ୍ୟାରେ ଉବୁଟୁବୁ ହେଉଛି। ଫାଣ୍ଡି ପ୍ରତିଷ୍ଠା ହେବାର ଦୀର୍ଘ ୬୦ ବର୍ଷ ବିତିଯାଇଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଇନଶୃଙ୍ଖଳା ରକ୍ଷା କରିବା ପୁଲିସ ପାଇଁ କାଠିକର ପାଠ ହୋଇପଡ଼ିଛି।

ପ୍ରାୟ ୪୦ ବର୍ଷ ଧରି ଏକ ଭଡ଼ା ଘରେ ଚାଲିବା ପରେ ୨୦୦୫ରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ଫାଣ୍ଡିର ନୂତନ ଗୃହ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହି ଫାଣ୍ଡି ଅଧୀନରେ ଗୋପବନ୍ଧୁନଗର ବ୍ଲକର ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା ଓ କୁଶଳଦା ଭଳି ୫ଟି ପଞ୍ଚାୟତର ୪୨ଟି ଗ୍ରାମ ରହିଛି। ୩୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଦାୟିତ୍ୱ ଏହି ଫାଣ୍ଡି ଉପରେ ନ୍ୟସ୍ତ ଥିବାବେଳେ ଏଠାରେ ମାତ୍ର ୪ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ନିୟମାନୁଯାୟୀ ଜଣେ ଅଫିସରଙ୍କ ସମେତ ୬ ଜଣ କନଷ୍ଟେବଳ ପଦବୀ ରହିବା କଥା। ମାତ୍ର ଦୀର୍ଘଦିନ ଧରି ୨ଟି ପଦବୀ ଫାଙ୍କା ପଡ଼ିଛି। କର୍ମଚାରୀଙ୍କ ଅବସର କିମ୍ବା ବଦଳି ପରେ ଏହି



● ଛାତରୁ ଗଳୁଛି ପାଣି, ଥାନାର ଦୂରତା ୩୦ କିମି
● ୟାସ୍ ବାତ୍ୟାରେ ଭାଙ୍ଗିଥିବା ପାଚେରି ୫ ବର୍ଷ ପରେ ବି ହେଲାନି ମରାମତି

ଶୂନ୍ୟସ୍ଥାନ ପୂରଣ କରାଯାଉନାହିଁ। ବର୍ଷକୁ ଥାନାର ମୋଟ ମାମଲାର ପ୍ରାୟ ୫୦ ପ୍ରତିଶତ ଏହି ଅଞ୍ଚଳରୁ ରହୁଥିବା ଜଣାପଡ଼ିଛି। କୁଆମରା ଫାଣ୍ଡିଟି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ଅବସ୍ଥିତ ଥିବାରୁ ଏଠାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଦୁର୍ବୃତ୍ତ ଅପରାଧ ଘଟାଇ ସହଜରେ ଖସିଯାଉଛନ୍ତି। ପର୍ଯ୍ୟାପ୍ତ କର୍ମଚାରୀ ଓ ପାଟ୍ରୋଲିଂ ପାଇଁ ଚାରିଚକିଆ ଯାନ ନ ଥିବାରୁ ଅଞ୍ଚଳରେ ଚୋରି, ଡକାୟତି ଓ ରାହାଜାନୀ ଭଳି ସାଂଘାତିକ ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଖୁଣ୍ଟା ଥାନାଠାରୁ ଏହି ଫାଣ୍ଡିର ଦୂରତା ପ୍ରାୟ ୩୦ କିଲୋମିଟର ହୋଇଥିବାରୁ କୌଣସି ଜରୁରୀ ସମୟରେ ତୁରନ୍ତ ସହାୟତା ପହଞ୍ଚିବାରେ ଅହେତୁକ ବିଳମ୍ବ ଘଟୁଛି। ଅନ୍ୟପକ୍ଷରେ, ୨୦ ବର୍ଷ ତଳେ ନିର୍ମିତ ଫାଣ୍ଡି ଗୃହ ଛାତରୁ ବର୍ଷାଦିନେ ପାଣି ଗଳୁଛି। କର୍ମଚାରୀଙ୍କ ପାଇଁ ସରକାରୀ ବାସଗୃହ ନଥିବାରୁ ସେମାନେ ନାନା ସମସ୍ୟା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ୨୦୨୧ ମେ' ମାସରେ ସାମୁଦ୍ରିକ ଝଡ଼ "ୟାସ୍'ର ପ୍ରକୋପରେ ଫାଣ୍ଡିର ଉତ୍ତର ପାଶ୍ୱର୍ ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଥିଲା। ତତ୍କାଳୀନ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ପରିଦର୍ଶନ କରି ପାଚେରି ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ରିପୋର୍ଟ ଆଧାରରେ ୫ ଜଣିଆ କେନ୍ଦ୍ରୀୟ ଟିମ୍ ସମେତ ତତ୍କାଳୀନ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଉପଜିଲ୍ଲାପାଳ, ଏସପି, ତହସିଲଦାର ଓ ବିଡିଓ ପ୍ରମୁଖ କ୍ଷୟକ୍ଷତି ଆକଳନ କରି ତୁରନ୍ତ ପାଚେରି ନିର୍ମାଣ କରାଯିବ ବୋଲି କହିଥିଲେ। ବିଡ଼ମ୍ବନାର ବିଷୟ, ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ପାଚେରି ନିର୍ମାଣର ନାଁ ଗନ୍ଧ ନାହିଁ। ପାଚେରି ନ ଥିବାରୁ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଫାଣ୍ଡିର ଗୃହ ମରାମତି, ପାଚେରି ନିର୍ମାଣ, କର୍ମଚାରୀ ପଦବୀ ପୂରଣ ଓ ଚାରିଚକିଆ ଯାନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବନଭୂମି ମହାବିଦ୍ୟାଳୟରେ 'ବିକାଶିତ ଭାରତ ଯୁବ ସମ୍ବାଦ' କାର୍ଯ୍ୟକ୍ରମ



ବାରିପଦା, ୧।୧୧(ସମିସ): କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ "ମେରା ଯୁବ ଭାରତ' ମୟୂରଭଞ୍ଜ ଶାଖା ପକ୍ଷରୁ ରଙ୍ଗାମାଟିଆସ୍ଥ ବନଭୂମି ମହାବିଦ୍ୟାଳୟ ପରିସରରେ "ବିକଶିତ ଭାରତ ଯୁବ ସମ୍ବାଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନା ଜାଗ୍ରତ କରିବା, ସକ୍ରିୟ ନାଗରିକ ଭାବେ ଅଂଶଗ୍ରହଣ ବୃଦ୍ଧି ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶ ବ୍ୟାପୀ ୫୦୦ଟି ଶିକ୍ଷାନୁଷ୍ଠାନରେ ଆୟୋଜିତ ହେଉଥିବା "ବିକଶିତ ଭାରତ ଯୁବ ସମ୍ବାଦ' ଅଭିଯାନର ଅଂଶବିଶେଷ ଭାବେ ଆୟୋଜିତ ଏହି ସମାବେଶରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିଶ ଚନ୍ଦ୍ର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ଯୁବ ପ୍ରତିଭା ପ୍ରଭୁରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତୃତ୍ୱ ବିକାଶ, କ୍ରୀଡ଼ା କ୍ଷେତ୍ରର ଉତ୍କର୍ଷତା ଓ ଯୁବପିଢ଼ିର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ୮୩ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଯୁବ ନାଗରିକ ଉପସ୍ଥିତ ରହି ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଦାୟିତ୍ୱପୂର୍ଣ୍ଣ ନାଗରିକତାର ସୁରକ୍ଷା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ଆଗାମୀ "ବିକଶିତ ଭାରତ-୨୦୪୭'ର ସ୍ୱପ୍ନ ସାକାର କରିବାରେ ଯୁବଶକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

୧୫ରେ ପ୍ରତିଭା ପୂଜନ ଅନୁଷ୍ଠାନର ସମ୍ବର୍ଦ୍ଧନା ଉତ୍ସବ

ବେତନଟୀ, ୧।୧୧(ସମିସ): ସାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣି ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ "ପ୍ରତିଭା ପୂଜନ ଅନୁଷ୍ଠାନ' ପକ୍ଷରୁ ପ୍ରୟାସ ଜାରି ରହିଛି। ଏ ପରିପ୍ରେକ୍ଷୀରେ ଆସନ୍ତା ୧୫ ତାରିଖରେ ଅନୁଷ୍ଠାନର ପଞ୍ଚମ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ଟ୍ରଷ୍ଟି ତଥା ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିଏମଶ୍ରୀ ବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ୧୦ଟି ଭିନ୍ନ ଭିନ୍ନ ବିଭାଗରୁ ମନୋନୀତ ୨୧ ଜଣ ପ୍ରତିଭାଧରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନିଆଯାଇଛି ବୈଠକରେ ଅତିଥି ଚୟନ, ପ୍ରତିଭା ନିର୍ବାଚନ, ମଞ୍ଚ ପରିଚାଳନା, ଅଭ୍ୟର୍ଥନା ଓ ଖାଦ୍ୟପେୟ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ସହ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଆଶୁକବି ବାସୁଦେବ ନାପିତ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଖଟୁଆ, ଉପଦେଷ୍ଟା ରବୀନ୍ଦ୍ର ନାଥ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ନିରୋଦ ସୁନ୍ଦର ଜେନା, ପ୍ରକାଶ ବେହେରା, ସର୍ବେଶ୍ୱର ଦାସ, କମଳଲୋଚନ କର ଓ ଦୁର୍ଯ୍ୟୋଧନ ସିଂ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।

ରାସଗୋବିନ୍ଦପୁର ଥାନାରେ ରାଷ୍ଟ୍ରୀୟ ଏକତା ଦିବସ



ରାସଗୋବିନ୍ଦପୁର, ୧।୧୧(ସମିସ): ରାସଗୋବିନ୍ଦପୁର ଥାନା ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍ଆଇ ମାନସ ରଞ୍ଜନ ମଲ୍ଲିକ, ସରକାରୀ ଓକିଲ ଦେବରଞ୍ଜନ ପାଲ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି ଓ ସରପଞ୍ଚ ସୁଧାଂଶୁ ନାଏକ ପ୍ରମୁଖ ଉପସ୍ଥିତ ରହି ଦେଶର ଏକତା, ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଉପସ୍ଥିତ ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଶୁଣିବା ସହ ନୂତନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଆଇନ, ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇଥିଲେ।

ବିଶୋଇ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବିଶୋଇ, ୧।୧୧ (ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଇରଙ୍ଗପୁର ପୁଲିସ ପ୍ରଶାସନ ନିର୍ଦ୍ଦେଶକ୍ରମେ ବିଶୋଇ ଥାନା ପରିସରରେ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରିଣୀ ସୁବର୍ଣ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସିଡିପିଓ ବିଟୁ ଟୁଡୁ, ସରପଞ୍ଚ କରୁଣା ସାଗର ମାରାଣ୍ଡି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ଯୁବମୋର୍ଚ୍ଚା ସଭାପତି ଆନନ୍ଦ ରାମଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏ ଅବସରରେ ଉପସ୍ଥିତ ସମସ୍ତେ ଦେଶର ଏକତା, ଅଖଣ୍ଡତା ଓ ଆଭ୍ୟନ୍ତରୀଣ ସୁରକ୍ଷା ବଜାୟ ରଖିବା ନେଇ ସାମୂହିକ ଶପଥ ପାଠ କରିଥିଲେ। ଏଥିସହ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବାଲ୍ୟବିବାହ ମୁକ୍ତ ଭାରତ ଓ ପୁଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍ଆଇ ରଶ୍ମିତା ଦାସ, ବିବେକାନନ୍ଦ ବେହେରା, ଏଏସ୍ଆଇ ସନାତନ ବେହେରା, ମଣଦା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ସାହୁଙ୍କ ସମେତ ଥାନା କର୍ମଚାରୀ ସହଯୋଗ କରିଥିଲେ।

ଦ୍ୱାଦଶ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ପାଇଁ ପଞ୍ଜୀକରଣ ଆରମ୍ଭ

● ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ସହ ପଥ ଉତ୍ସବରେ କଂସ ମହାରାଜଙ୍କ ଦରବାର



ବାରିପଦା, ୧।୧୧(ସମିସ): ସହରର ବହୁ ପ୍ରତୀକ୍ଷିତ ତଥା ଲୋକପ୍ରିୟ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ "ଦ୍ୱାଦଶ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ' ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ ମ୍ୟୁନିସିପାଲଟି ଗେଷ୍ଟ ହାଉସ ପରିସରରେ ଆରମ୍ଭ ହୋଇଥିବା ଏହି ପଞ୍ଜୀକରଣ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରୁ ହିଁ ଶିଶୁ ପ୍ରତିଯୋଗୀ ଓ ଅଭିଭାବକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଆୟୋଜକ କମିଟି ପକ୍ଷରୁ ସମସ୍ତ ପଞ୍ଜିକୃତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଆୟୋଜକ କମିଟି ସୂଚନା ଅନୁଯାୟୀ, ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ନର୍ସରୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୪ଟି ବର୍ଗରେ ବିଭକ୍ତ କରାଯାଇ ୬୦ରୁ ଅଧିକ ପ୍ରତିଯୋଗିତା କରାଯିବ। ପିଲାଙ୍କ ସହିତ ମାଆମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରତିଯୋଗିତାର ବ୍ୟବସ୍ଥା ରହିଛି। ନଭେମ୍ବର ୧୪ ତାରିଖରେ ହେବାକୁ ଥିବା ପଥ ଉତ୍ସବରେ ବିଶିଷ୍ଟ ଟିଭି ଉପସ୍ଥାପକ ତଥା ଚଳଚ୍ଚିତ୍ର ଅଭିନେତା ମାଗନ୍ମା ମୁଖ୍ୟ ଆକର୍ଷଣ ସାଜିବେ। ଏହାସହ ପ୍ରଥମ ଥର ପାଇଁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜଙ୍କ ଠାଣି, ରାଜକୀୟ ଚଳନି ଓ ଦମଦାର ସଂଳାପରେ କମ୍ପିବ ମଞ୍ଚ।। ଅନ୍ୟପକ୍ଷରେ ପିଲାଙ୍କ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ପାରମ୍ପରିକ "ଜଉ କଣ୍ଢେଇ' ନିର୍ମାଣ କର୍ମଶାଳା, ଚିତ୍ରଶିଳ୍ପୀ ସୁନାରାମ ସିଂଙ୍କ ଦ୍ୱାରା କାର୍ଟୁନ ଓ ବ୍ୟଙ୍ଗଚିତ୍ର ଅଙ୍କନ କର୍ମଶାଳା, ଚିତ୍ରଶିଳ୍ପୀ ସମରେନ୍ଦ୍ର ବେହେରାଙ୍କ ଦ୍ୱାରା ଲାଇଭ ସ୍କୋକ ଆର୍ଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିସହ ପ୍ରତିବର୍ଷ ଭଳି ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଓ ତାଙ୍କ ଟିମ୍ ଦ୍ୱାରା ବାଲୁକା କଳା ପ୍ରଶିକ୍ଷଣ ଦିଆଯିବ। କୁନି ପିଲାଙ୍କ ଯୋଗାଯୋଗ ଦକ୍ଷତା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ 'କୁନି ରିପୋର୍ଟର' କର୍ମଶାଳାରେ ଆଙ୍କରିଂ, ଭଏସ୍ ମଡ୍ୟୁଲେସନ୍ ଓ ରିପୋର୍ଟିଂର କଳା କୌଶଳ ଶିଖାଯିବ। କୁନି କୁନି ପ୍ରତିଭାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ତଥା ଉପଯୁକ୍ତ ମଞ୍ଚ ପ୍ରଦାନ ଲକ୍ଷ୍ୟରେ ଆୟୋଜିତ ଏହି ମହୋତ୍ସବରେ ବହୁସଂଖ୍ୟାରେ ସାମିଲ ହେବାକୁ ଅଭିଭାବକ ଓ ଶିଶୁଙ୍କୁ ଆହ୍ୱାନ ଦିଆଯାଇଛି।

ଏମ୍‌ସିଏମ୍‌ରେ ଜାତୀୟ ଏକତା ଦିବସ ଓ ଦୁର୍ନୀତି ନିବାରଣ ସପ୍ତାହ



ବାରିପଦା, ୧।୧୧(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ)ରେ କଲେଜର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହେବା ସହ ସପ୍ତାହବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଭାରପ୍ରାପ୍ତ ଅଧ୍ୟକ୍ଷା ସବିତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଠାକୁରା ଚରଣ ମାରାଣ୍ଡି, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଭିପ୍ସା ନାୟକ, ରସାୟନ ବିଜ୍ଞାନ ମୁଖ୍ୟ ପୂର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ପ୍ରତିଭା ଦାସ ଓ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଦେବଶ୍ରିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ, ଦେଶର ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଦୁର୍ନୀତିମୁକ୍ତ ସମାଜ ଗଠନ ଓ ନୈତିକ ମୂଲ୍ୟବୋଧ ଜାଗ୍ରତ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସଚେତନତା ଅଭିଯାନରେ ଛାତ୍ରଛାତ୍ରୀ ସଚ୍ଚୋଟତା ଆପଣେଇବାକୁ ଆହ୍ୱାନ ଦିଆଯାଇଥିଲା। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ମଞ୍ଚ ସଂଯୋଜନା କରିଥିବାବେଳେ ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର



ଉଦଳା, ୧।୧୧(ସମିସ): ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ଆଜି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ୍ ବିର୍ସା ମୁଣ୍ଡା ଆଥଲେଟିକ୍ ଆଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ଉପାଧ୍ୟକ୍ଷା ଲିଲି ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଏକ ମହତ ଦାନ, ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ବଞ୍ଚିପାରିବା ସଙ୍ଗେ ସଙ୍ଗେ ସମାଜରେ ରକ୍ତର ଅଭାବ ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। କ୍ଲବ୍‌ର କର୍ମକର୍ତ୍ତା ଓ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଶିବିରଟି ସଫଳତା ପୂର୍ବକ ସମ୍ପନ୍ନ ହୋଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ସମାଜ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବ୍ ସଭାପତି ପ୍ରକାଶ କରିଛନ୍ତି।

ଘର ବାରଣ୍ଡାରୁ ବାଇକ୍ ଚୋରି

କୁଆମରା,୧।୧୧(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଚାପଲଡିହି ଗ୍ରାମର ଏକ ଘର ବାରଣ୍ଡାରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୁନାରାମ ଟୁଡୁ ନାମକ ଜଣେ ବ୍ୟକ୍ତି କୌଣସି କାମରେ ବାହାରକୁ ଯାଇଥିବାବେଳେ ସେ ତାଙ୍କ ବାଇକ୍‌କୁ ଘର ବାରଣ୍ଡାରେ ପାର୍କ କରିଥିଲେ। କେହି ଦୁର୍ବୃତ୍ତ ବାଇକ୍‌କୁ ଚୋରି କରିନେଇଛି। ଘରକୁ ଫେରିବା ପରେ ସୁନାରାମ ବାଇକ ଚୋରି ହୋଇଥିବା ଜାଣି ଆଜି ଥାନା ରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରିବା ସହ ପୁଲିସ ତଦନ୍ତ ଚଳାଇଛି।

ଦୀପକ ମହାନ୍ତ ଭଞ୍ଜସେନାର ନୂତନ ଜିଲ୍ଲା ଅଧ୍ୟକ୍ଷ



ବାରିପଦା, ୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସଂଗ୍ରାମୀ ଯୁବଛାତ୍ର ସଂଗଠନ "ଭଞ୍ଜସେନା'ର କର୍ମକର୍ତ୍ତା ସ୍ତରରେ ବଡ଼ଧରଣର ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନର ଉପାଧ୍ୟକ୍ଷ ତଥା ପାଞ୍ଚପୀଢ଼ ଉପଖଣ୍ଡର ଦୀପକ (ଦକ୍ଷିଣା) ମହାନ୍ତଙ୍କୁ ନୂତନ ଜିଲ୍ଲା ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂଗଠନର ନିଷ୍ପତ୍ତି ଅନୁଯାୟୀ, କେବଳ ଜିଲ୍ଲାର ସ୍ୱାର୍ଥ ଓ ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେଉଥିବା ବ୍ୟକ୍ତିବିଶେଷଙ୍କୁ ହିଁ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥାଏ। ଏ ପରିପ୍ରେକ୍ଷୀରେ ବର୍ତ୍ତମାନ ସୁଦ୍ଧା ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରୁଥିବା ସଂଜୀବ ରାଉତଙ୍କୁ ତାଙ୍କ ପଦବୀରୁ ଅପସାରିତ କରାଯାଇଛି। ଏହାପରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସ୍ୱତନ୍ତ୍ର ଅନୁମୋଦନ କ୍ରମେ ଦୀପକଙ୍କୁ ଏହି ଗୁରୁଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ବୋଲି ସଂଗଠନର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବା ପରେ ସଂଗଠନର କାର୍ଯ୍ୟକର୍ତ୍ତା ଓ ଯୁବଶକ୍ତି ଆଗାମୀ ଦିନରେ ଜିଲ୍ଲା ସ୍ୱାର୍ଥ ପାଇଁ ଆହୁରି ସକ୍ରିୟ ଭାବେ ଲଢ଼େଇ କରିବେ ବୋଲି ଆଶା ପ୍ରକାଶ ପାଇଛି।

ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର



ବାରିପଦା, ୧।୧୧(ସମିସ): ସ୍ଥାନୀୟ ମୁର୍ଗାବାଡିସ୍ଥ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପକ୍ଷରୁ 'ଓଡ଼ିଆ ସାହିତ୍ୟ ଓ ପର୍ବପର୍ବାଣି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ଅଧ୍ୟାପକ ଅଶୋକ ପୃଷ୍ଟି, ବରିଷ୍ଠ ସାହିତ୍ୟିକ ଅମିତାଭ ମିଶ୍ର, ଇଂ ସୌରଭ ତ୍ରିପାଠୀ ଓ ବିଜୟ କୁମାର ମହାନ୍ତ ଯୋଗଦେଇ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓଡ଼ିଆ ସାହିତ୍ୟରେ କିଭଳି ସୁନ୍ଦର ସ୍ଥାନିତ ହୋଇଛି, ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଏସ ପି ଜ୍ୟୋତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଜାନୁଆରୀ ମାସରେ ଏକାଡେମୀ ପକ୍ଷରୁ ଏକ ଜାତୀୟ ଆଲୋଚନା ବାରିପଦାରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଚାକିଡ଼ି ପଞ୍ଚାୟତବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ

୨ ବର୍ଷ ହେଲା ପୋତାଯାଇଛି ଖୁଣ୍ଟ, ଟଣାଯାଇନି ତାର

ବାଙ୍ଗିରିପୋଷି, ୧।୧୧ (ସମିସ):

ବାଙ୍ଗିରିପୋଷି ବ୍ଲକ୍ ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂର ଶିମିଳିପାଳ ପାହାଡ଼ ଘେରା ଚାକିଡ଼ି ଗ୍ରାମ ପଞ୍ଚାୟତରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି। ୨୦୧୭ରେ ସ୍ୱତନ୍ତ୍ର ପଞ୍ଚାୟତ ଭାବେ ଗଠନ ହୋଇଥିବା ଏହି ଅଞ୍ଚଳରେ ବିକାଶ କହିଲେ କେବଳ ପ୍ରହସନ ପାଲଟିଛି। ସରିସପାଳରୁ ଚାକିଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୪ କିଲୋମିଟର ଘଞ୍ଚ ଶାଳ ଜଙ୍ଗଲ ମଧ୍ୟ ଦେଇ ବିଦ୍ୟୁତ ସଂଯୋଗ ଯାଇ କାର୍ଯ୍ୟାଳୟ ଓ ଫୁଲଝରଣ ଭଳି ଅଳ୍ପ କେତେକ ଗାଁରେ ପହଞ୍ଚିଥିବାବେଳେ ଅନ୍ୟାନ୍ୟ ଜନବହୁଳ ଗ୍ରାମ ଏବେବି ଅନ୍ଧାରରେ ରହିଛି। ବିଶେଷକରି ବାରିବେଡ଼ା, ପୁରୁଣାପାଣି, ଚାକିଡ଼ି, କୁସୁମତଟା ଓ ଜାମତଳିଆ ଭଳି ଗ୍ରାମରେ ଦୀର୍ଘ ଦୁଇବର୍ଷ ହେବ ଖୁଣ୍ଟ ପୋତା ହୋଇ ରହିଥିଲେ ହେଁ ବିଦ୍ୟୁତ ତାର ସଂଯୋଗ କରାଯାଇନାହିଁ। ବିଦ୍ୟୁତ ସଂଯୋଗ ନିମନ୍ତେ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ବହୁବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ କୁଳିଅଣା ବିଦ୍ୟୁତ ଡିଭିଜନ ଏସଡିଓଙ୍କୁ ଯୋଗାଯୋଗ କରିବାରୁ ଚାକିଡ଼ି ପଞ୍ଚାୟତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର କୋର୍ ଏରିଆରେ ଥିବାରୁ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ସେଠାରେ ତାର ଓ ଖୁଣ୍ଟ ନେବା ସମ୍ଭବ ନୁହେଁ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରର ଅନୁମତି ନ ଥିଲେ ବିଭାଗ କିଭଳି ଭାବେ ଲକ୍ଷାଧିକ ଟଙ୍କା ବ୍ୟୟରେ ସିମେଣ୍ଟ ଖୁଣ୍ଟ ପୋତିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ପଞ୍ଚାୟତର କୁକୁରଭୁକା, ବାସିଲା, ଆମଦାପାଣି ଓ ଆହ୍ଲାପାଣି ଗ୍ରାମରେ ମିଟର ବକ୍ସ ଲାଗି ନିୟମିତ ବିଲ୍ ଆଦାୟ ହେଉଛି ଓ ଘଞ୍ଚ ଜଙ୍ଗଲ ଦେଇ ପଞ୍ଚାୟତ ଅଫିସକୁ ଲାଇନ୍ ଆସିପାରିଛି। ତେଣୁ ଗାଁଗୁଡ଼ିକ ମଧ୍ୟରେ କୌଣସି ଜଙ୍ଗଲ ନ ଥିବା ସତ୍ତ୍ୱେ ଅନୁମତିର ଆଳ ଦେଖାଇ ଲୋକଙ୍କୁ ବିଦ୍ୟୁତ୍ ସେବାରୁ ବଞ୍ଚିତ ରଖିବାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ବିଦ୍ୟୁତ ଅଭାବରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀ ସେବା, ମୋବାଇଲ୍ ଚାର୍ଜିଂ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଞ୍ଚାୟତରେ ବିଭାଗର ଏଭଳି ଦୋମୁହାଁ ନୀତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗାଁଗୁଡ଼ିକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।



ସାମ୍ବାଦିକ ହେଉଛନ୍ତି ଗଣତନ୍ତ୍ର ମନ୍ଦିରର ପୂଜାରୀ: ଜଷ୍ଟିସ୍ ମିଶ୍ର

ଢେଙ୍କାନାଳ,୧।୧୧(ସମିସ):

ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ରେ ଆୟୋଜିତ ସ୍ୱତନ୍ତ୍ର ବ୍ୟାଖ୍ୟାନ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ର ମନ୍ଦିରର ପୂଜାରୀ ବୋଲି ମତ ପ୍ରକାଶ କରିଛନ୍ତି। 'ଗଣତନ୍ତ୍ର, ଆଇନର ଶାସନ ଏବଂ ଗଣମାଧ୍ୟମ' ଶୀର୍ଷକ ବିଷୟବସ୍ତୁ ଉପରେ ଅଭିଭାଷଣ ରଖି ଜଷ୍ଟିସ୍ ମିଶ୍ର ଏହା କହିଛନ୍ତି। ଗଣତନ୍ତ୍ରକୁ ସୁଦୃଢ଼ କରିବା, ଲୋକଙ୍କୁ ସଚେତନ କରିବା ଏବଂ ସରକାରଙ୍କୁ ଉତ୍ତରଦାୟୀ କରିବାରେ ଗଣମାଧ୍ୟମର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଭାରତ ଏକ ଜୀବନ୍ତ ଗଣତନ୍ତ୍ରର ଉଦାହରଣ। ଏହାର ଶକ୍ତି ସମ୍ବିଧାନ, ବିବିଧତା ଏବଂ ନ୍ୟାୟ ଓ ସ୍ୱାଧୀନତା ପ୍ରତି ସମ୍ମାନରେ ନିହିତ। ଭାରତର ନ୍ୟାୟପାଳିକା ଅତ୍ୟନ୍ତ ଦାୟିତ୍ୱବାନ, ସମ୍ବେଦନଶୀଳ ଏବଂ ସଂଯମୀ। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସ୍ୱାଧୀନ ନ୍ୟାୟପାଳିକା ଓ ଦାୟିତ୍ୱବାନ ମୁକ୍ତ ଗଣମାଧ୍ୟମ ନିତାନ୍ତ ଜରୁରୀ। ଛାତ୍ର ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ସାମ୍ବାଦିକତାରେ ସଠିକତା, ନିରପେକ୍ଷତା ଓ ବିଶ୍ୱସନୀୟତା ରହିବା ଆବଶ୍ୟକ। ଅଧିକ ପଢ଼ିବା ସହ ଗଭୀର ଅନୁସନ୍ଧାନ କରିବା ଏବଂ ତଥ୍ୟ ଯାଞ୍ଚକରି ଖବର ପ୍ରକାଶ କରିବା ଉଚିତ। ଖବରକୁ ଅତିରଞ୍ଜିତ କରିବା ଅନୁଚିତ। ଖବର ଓ ମତ ମଧ୍ୟରେ ପାର୍ଥକ୍ୟ ରଖିବା ଆବଶ୍ୟକ ବୋଲି ସେ କହିଥିଲେ। ପରେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସେ ଗଣତନ୍ତ୍ର, ସମ୍ବିଧାନ, ଅଭିବ୍ୟକ୍ତିର ସ୍ୱାଧୀନତା ଓ ଗଣମାଧ୍ୟମର ନୈତିକତା ଉପରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ଆଇଆଇଏମ୍ସି ଓ 'ଦ ମେଡିକ୍ସ' ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ସାମ୍ବାଦିକତା ଓ ଖବର ପରିବେଷଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ତିନି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ମନିଭୂଷଣ ପାଣ୍ଡେ ପ୍ରଥମ, ରୁଦ୍ରାଂଶ ମିଶ୍ର ଦ୍ୱିତୀୟ ଏବଂ ଶ୍ରେୟା ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ଆଇଆଇଏମ୍ସିର ଇଂରାଜୀ ସାମ୍ବାଦିକତା ବିଭାଗ ଛାତ୍ରୀ ସାକ୍ଷୀ ରାଜ, ଶ୍ରେଙ୍ଗଶୀ ସାହିଙ୍କୁ ଗଣମାଧ୍ୟମ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରାଯାଇଥିଲା। ଆଇଆଇଏମସି, ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲ୍ଲା ଓ ଦୌରା ଜଜ୍ ପ୍ରଣବ କୁମାର ରାଉତରାୟ, ଅନ୍ୟ ବିଚାର ବିଭାଗୀୟ ଅଧିକାରୀ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଇଂରାଜୀ ସାମ୍ବାଦିକତା ବିଭାଗ ସହକାରୀ ପ୍ରାଧ୍ୟାପକ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ପ୍ରାଧ୍ୟାପକ ପାରସ ଯାଦବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରାଷ୍ଟ୍ରୀୟ ସଙ୍କଳ୍ପ ଦିବସ, ଏକତା ଦିବସ ପାଳିତ



ଢେଙ୍କାନାଳ,୧।୧୧(ସମିସ): ଢେଙ୍କାନାଳ ସହର ଇନ୍ଦିରା ଗାନ୍ଧୀ ସୁପର ମାର୍କେଟଠାରେ ପୂର୍ବତନ ସଭାପତି ସୁନୀଲ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଇନ୍ଦିରା ଗାନ୍ଧୀ ଜଣେ ବାସ୍ତବବାଦୀ ନେତ୍ରୀ, ରାଷ୍ଟ୍ରନୈତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ ଓ ସୁଶାସିକା ଥିଲେ ବୋଲି ମତପ୍ରକାଶ ପାଇଥିଲା। ତାଙ୍କ ଶାସନ କାଳରେ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନଠାରୁ ପୂର୍ବ ପାକିସ୍ତାନକୁ ଅଲଗା କରି ସେ ସ୍ୱତନ୍ତ୍ର ବାଂଲାଦେଶ ଗଠନ କରିଥିଲେ। ୧୯୭୫ରେ ସିକିମକୁ ଭାରତରେ ମିଶାଇଥିଲେ। ଭାରତକୁ ବିଶ୍ୱ ସ୍ତରରେ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରରେ ପରିଣତ କରିଥିଲେ ଏବଂ ଗରିବ ହଟାଅ ଅଭିଯାନ କାର୍ଯ୍ୟକାରୀ କରିଥିଲେ ଯାହାକି ତାଙ୍କ ସୁଶାସନର ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶର ସମସ୍ତ ଗଡ଼ଜାତ ରାଜ୍ୟଗୁଡ଼ିକୁ ଏକତ୍ରୀକରଣ କରି ଭାରତ ରାଷ୍ଟ୍ର ଗଠନ କରିଥିଲେ। ଏଥିପାଇଁ ତାଙ୍କୁ ଲୌହମାନବ କୁହାଯାଇଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ବରିଷ୍ଠ ନେତା ତୁଷାରକାନ୍ତି ନାୟକ, ଜିଲ୍ଲା ଉପସଭାପତି ସରୋଜ ଶତପଥୀ, ଅଜେନ୍ଦ୍ର ସାମଲ, ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

ସର୍ଟ ସର୍କିଟ ଯୋଗୁ ବିଦ୍ୟୁତ ଖୁଣ୍ଟରେ ନିଆଁ

● ଅଳ୍ପକେ ବର୍ତ୍ତିଲେ ଦୋକାନୀ



କାମାକ୍ଷାନଗର,୧।୧୧(ସମିସ): କାମାକ୍ଷାନଗର ସହରର ଇଲେକ୍ଟ୍ରି ଅଫିସ ଛକ ନିକଟରେ ସର୍ଟ ସର୍କିଟ ଯୋଗୁଁ ବିଦ୍ୟୁତ ଖୁଣ୍ଟରେ ନିଆଁ ଲାଗିଯାଇଥିଲା। ତେବେ ଉକ୍ତ ବିଦ୍ୟୁତ୍ ତଳେ ଥିବା ଏକ ଦୋକାନ ଓ ଏହାର ମାଲିକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏକ ସ୍ନାକ୍ସ ଦୋକାନ ଉପରେ ଥିବା ବିଦ୍ୟୁତ ଖୁଣ୍ଟରେ ସର୍ଟ ସର୍କିଟ ହୋଇ ହଠାତ ନିଆଁ ଲାଗିଯାଇଥିଲା। ପରେ ଖୁଣ୍ଟ ହୁତୁହୁତୁ ହୋଇ ଜଳିଥିଲା। ସ୍ଥାନୀୟ ଲୋକ ଏହାକୁ ତୁରନ୍ତ ଆୟତ୍ତ କରିଥିଲେ। ଫଳରେ ଖୁଣ୍ଟ ତଳେ ଥିବା ସ୍ନାକ୍ସ ଦୋକାନ ଓ ଏହାର ମାଲିକ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି। ପରେ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି ମରାମତି କରିଥିଲେ।

୭୦ ବର୍ଷର ଐତିହ୍ୟ ମଣ୍ଡନ କରୁଛି ପିଙ୍ଗୁଆ ଲକ୍ଷ୍ମୀପୂଜା

ଗଁଦିଆ,୧।୧୧(ସମିସ): ଗଁଦିଆ ବ୍ଲକ ପିଙ୍ଗୁଆ ଗଜଲକ୍ଷ୍ମୀ ପୂଜା ୭୦ ବର୍ଷର ଐତିହ୍ୟ ବହନ କରୁଛି। ୧୯୫୬ରେ ମାତ୍ର ୩ଟି ମଣ୍ଡପରୁ ଆରମ୍ଭ ହୋଇଥିବା ଏହି ପୂଜା ଆଜି ୪୦ ମଣ୍ଡପରେ ପହଞ୍ଚିଛି। ଦୀର୍ଘ ୭୦ ବର୍ଷର ଏହି ଯାତ୍ରା ପିଙ୍ଗୁଆର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଛି। ୧୯୫୬ରେ ଜକିଆ ମଠ ମହନ୍ତ ନଟବର ବାବାଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ସେତେବେଳେ ଡାଳ ଛାମୁଣ୍ଡିଆ ଓ ପେଟ୍ରୋମାକ୍ସ ଆଲୋକ ହିଁ ଥିଲା ପୂଜାର ସାଜସଜ୍ଜା। ଗାଁ ମହାଜନ ବିରଞ୍ଚି ନାରାୟଣ ସାହୁ ଏବଂ ପରେ ଗ୍ରାମ ମୁରବୀ ବାଇଧର ପଣ୍ଡାଙ୍କ ନେତୃତ୍ୱରେ ତିନିଟି ମଣ୍ଡପରେ ପୂଜା ଚାଲିଥିଲା। ଆଜି ତାହା ବିସ୍ତାରିତ ହୋଇ ୪୦ ମଣ୍ଡପରେ ପହଞ୍ଚିଛି। ଏହି ୪୦ ମଣ୍ଡପ ମଧ୍ୟରୁ ୧୬ ପୂଜା ପ୍ରତିଷ୍ଠାନ ରବିବାର ଆୟୋଜିତ ମିଳିତ ଭସାଣି ସମାରୋହରେ ଭାଗ ନେଇଥିଲେ। ମଝିସାହି ଦେଶକୋଠ, ଗାନ୍ଧୀଛକ, ନୂଆପିଙ୍ଗୁଆ, ଗୋପାଳସାହି, ମଝିସାହି, ତଳସାହି-୧, ତଳସାହି-୨, ବସଷ୍ଟାଣ୍ଡ, ପାଟଣାସାହି-୫, ଲକ୍ଷ୍ମୀନଗର ପଟଣା, ହରିଜନସାହି, ଝରଣସାହି, ବ୍ରାହ୍ମଣସାହି-୭, ଜକିଆ ବ୍ରାହ୍ମଣସାହି-୬ ଓ ପାଟଣାସାହି-୪ ସମେତ ୧୬ ମେଢ଼ ଏଥିରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ କଲେଜ ପଡ଼ିଆରୁ ଭସାଣି ଆରମ୍ଭ ଶୋଭାଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୭ରେ ତଳସାହିରେ ଶେଷ ହୋଇଥିବା ସଭାପତି ଶରତ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

ପୂଜାକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ୨୦୧୩ରେ ପିଙ୍ଗୁଆ ହାଇସ୍କୁଲ ପଡ଼ିଆରେ



ବୁଦ୍ଧଦେବ ପ୍ରଧାନଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ମହୋତ୍ସବ। ଏବେ ୨ ବର୍ଷ ହେଲା ମହୋତ୍ସବ କମ୍ୟୁନିଟି ମ୍ୟାନେଜମେଣ୍ଟ ଗ୍ରୁପ ଦ୍ୱାରା ପାଞ୍ଚଦିନ ଧରି ଧୁମ୍‌ଧାମରେ ନିଜସ୍ୱ ପଡ଼ିଆରେ ପାଳିତ ହେଉଛି। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ, ନୃତ୍ୟଦଳ ଓ ବିଭିନ୍ନ ଲୋକନୃତ୍ୟ ଦଳଙ୍କ କଳା ପରିବେଷଣ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପାଲଟିଥିବା ମହୋତ୍ସବ ସଭାପତି ରଞ୍ଜନ କୁମାର ସାହୁ କହିଛନ୍ତି। ମହୋତ୍ସବ କେବଳ ମଞ୍ଚ କାର୍ଯ୍ୟକ୍ରମରେ ସୀମିତ ନାହିଁ, ରକ୍ତଦାନ ଓ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ, ଦୋଳି, ମୀନାବଜାର ଏବଂ ଅପେରା ପରିବେଷଣ ମଧ୍ୟ ଏହାର ଅନ୍ୟତମ ଆକର୍ଷଣ ବୋଲି କହିଛନ୍ତି ରବିନାରାୟଣ ପରିଡ଼ା। ମହୋତ୍ସବର ଭିତ୍ତିଭୂମି ବିକାଶ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ଗତବର୍ଷ ୧୦ ଲକ୍ଷ ଟଙ୍କା ବ୍ୟୟରେ ସଭାଗୃହ ନିର୍ମାଣ କରାଯାଇଥିଲା। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ୧୫ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ ପାଇଁ ମନ୍ତ୍ରୀ ଘୋଷଣା କରିଥିବା ବିଜେପି ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯୁବପିଢ଼ିଙ୍କୁ ପୂଜା ଓ ମହୋତ୍ସବ ସହ ଯୋଡ଼ିବା ପାଇଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜନ କରାଯାଉଛି। ଚଳିତ ବର୍ଷ ମହିଳା କ୍ରିକେଟ୍ ଦଳ ମଧ୍ୟ ଏଥିରେ ଭାଗ ନେଇଥିଲେ ବୋଲି ଗୌରାଙ୍ଗ ଚରଣ ବେହେରା କହିଛନ୍ତି। ପରମ୍ପରାର ପୁରୁଣା ମୂଳଦୁଆ ଉପରେ ଆଧୁନିକ ଆୟୋଜନର ନୂଆ ରୂପ ନେଇଥିବା ପିଙ୍ଗୁଆ ଲକ୍ଷ୍ମୀପୂଜା ଆଜି କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାମାଜିକ ଏକତା, ସାଂସ୍କୃତିକ ଚେତନା ଓ ଯୁବଶକ୍ତିର ମିଳନସ୍ଥଳୀ ଭାବେ ପରିଚିତ ହୋଇଛି।

ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର



ଢେଙ୍କାନାଳ,୧।୧୧(ସମିସ): ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ମହିଳା ଶାଖା ପକ୍ଷରୁ ବିଦ୍ୟାଳୟ ପରିସରରେ ସାତଦିନିଆ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଛି। ଚତୁର୍ଥ ଦିବସରେ ସକାଳୁ ବ୍ୟାୟାମ ଓ ଯୋଗାଭ୍ୟାସ ସହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଡ଼କ ସୁରକ୍ଷା ବାର୍ତ୍ତା ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଏହାର ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ଭାରତୀୟ ବାୟୁସେନାର ଦୁଇ ଅଧିକାରୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସମାଜସେବା ଓ ଦେଶସେବା ପାଇଁ ଉତ୍ସାହିତ କରିବା ସହ ଅଗ୍ନିବୀର ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସାପ କାମୁଡ଼ିବା ପରେ ପ୍ରାଥମିକ ପଦକ୍ଷେପ ସ୍ୱରୂପ କ'ଣ କରିବା ଉଚିତ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱେଚ୍ଛାସେବୀମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଏଥିସହ ପରିମଳ ବ୍ୟବସ୍ଥା, ପରିଚ୍ଛନ୍ନତା, ପରିବେଶ ସୁରକ୍ଷା ଓ ଏକ ସୁସ୍ଥ ସମାଜ ଗଠନର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା।

ଗଜଲକ୍ଷ୍ମୀ ପୂଜା ବୁଲିଲେ ପୂର୍ବତନ ବିଧାୟକଙ୍କ ପରିବାର

ଭୁବନ,୧।୧୧(ସମିସ): ଭୁବନ ଏନ୍‌ଏସି ଅଞ୍ଚଳରେ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବରେ ସାମିଲ ହୋଇ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ପରିବାର ସଦସ୍ୟ। ଏଥିସହ ପ୍ରସନ୍ନ କୁମାର ପଟ୍ଟନାୟକ ଟ୍ରଷ୍ଟର ଟ୍ରଷ୍ଟି ନିରଦବାଳା ପଟ୍ଟନାୟକ ମଧ୍ୟ ମା'ଙ୍କ ଦର୍ଶନ କରିଛନ୍ତି। ପୂଜା ମଣ୍ଡପ ପରିଦର୍ଶନ ସମୟରେ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, କବୟିତ୍ରୀ ତୁଳସୀରାଣୀ ବେହେରା, ଆଇନଜୀବୀ କୋଦଣ୍ଡଧର ନାୟକ ଏବଂ ଭାରତୀୟ ସାମ୍ବାଦିକ ସଂଘ, ଓଡ଼ିଶା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଜାତୀୟ ଏକତା ଦିବସ ପାଳିତ

ପରଜଙ୍ଗ,୧।୧୧(ସମିସ): ପରଜଙ୍ଗ ଥାନା ଅଭ୍ୟର୍ଥନା ଗୃହରେ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଛି। ଏଥିସହ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ସମାଜକୁ ନିଶାମୁକ୍ତ କରିବା ପାଇଁ ଆମ ପୁଲିସ ସମିତି ସଦସ୍ୟ ସଦସ୍ୟା ଶପଥପାଠ କରିଛନ୍ତି।

ଜୟପୁରାକାଟେଣୀରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ପରଜଙ୍ଗ,୧।୧୧(ସମିସ): ପରଜଙ୍ଗ ବ୍ଲକ ଜୟପୁରାକାଟେଣୀରେ ଧୁମ୍‌ଧାମରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଗାଁର ୪ ପୂଜା କମିଟି ପକ୍ଷରୁ ଡିଜେ ଓ ସିଂହବାଜାର ତାଳେ ତାଳେ ଶୋଭାଯାତ୍ରା ବାହାରିଥିଲା। ଗାଁ ମୁଣ୍ଡରେ ସମସ୍ତ ମେଢ଼ ଏକାଠି ହେବା ପରେ ଗାଁ ପରିକ୍ରମା କରିଥିଲେ। ଶେଷରେ ଗାଁ ନୂଆବନ୍ଧରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। ଭକ୍ତି, ଉତ୍ସାହ ଓ ଆନନ୍ଦର ମାହୋଲରେ ମା'ଙ୍କୁ ବିଦାୟ ଦିଆଯାଇଛି।

ଏବେ ବି ଚାଲିଛି ବିପଜ୍ଜନକ ବାଉଁଶରାଣୀ ଖେଳ

ପରଜଙ୍ଗ,୧।୧୧(ସମିସ): ଆଧୁନିକତାର ଚାକଚକ୍ୟ ଭିତରେ ଧୀରେ ଧୀରେ ହଜିବାକୁ ବସିଲାଣି ପାରମ୍ପରିକ ବାଉଁଶରାଣୀ ଖେଳ। ଦିନେ ଗାଁ ଗହଳିରେ ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିବା ଏହି କଳା ଏବେ ଲୋପ ପାଇବାକୁ ବସିଛି। ଏଭଳି ସ୍ଥିତିରେ ଛତିଶଗଡ଼ ଅଞ୍ଚଳର ଗୋବିନ୍ଦ ନାଥ ନିଜ ସ୍ତ୍ରୀ ଦୁର୍ଗା ନାଥ ଓ ଦୁଇ ଝିଅ ଅପର୍ଣ୍ଣା ନାଥ ଏବଂ ରାମେସି ନାଥଙ୍କ ସହ



ଗାଁକୁ ଗାଁ ବୁଲି ଏହି କଳା ପ୍ରଦର୍ଶନ କରୁଛନ୍ତି। ପେଟ ପୋଷିବା ପାଇଁ ସେ ଏପରି ବିପଜ୍ଜନକ ଖେଳ ପ୍ରଦର୍ଶନ କରୁଥିବା କହିଛନ୍ତି। ପରଜଙ୍ଗ ବ୍ଲକ ପଦ୍ମପୋଖରୀ ଗାଁରେ ଗୋବିନ୍ଦଙ୍କ ପରିବାର ପକ୍ଷରୁ ପ୍ରଦର୍ଶିତ ବାଉଁଶରାଣୀ ଖେଳ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରାୟ ୧୫ ଫୁଟ ଉଚ୍ଚରେ ବନ୍ଧାଯାଇଥିବା ବାଉଁଶ ଓ ରଶିରେ ଚାଲି ଜୀବନକୁ ବାଜି ଲଗାଇ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିଥିଲେ ପରିବାର ସଦସ୍ୟ। ଏହି ଖେଳ ପ୍ରଦର୍ଶନ କରି ଦିନକୁ ପ୍ରାୟ ହଜାରେ ଟଙ୍କା ରୋଜଗାର ହେଉଥିବା ବେଳେ ଲୋକେ ଚାଉଳ ମଧ୍ୟ ଦେଉଛନ୍ତି। କିନ୍ତୁ ବର୍ଷକୁ ମାତ୍ର ଦୁଇ ମାସ ଏହି ଖେଳ ପ୍ରଦର୍ଶନ କରିବାର ସୁଯୋଗ ମିଳୁଛି। ପରେ ଘରକୁ ଫେରି ମୂଲମଜୁରି କରି ପରିବାର ଚଳାଇବାକୁ ପଡୁଥିବା ଗୋବିନ୍ଦ କହିଛନ୍ତି। ସବୁଠାରୁ ଦୁଃଖର କଥା, ଦୁଇ ଝିଅ ପାଠ ପଢୁଥିଲେ ମଧ୍ୟ ବାଉଁଶରାଣୀ ଖେଳ ପାଇଁ ଦୁଇମାସ ଗାଁ ଗାଁ ବୁଲିବାକୁ ପଡୁଥିବାରୁ ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ପରମ୍ପରାକୁ ବଞ୍ଚାଇବାର ଉଦ୍ୟମ ଭିତରେ ପିଲାଙ୍କ ଭବିଷ୍ୟତ ମଧ୍ୟ ପ୍ରଭାବିତ ହେଉଛି।

● ପଶୁପତି ଆଗ୍ରୋଭେଟ କମ୍ପାନୀର ମନମାନି

କାରଖାନା ବର୍ଜ୍ୟବସ୍ତୁରେ ଗ୍ରାମବାସୀ ଅତିଷ୍ଠ



ଢେଙ୍କାନାଳ,୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ପଶୁପତି ଆଗ୍ରୋଭେଟ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ମନମୁଖି କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କମ୍ପାନୀରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ଏବଂ ଦୂଷିତ ପାଣିକୁ ଖୋଲାରେ ଛାଡ଼ି ଦିଆଯାଉଥିବାରୁ ଆଖପାଖ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ପରିସରରୁ ବାହାରୁଥିବା ଦୂଷିତ ଓ ଦୁର୍ଗନ୍ଧଯୁକ୍ତ ବର୍ଜ୍ୟବସ୍ତୁ ଯୋଗୁଁ ସମଗ୍ର ଅଞ୍ଚଳର ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏହି ବର୍ଜ୍ୟବସ୍ତୁ ନିକଟସ୍ଥ ଚାଷଜମି ଏବଂ ଜଳାଶୟରେ ମିଶୁଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଗୃହପାଳିତ ପଶୁମାନେ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ଦୁର୍ଗନ୍ଧ ଯୋଗୁଁ ଜୀବନଯାତ୍ରା ଦୁର୍ବିସହ ହୋଇପଡ଼ିଥିବା ବେଳେ ଲୋକେ ବିଭିନ୍ନ ଚର୍ମରୋଗ ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟା ଭୋଗୁଛନ୍ତି। ଦିନକୁ ଦିନ କମ୍ପାନୀ ନିଜ ଜାଗା ବ୍ୟତୀତ ସରକାରୀ ଜାଗାକୁ ଜବରଦଖଲ କରିଚାଲିଛି। ବାରମ୍ବାର ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ। କମ୍ପାନୀର ଏଭଳି ବେପରୁଆ ନୀତି ବିରୋଧରେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ପରିବେଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



'ଟାଟା ହଟାଅ, ଓଡ଼ିଶା ବଞ୍ଚାଅ' ଅଭିଯାନ

ଭୁବନ,୧।୧୧(ସମିସ): ଟାଟା ପାୱାରରେ ନିୟୋଜିତ କର୍ମଚାରୀମାନେ ଟାଟା ପାୱାର ବିରୋଧରେ ଏକ ଶୋଭାଯାତ୍ରା କରି ଟାଟା ହଟାଅ, ଓଡିଶା ବଞ୍ଚାଅ ନାରା ଦେଇଛନ୍ତି। ଭୁବନ ବନଚଣ୍ଡୀ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏଥିସହ ୮ ଦଫା ଦାବି ନେଇ କର୍ମଚାରୀମାନେ ସାହିବସ୍ତି ବୁଲି ଜନସାଧାରଣଙ୍କୁ ସଚେତନ କରିଥିଲେ। ସ୍ମାର୍ଟ ମିଟର ନାମରେ ଅଧିକ ଅର୍ଥ ଆଦାୟ, ଅଘୋଷିତ ବିଦ୍ୟୁତ କାଟ, କେବୁଲ ପରିବର୍ତ୍ତନ ଓ ଘରୋଇ କେବୁଲ ବଦଳାଇବା ନାମରେ ହରିପୁରରେ ୧୧୨୮ ଟଙ୍କା ଆଦାୟ, ମିଟର ସ୍ଥାନାନ୍ତର ପାଇଁ ୭୯୮ ଟଙ୍କା ଏବଂ ମିଟର ଯାଞ୍ଚ ନାମରେ ୫୯୦ ଟଙ୍କା ଆଦାୟ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ସେହିପରି ଏନଫୋର୍ସମେଣ୍ଟ ନାମରେ ଅଧିକ ଜରିମାନା ଆଦାୟ, ବକେୟା ବିଲରେ ମନଇଚ୍ଛା ଅର୍ଥ ଯୋଡ଼ିବା, ଧମକପୂର୍ଣ୍ଣ ଭାବେ ବିଦ୍ୟୁତ୍ ସଂଯୋଗ କାଟିବା, ସଠିକ୍ ବିଲ୍ ଓ କାଗଜପତ୍ର ନ ଦେବା, ମିଟର ଜମ୍ପ ଯୋଗୁଁ ଅଧିକ ବିଲ୍ ଆସିବା ଏବଂ ମନଇଚ୍ଛା ମିଟର ଚାର୍ଜ ଆଦାୟ ଭଳି ଅଭିଯୋଗ ଉଠାଇଥିଲେ। ଏହି ସମସ୍ତ ସମସ୍ୟା ସମାଧାନ ଓ ଲୋକଙ୍କ ସ୍ୱାର୍ଥରକ୍ଷା ଦାବିରେ କର୍ମଚାରୀମାନେ ଟାଟା ପାୱାର ବିରୋଧରେ ନାରାବାଜି କରିବା ସହ ଟାଟା ହଟାଅ, ଓଡ଼ିଶା ବଞ୍ଚାଅ ନାରା ଦେଇ ସଚେତନ କରିଛନ୍ତି।

ସ୍କୁଲସମୂହ ଭଲିବଲ ଓ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ



ଗଁଦିଆ,୧।୧୧(ସମିସ): ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଦୁଇ ଦିନିଆ ଭଲିବଲ ଓ ଖୋ-ଖୋ ପ୍ରତିଯୋଗିତା ଉଦଯାପିତ ହୋଇ ଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରିନାରାଣି ଖଟୁଆ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଏସ୍‌ନୈବେଦ୍ୟ ଲଲାଟେନ୍ଦୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଡା, ଗୋଷ୍ଠୀ ମଙ୍ଗଳ ଅଧିକାରୀ ଅଭିଜିତ୍ ବେହେରା, ଢେଙ୍କାନାଳ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଉପସ୍ଥିତ ହୋଇ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀଙ୍କ ସହିତ ଢେଙ୍କାନାଳ ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଆଶୀର୍ବାଦ ଓ ମିଶନ ବାତ୍ସଲ୍ୟ ଯୋଜନା ଦିଶାହୀନ

ଅନିଶ୍ଚିତତାରେ ୪ଶହରୁ ଅଧିକ ଶିଶୁଙ୍କ ଭବିଷ୍ୟତ

ଗଁଦିଆ,୧।୧୧(ସମିସ):

ଢେଙ୍କାନାଳ ଜିଲ୍ଲାରେ ଅସହାୟ, ଛେଉଣ୍ଡ ତଥା ଅନାଥ ଶିଶୁଙ୍କ ସୁରକ୍ଷା, ପୋଷଣ, ଶିକ୍ଷା ଓ ଥଇଥାନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ପ୍ରଶାସନିକ ସ୍ତରରେ ମନ୍ଥର ଅନୁମୋଦନ ପ୍ରକ୍ରିୟା ଯୋଗୁଁ ଯୋଗ୍ୟ ଶିଶୁଙ୍କ ନିକଟରେ ଏହି ସହାୟତା ପହଞ୍ଚି ପାରୁନାହିଁ। ବର୍ଷ ବର୍ଷ ଧରି ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା କରି ୪ଶହରୁ ଊର୍ଦ୍ଧ୍ୱ ଅସହାୟ ଶିଶୁଙ୍କ ଭବିଷ୍ୟତ ଏବେ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିବା ବେଳେ ଅର୍ଥାଭାବ ଯୋଗୁଁ ଅନେକ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ତଥ୍ୟ ଅନୁସାରେ, କୋଭିଡ୍ ମହାମାରୀ ସମୟରେ ପିତାମାତା କିମ୍ବା ରୋଜଗାରକ୍ଷମ ଅଭିଭାବକଙ୍କୁ ହରାଇଥିବା ଶିଶୁଙ୍କୁ ଆର୍ଥିକ ସମ୍ବଳ ଯୋଗାଇବା ପାଇଁ ସରକାରଙ୍କ ଦ୍ୱାରା 'ଆଶୀର୍ବାଦ' ଯୋଜନା ଆରମ୍ଭ ହୋଇଥିଲା। କିନ୍ତୁ ଏହାର ସୁଫଳ ମିଳିଲା ନାହିଁ। ଶିଶୁମାନଙ୍କ ମଧ୍ୟରୁ ଅନେକଙ୍କ ବୟସ ୧୮ ବର୍ଷ ଟପିଯିବାରୁ ସେମାନଙ୍କ ସହାୟତା ବନ୍ଦ ହୋଇଯାଇଛି। ମାତ୍ର ଅଳ୍ପ ସଂଖ୍ୟକ ଶିଶୁଙ୍କୁ କେନ୍ଦ୍ର ସରକାରଙ୍କ 'ପିଏମ୍ କେୟାର୍ସ' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମିଳିପାରିଛି। ଅନ୍ୟପକ୍ଷରେ, ଅସହାୟ ଶିଶୁଙ୍କୁ ନିଜ ପରିବାର ମଧ୍ୟରେ ରଖି ଶିକ୍ଷା ଓ ଲାଳନପାଳନ ପାଇଁ କେନ୍ଦ୍ର ସରକାରଙ୍କ 'ମିଶନ ବାତ୍ସଲ୍ୟ' ଅଧୀନରେ ପୃଷ୍ଟପୋଷକତା ଯୋଜନା ଲାଗୁ କରାଯାଇଛି। ଏହି ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ଶିଶୁଙ୍କୁ ମାସିକ ୪ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି। ଢେଙ୍କାନାଳ ଜିଲ୍ଲାରେ ଯୋଗ୍ୟ ଶିଶୁ ବର୍ଷାଧିକ କାଳ ଅପେକ୍ଷା କରି ରହିଥିଲେ ମଧ୍ୟ ସେମାନଙ୍କ ଫାଇଲ୍ ଆଗକୁ ବଢ଼ିପାରି ନାହିଁ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଥଇଥାନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ପାଇଁ କେତେକ ଶିଶୁଙ୍କ ଆବେଦନ ଜିଲ୍ଲାପାଳଙ୍କ ବିଚାରାଧୀନ ପ୍ରକ୍ରିୟା ମଧ୍ୟରେ ଅଟକି ରହିଛି। କୁପୋଷଣ ଓ ଶିଶୁ ମଡ଼କ ପାଇଁ ଚର୍ଚ୍ଚାରେ ଥିବା କଙ୍କଡ଼ାହାଡ଼ ବ୍ଲକ ପୁଟିସାହି ଭଳି ଦୁର୍ଗମ ଅଞ୍ଚଳରେ ଶିଶୁ ସୁରକ୍ଷା ପାଇଁ ଶୂନ୍ୟ ସହନଶୀଳତା ନୀତି ଘୋଷଣା ହୋଇଥିଲେ ହେଁ ବାସ୍ତବରେ ସେହି ବ୍ଲକର ଶତାଧିକ ଶିଶୁ ଆଜି ମଧ୍ୟ ସୁରକ୍ଷା ଓ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ସୁରକ୍ଷା ଦଳ ପକ୍ଷରୁ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲେ ସୁଦ୍ଧା ସେମାନଙ୍କୁ କୌଣସି ପୃଷ୍ଟପୋଷକତା ମିଳିନାହିଁ। ଆର୍ଥିକ ଅଭାବ ଅନଟନ ଯୋଗୁଁ ଏହି ଅସହାୟ ଶିଶୁମାନେ ଖାଦ୍ୟ, ବସ୍ତ୍ର, ଶିକ୍ଷା ଓ ଚିକିତ୍ସା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେବା ସହ ଭିକ୍ଷାବୃତ୍ତି କିମ୍ବା ବିପଦପୂର୍ଣ୍ଣ ଶିଶୁ ଶ୍ରମ ଭଳି ଅପରାଧିକ ପରିସ୍ଥିତି ମଧ୍ୟକୁ ଠେଲି ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଶିଶୁ ସୁରକ୍ଷା ଓ ସେମାନଙ୍କ ମର୍ଯ୍ୟାଦାପୂର୍ଣ୍ଣ ଜୀବନଧାରଣ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ, ଜିଲା ପ୍ରଶାସନ ତୁରନ୍ତ ଯାଞ୍ଚ ପ୍ରକ୍ରିୟା ସାରି ଅଟକି ରହିଥିବା ଅନୁମୋଦନ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ଓ ଶିଶୁ ଅଧିକାର କର୍ମୀମାନେ ଦାବି କରିଛନ୍ତି।

ରାଜଗାଙ୍ଗପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଗାଁ ଗାଁ ବୁଲି ସରକାରଙ୍କ ବିଫଳତା ବଖାଣିବାକୁ ଆହ୍ୱାନ

ରାଉରକେଲା, ୧।୧୧(ସମିସ)

ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ରାଜଗାଙ୍ଗପୁର ପୌରାଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାବା ଛକ ଠାରୁ ଶତାଧିକ ବିଜେଡି ନେତା ଓ କର୍ମୀ ପଦଯାତ୍ରାରେ ବାହାରି ସହରର ମୁଖ୍ୟରାସ୍ତା ଦେଇ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଟାଉନ ସଭାନେତ୍ରୀ ସୁଶ୍ରୀତା ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବିଜେପି ସରକାର ଉପରେ ବର୍ଷିଥିଲେ ବିଜେଡି ନେତୃବୃନ୍ଦ।

ଜନସମ୍ପର୍କ ପଦଯାତ୍ରା ଜରିଆରେ ଗାଁ ଗାଁ ୱାର୍ଡ ୱାର୍ଡ ବୁଲି ଲୋକଙ୍କୁ ଭୁଆଁ ବୁଲାଉଥିବା ବିଜେପି ସରକାର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଚେତନ କରିବା। ନବୀନ ବାବୁଙ୍କ ସମୟରେ କରାଯାଇଥିବା ଜନ ମଙ୍ଗଳକାରୀ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇବା ସହ ତୃଣମୂଳ ସ୍ତରରେ ବିଜେଡି ସଙ୍ଗଠନକୁ ଅଧିକ ମଜଭୂତ କରି ଲୋକଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବାକୁ ଉପସ୍ଥିତ କର୍ମୀଙ୍କୁ ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ଉପ ସଭାପତି ମଙ୍ଗଳା କିଷାନ, ଜିଲ୍ଲା ବିଜେଡି ସଭାପତି ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ସମେତ ଦଳର ନେତା ଆହ୍ୱାନ ଦେଇଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ତଥା ସୁନ୍ଦରଗଡ଼ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ଜିଲ୍ଲାବିଜେଡି ଉପ ସଭାପତି ଅନିଲ ବାରୁଆ, ଜିଲ୍ଲା ପରିଷଦର ସଭ୍ୟା ସୁଶୀଳା ଟପ୍ପୋ, ଗଙ୍ଗାରାମ ମିଞ୍ଜ, ପୂର୍ବତନ ସୁନ୍ଦରଗଡ଼ ପୌର ପାଳିକା ଅଧ୍ୟକ୍ଷ ବେନୁ ତାଣ୍ଡିଆ, ରାଜଗାଙ୍ଗପୁର ପୌର ଉପାଧ୍ୟକ୍ଷ ମହମ୍ମଦ ଇରଫାନ, ସ୍ଥାନୀୟ କୁକୁଡ଼ା ଲାମ୍ପସ ସଭାପତି ବସନ୍ତ ଟପ୍ପୋ, ରାଜ୍ୟ ବିଜେଡି ସଂଖ୍ୟା ଲଘୁ ସେଲ୍‌ଫର ଉପ ସଭାପତି କାମିଲ ଟପ୍ପୋଙ୍କ ସମେତ ସଞ୍ଜୀବ ବେହୁରା, ଜିତେନ୍ଦ୍ର ଦାସ, ଅମରେଶ ପଣ୍ଡା, ରାଜେନ୍ଦ୍ର ଲେଙ୍କା, ଛୋଟା ବାବୁ, ରାଜେନ୍ଦ୍ର ବେହେରା, ରାମଚନ୍ଦ୍ର କୁଜୁର, ପ୍ରିୟ ଦର୍ଶନୀ ଭୋଇ, ମଞ୍ଜୁଲତା, ସୁଭଦ୍ରା ଷଡଙ୍ଗୀଙ୍କ ସମେତ ବହୁ ସଂଖ୍ୟାରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ମହିଳା, ଯୁବ, ଛାତ୍ର ବିଜୁ ଜନତା ଦଳର ନେତା ଓ କର୍ମୀ ଯୋଗ ଦେଇଥିଲେ।

ଧନତେରସ୍ ପୂର୍ବରୁ ଗହଣା ଦୋକାନରୁ ଡକାୟତି ଯୋଜନା ପଣ୍ଡ

୨ ଗିରଫ; ଦେଶୀ ବନ୍ଧୁକ, ଭୁଜାଲି ଜବତ

ରାଉରକେଲା, ୧।୧୧(ସମିସ): ଧନତେରସ୍ ଅବ୍ୟବହିତ ପୂର୍ବରୁ ରାଉରକେଲାରେ ଏକ ଗହଣା ଦୋକାନରେ ଡକାୟତି ଯୋଜନାକୁ ପଣ୍ଡ କରିଛି ରାଉରକେଲା ପୁଲିସ। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ଭୁଜାଲି ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୋପବନ୍ଧୁପାଲ୍ଲୀ ଅମରନାଥ ମନ୍ଦିର ବସ୍ତି ନିବାସୀ ଗୁଲଜାର ସିଂହ(୩୭) ଏବଂ ବାସନ୍ତି କଲୋନୀ ଆମ୍ବେଦକର ବସ୍ତୀର ରାହୁଲ ସିଂହ(୨୪)।



ସୂଚନାଯୋଗ୍ୟ ଯେ, ନଭେମ୍ବର ୧ ତାରିଖରେ ବାସନ୍ତୀ କଲୋନୀସ୍ଥିତ ଏସ୍.କେ. ଡିଏଭି ପଲିଟେକ୍ନିକ୍ କଲେଜ ନିକଟରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ସନ୍ଦେହଜନକ ଭାବେ ଏକ ନମ୍ବର ପ୍ଲେଟ୍ ବିହୀନ ବାଇକ୍‌ରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ୨ ଯୁବକଙ୍କୁ ଉଦିତନଗର ଥାନା ପୁଲିସ କାବୁ କରିଥିଲା। ଯାଞ୍ଚବେଳେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୂଜାଲି, ଦୁଇଟି ବିନା ନମ୍ବର ପ୍ଲେଟ୍ ବାଇକ ଏବଂ ଦୁଇଟି ମୋବାଇଲ୍ ଫୋନ୍ ମିଳିଥିଲା। ପଚରାଉଚରାବେଳେ ସେମାନେ ସୁନା ଦୋକାନରୁ ଲୁଟ୍ ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଆଗକୁ ଧନତେରସ୍ ଆସୁଥିବାରୁ ବହୁ ଗହଣା ବ୍ୟବସାୟୀ ବିପୁଳ ପରିମାଣର ଗହଣା ଗଚ୍ଛିତ ରଖିଥିବାରୁ ଏହାକୁ ଲୁଟ୍ ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ପୁଲିସ ଗୁଲ୍‌ଜାର ଓ ରାହୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମଦ ବୋଝେଇ ବୋଲେରୋ ଜବତ; ଜଣେ ଗିରଫ

ରାଉରକେଲା, ୧।୧୧(ସମିସ): ରାଉରକେଲା ପୁଲିସ ୫୦୦ ଲିଟର ଦେଶୀମଦ ସହ ବୋଲେରୋ ଜବତ କରି ଘଟଣା ସମ୍ପୃକ୍ତ ବିହାରର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୩୧ ଅକ୍ଟୋବର ରାତି ପ୍ରାୟ ୧୦ଟାରେ ବ୍ରାହ୍ମଣୀତରଙ୍ଗ ଥାନାର ପୁଲିସ କର୍ମଚାରୀଙ୍କ ସହ ଏଏସ୍‌ଆଇ ବିଜୟ କୁମାର ଖଟୁଆ ଯାନବାହନ ଯାଞ୍ଚ ଓ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାବେଳେ ସୁନ୍ଦରଗଡ଼ ପଟୁ ରାଉରକେଲା ଅଭିମୁଖେ ଆସୁଥିବା ଏକ ବୋଲେରୋକୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ୫ଶହ ଲିଟର ମଦ ମିଳିଥିଲା।

୩ ମାସ ହେଲା ନଳକୂଅ ଅଚଳ

ପାଣି ପାଇଁ ହନ୍ତସନ୍ତ ୫୦ରୁ ଉର୍ଦ୍ଧ୍ୱ ପରିବାର



ବଣାଇଁ, ୧।୧୧ (ସମିସ): ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଉଥିବାବେଳେ ମେଗା ପାନୀୟଜଳ ପ୍ରକଳ୍ପ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଏବେ ବି ଅନେକ ଗ୍ରାମରେ ଲୋକେ ପାନୀୟ ଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ଗ୍ରାମ ପଞ୍ଚାୟତର ଝାରବେଡ଼ା ଗ୍ରାମ ତଳସାହିରେ।

ସୂଚନା ଅନୁଯାୟୀ, ଏହି ସାହିରେ ଥିବା ନଳକୂପଟି ଦୀର୍ଘ ୩ ମାସ ହେଲା ଅଚଳ ହୋଇ ପଡ଼ିରହିଛି। ଫଳରେ ସାହିରେ ବସବାସ କରୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ପାଣି ପାଇଁ ନାହିଁ ନଥିବା ହାନସ୍ତା ହେଉଛନ୍ତି। ନଳକୂପଟି ଦୀର୍ଘଦିନ ଧରି ଅଚଳ ଥିଲେ ମଧ୍ୟ ଏହାର ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ନଳକୂପଟିର ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ନରେନ୍ଦ୍ର ପଞ୍ଚାୟତ ଓ ଗୁରୁଣ୍ଡିଆ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

ବିଦ୍ୟାଳୟ କବାଟ ଭାଙ୍ଗି ଚାଉଳ ଖାଇଗଲା ହାତୀ

ନରହନ୍ତା ହାତୀର ଉପସ୍ଥିତି ନେଇ ଅଞ୍ଚଳବାସୀ ଭୟଭୀତ

ଲହୁଣୀପଡ଼ା, ୧।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ପାନପୋଷ ବନଖଣ୍ଡ ବାଙ୍କି ବନାଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖାଦେଇଛି। ବନାଞ୍ଚଳ ଅନ୍ତର୍ଗତ ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ପ୍ରତାପପୁର ସରକାରୀ ପ୍ରାଥମିକ



ବିଦ୍ୟାଳୟରେ ଶନିବାର ରାତିରେ ଏକ ରେଡ଼ିଓ କଲାର ପିନ୍ଧା ବି କେ -୦୧ ଦନ୍ତାହାତୀ ବିଦ୍ୟାଳୟରେ ପଶି ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ୧ କ୍ୱିଣ୍ଟାଲ ଚାଉଳ ଖାଇ ଯାଇଛି। ହାତୀଟି ବିଦ୍ୟାଳୟ କବାଟ ଭାଙ୍ଗିବା ସହିତ ଚାଉଳ ଗଚ୍ଛିତ ଥିବା ଗୃହରେ ପଶି ଚାଉଳ ଖାଇଦେଇଥିଲା। ପାଖରେ ଥିବା ଅଙ୍ଗନବାଡ଼ି ଗୃହ କବାଟ ମଧ୍ୟ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଫଳରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ରାଜାମୁଣ୍ଡା ସେକ୍ସନ ଫରେଷ୍ଟର କ୍ଷୟକ୍ଷତିର ତଦନ୍ତ କରି ଆବଶ୍ୟକୀୟ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବେ ବୋଲି ଆଶ୍ୱସନା ଦେଇଛନ୍ତି।

ସୂଚନା ଥାଉ କି, ରେଡିଓ କଲାର ପିନ୍ଧା ବି କେ -୦୧ ଗୋଠଛଡ଼ା ଦନ୍ତା ହାତୀଟି ଗତକାଲି କୋଇଡା ବନାଞ୍ଚଳ ଅନ୍ତର୍ଗତ କୁଲା ଜଙ୍ଗଲରୁ ବାହାରି ରାଉରକେଲା ବନଖଣ୍ଡ ବାଙ୍କି ବନାଞ୍ଚଳ ବିଭିନ୍ନ ଗ୍ରାମ ଦେଇ ପ୍ରାୟ ୫୦ କିମି ଯାତ୍ରା କରି ଆଜି ସକାଳେ କପଣ୍ଡ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଉକ୍ତ ଦନ୍ତା ହାତୀଟି ଆଗରୁ ମଣିଷ ମାରିଥିବାବେଳେ ଗୋଟିଏ ରାତିରେ ଏତେ ଦୂର ଅତିକ୍ରମ କରି ଆସିବା ବନବିଭାଗ କର୍ମଚାରୀଙ୍କ ନିଦ ହଜାଇ ଦେଇଛି। ହାତୀର କାନ ପାଖରୁ ପାଣି ଝରୁଥିବା ସୂଚନା ରହିଥିବା ବେଳେ କେଉଁ କାରଣ ପାଇଁ ଦନ୍ତା ହାତୀଟି ତାର ମୂଳ ଆଚରଣରୁ ଓହରି ଆଚରଣରେ ପରିବର୍ତ୍ତନ କରି ଗୋଟିଏ ରାତିରେ ୫୦ କିମି ବାଟ ଅତିକ୍ରମ କଲା ତାହା ଚିନ୍ତାର ବିଷୟ ପାଲଟିଛି।

୩ ନୂତନ ଯୋଗ କେନ୍ଦ୍ର ଉଦ୍‌ଘାଟିତ



ରାଉରକେଲା, ୧।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଜିଲ୍ଲା ବିସ୍ତାରକ ତଥା ବରିଷ୍ଠ ଯୋଗ ଶିକ୍ଷକ ଶରତ ଚନ୍ଦ୍ର ଦାସ ଏବଂ ଯୋଗ ଶିକ୍ଷକ ପ୍ରଫୁଲ୍ଲ ପାତ୍ରଙ୍କ ପ୍ରଚେଷ୍ଟା ଓ ସଂଯୋଜନାରେ ୩ ଟି ନୂତନ ଯୋଗ କେନ୍ଦ୍ରକୁ ସଂଗଠନର ସହ ରାଜ୍ୟ ପ୍ରଭାରୀ ଡକ୍ଟର ଅକ୍ରୁର ମାର୍ଥା ଉଦଘାଟନ କରିଥିଲେ। ଏହି ନୂତନ ଯୋଗ କେନ୍ଦ୍ର କୋଏଲ ନଗର ସ୍ଥିତ ବି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ପ୍ରତ୍ୟୁଷ ଚନ୍ଦ୍ର ସ୍ୱାଇଁ, ମମତା ଦାସ ଓ ରାଜଶ୍ରୀ ପରିଡ଼ା।

ଦ୍ୱିତୀୟ କେନ୍ଦ୍ର କୋଏଲ ବିଦ୍ୟାପୀଠ, ସେକ୍ଟର-୨୦ରେ ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ପି. ପ୍ରଫୁଲ ପାତ୍ର, ମୀତାରାଣୀ ଦାସ, ମମତା ସାହୁ ଓ ପ୍ରଭାତୀ ଦାସ। ସେହିପରି ତୃତୀୟ ନୂତନ କେନ୍ଦ୍ର ମିଶ୍ରଖଟାଲ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସେକ୍ଟର -୨୦ ରେ ପ୍ରଧାନ ଶିକ୍ଷକ ସନ୍ତୋଷ ମଲ୍ଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିବାବେଳେ ଏହି ଯୋଗ କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ରମେଶ, ମଞ୍ଜୁଲତା ସାହୁ ଓ ଦୀପ୍ତିମୟୀ ପଲେଇ। ଉଦଘାଟନୀ କାର୍ଯ୍ୟକ୍ରମରେ ସହ ରାଜ୍ୟ ପ୍ରଭାରୀ ଡ ଅକ୍ରୁର ମାର୍ଥା, ଜିଲ୍ଲା ବି ଏସ ଟି ପ୍ରଭାରୀ ନରେନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ମହିଳା ପ୍ରଭାରୀ ନୀତମ୍ବିନୀ ସ୍ୱାଇଁ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଓ ଜିଲ୍ଲା ବିଶ୍ୱା ତହସିଲ ପ୍ରଭାରୀ ହେମନ୍ତ କୁମାର ଜେନା ପ୍ରମୁଖ ମାର୍ଗଦର୍ଶନ କରିଥିଲେ।

ଆର୍‌ଏସ୍‌ପିରେ ସତର୍କତା ସଚେତନତା ସପ୍ତାହ

ରାଉରକେଲା, ୧।୧୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସତର୍କତା ବିଭାଗ ପକ୍ଷରୁ ଚାଲୁଥିବା ସତର୍କତା ସଚେତନତା ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ବିଭାଗ ପକ୍ଷରୁ ଅକ୍ଟୋବର ୨୭ରେ ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟରୁ ଦଶମ ଶ୍ରେଣୀର ୨୩୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସ୍ମିତା ଆର୍. ଆଥ୍ରେୟା କୁଇଜ୍ ମାଷ୍ଟର ଭାବେ ସମଗ୍ର କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ସେହିପରି ସେକ୍ଟର-୨୦ସ୍ଥିତ ଏସଏସ ଆରଭିଏମ ଇସ୍ପାତ ଇଂରାଜୀ ମଧ୍ୟମ ବିଦ୍ୟାଳୟରେ ଚିତ୍ରାଙ୍କନ/ଚିତ୍ରକଳା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତୃତୀୟରୁ ଦଶମ ଶ୍ରେଣୀର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ





...ହୋଇଥିଲା। ୨୩୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଏସ୍. କେ. ପଟେଲ ଓ ବିଦ୍ୟାଳୟ ସୁପରଭାଇଜର, ପ୍ରତିଯୋଗିତାଗୁଡ଼ିକର ସଂଯୋଜନା କରିଥିଲେ। ଅନୁରୂପ ଭାବେ ଏସ ଏସ ଆର ଭି ଏମ ଇସ୍ପାତ ଇଂରାଜୀ ମଧ୍ୟମ ବିଦ୍ୟାଳୟରେ କୁଇଜ୍ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ମୋହିନୀ ପ୍ରତିଯୋଗିତାଗୁଡ଼ିକର ସଂଯୋଜନା କରିଥିଲେ।

ଅକ୍ଟୋବର ୨୮ ରେ ଡଃ ଏ. ଏନ୍. ଖୋସଲା, ଡି ଏ ଭି ପବ୍ଲିକ୍ ସ୍କୁଲ୍, ରାଉରକେଲାରେ କଳା ଓ ଚିତ୍ରାଙ୍କନ, ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାମାନ ଆୟୋଜିତ ବକ୍ତୃତା ପ୍ରତିଯୋଗିତା ଏବଂ ରାଉରକେଲା ଡିପିଏସରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ଅକ୍ଟୋବର ୨୯ ରେ ରାଉରକେଲା ଡିଏଭିରେ କୁଇଜ୍ ପ୍ରତିଯୋଗିତା ଏବଂ ରାଉରକେଲା ଡିପିଏସରେ ଏକ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।

ସତର୍କତା ବିଭାଗ ପକ୍ଷରୁ ଅକ୍ଟୋବର, ୨୯ରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଠାରେ 'ଟେଣ୍ଡର ପ୍ରକ୍ରିୟାକରଣ, କ୍ରୟ ଏବଂ ଚୁକ୍ତି ପରିଚାଳନା' ଶୀର୍ଷକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ୭୨ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ମହା ପ୍ରବନ୍ଧକ ସାମଗ୍ରୀ ପ୍ରବନ୍ଧନ ସି. ଭି. ଅପ୍ପାରାଓ ଅଧିବେଶନର ସଞ୍ଚାଳନ କରି ଟେଣ୍ଡର ପ୍ରକ୍ରିୟାକରଣ, କ୍ରୟ ପ୍ରକ୍ରିୟା ଏବଂ ପ୍ରଭାବଶାଳୀ ଚୁକ୍ତି ପରିଚାଳନାର ମୁଖ୍ୟ ଦିଗଗୁଡ଼ିକ ବୁଝାଇଥିଲେ।

ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀଙ୍କ ପରଲୋକ

ରାଉରକେଲା, ୧।୧୧(ସମିସ): ରାଉରକେଲା ଇସ୍ପାତ କାରଖାନାର ଆରସିଏମ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି (୮୪)ଙ୍କ ବାର୍ଦ୍ଧକ୍ୟ ଯୋଗୁଁ ପରଲୋକ ଘଟିଛି।



କିଛିଦିନ ହେବ ସେ ଅସୁସ୍ଥ ହୋଇ ଆଇଜିଏଚରେ ଚିକିତ୍ସିତ ହେଉଥିଲେ। ପୁରୀ ଜିଲ୍ଲା କାକଟପୁର ଅନ୍ତର୍ଗତ ଅସ୍ତରଙ୍ଗ ନିକଟ ବାରଙ୍ଗ ଗ୍ରାମର ମୂଳବାସିନ୍ଦା ସ୍ୱର୍ଗତ ମହାନ୍ତି ଗତ ୨୦୦୧ ମସିହାରେ ଆରଏସପିରୁ ଅବସର ଗ୍ରହଣ ପରେ ନିଜ ପରିବାର ସହ ସ୍ଥାନୀୟ ଛେଣ୍ଡ କଲୋନୀରେ ବାସ କରୁଥିଲେ। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପୁତ୍ର ବାବୁଲି, ବାଦଲ, ବୁଲୁ, ଚିଉ, କୁନିଆ, ଝ୍ଞାନ, ଗୋଲଡି, ପିଣ୍ଟୁ, ବାବୁ, ଟୁଟୁ, ପପୁ, ମାଧବ ତଥା ଅନ୍ୟାନ୍ୟ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ବେଦବ୍ୟାସ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠ ପୁତ୍ର ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ।

ସୁବର୍ଣ୍ଣ ଜୟନ୍ତୀ ରେଜିଷ୍ଟ୍ରେସନ କମିଟିର ବୈଠକ

ରାଉରକେଲା, ୧।୧୧(ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓ ସୁବର୍ଣ୍ଣ ଜୟନ୍ତୀର ଆବାହକ ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ସମାଜସେବୀ ଗିରିଶଚନ୍ଦ୍ର ମହାପାତ୍ରଙ୍କ ପରିଚାଳନାରେ ସୁବର୍ଣ୍ଣ ଜୟନ୍ତୀ ରେଜିଷ୍ଟ୍ରେସନ କମିଟିର ଏକ ବୈଠକ ହୋଇଥିଲା। ଏହି ବୈଠକରେ ନଭେମ୍ବର ୨୧ ଏବଂ ୨୨ ତାରିଖରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀର ବିଭିନ୍ନ କାର୍ଯ୍ୟକ୍ରମ ଓ ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇ ସୁଚାରୁରୂପେ ପରିଚାଳନା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ପ୍ରଧାନ, ଅମୂଲ୍ୟ ମହାପାତ୍ର, ମନୋଜ ପଟ୍ଟନାୟକ, ପ୍ରଣବ ପାତ୍ର, ଆରତୀ ଚୌଧୁରୀ, ବବିତା ମହାପାତ୍ର, ତ୍ରିଲୋକୀନାଥ ପାଣ୍ଡେ ପାଣ୍ଡବ ଚରଣ ପାତ୍ର, ଏଲ ଦୋରା ଓ ଧନନ୍ତ ତଣ୍ଡିଆ ଯୋଗ ଦେଇଥିଲେ।

ଏବିଭିପି ପକ୍ଷରୁ ଛାତ୍ର ନେତା ସମ୍ମିଳନୀ



ରାଉରକେଲା, ୧।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାଉରକେଲା ସାଂଗଠନିକ ଜିଲ୍ଲା ତରଫରୁ ଛାତ୍ରନେତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରନେତା ଓ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର କ୍ଷେତ୍ରୀୟ ସହ-ସଂଗଠନ ସମ୍ପାଦକ ତ୍ରୈଲୋଚନ ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପାତ୍ର, ରଘୁନାଥପଲ୍ଲୀ ବିଧାନସଭାର ବିଧାୟକ ଦୁର୍ଗା ଚରଣ ତନ୍ତୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ନବ ନିର୍ବାଚିତ ସଭାପତି ସୁଦର୍ଶନ ସୁନା, ପଦ୍ମିନୀ ପାଣିଗ୍ରାହୀ, ସୁନ୍ଦରଗଡ଼ ବିଭାଗର ସଂଗଠନ ସମ୍ପାଦକ ଜୀବନ ଜ୍ୟୋତି ରାଉତ ତଥା ରାଉରକେଲା ଜିଲ୍ଲାର ସଂଯୋଜକ ସୁମିତ୍ କୁମାର ରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ଆସିଥିବା ଛାତ୍ର ନେତାମାନେ ସଦ୍ୟ ସମାପ୍ତ ଛାତ୍ର ସଂସଦ ନିର୍ବାଚନରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ତ୍ରୈଲୋଚନ ସାହୁ 'ବିଦ୍ୟାର୍ଥୀ ପରିଷଦର ସଂକ୍ଷିପ୍ତ ପରିଚୟ ଏବଂ କାର୍ଯ୍ୟଶୈଳୀ', ବିଷ୍ଣୁ ପାତ୍ର 'ଭାରତୀୟତା ଏବଂ ବ୍ୟକ୍ତିତ୍ୱ ନିର୍ମାଣ' ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଂଯୋଜକ ସୁମିତ୍ ରାଜ ଆଗାମୀ ବର୍ଷ ପାଇଁ ବିଦ୍ୟାର୍ଥୀ ପରିଷଦର କ୍ୟାମ୍ପସ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଛାତ୍ରନେତାମାନଙ୍କୁ ସମ୍ୟକ୍ ଧାରଣା ଦେଇଥିଲେ। ସୁଶ୍ରୀ ବିଦ୍ୟୋତମା ମାଝୀ ମଞ୍ଚ ପରିଚାଳନା କରିଥିଲେ।

ଆସନ୍ତା ଆର୍‌ଏସ୍‌ପି ୟୁନିୟନ ନିର୍ବାଚନରେ ଏକାକୀ ଲଢ଼ିବ ଗାଙ୍ଗପୁର ମଜଦୂର ମଞ୍ଚ

ରାଉରକେଲା, ୧।୧୧(ସମିସ)

ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ରାଉରକେଲା ଇସ୍ପାତ କାରଖାନା ୟୁନିୟନ ସ୍ୱୀକୃତି ନିର୍ବାଚନରେ ଗାଙ୍ଗପୁର ମଜଦୂର ମଞ୍ଚ କାହା ସହ ମେଣ୍ଟ ନ କରି ଏକାକୀ ଲଢ଼ିବ ବୋଲି ରବିବାର ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ସ୍ପଷ୍ଟ କରିଛନ୍ତି।

ସ୍ଥାନୀୟ ସେକ୍ଟର-୮ ସ୍ଥିତ ଗାଙ୍ଗପୁର ମଜଦୂର ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ସାଧାରଣ ସମ୍ପାଦକ ଶ୍ରୀ ଦାସ କହିଥିଲେ ଯେ, ୟୁନିଅନର ସ୍ଥାପନା ଆଦିବାସୀ ମୂଳ ନିବାସୀ ଏବଂ ବିସ୍ଥାପିତ ଶ୍ରମିକମାନଙ୍କୁ ନେଇ ସ୍ୱର୍ଗତ ଜର୍ଜ ତିର୍କୀଙ୍କ ତତ୍ତ୍ୱାବଧାନରେ ଗଠନ କରାଯାଇଥିଲା। ସେ ଥିଲେ ଏହି ୟୁନିଅନର ପଥ ପ୍ରଦର୍ଶକ ଏବଂ ଦିଗ୍‌ଦର୍ଶକ। ତାଙ୍କ ଦିଗ୍‌ଦର୍ଶନରେ ମଞ୍ଚ ପ୍ରଥମ ଦୁଇଥର ରାଉରକେଲା ଇସ୍ପାତ କାରଖାନାର ସ୍ୱୀକୃତି ପ୍ରାପ୍ତ ୟୁନିଅନ ନିର୍ବାଚନରେ ଭାଗ ନେଇ ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟ ହାସଲ କରିପାରିଥିଲା।

ପ୍ରଥମ ଦୁଇ ନିର୍ବାଚନରେ ଆରଆଇକେକେଏସ (ବିଏମଏସ) ଜିତି ସ୍ୱୀକୃତି ପ୍ରାପ୍ତ ୟୁନିଅନ ହିସାବରେ କାର୍ଯ୍ୟ କରିଥିଲା। କିନ୍ତୁ ପରବର୍ତ୍ତୀ ନିର୍ବାଚନରେ



ଗାଙ୍ଗପୁର ମଜଦୂର ମଞ୍ଚ, ରାଉରକେଲା ଶ୍ରମିକ ସଂଘ ସହିତ ଏକ ସନ୍ଧି କରିଥିଲା ଏବଂ ନିର୍ବାଚନ ଲଢ଼ିଥିଲା। ଯାହାର ଫଳ ସ୍ୱରୂପ ଗତ ଦୁଇଟି ନିର୍ବାଚନରେ ଗାଙ୍ଗପୁର ମଜଦୂର ମଞ୍ଚ ଏବଂ ରାଉରକେଲା ଶ୍ରମିକ ସଂଘ ମେଣ୍ଟ ୟୁନିଅନ ନିର୍ବାଚନରେ ବିଜୟ ଲାଭ କରିଥିଲା। ଏହି ମେଣ୍ଟ ଅନୁସାରେ ଦୁଇ ୟୁନିଅନ ଭିତରେ ଗୋଟିଏ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ରାଉରକେଲା ଶ୍ରମିକ ସଂଘର ୬୦ ପ୍ରତିଶତ ଏବଂ ଗାଙ୍ଗପୁର ମଜଦୂର ମଞ୍ଚର ୪୦ ପ୍ରତିଶତ ସଭ୍ୟ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ଯୁଗ୍ମ କମିଟିରେ ଭାଗିଦାରୀ ରହିବେ ଏବଂ ଶ୍ରମିକ ହିତରେ କାର୍ଯ୍ୟ କରିବେ। ଜିଏମଏମ ଏବଂ ଆରଏସଏସ ୟୁନିଅନ ମିଶି ଶ୍ରମିକମାନଙ୍କ ହିତରେ ବହୁତ କାର୍ଯ୍ୟ ମଧ୍ୟ କରିଥିଲେ।

ପରେ ଆରଆଇକେକେଏସ(ବିଏମଏସ) ପ୍ରଥମେ କୋର୍ଟକୁ ଯାଇଥିଲା ଏବଂ ପରବର୍ତ୍ତୀ ସମୟରେ କୋର୍ଟରେ କେସକୁ ପ୍ରତ୍ୟାହାର କରି ନେଇଥିଲା। ଏବେ କେନ୍ଦ୍ର ସରକାର ୨୯ଟି ଲେବର କୋଡ୍‌କୁ ପ୍ରତ୍ୟାହାର କରି ୪ଟି ଲେବର କୋଡ୍‌ରେ ସୀମିତ ରଖିଛନ୍ତି। ସେହି ନୂତନ ଲେବର କୋଡର ଭାଗ ୧୬ ଅନୁସାରେ ଯେଉଁ ୟୁନିଅନ ୫୧ ପ୍ରତିଶତ କିମ୍ବା ତାଠାରୁ ଉର୍ଦ୍ଧ୍ୱ ପ୍ରତିଶତ ଭୋଟ ପାଇବ ସେହି ୟୁନିଅନଟି ସ୍ୱୀକୃତିପ୍ରାପ୍ତ ୟୁନିଅନ ହିସାବରେ କାର୍ଯ୍ୟ କରିବ ଏବଂ ଯଦି କୌଣସି ୟୁନିଅନ ୫୧ ପ୍ରତିଶତ କିମ୍ବା ତାଠାରୁ ଅଧିକ ପ୍ରତିଶତ ଭୋଟ ପାଇବ ନାହିଁ, ସେହି ପରିସ୍ଥିତିରେ କମ୍ପାନୀ ଗୋଟିଏ ଗଠନ କରିବ। ଯେଉଁ କାରଖାନାରେ ଏକରୁ ଅଧିକ ୟୁନିଅନ କାର୍ଯ୍ୟ କରୁଛନ୍ତି ଏବଂ ସେଠାରେ ୨୦ ପ୍ରତିଶତରୁ ଅଧିକ ଭୋଟ ଯେଉଁ ୟୁନିଅନ ପାଇବ ସେହି ୟୁନିଅନର ଏକ ପ୍ରତିନିଧିର ମେମ୍ବର ରହିବେ ଏବଂ ସେହି ମେମ୍ବରମାନଙ୍କ ସହିତ କମ୍ପାନୀର ବାର୍ତ୍ତାଳାପ କରି ନୀତିନିୟମ ପ୍ରଣୟନ କରାଯିବ ବୋଲି ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ କହିଥିଲେ।

ଆସନ୍ତା ୟୁନିୟନ ନିର୍ବାଚନରେ ଗାଙ୍ଗପୁର ମଜଦୁର ମଞ୍ଚ ଏକାକୀ ନିର୍ବାଚନ ଲଢିବ ବୋଲି ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ସମେତ କାର୍ଯ୍ୟକାରୀ ସଭାପତି ମାଙ୍ଗେ ଏକ୍କା, ଉପସଭାପତି ଥମାସ୍ ଟପ୍ପୋ, ଉପସଭାପତି ବିଷ୍ଣୁ ଚରଣ ମାହାତୋ, ଉପସଭାପତି ରାଜେଶ ତିର୍କୀ, କୋଷାଧ୍ୟକ୍ଷ ଆନନ୍ଦ କୁମାର ଟପ୍ପୋ, ସମ୍ପାଦକ ରାଜୁ କିସାନ, କାର୍ତ୍ତିକ କିଶୋର ବେହେରା, ମହାବୀର ଦାସ, ଏନ୍ କେ ରାମ, ରାଜୁ ବଡାଇକ, ଜନ୍ ଡୁଙ୍ଗଡୁଙ୍ଗ, ରାଇଦାସ ତିର୍କୀ, ଶ୍ରୀ ହରି, ଭଗବାନ ନାଏକ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁ ପଦ୍ମସମ୍ଭବଙ୍କୁ ନେଇ ଆଲୋଚନାଚକ୍ର

‘ପଦ୍ମସମ୍ଭବଙ୍କୁ ପଶ୍ଚିମ ଓଡ଼ିଶାର ଲୋକକଳା ଓ ଲୋକସଂସ୍କୃତିରେ ଖୋଜିବାକୁ ହେବ’

ସମ୍ବଲପୁର, ୧।୧୧ (ସମିସ)

ବିଶିଷ୍ଟ ଐତିହାସିକ ଓ ଗବେଷକ ପ୍ରଫେସର ନବୀନ କୁମାର ସାହୁ ପଦ୍ମସମ୍ଭବଙ୍କ ସମ୍ବଲପୁର ସଂଯୋଗ ଉପରେ ଗବେଷଣା କରିଥିଲେ। ସେ ବୌଦ୍ଧ ଧର୍ମକୁ ନେଇ ଅନେକ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଛନ୍ତି। ପଦ୍ମସମ୍ଭବଙ୍କୁ କେବଳ ଇତିହାସ ନୁହେଁ, ବରଂ ଲୋକକଳା, ଲୋକତନ୍ତ୍ର, ସ୍ଥାନୀୟ ପର୍ବପର୍ବାଣୀ ଏବଂ ନୃତ୍ୟଶୈଳୀ ମାଧ୍ୟମରେ ମଧ୍ୟ ଅନୁସନ୍ଧାନ କରାଯିବ। ଏହାଦ୍ୱାରା ସମ୍ବଲପୁରର ଅସ୍ମିତାକୁ ବିଶ୍ୱସ୍ତରରେ ପରିଚିତ କରାଯାଇପାରିବ ଏବଂ ତିବ୍ବତୀୟ ବୌଦ୍ଧଧର୍ମ ସହ ଏହାର ସମ୍ପର୍କ ଏବଂ ପଦ୍ମସମ୍ଭବଙ୍କ ଜୀବନଧାରା ସମ୍ପର୍କରେ ସମସ୍ତେ ବିଶେଷ ଭାବରେ ଅବଗତ ହୋଇପାରିବେ ବୋଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଛନ୍ତି। ସମ୍ବଲପୁରର ଜନ୍ମିତ ପଦ୍ମସମ୍ଭବଙ୍କ ଗବେଷଣାକୁ ଆଗକୁ ବଢ଼ାଇବା ଏବଂ ତାଙ୍କ ଜୀବନ, କୃତି, ସଂଘର୍ଷ ତଥା ସାଂସ୍କୃତିକ ଅବଦାନକୁ ଲୋକଲୋଚନକୁ ଆଣିବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ୨୦୨୭ ମସିହା ଜାନୁଆରୀ ୨୨, ୨୩ ଏବଂ ୨୪ ତାରିଖରେ ଏକ ଆନ୍ତର୍ଜାତୀୟ ସେମିନାର ଆୟୋଜନ କରାଯିବ ବୋଲି ପ୍ରଫେସର ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ସେମିନାରରେ ଦେଶବିଦେଶର ସାହିତ୍ୟିକ, ନୃତତ୍ତ୍ୱବିତ୍, ଭାଷାବିତ୍ ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଗବେଷକମାନେ ଯୋଗଦେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧ୍ୟାପନା ପ୍ରକୋଷ୍ଠ-୧ରେ ଗୁରୁ ପଦ୍ମସମ୍ଭବ ପ୍ରଚାର ସମିତି ଏବଂ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୧ ତମ ସମର୍ପଣ ଉତ୍ସବରେ କୁଳପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାବାନୀଶ ଭୋଇଙ୍କ ଗବେଷଣା ପୁସ୍ତକ ସମ୍ବଲପୁତ୍ର ଗୁରୁ ପଦ୍ମସମ୍ଭବ ଲୋକାର୍ପିତ ହୋଇଥିଲା। ଆଲୋଚନାଚକ୍ରରେ ବଲାଙ୍ଗୀରର ଗବେଷକ ସାଲେଗ୍ରାମ ହୋତା ପଶ୍ଚିମାଞ୍ଚଳର ତନ୍ତ୍ର ପରମ୍ପରା ଉପରେ ଆଲୋକପାତ କରି ଏହା ଗୁରୁ ପଦ୍ମସମ୍ଭବ, ବଜ୍ରଗୁରୁ ଇନ୍ଦ୍ରଭୁତି, ସାଧ୍ୱୀ ଲକ୍ଷ୍ମୀଂକରାଙ୍କ ସହିତ ଜଡ଼ିତ ବୋଲି କହିଥିଲେ। ସେହିପରି ସୋନପୁରରୁ ଆସିଥିବା ଗବେଷକ ମୀନା



ମହାରଣା ସୋନପୁରରେ ଗୁରୁ ପଦ୍ମସମ୍ଭବ ଏବଂ ଲକ୍ଷ୍ମୀଂକରାଙ୍କ ସାଧନା କ୍ଷେତ୍ର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଲକ୍ଷ୍ମୀଂକରା ସୋନପୁରର ରାଣୀ ଭାବେ ସୋନପୁରର ତନ୍ତ୍ରକୁ ବ୍ୟାପକ କରିଥିବା କହିଥିଲେ। ବରଗଡ଼ ଜିଲ୍ଲାର ଲେଖକ ମୀନୁ ହୋତା ପଶ୍ଚିମ ଓଡ଼ିଶାର ସାତବହନୀ ପରମ୍ପରା ଉପରେ ଆଲୋକପାତ କରି ବଜ୍ରଯାନ ଏବଂ ସହଜଯାନ ସହିତ ସାତବହନୀ ପରମ୍ପରା ଜଡ଼ିତ ବୋଲି କହିଥିଲେ। ସେହିପରି ଗବେଷକ ଝାରସୁଗୁଡ଼ାର କୈବଲ୍ୟ ମିଶ୍ର ପଶ୍ଚିମ ଓଡ଼ିଶାର ଚର୍ଯ୍ୟାଗୀତିକାରେ ଆମର ସିଦ୍ଧ ସାଧକ ମାନଙ୍କ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଗବେଷକ ଗୋରେଖନାଥ ସାହୁ, ଶିବପ୍ରିୟା ଶତପଥୀ ଏବଂ ରାଜୀବ ଶଗରିଆ ଗୁରୁ ପଦ୍ମସମ୍ଭବଙ୍କ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଭାରତୀ ସମାଜର କ୍ଷେତ୍ରୀୟ ସଂଯୋଜକ ଡଃ ସ୍ୱୟଂପ୍ରକାଶ ପଣ୍ଡା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭାରତୀ ସମାଜର ମହାସଚିବ ଦେବୀପ୍ରସାଦ ଭୋଇ ଇଷ୍ଟଦେବୀ ସମଲେଇ ଏବଂ ଗୁରୁ ପଦ୍ମସମ୍ଭବଙ୍କ ପୂଜାର୍ଚ୍ଚନା କରିଥିଲେ। ମହେଶ୍ୱର ଷଣ୍ଢ ବୁଦ୍ଧ ବନ୍ଦନା କରିଥିଲେ। ଭାରତୀ ସମାଜର ଉପଦେଷ୍ଟା ଡଃ ପ୍ରମୋଦ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ଗବେଷକ ସମ୍ବିତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଧମାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ସମ୍ବଲପୁର, ୧।୧୧ (ସମିସ) : ମାନେଶ୍ୱର ବ୍ଲକ ଅନ୍ତର୍ଗତ ଧମା ପଞ୍ଚାୟତ ଧମାଠାରେ ଆଜି ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ ଓ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ହାଇସ୍କୁଲ ସମ୍ମୁଖରୁ ଆରମ୍ଭ ହୋଇ ହାଟପଦା ପର୍ଯ୍ୟନ୍ତ ଯିବାପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଞ୍ଚଳର ବିକାଶ ଲାଗି ସଦାସର୍ବଦା ପ୍ରତିଶ୍ରୁତିବଦ୍ଧତା ସହିତ ଅଞ୍ଚଳ ବିକାଶରେ ବାଧକହେଲେ ଆନ୍ଦୋଳନ ନିଶ୍ଚିତ ବୋଲି ଶ୍ରୀ ଆଚାର୍ଯ୍ୟ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସରକାରଙ୍କ ବିଫଳତା, ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତା ନେଇ ସେ ବର୍ଷିଥିଲେ। ପଦଯାତ୍ରା ଓ ସଭାରେ ବ୍ଲକ ସଭାପତି ନନ୍ଦଲାଲ ତ୍ରିପାଠୀ, ଧମା ସରପଞ୍ଚ ଲଳିତା ପ୍ରଧାନ, ହୁମା ସରପଞ୍ଚ ଇଲାବତୀ ପୂଝାରୀ, ଡକରା ସରପଞ୍ଚ ସୌମ୍ୟରଞ୍ଜନ ପୂଝାରୀ, ଦେଓଗାଁ ପଞ୍ଚାୟତ ସରସ୍ୱତୀ ରାଉତ, ଜିଲ୍ଲା ଉପସଭାପତି ଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଧାୟକଙ୍କ ପ୍ରତିନିଧି ମନୋଜ ମହାପାତ୍ର ସଂଯୋଜନା କରିଥିଲେ। ଦେବାଶିଷ ପଟ୍ଟନାୟକ, ତରଣୀସେନ ମିର୍ଦ୍ଧା, ପ୍ରଶାନ୍ତ ପୂଝାରୀ, ଦିଲ୍ଲୀପ ପ୍ରଧାନ, ମାନସ ବେହେରା, ରାକେଶ ବେହେରା, ଯଶୋବନ୍ତ ପ୍ରଧାନ, ଶଶାଙ୍କ ଶେଖର ପାଣିଗ୍ରାହୀ, ମାନସ ବେହେରା, ଆଲୋକ ବେହେରା, ଶ୍ରୀକାନ୍ତ ବାଦୀ, ମଣ୍ଟୁ ଦନ୍ତ, ଦୟାନିଧି ଭୋଇ, ତପନ ନାଥ, ପ୍ରଦିପ ପତି, ଦେବବ୍ରତ ବିଶ୍ୱାଳ, ଲକ୍ଷ୍ମନ ଭୋଇ, ଭକ୍ତ ସାହୁ, ଗୌର ପ୍ରଧାନ, ପିପିନ ନାୟକ, ଶେଷଦେବ ବେହେରା, ଉଦ୍ଧବ କୁଅଁର, ପିଣ୍ଟୁ ସେଠ୍, ମିଳନ ଭୋଇ, ପଦ୍ମଲୋଚନ ବେଲ, ପ୍ରଫୁଲ୍ଲ ମିର୍ଦ୍ଧା, ବସୁଦେବ ମହାନନ୍ଦ, ଗୁରୁଦେବ ହାତୀ, ଧନୁ ପଟେଲ, ସତ୍ୟବାନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ପଦଯାତ୍ରା ଓ ସଭାରେ ବହୁସଂଖ୍ୟକ ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ।

ବୁର୍ଲା ବୋର୍ଡ କଲୋନୀରେ ଚୋରି, ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧।୧୧ (ସମିସ) : ଗତକାଲି ୩୧ ତାରିଖ ରାତିରେ, ବୁର୍ଲାସ୍ଥିତ ବୋର୍ଡ କଲୋନୀର କ୍ୱାର୍ଟର ନଂ ଏଫ୍-୧୩/୦୫ରେ ଜଣେ ଦୁର୍ବୃତ୍ତ ଚୋରି କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତ ଶଙ୍କର ବିଶ୍ୱାଳ (୨୭)ଙ୍କୁ କାବୁ କରିଥିଲା ଏବଂ ତାଙ୍କ ନିକଟରୁ ଚୋରି ସାମଗ୍ରୀଗୁଡ଼ିକୁ ଜବତ କରିଥିଲା। ତନ୍ମଧ୍ୟରେ ଏଚ୍‌ପି ଲାପଟପ୍, ସାମସଙ୍ଗ ଲାପଟପ୍, ଏଚ୍‌ପି ପ୍ରିଣ୍ଟର, ଭାଇବ୍ରେଟର୍ ମେସିନ୍, ଇଣ୍ଡେନ୍ ଗ୍ୟାସ୍ ସିଲିଣ୍ଡର, ଷ୍ଟାବିଲାଇଜର୍, ସାଉଣ୍ଡ ସିଷ୍ଟମ୍, କଟର୍ ମେସିନ୍ ଆଦି ରହିଛି। ଏହାସହ ଅଭିଯୁକ୍ତଠାରୁ ନଗଦ ୯, ୬୪୫ ଟଙ୍କା ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି। ବୁର୍ଲା ଥାନାରେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକ ମାମଲା ରହିଥିବା ପୁଲିସ କହିଛି।

ମୋବାଇଲ ଓ ଟଙ୍କା ଲୁଟ୍, ୨ ଗିରଫ

ସମ୍ବଲପୁର, ୧।୧୧ (ସମିସ) : ବୁର୍ଲା ଥାନା ଅନ୍ତର୍ଗତ ସଦେଇପାଲି ଛକ ନିକଟରେ ଗତ ୩୦ ତାରିଖ ଅପରାହ୍ଣ ୫ଟା ୪୦ ମିନିଟ ସମୟରେ ଜଣେ ବ୍ୟକ୍ତି ଏକାକୀ ଛିଡ଼ା ହୋଇଥିଲେ। ସେହି ସମୟରେ ତିନିଜଣ ଦୁର୍ବୃତ୍ତ ଆସି ତାଙ୍କୁ ଘେରିଯାଇ ଛୁରୀ ଦେଖାଇ ଜୋରଜବରଦସ୍ତି ଟଙ୍କା ଗୁଗୁଲ୍‌ପେ'ରେ ପଠାଇବାପରେ ମୋବାଇଲ ଲୁଟ୍ କରି ନେଇଥିଲେ। ଏନେଇ ଅଭିଯୋଗ ପରେ ବୁର୍ଲା ଥାନା ପୁଲିସ ତଦନ୍ତ କରି ଅଭିଯୁକ୍ତ ମହାତାବ ନଗରର ଦୁବେଶ ଓରଫ୍ ପ୍ରେମ୍ କାଲେଟ୍ (୨୨) ଓ ସାଗର ଡୁଙ୍ଗରି ଓରଫ୍ କାଞ୍ଚା (୨୨)କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୫, ୫୦୦ ଟଙ୍କା ଏବଂ ଗୋଟିଏ ଆଇଫୋନ୍ ୧୬ ପ୍ଲସ୍ ଜବତ କରିଛି। ଗିରଫ ଉଭୟ ଅଭିଯୁକ୍ତଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି।

ବନ୍ଧୁକ ଜବତ; ଦୁଇ ଗିରଫ

ରେଢ଼ାଖୋଲ, ୧।୧୧ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଡ଼ଙ୍ଗଚା ପଞ୍ଚାୟତ ଅଧୀନ ତେରବେଡା ଓ ଗୋଗୁଆ ପଞ୍ଚାୟତ ଅଧୀନ ମୁଟ୍ରୁମୁଣ୍ଡା ଗ୍ରାମରୁ ରବିବାର ୨ ଦେଶୀ ଶିକାରୀ ବନ୍ଧୁକ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ରେଢ଼ାଖୋଲ ପୁଲିସ। ଅଭିଯୁକ୍ତମାନେ ହେଲେ ରେଢ଼ାଖୋଲ ଥାନା ଅଧୀନ ମୁଟ୍ରୁମୁଣ୍ଡା ଗ୍ରାମର ବାସିନ୍ଦା ସନ୍ତୋଷ ତିର୍କୀ(୪୦) ଓ ତେରବେଡା ଗ୍ରାମର ବାସିନ୍ଦା ଅରୁଣ ପ୍ରଧାନ(୪୬)। ସୂଚନା ଅନୁଯାୟୀ, ରେଢ଼ାଖୋଲ ପୁଲିସ ଖବର ପାଇ ପ୍ରଥମେ ମୁଟ୍ରୁମୁଣ୍ଡା ଗ୍ରାମର ସନ୍ତୋଷ ତିର୍କୀଙ୍କ ଘରେ ପହଞ୍ଚି ଯାଞ୍ଚ କରିଥିଲେ। ଅଭିଯୁକ୍ତଙ୍କ ଘରେ ଏକ ଦେଶୀ ଶିକାରୀ ବନ୍ଧୁକ ମିଳିଥିଲା। ଅଧିକ ତଦନ୍ତ ପରେ ଉକ୍ତ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ ତେରବେଡ଼ା ଗ୍ରାମର ଅରୁଣ ପ୍ରଧାନ ଘରେ ଶିକାରୀ ବନ୍ଧୁକ ଅଛି, ସେଠାରୁ ରେଢ଼ାଖୋଲ ପୋଲିସ ତେରବେଡା ଗ୍ରାମର ଅରୁଣଙ୍କ ଘରେ ପହଞ୍ଚି ଯାଞ୍ଚ କରିଥିଲେ। ଏଥିରେ ଅଭିଯୁକ୍ତଙ୍କ ଘରେ ଆଉ ଏକ ବେଆଇନ ଦେଶୀ ଶିକାରୀ ବନ୍ଧୁକ ମିଳିଥିଲା। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଥିବା ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି।

ଆଇଆଇଏମ୍ ଗ୍ରୁମିଂ କାର୍ଯ୍ୟକ୍ରମ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ



ସମ୍ବଲପୁର, ୧।୧୧ (ସମିସ) : ଶିକ୍ଷା ସହ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତାର ଜ୍ଞାନ ଆହରଣ କରି ଭବିଷ୍ୟତର ଆହ୍ୱାନକୁ ସାମ୍ନା କରିବାକୁ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଆଇଆଇଏମ୍ ସମ୍ବଲପୁର ଓ ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚତୁର୍ଥବର୍ଷର ଗ୍ରୁମିଂ କାର୍ଯ୍ୟକ୍ରମର ସମାବର୍ତ୍ତନ ଉତ୍ସବ ଆଜି ଆଇଆଇଏମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ହାଇସ୍କୁଲର ୫୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ତତ୍ତ୍ୱାବଧାନ ଏବଂ ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ନିରଞ୍ଜନ ସାହୁ ମୁଖ୍ୟଅତିଥି ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ବିଭୁ ପତି ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଜୟସ୍ୱାଲ କହିଲେ ଯେ, ଏହି କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାର୍ଥୀମାନେ ଆଧୁନିକ ଶିକ୍ଷା ପଦ୍ଧତି ସହ ଯୋଡ଼ି ହେବାସହ ପ୍ରଯୁକ୍ତିବିଦ୍ୟା ଓ ଏଆଇ ଭଳି ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାର ସୁଯୋଗ ପାଇଛନ୍ତି। ଆୟୋଜକ ଅନୁଷ୍ଠାନ ପବ୍ଲିକ ଲାଇବ୍ରେରୀର ସଭ୍ୟସଚିବ ରଘୁନାଥ ମିଶ୍ର ସମ୍ବଲପୁର ଲାଇବ୍ରେରୀର କାର୍ଯ୍ୟଧାରା ଓ ଉପଲବ୍ଧି ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ. ସାହୁ କହିଥିଲେ, ନିରନ୍ତର ପରିଶ୍ରମ, ଧୈର୍ଯ୍ୟ ଓ ଅଧ୍ୟବସାୟ ହିଁ ସଫଳତାର ମୂଳମନ୍ତ୍ର। ଚରକ ଓ ସୁଶ୍ରୁତଙ୍କ ଜୀବନୀରୁ ମଧ୍ୟ ଶିକ୍ଷଣୀୟ ଉଦାହରଣ ଦେଇ ସେ ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିଥିଲେ। ଏହି ଅବସରରେ ୫୦ ଜଣ ଛାତ୍ରଛାତ୍ରୀଙ୍କ ସହ ସାଧନକର୍ମୀ (ରିସୋର୍ସ ପର୍ସନ୍) ଏବଂ ସ୍ୱେଚ୍ଛାକୃତ ଶିକ୍ଷାଦାନ କରିଥିବା ଆଇଆଇଏମ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶିକ୍ଷାର୍ଥୀ ହୁମାୟୁନ ମହାରଣା, ସୋମନାଥ ସାହାଣୀ, ଦୀପ୍ତିମୟୀ ସିଂ ଓ ସାଇ ପ୍ରୀତମ ନିଜ ଅନୁଭୂତି ବଖାଣିଥିଲେ। ଶେଷରେ ଆଇଆଇଏମ୍‌ର ପ୍ରଶାସନିକ ଅଧିକାରୀ ଅମୃତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟସ୍ତରୀୟ ଦୃଷ୍ଟିହୀନ ଓ ପାରା ଜୁଡୋ ପ୍ରତିଯୋଗିତା

ଯୋଗଦେବେ ସମ୍ବଲପୁରର ୧୬ ପ୍ରତିଯୋଗୀ

ସମ୍ବଲପୁର, ୧।୧୧ (ସମିସ) : ପାରାଦୀପର ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ଏବଂ ପାରା ଜୁଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୨୫୦ରୁ ୩୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସମ୍ବଲପୁର ଜିଲ୍ଲା ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ସମ୍ବଲପୁର ଜିଲ୍ଲାର ୧୬ ଜଣ ଭିନ୍ନକ୍ଷମ ପ୍ରତିଯୋଗୀ ଭାଗ ନେଉଛନ୍ତି। ସେମାନେ ପାରାଦୀପ ଯିବାପୂର୍ବରୁ ସେମାନଙ୍କୁ ଲକ୍ଷ୍ମୀଟକିଜ ଛକଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସମ୍ପାଦକ ଜିତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ଥାନାଧିକାରୀ ଆନ୍ନା ମିଞ୍ଜ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ସମାଜସେବୀ ଦିଲୀପ ଦୁରିଆ, ଲକ୍ଷ୍ମଣ ମେହେର, ପ୍ରଦୀପ ଦାଶ, ସଙ୍ଗୀତା ପ୍ରଧାନ, ସୁଷମା ସାହୁ, ଚକ୍ରଧର ଦାସ, ସୁଧୀର ପଣ୍ଡା ପ୍ରମୁଖ ଖେଳାଳି ମାନଙ୍କୁ ଶୁଭକାମନା ଜଣାଇଥିଲେ। କୋଚ୍‌ଭାବେ ଇଶାନ ପ୍ରଧାନ, ଆୟୁଷ୍ମାନ ଉଜ୍ଜଳ ଦାସ, ରାଜେଶ ନାୟକ, ଶୁଭଜିତ ହଳଧର ରହିଛନ୍ତି। ସୂଚନାଯୋଗ୍ୟ ଯେ, ଦିବ୍ୟାଙ୍ଗ ପ୍ରତିଭାମାନଙ୍କୁ ସାମ୍ନାକୁ ଆଣିବାର ଏହା ଏକ ପ୍ରୟାସ। ଏହି ଜୁଡୋ ଚାମ୍ପିଅନସିପ୍ ମାଧ୍ୟମରେ ଦୃଷ୍ଟିହୀନ ଏବଂ ପାରା ଆଥଲେଟ୍‌ମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ମିଳିପାରିବ ବୋଲି ଆଶାପ୍ରକାଶ କରାଯାଇଛି।

ସାଇ ଶିକ୍ଷା ପରିଷଦ ପକ୍ଷରୁ ଅଡିସନ ରାଉଣ୍ଡ



ସମ୍ବଲପୁର, ୧।୧୧ (ସମିସ) : ସାଇ ଶିକ୍ଷା ପରିଷଦ ପକ୍ଷରୁ ଜାତୀୟ ସ୍ତରୀୟ ଲିଟିଲ ମିସ ଓ ମାଷ୍ଟର ତଥା ମିସ ଓ ମିଷ୍ଟର ଟିନ ପ୍ରତିଯୋଗିତା ପାଇଁ ଅଡିସନ ରାଉଣ୍ଡ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କଲୋନୀସ୍ଥିତ ସାଇ ଶିକ୍ଷା ପରିଷଦର ନିଜସ୍ୱ ଭବନରେ ଇଂ. ସୁଶାନ୍ତ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ଅଡିସନରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଥିଲେ। ଛୋଟ ଛୋଟ ପିଲାମାନଙ୍କର ଉତ୍କୃଷ୍ଟ ପ୍ରସ୍ତୁତି ଯୋଗୁଁ ଚୟନ କରିବା ବିଚାରକମାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିଅମରେ ଏହି ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅଡିସନ କାର୍ଯ୍ୟକ୍ରମରେ ଗୁରୁ ଅସୀମ ପ୍ରଧାନ, ରାଣୀ ଦାଶ ଓ ହେମନ୍ତ ପ୍ରଧାନ ବିଚାରକ ଭାବରେ ଦାୟିତ୍ୱ ନିର୍ବାହ କରିଥିବାବେଳେ ନନ୍ଦ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଗୁରୁ ତ୍ରିଲୋଚନ ତ୍ରିପାଠୀ ସମସ୍ତ ବିଚାରକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତର୍ପଣ ପ୍ରଧାନ, ପାୟଲ ଭୋଇ, ଭୋଲା ମହନ୍ତମ, ସୀମା ଷଣ୍ଢ, ସୋମନାଥ ଜାଲ, ଉମେଶ ମାଝୀ, ଜିତମନ୍ୟୁ ନାଏକ, ସରୋଜ ମିଶ୍ର, ସ୍ୱୟଂଜୀତ ପଟ୍ଟନାୟକ, ଚନ୍ଦ୍ରକାନ୍ତ ଭୋଇ, ରାଜକୁମାର ଜାଲ ତଥା ହମ୍ପଟି ଡମ୍ପଟିର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ କଳାକାର ଦଳ ଚୟନ ଶିବିରରେ ଅବ୍ୟବସ୍ଥା

କଳାକାରଙ୍କୁ ପାଣି ଟୋପାଏ ମିଳିଲାନି

ସମ୍ବଲପୁର, ୧।୧୧ (ସମିସ) : ଲୋକ କଳାକାର, ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ଲୋକକଳା ପ୍ରଦର୍ଶନ କରିଆସୁଛନ୍ତି, ସେମାନଙ୍କୁ ମଧ୍ୟ ଆଜି ‘ତପସ୍ୱିନୀ’ ମଞ୍ଚରେ କଳା ପ୍ରଦର୍ଶନ କରିବାକୁ ପଡ଼ିଛି। ପରୀକ୍ଷା ଦେବାକୁ ପଡ଼ିଛି। ସମ୍ବଲପୁରର ଦୂରଦୂରାନ୍ତ ବ୍ଲକ ମାନଙ୍କରୁ କଳାକାର ଦଳ ଗୁଡ଼ିକ ୧୦ରୁ ୧୫ ହଜାର ଟଙ୍କା ଖର୍ଚ୍ଚ କରି ଏଥିପାଇଁ ଆଜି ସମ୍ବଲପୁରକୁ ଆସିଥିଲେ। ତେବେ, ସେମାନଙ୍କୁ ଗସ୍ତଖର୍ଚ୍ଚ, ଖାଦ୍ୟ ତ ଦୂରର କଥା, ପାଣି ଟୋପାଏ ପିଇବାକୁ ଦେଲେନାହିଁ। ଜିଲ୍ଲା ସଂସ୍କୃତି ବିଭାଗର ଚୟନ ଶିବର ଆୟୋଜନରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ କଳାକାରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି ଆସି ମଞ୍ଚରେ ପ୍ରଦର୍ଶନ କରି ପରୀକ୍ଷା ଦେବାକୁ କୁହାଯାଇଥିବାବେଳେ ସେମାନଙ୍କ ସୁବିଧା ଅସୁବିଧାକୁ ଅଣଦେଖା କରାଯାଇଥିଲା। ଜିଲ୍ଲାରେ କଳାକାରମାନେ ଆର୍ଥିକ ଦୁର୍ବଳ ସ୍ଥିତିରେ ଥିବାବେଳେ ନିତିଦିନ ଚଳିବା ପାଇଁ ବିଭିନ୍ନ କାମ କରିଥାନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ଡାକି ଦେଇ ଏଭଳି ବ୍ୟବହାରକୁ ନେଇ ସମ୍ବଲପୁରର କଳାପ୍ରେମୀ ଓ ସଚେତନ ମହଲରେ ତୀବ୍ର ନିନ୍ଦା କରାଯାଉଛି। ଏନେଇ କଳାକାରମାନେ ଗଣମାଧ୍ୟମରେ ଅଭିଯୋଗ କଲାପରେ ଅପରାହ୍ଣ ୧ଟାବେଳେ ଆୟୋଜକମାନେ କିଛି ଦଳକୁ ପାଣି ଓ ବିସ୍କୁଟ ପ୍ରଦାନ କରିଥିବା ସୂଚନା ମିଳିଛି।

ଜିଲ୍ଲା ପ୍ରେକ୍ଷାଳୟ ‘ତପସ୍ୱିନୀ’ଠାରେ ଆଜି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ‘ଆମ କଳାକାର’ ସମ୍ବଲପୁର ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିବାକୁ



କଳାକାର ଦଳ ଗୁଡ଼ିକର ଏକ ୩-ମିନିଟ୍ ପରୀକ୍ଷା ନିଆଯାଇଥିଲା। ବିଚାରକ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ନାଟ୍ୟକାର ଡଃ ଦ୍ୱାରିକା ନାଥ ନାୟକ ଓ ଗବେଷକ ଡଃ ଶ୍ୟାମ ସୁନ୍ଦର ଧର ଯୋଗ ଦେଇଥିଲେ। ଗତ ୩୦ରୁ ୪୦ ବର୍ଷ କିମ୍ବା ଅଧିକ ସମୟ ଧରି ଲୋକକଳା ପ୍ରଦର୍ଶନ କରୁଥିବା କଳାକାର / ସାଂସ୍କୃତିକ ଦଳ ଗୁଡ଼ିକ ପ୍ରବୀଣ, ଅଭିଜ୍ଞ ଓ ନୂତନ ଦଳ ସମସ୍ତେ ଏହି ପରୀକ୍ଷା ଦେବାକୁ ଆସିଥିଲେ। ସମ୍ବଲପୁରୀ ନୃତ୍ୟ ଦଳରୁ ଆରମ୍ଭ କରି ପାଲା, ଦାସକାଠିଆ, କୃଷ୍ଣଗୁରୁ, କିସାନ ନୃତ୍ୟ, ଖଡ଼ିଆ ନୃତ୍ୟ, କରମା ନୃତ୍ୟ, ଦଣ୍ଡ ନୃତ୍ୟ, କୀର୍ତ୍ତନ, ଭାଗବତ ଦଳ ପ୍ରମୁଖ ଯୋଗ ଦେଇଥିଲେ। ବାହାରୁ ଆସିଥିବା ଲୋକ କଳାକାର ମାନଙ୍କ ପାଇଁ ଖାଦ୍ୟ ଓ ପିଇବା ପାଣି ଆଦି ବ୍ୟବସ୍ଥା ନଥିବାବେଳେ ଯିବାଆସିବା ଖର୍ଚ୍ଚ ବ୍ୟବସ୍ଥା କରାଯାଇ ନଥିଲା। ଏହାସହ ବିଚାରକମାନଙ୍କ ପାଖରେ ମାଇକ୍ (ଡାକବାଜି ଯନ୍ତ୍ର) ଥିବାବେଳେ କଳାକାର ଦଳ ଗୁଡ଼ିକୁ ସେଭଳି ସୁବିଧା ଦିଆଯାଇ ନଥିଲା। ସମ୍ବଲପୁର ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ଶତାଧିକ କିଲୋମିଟର ଦୂରରୁ ପରିଣତ ବୟସରେ ମଧ୍ୟ କଳାକାରମାନେ ସେମାନଙ୍କ ଦଳ ସହ ଆସିଥିଲେ। ଏତେଦୂରରୁ ବହୁସଂଖ୍ୟକ କଳାକାର ଦଳକୁ ଡାକିଦେଇ ଆୟୋଜନ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଲୋକ କଳାକାର ମାନଙ୍କୁ ହେୟଜ୍ଞାନ କରାଯିବାସହ କଳାକୁ ଆଦୃତି ମିଳୁନାହିଁ। କେବଳ ସେମାନଙ୍କୁ ନୁହେଁ, ଏହାଦ୍ୱାରା ଲୋକକଳାକୁ ଅସମ୍ମାନ କରାଯାଇଛି ବୋଲି କଳାକାର ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ମତାମତ ମିଳିପାରିନାହିଁ।


ଭିସୁଟ୍‌ରେ ‘ଇଭି ସକ୍ଷମ’ କର୍ମଶାଳାର ଶୁଭାରମ୍ଭ



ସମ୍ବଲପୁର, ୧।୧୧ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଛାତ୍ର ଅଟୋମୋବାଇଲ୍ କ୍ଲବ୍ ‘ଟିମ୍ ଭିର୍ସ୍ ରେସିଂ’ ନିଜର ବୈଷୟିକ ଉଦ୍ଭାବନ ଓ ବ୍ୟବହାରିକ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। ‘କ୍ୟାପାବଲ୍ ଇଣ୍ଡିଆ’ ସହ ମିଳିତ ସହଯୋଗରେ ଟିମ୍ ପକ୍ଷରୁ ଗତ ୩୦ରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ୧୦ଦିନିଆ ବୈଦ୍ୟୁତିକ ଯାନ ନିର୍ମାଣ କର୍ମଶାଳା ‘ଇଭି ସକ୍ଷମ’ର ଆୟୋଜନ କରାଯାଉଛି। ଏହି ପଦକ୍ଷେପ ବୈଦ୍ୟୁତିକ ଯାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଓ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ ଶିଳ୍ପକ୍ଷେତ୍ରରେ ବ୍ୟବହାରିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଛାତ୍ର କଲ୍ୟାଣ ଡିନ୍ ଏବଂ ଟିମ୍ ଭିର୍ସ୍ ରେସିଂର ଅଧ୍ୟାପକ ପରାମର୍ଶଦାତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ୧୦ଦିନିଆ କର୍ମଶାଳାରେ ଛାତ୍ରଛାତ୍ରୀମାନେ ଆଧୁନିକ ଏଟିଭି ଶୈଳୀର ବୈଦ୍ୟୁତିକ ରେସିଂ ଯାନ ଆରମ୍ଭରୁ ନିର୍ମାଣ କରିବାର ସୁଯୋଗ ପାଇବେ। ଏହି ଅବଧି ମଧ୍ୟରେ ମୋଟ୍ ୬ଟି ବୈଦ୍ୟୁତିକ ଯାନ ନିର୍ମାଣ କରିବାର ଲକ୍ଷ୍ୟ ରହିଛି। ପ୍ରଥମ ଦିନରେ ଯାନ ନିର୍ମାଣ ପ୍ରକ୍ରିୟା, ଯନ୍ତ୍ରପାତିର ବ୍ୟବହାର ଏବଂ କାର୍ଯ୍ୟଶାଳାରେ ଅନୁସରଣୀୟ ସୁରକ୍ଷା ନିୟମ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। ‘ଇଭି ସକ୍ଷମ’ କେବଳ ଏକ ବୈଷୟିକ କର୍ମଶାଳା ନୁହେଁ, ବରଂ ଶ୍ରେଣୀଗୃହର ତାତ୍ତ୍ୱିକ ଜ୍ଞାନକୁ ବାସ୍ତବକ୍ଷେତ୍ରରେ ପ୍ରୟୋଗ କରିବାର ଏକ ଉତ୍କୃଷ୍ଟ ମଞ୍ଚ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, ସୃଜନଶୀଳତା, ସମସ୍ୟା ସମାଧାନ କ୍ଷମତା ଓ ସାମୂହିକ କାର୍ଯ୍ୟଦକ୍ଷତା ବିକାଶରେ ସହାୟକ ହେବ।

ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲରେ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର

ରେଢାଖୋଲ, ୧।୧୧ (ସମିସ): ସିବିଏସଇ, ସେଣ୍ଟର ଅଫ୍ ଏକ୍ସଲେନ୍ସ ଆନୁକୂଲ୍ୟରେ ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରଭୁଜୀ ଇଂଲିଶ ମିଡିୟମ୍ ବିଦ୍ୟାଳୟ ବୃନ୍ଦାବନ ବିହାର ପରିସରରେ ଶିକ୍ଷକମାନଙ୍କ ପାଇଁ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ‘ହାପି କ୍ଲାସରୁମ୍’ ଶୀର୍ଷକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟର ପ୍ରାୟ




୫୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସଭାପତି ପ୍ରତିମା ତିୱାରୀଙ୍କ ତତ୍ତ୍ୱାବଧାନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିନୀତ କୁମାର ଡୋରା ଯୋଗଦେଇଥିଲେ। ବିଭିନ୍ନ କ୍ରିୟାକଳାପ, ଆଲୋଚନା ଏବଂ ବିଭିନ୍ନ କାର୍ଯ୍ୟକଳାପ ଓ ଅନୁଭୂତିର ଆଦାନପ୍ରଦାନ ମାଧ୍ୟମରେ ପ୍ରଶିକ୍ଷଣ ଶିବିର ଅଧିକ ଆକର୍ଷଣୀୟ ଓ ଫଳପ୍ରଦ ହୋଇଥିଲା। ଏଥିରେ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ଅଧ୍ୟକ୍ଷ ତଥା ଭେନ୍ୟୁ ଡାଇରେକ୍ଟର ଗଗନ ବିହାରୀ ସାହୁ ଯୋଗ ଦେଇଥିଲେ। ପ୍ରଣୟ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜୟ ମା’ ଗୁଏଲ ମୁଣ୍ଡିଏନ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଅଚ୍ୟୁତ ଇଲେଭେନ୍ ଚାମ୍ପିଅନ

ସମ୍ବଲପୁର, ୧।୧୧ (ସମିସ)

ଜୟ ମା’ ଗୁଏଲ ମୁଣ୍ଡିଏନ କୋଣାର୍କ ଯୁବକ ସଂଘ, ଗୁଏବେର୍ଣ୍ଣା ପକ୍ଷରୁ ଆୟୋଜିତ ୭ମ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଚ୍ୟୁତ ଇଲେଭେନ୍ ଦଳ ଚାମ୍ପିୟନ ହୋଇଛି। ଜୟନ୍ତପୁର ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କେବିଏଫ୍‌ସି ଦଳ ଓ ଅଚ୍ୟୁତ ଇଲେଭେନ୍ ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ସମାନ ଗୋଲ୍ କରିବାରୁ ମ୍ୟାଚ୍ ଡ୍ର ରହିଥିଲା। ଫଳରେ ଖେଳର ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଅଚ୍ୟୁତ ଇଲେଭେନ ଦଳ ୮-୭ ଗୋଲ୍‌ରେ କେବିଏଫ୍‌ସି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏହା ପୂର୍ବରୁ ପ୍ରଥମ ସେମିଫାଇନାଲରେ କେବିଏଫ୍‌ସି ଦଳ ବନଦୁର୍ଗା ଏଫ୍‌ସିକୁ ପରାସ୍ତ କରିଥିବାବେଳେ ଅଚ୍ୟୁତ ଇଲେଭେନ ଦଳ କବରାପାଲି ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗଣେଶ ତଣ୍ଡିଆ, ନାଏବ ସରପଞ୍ଚ ଲଳିତ ପ୍ରଧାନ, ଯୁବ ସମାଜସେବୀ ଆଶୁତୋଷ ସ୍ୱାଇଁ, ସାମ୍ବାଦିକ ସରୋଜ ସାହୁ ଓ ସାମ୍ବାଦିକ ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା



ଅଚ୍ୟୁତ ଇଲେଭେନ ଦଳକୁ ୩୧ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା କେବିଏଫ୍‌ସି ଦଳକୁ ୨୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ପରେଶ ମିର୍ଦ୍ଧା, ଦେବାନନ୍ଦ ମିର୍ଦ୍ଧା, ଲୁଲୁ ମୁଣ୍ଡା, ବିନୟ ଓରାମ ଓ ରାଜାରାମ ଓରାମ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଜଗଦୀଶ ଓରାମ ଧାରାବିବରଣୀ ପ୍ରଦାନ କରିଥିଲେ। କୋଣାର୍କ ଯୁବକ ସଂଘର ସଭାପତି ନରୋତ୍ତମ ପ୍ରଧାନ ଓ ସମ୍ପାଦକ ଜିତୁ ପ୍ରଧାନଙ୍କ ନେତୃତ୍ୱରେ ଅଚ୍ୟୁତ ମାଝୀ, ଦୀପକ ମାଝୀ, କିରଣ ମାଝୀ, ରମେଶ ମାଝୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଭୁବନେଶ୍ୱର ସିଟି

ଜଗନ୍ନାଥପୁର ପଞ୍ଚାୟତର ବିଜେଡି କର୍ମୀ ସମ୍ମିଳନୀ

ବାଲିଅନ୍ତା,୧।୧୧(ସମିସ)



ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଜି ବାଲିଅନ୍ତା ବ୍ଲକ ବିଜେଡି ସଂଗଠନର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ସ୍ଥାନୀୟ ମୁରବି ଯୁଧିଷ୍ଠିର ପରିଜା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ସୋଲାର ମିଶ୍ର ମୁଖ୍ୟଅତିଥି, ନିର୍ବାଚନମଣ୍ଡଳୀ ସମନ୍ୱୟ କମିଟି ସଦସ୍ୟ ବିଜୟ କୁମାର ନାୟକ (ବୁଟୁ), ବାଲିଅନ୍ତା ବ୍ଲକ ବିଜେଡି ସଭାପତି ତ୍ରୈଲୋକ୍ୟ ମଙ୍ଗରାଜ, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୂର୍ଯ୍ୟ ନାରାୟଣ ଦାସ, ବିଜୟ ନାଥ, ରବି ନାରାୟଣ ପାତ୍ର, ବାମନ ଭୋଇ ଏବଂ ଯୁବ ସଭାପତି ରାଜେଶ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ୱାର୍ଡ ଏବଂ ବୁଥସ୍ତରରେ ସଂଗଠନକୁ ମଜଭୁତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବୁଥ ସ୍ତରରେ ଦଳୀୟ କର୍ମୀଙ୍କ ସମେତ, ଯୁବବର୍ଗ, ମହିଳାମଣ୍ଡଳ ଏବଂ ପୁରୁଖା ନେତାଙ୍କୁ ସଂଗଠିତ କରିବା ନେଇ ରାଜ୍ୟ ସମ୍ପାଦକ ଶ୍ରୀ ମିଶ୍ର ଏବଂ ବ୍ଲକ ସଭାପତି ଶ୍ରୀ ମଙ୍ଗରାଜ ଗୁରୁତ୍ୱାରୋପ କରିଥିଲେ। ପ୍ରତି ୱାର୍ଡ ସ୍ତରୀୟ କମିଟି ସହାୟତାରେ ଲୋକଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ସମାଧାନ ନେଇ ପ୍ରଶାସନିକସ୍ତରରେ କାର୍ଯ୍ୟ କରିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ପଞ୍ଚାୟତ ସଭାପତି ନାରାୟଣ ମହାନ୍ତିଙ୍କ ସମେତ ବରିଷ୍ଠ ନେତା ସନାତନ ପରିଜା ଏବଂ ନିଗମା ନନ୍ଦ ଦାଶ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ କ୍ଷ ବୈଠକରେ ପୁରୁଖା ନେତା ଶେଖ ଜହର ଅଲ୍ଲୀଙ୍କ ସମେତ ଗ୍ରାମ ପଞ୍ଚାୟତର ବହୁ କର୍ମୀ ଏବଂ ସମର୍ଥକ ଉପସ୍ଥିତ ଥିଲେ।

ନୀଳଚକ୍ର କ୍ଲବ୍‌ର ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ନନ୍ଦନକାନନ,୧।୧୧(ସମିସ): ପଟିଆଗଡ଼ ବ୍ରାହ୍ମଣସାହି ନୀଳଚକ୍ର କ୍ଲବ ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ନିକଟରେ ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ବେଶ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡା, ପଟିଆ ଗ୍ରାମ ମଙ୍ଗଳ ସମିତି ସଭାପତି ଚିତ୍ତରଞ୍ଜନ ପାତ୍ର, ସମ୍ପାଦକ ହିମାଂଶୁ ଶେଖର ଦାସ ଯୋଗଦେଇଥିଲେ। ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ତରା ଚକ୍ରବର୍ତ୍ତୀ, ଭଜନ ସାରେଗାମାପା ସଂଗୀତ ପରିବେଷଣ କରିଥିଲା ବେଳେ ବିଭିନ୍ନ ସ୍କୁଲର ପ୍ରାୟ ୬୦ଜଣ ହେବେ ଛାତ୍ରଛାତ୍ରୀ ଲିଟିଲ ଡାନ୍ସ କାର୍ଯ୍ୟକ୍ରମରେ ଭାଗନେଇ ସୁନ୍ଦର କଳା ପରିବେଷଣ କରିଥିଲେ। ସମସ୍ତଙ୍କୁ ଯୋଗଦେଇଥିବାର ସାର୍ଟିଫିକେଟ ଦିଆଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଲିଟିଲ ଡାନ୍ସ କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ମନୋରଞ୍ଜନ ଜେନା, ଅନ୍ନଦା ପ୍ରସାଦ ରାୟ, ସତୀଶ ଚନ୍ଦ୍ର ତ୍ରିପାଠୀ ରହିଥିଲେ। ନୀଳଚକ୍ର କ୍ଲବର ସଭାପତି ବିଶ୍ୱଜିତ ଜେନା, ସମ୍ପାଦକ ମନୋରଞ୍ଜନ ଜେନା ଓ ସମସ୍ତ ସଦସ୍ୟମାନେ ଏହାକୁ ସଫଳ ପରିଚାଳନା କରିଥିଲେ।

ସାମ୍ବାଦିକଙ୍କ ସମସ୍ୟା ଜାତୀୟ ସ୍ତରରେ ଉଠାଇବି: ପ୍ରସନ୍ନ ମହାନ୍ତି

ଭୁବନେଶ୍ୱର,୧।୧୧(ସମିସ)

ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ଦ୍ୱିତୀୟଥର ପାଇଁ ମନୋନୀତ



ହୋଇଥିବା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତିଙ୍କୁ ରବିବାର ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭୁବନେଶ୍ୱରସ୍ଥିତ ଓୟୁଜେ ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନର ଉପସଭାପତି ସନ୍ତୋଷ ସିଂଦେଓ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅଭୟ ପତି, ଲିଗାଲ ସେଲ ଅଧ୍ୟକ୍ଷ ରାଜୀବ ମହାନ୍ତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଆଦିତ୍ୟ ମେକାପ, କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଅଶୋକ ନନ୍ଦ, ଜାତୀୟ

- ଓଡ଼ିଶା ପ୍ରେସ୍ ଆକ୍ରିଡିଟେସନ୍ କମିଟିର ପୁନର୍ଗଠନ ପାଇଁ ଦାବି
- ଦୁଇ ମାସ ମଧ୍ୟରେ ଗଠନ ପାଇଁ ପିସିଆଇର ନିର୍ଦ୍ଦେଶ

କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ, ସମ୍ପାଦକ ଦେବପ୍ରସାଦ ଦାଶ, ବରିଷ୍ଠ କର୍ମକର୍ତ୍ତା, ଜିଲ୍ଲା ସଭାପତି ଏବଂ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଏମ୍ସ ଭୁବନେଶ୍ୱରରେ ଓଡ଼ିଶା ଅକୁପେସନାଲ୍ ଥେରାପିଷ୍ଟ ସମ୍ମିଳନୀ 'ଓଟକନ୍-୨୦୨୬'

ଭୁବନେଶ୍ୱର,୧।୧୧(ସମିସ)



ସ୍ୱାସ୍ଥ୍ୟ ଓ ପୁନର୍ବାସ ବ୍ୟବସ୍ଥାରେ ଅକୁପେସନାଲ୍ ଥେରାପିର ଗୁରୁତ୍ୱ ଉପରେ ଆଲୋକପାତ

ଅଲ୍ ଇଣ୍ଡିଆ ଅକୁପେସନାଲ୍ ଥେରାପିଷ୍ଟସ୍ ଆସୋସିଏସନ୍ (ଏଆଇଓଟିଏ) ସହ ଅନୁବନ୍ଧିତ ଓଡ଼ିଶା ଶାଖା ତଥା ଓବିଏଆଇଓ ଟିଏ ପକ୍ଷରୁ ରବିବାର ଏମ୍ସ ଭୁବନେଶ୍ୱରର ମୁଖ୍ୟ ଅଡିଟୋରିୟମରେ ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ 'ଓଟକନ୍-୨୦୨୬' ଅନୁଷ୍ଠିତ ହୋଇଛି। ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ 'ରିଷ୍ଟୋର, ରିହାବିଲିଟେଟ ଆଣ୍ଡ ରିକନେକ୍ଟ: ଅକୁପେସନୋଲ ଥେରାପି ଏନାବ୍ଲିଙ୍ଗ ଲାଇଫ ବେଅଣ୍ଡ ଲିମିଟେସନ' ଶୀର୍ଷକରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ତଥା ଦେଶରତୃଣମୂଳ ସ୍ତରରେ ଅକୁପେସନାଲ୍ ଥେରାପିର ସମ୍ପ୍ରସାରଣ ଉପରେ ସେ ଗୁରୁତ୍ୱାରୋପ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି ଏବଂ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ତଥା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ଉପସ୍ଥିତ ଥିଲେ। ପରେ ପରେ ସାଇଣ୍ଟିଫିକ୍ ପୋଷ୍ଟର ପ୍ରଦର୍ଶନୀ ଉଦ୍‌ଘାଟନ ହୋଇଥିଲା। ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟସେବାର ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟକ ସ୍ତରରେ ଅକୁପେସନାଲ୍ ଥେରାପିକୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା, ଯାହା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ନିକଟବର୍ତ୍ତୀ ଅଞ୍ଚଳରେ ଉନ୍ନତ ପୁନର୍ବାସ ସେବା ପାଇପାରିବେ। ଏହା ବ୍ୟତୀତ ସ୍ନାୟୁଗତ ପୁନର୍ବାସ, ମାନସିକ ରୋଗ ଏବଂ ଉପଶମକାରୀ ଚିକିତ୍ସା ସମ୍ପର୍କିତ ବିଭିନ୍ନ ବୈଜ୍ଞାନିକ ଓ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶେଷରେ 'ଓଟକନ-୨୦୨୬'ର ସଂଗଠନ ସମ୍ପାଦକ ଡା. ଦେବାଶିଷ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

କବି ପ୍ରସନ୍ନ କୁମାର ମହାନ୍ତିଙ୍କୁ 'ଏକା ଏକା' କବିତା ସମ୍ମାନ



ଭୁବନେଶ୍ୱର,୧।୧୧(ସମିସ): ସାହିତ୍ୟ ପତ୍ରିକା 'ଏକା ଏକା' ଆନୁକୂଲ୍ୟରେ ଅନୁଷ୍ଠିତ କାବ୍ୟୋତ୍ସବରେ କବି ପ୍ରସନ୍ନ କୁମାର ମହାନ୍ତିଙ୍କୁ 'ଏକା ଏକା' କବିତା ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ 'ଏକା ଏକା'ର ପ୍ରତିଷ୍ଠାତା ସମ୍ପାଦକ ଡ. ହିମାଂଶୁ ପଟ୍ଟନାୟକ ପୌରୋହିତ୍ୟ କରିଥିବାବେଳେ ପ୍ରସିଦ୍ଧ କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର, କଥାକାର ଜ୍ୟୋତି ନନ୍ଦ ଯୋଗଦେଇ 'ଏକା ଏକା' ପତ୍ରିକାର ସଫଳ ଯାତ୍ରା କାମନା କରିବା ସହ ପୁରସ୍କାର ପ୍ରାପକ ଶ୍ରୀ ମହାନ୍ତିଙ୍କ ଉଜ୍ଜ୍ୱଳ ସାରସ୍ୱତ ଭବିଷ୍ୟତ କାମନା କରିଛନ୍ତି। କାର୍ଯ୍ୟକ୍ରମରେ 'ଏକା ଏକା' ପତ୍ରିକାର ନୂତନ ସଂସ୍କରଣ ଲୋକାର୍ପିତ ହୋଇଥିଲା। ଆୟୋଜିତ ବନ୍ଧୁମିଳନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରସନ୍ନ ମହାନ୍ତି, ଇପ୍‌ସିତା ଷଡ଼ଙ୍ଗୀ, ଅଶୋକ କୁମାର ସିଂହ, ବାଦଲ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। 'ଏକା ଏକା' ପତ୍ରିକା ପକ୍ଷରୁ ସଦସ୍ୟ ଆଭାସ ବରାଳ ଓ ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆମ ସେବା ପରିବାର ଟ୍ରଷ୍ଟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧।୧୧(ସମିସ): ଅସହାୟ ଓ ନିଷ୍ପେସିତ ରୋଗୀଙ୍କ ସେବାରେ ନିୟୋଜିତ 'ଆମ ସେବା ପରିବାର ଟ୍ରଷ୍ଟ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ବୃଦ୍ଧ ମନ୍ଦିର ଅଡିଟୋରିୟମ୍‌ରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରବୀଣ ଚନ୍ଦ୍ର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ ରେଡକ୍ରସ କଟକର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ଦାସ, ଏସ୍‌ସିବି ମେଡିକାଲ କଲେଜର ନ୍ୟୁରୋ ସାଇକିଆଟ୍ରିଷ୍ଟ ଡ. ରତିରଞ୍ଜନ ସେଠୀ, ନାଲ୍‌କୋର ପୂର୍ବତନ ଡିଜିଏମ୍ ସୁଦୀପ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ରକ୍ତଦାନ, ମାନବସେବା ଓ ଅସହାୟଙ୍କୁ ସହଯୋଗର ମହତ୍ତ୍ୱ ଉପରେ ମତ ରଖି ଟ୍ରଷ୍ଟର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜସେବା, ରକ୍ତଦାନ ଓ ମାନବକଲ୍ୟାଣ କ୍ଷେତ୍ରରେ ଅବଦାନ ରଖିଥିବା ବିଭିନ୍ନ ସଂଗଠନ ଓ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଦୀର୍ଘ ୩ ବର୍ଷ ଧରି ଅସହାୟ ରୋଗୀଙ୍କୁ ରକ୍ତ ଯୋଗାଣ, ଜରୁରୀକାଳୀନ ଚିକିତ୍ସା ସହାୟତା, ଆର୍ଥିକ ସହଯୋଗ ଓ ଖାଦ୍ୟ ବଣ୍ଟନ ଭଳି ସେବା କାର୍ଯ୍ୟ ଜାରି ରହିଛି। ଆଗାମୀ ଦିନରେ ଅଧିକ ଅସହାୟ ରୋଗୀଙ୍କ ନିକଟରେ ପହଞ୍ଚିବାକୁ ଟ୍ରଷ୍ଟ ସଂକଳ୍ପ ନେଇଛି। ସଭାପତି ସୌରଭ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ପ୍ରଭାତ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

ବନ୍ୟା କ୍ଷତିଗ୍ରସ୍ତ ଗଞ୍ଜାମର ପୁନର୍ଗଠନ ଦାବି

ବ୍ରହ୍ମପୁର, ୧।୧୧(ସମିସ)

ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଗଞ୍ଜାମ ଜିଲ୍ଲାର ପୁନର୍ଗଠନ ପାଇଁ ଜିଲ୍ଲା ପୁନର୍ନିର୍ମାଣ କର୍ତ୍ତୃପକ୍ଷ ଗଠନ କରିବାକୁ ଲୋକଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା ଦାବି କରିଛନ୍ତି। ସେ କହିଛନ୍ତି ବନ୍ୟାରେ ଜିଲ୍ଲାର ଦୁଇ ତୃତୀୟାଂଶ ଚାଷଜମି, ଘରର ସାମଗ୍ରୀ, ଦୋକାନବଜାର ଏବଂ ରାସ୍ତାଘାଟ ବ୍ୟାପକ ଭାବେ ନଷ୍ଟ ହୋଇଛି। ତେଣୁ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ନ୍ୟାୟୋଚିତ କ୍ଷତିପୂରଣ ସହ ଆର୍ଥିକ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଉ। ଏଥିସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁନର୍ନିର୍ମାଣ କାର୍ଯ୍ୟ ସାରିବାକୁ ଅଥରିଟି ଗଠନ କରିବା ଆବଶ୍ୟକ। ବନ୍ୟାର କାରଣ ସମ୍ପର୍କରେ ସେ କହିଛନ୍ତି, ନଦୀରୁ ବ୍ୟାପକ ବାଲି ଉତ୍ତୋଳନ ଯୋଗୁଁ ନଦୀଗର୍ଭରେ ଗଭୀର ଖାଲ ସୃଷ୍ଟି ହୋଇଛି। ଏଥିସହ ନଦୀ ଭିତରେ ଗଛଲତା ଓ ବାଲି ମାଫିଆଙ୍କ ଦ୍ୱାରା ଜମା ହୋଇଥିବା ବାଲି ପାହାଡ଼ ଜଳପ୍ରବାହର ଦିଗ ପରିବର୍ତ୍ତନ କରିଛି। ଫଳରେ ବିଭିନ୍ନ ସ୍ଥାନରେ ନଦୀବନ୍ଧ ଭାଙ୍ଗି ଗାଁ ଗାଁରେ ବନ୍ୟାଜଳ

ବାଲି ଚୋରି ବନ୍ଦ ସହ ନଦୀର ପୁନରୁଦ୍ଧାର ଓ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଦାବି

ପ୍ରବେଶ କରିଛି। ତେଣୁ ବାଲି ଚୋରି ବନ୍ଦ କରିବା ସହ ନଦୀଗର୍ଭରୁ ଗଛଲତା ସଫା କରିବା ଏବଂ ନଦୀ ଉଭୟ ପାର୍ଶ୍ୱରେ ବୃକ୍ଷରୋପଣକୁ ପୁନରୁଦ୍ଧାର ଯୋଜନାରେ ସାମିଲ କରିବାକୁ ସେ ନିବେଦନ କରିଛନ୍ତି। ଋଷିକୁଲ୍ୟା ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ରାଜସ୍ୱ ମନ୍ତ୍ରୀ ଡ୍ୟାମ୍ ନିର୍ମାଣ ସମ୍ପର୍କରେ ଦେଇଥିବା ମତକୁ ଶ୍ରୀ ସାମନ୍ତରା ଭୁଲ୍ ବୋଲି କହିଛନ୍ତି। ପିପଳପଙ୍କାଠାରେ ଡ୍ୟାମ୍ ନିର୍ମାଣ ହୋଇଥିଲେ ବାତ୍ୟା ପୂର୍ବରୁ ଏଥିରେ ପାଣି ଭର୍ତ୍ତି ରହିଥାନ୍ତା। ପରେ ଜଳସ୍ତର ବୃଦ୍ଧି ପାଇଲେ ଗେଟ୍ ଖୋଲିବାକୁ ପଡ଼ିଥାନ୍ତା କିମ୍ବା ବନ୍ଧ ଭାଙ୍ଗିବାର ଆଶଙ୍କା ରହିଥାନ୍ତା। ଏହାଦ୍ୱାରା ବିପର୍ଯ୍ୟୟ ଦଶଗୁଣ ବଢ଼ିଥାନ୍ତା ବୋଲି ସେ ମତ ଦେଇଛନ୍ତି। ଡ୍ୟାମ୍ ନିର୍ମାଣ ହେଲେ ବର୍ଷର ଆଠ ମାସ ନଦୀର ଜଳପ୍ରବାହ ବନ୍ଦ ହୋଇ ନଦୀ ମୃତପ୍ରାୟ ହୋଇଯିବ ବୋଲି ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ଅଚାନକ ବନ୍ୟାର ପ୍ରତିକାର ନାମରେ ନଦୀକୁ ନଷ୍ଟ ନକରି ପ୍ରଥମେ ବାଲି ଚୋରି ବନ୍ଦ, ନଦୀଗର୍ଭରୁ ଗଛଲତା ସଫା ଏବଂ ନଦୀବନ୍ଧର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ପ୍ରଫୁଲ୍ଲ ସାମନ୍ତରା ଦାବି କରିଛନ୍ତି।

'ଆଇରନମଙ୍କ' ଟ୍ୱିନ୍‌ସିଟି ମାରାଥନ ଜିତିଲେ ଦୀପୁ, ମାମିନା



ଭୁବନେଶ୍ୱର,୧।୧୧ (ସମିସ): 'ଆଇରନ୍‌ମଙ୍କ' ଭୁବନେଶ୍ୱର-କଟକ ଟ୍ୱିନ ସିଟି ମାରାଥନ ରବିବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରଥମ ଏଆଇଏମଏସ୍ ପ୍ରମାଣିତ ମାପଯୁକ୍ତ ରେସକୋର୍ସରେ ଆୟୋଜିତ ଫୁଲ୍ ମାରାଥନ ରାଜ୍ୟ ଦୌଡ଼କୁଦ ଇତିହାସରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଓଡ଼ିଶା ନକ୍ସଲ ବିରୋଧୀ ଅଭିଯାନ ଓ ସ୍ୱତନ୍ତ୍ର ଗୁଇନ୍ଦା ଶାଖାର ପୋଲିସ ଡିଜି ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବରିଷ୍ଠ ମାରାଥନ ଧାବକ ତଥା ବ୍ରାଣ୍ଡ ଆମ୍ବାସାଡର ଦୁଃଖୀଶ୍ୟାମ ଓ ସୁଶ୍ରୀ ବବିତାଙ୍କ ସହ ମିଶି ମୁଖ୍ୟ ଅତିଥି ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏଥିରେ ପୁରୁଷ ବିଭାଗରେ ଦୀପ୍ କିସ୍କୁ ୨ ଘଣ୍ଟା ୪୪ ମିନିଟ ୫୩ ସେକେଣ୍ଡରେ ରେସ୍ ଶେଷ କରି ଚାମ୍ପିଅନ ହୋଇଥିଲେ। ରାକେଶ ମାହେତୋ (୨ ଘଣ୍ଟା ୪୫.୫୦ ମିନିଟ) ଓ ଅଭିନ୍ନା ରାଣା (୨ ଘଣ୍ଟା ୪୭.୦୫ ମିନିଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ସେହିଭଳି ମହିଳା ଫୁଲ୍ ମାରାଥନରେ ମାମିନା ମୁର୍ମୁ ଚାମ୍ପିଅନ ହୋଇଥିଲେ। ସେ ୩ ଘଣ୍ଟା ୪୦ ମିନିଟ ୩୯ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ସନ୍ଧ୍ୟା ମୁର୍ମୁ (୪ ଘଣ୍ଟା ୧୩.୧୦ ମିନିଟ) ଓ ସାକ୍ରୋ ବେସ୍ରା (୪ ଘଣ୍ଟା ୧୫.୧୬ ମିନିଟ୍) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। 'ଆଇରନ୍‌ମଙ୍କ ସ୍ପୋର୍ଟ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି ମାରାଥନରେ ମୋଟ୍ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ଭୀମଟାଙ୍ଗୀରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୧୧(ସମିସ): ଟ୍ରାଫିକ ନିୟମ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଭୀମଟାଙ୍ଗୀ ଫେଜ୍-୧ ରେ ମା' ଗଜଲକ୍ଷ୍ମୀ ପୂଜା କମିଟିର ସହଯୋଗରେ ସାହାଯ୍ୟ ଗ୍ରୁପ୍ ପକ୍ଷରୁ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କର୍ପୋରେଟର ଶିବନାରାୟଣ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲୋକମାନଙ୍କୁ ଟ୍ରାଫିକ ନିୟମ ପାଳନର ଆବଶ୍ୟକତା



ସମ୍ପର୍କରେ ବୁଝାଇବା ସହ ସଚେତନତାମୂଳକ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ୨୦ରୁ ଉର୍ଦ୍ଧ୍ୱ ଟ୍ରାଫିକ ନିୟମ ସମ୍ବଳିତ ବ୍ୟାନର ଧରି ସଦସ୍ୟମାନେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ପ୍ରତାପ ପଣ୍ଡା, ସମ୍ପାଦକ ରତ୍ନାକର ମହାକୁଡ଼, ଅଜୟ ବେହେରା, ମନୋଜନ ପଟ୍ଟନାୟକଙ୍କ ସମେତ କମିଟିର ସଦସ୍ୟମାନେ ଯୋଗଦେଇ ଟ୍ରାଫିକ ସଚେତନତା ସୃଷ୍ଟି କରିଥିଲେ। ସାହାଯ୍ୟ ଗ୍ରୁପ୍‌ର ଅଧ୍ୟକ୍ଷ ଲିଙ୍ଗରାଜ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ପ୍ରଭୁ ଜଗନ୍ନାଥ ୱାର୍କର୍ସ କ୍ଲବ୍ ପକ୍ଷରୁ ସୋଚ୍‌ଠାରେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୧୧(ସମିସ)

ପ୍ରଭୁ ଜଗନ୍ନାଥ ୱାର୍କର୍ସ କ୍ଲବର କିଛି ସଦସ୍ୟ ଜଟଣୀସ୍ଥିତ ସୋସାଇଟି ଫର ଚିଲଡ୍ରେନ ତଥା ସୋଚରେ ପିଲାଙ୍କ ପାଇଁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ନିର୍ମଳା ନାୟକ, ସମ୍ପାଦକ ଗୋବର୍ଦ୍ଧନ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ପିଲାମାନେ ପ୍ରାର୍ଥନା ଓ ଦେଶାତ୍ମବୋଧକ ଗୀତରେ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନ ତରଫରୁ ନିର୍ମଳା ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଲିଙ୍ଗରାଜଙ୍କ ନାମରେ ଟ୍ରେନ୍ ନାମକରଣ ଦାବି

ଭୁବନେଶ୍ୱର,୧।୧୧(ସମିସ)

ପାଞ୍ଚ ବର୍ଷ ପାଞ୍ଚ ମାସ ବିତିଯାଇଥିଲେ ମଧ୍ୟ ଲିଙ୍ଗରାଜ ମହାପ୍ରଭୁଙ୍କ ନାମରେ ଟ୍ରେନ୍

ସାଂସଦ ଓ କେନ୍ଦ୍ରମନ୍ତ୍ରୀଙ୍କୁ ମିଳିତ କ୍ରିୟାନୁଷ୍ଠାନର ଅନୁରୋଧ

ନାମକରଣ ହୋଇପାରିନାହିଁ। ଏହାକୁ ନେଇ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ତଥା ମିଳିତ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ରୋଡ୍ ପାସେଞ୍ଜର ହଲ୍ଟଠାରେ ଦୀର୍ଘ ପାଞ୍ଚ ବର୍ଷ ପାଞ୍ଚ ମାସ ଧରି ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିଛି। ଏଥିସହ ଲିଙ୍ଗରାଜ ରୋଡ୍ ପାସେଞ୍ଜର ହଲ୍ଟରେ ପାଞ୍ଚ ଟଙ୍କିଆ ଆହାର କେନ୍ଦ୍ର, ଶିଶୁ ସ୍ତନ୍ୟପାନ ଗୃହ, ଅଟୋଷ୍ଟାଣ୍ଡ, ରେଳବାଇ ଲିଫ୍ଟ କାର୍ଯ୍ୟକ୍ଷମ କରିବା ଏବଂ ଦୂରଗାମୀ ଟ୍ରେନ୍‌ର ରହଣି ଆଦି ଦାବି ମଧ୍ୟ ଦୀର୍ଘଦିନ ଧରି ଉପସ୍ଥାପନ କରାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ପୂରଣ ହୋଇନାହିଁ। ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନୀଳମଣି ମିଶ୍ରଙ୍କ ସମେତ ଡ. ସୁଦର୍ଶନ ବଳିଆରସିଂ, ଦାମୋଦର ସାମନ୍ତରାୟ, ରାମ ପ୍ରସାଦ ରଥ, ଅଶୋକ କୁମାର ମହାରଣା, ରଙ୍କନିଧି ପଟ୍ଟନାୟକ, ସୁରେଶ କୁମାର ଦାସ, ବଂଶୀଧର ପଣ୍ଡା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଅନ୍ୟମାନେ ନିବେଦନ କରିଛନ୍ତି।





‘ଡଲ୍‌ଫିନ୍’ ଧକ୍କାରେ ୨ ମହିଳା ମୃତ, ୨ ଗୁରୁତର

ଭୁବନେଶ୍ୱର,୧।୧୧ (ସମିସ)

ରାଜଧାନୀରେ ପୁଣି ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ନେଲା ଦୁଇ ନିରୀହ ଜୀବନ। ୧୬ ନମ୍ବର ଜାତୀୟ ରାଜପଥର ସିଆର୍‌ପି ଛକ ନିକଟରେ ଏକ ନାଇଟ୍‌କୋଚ୍ ବସ୍ ନିୟନ୍ତ୍ରଣ ହରାଇ ୪ ଜଣଙ୍କୁ ଧକ୍କା ଦେବା ସହ ଚାପି ଦେଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ମହିଳାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ମହିଳା ଓ ଜଣେ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଆଇଆର୍‌ସି ଭିଲେଜସ୍ଥିତ ତ୍ରିନାଥ ବସ୍ତିରେ ରହୁଥିବା ନୟାଗଡ଼ ଜିଲ୍ଲା କଣ୍ଟିଲୋ ଥାନା ପାଟଣା ଗ୍ରାମର ଯୁଧିଷ୍ଠିର ମଣ୍ଡଳଙ୍କ ପତ୍ନୀ ଝୁନା ଓ ବରଗଡ଼ ଜିଲ୍ଲା ଖୋଲାବାହାର ଅଞ୍ଚଳର ସୀତାରାମ ରଣାଙ୍କ ଝିଅ ଗୀତାଞ୍ଜଳି। ଗୁରୁତର ଦ୍ୱୟ ହେଲେ ସୁନୀତା ମେହେର ଓ ପୁରୀର ପ୍ରଦୀପ ଜେନା। ସୂଚନା ଅନୁଯାୟୀ, କୋଲକାତାରୁ ଭୁବନେଶ୍ୱର ଫେରୁଥିବା

- ପାର୍କିଂରେ ଥିବା ୨ ଗାଡ଼ିକୁ ଧକ୍କା ଦେଇ ଚା’ ଦୋକାନ ଭାଙ୍ଗିଲା
- ଦୁର୍ଘଟଣା ଘଟାଇଥିବା ବସ୍ ଚାଳକ ଗିରଫ, ୩ ଗାଡ଼ି ଜବତ

ଡଲଫିନ୍ ନାମକ ଏକ ନାଇଟ୍‌କୋଚ୍ ବସ୍ ଭୋର୍ ପ୍ରାୟ ୬ଟା ସମୟରେ ସିଆର୍‌ପି ଏନ୍‌ଏଚ୍‌ସ୍ଥିତ କ୍ରିଷ୍ଣା ଟାୱାର ସମ୍ମୁଖରେ ଏହି ଦୁର୍ଘଟଣା ଘଟାଇଥିଲା। ସେହି ସମୟରେ ଝୁନା ରାସ୍ତା ପାର୍ ହେଉଥିବା ବେଳେ ବସ୍‌ଟି ତାଙ୍କୁ ପ୍ରଥମେ ଧକ୍କା ଦେଇଥିଲା। ପରେ ମର୍ଣ୍ଣିଂୱାକ୍ ସାରି ଫେରୁଥିବା ଗୀତାଞ୍ଜଳି ଓ ସୁନୀତାଙ୍କ ଉପରେ ମଧ ବସ୍‌ଟି ମାଡ଼ିଯାଇଥିଲା। ଏତିକିରେ ବସ୍‌ର ବେଗ କମି ନଥିଲା। ରାସ୍ତାକଡ଼ରେ ପାର୍କିଂ ହୋଇଥିବା ଦୁଇଟି ଗାଡ଼ିକୁ ଧକ୍କା ଦେବା ପରେ ଏକ ଚା’ ଦୋକାନ ଉପରେ ମାଡ଼ିଯାଇଥିଲା। ଏହି ସମୟରେ ଦୋକାନୀ ପ୍ରଦୀପ ମଧ ବସ୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ। ବସ୍‌ଟିର ଏଭଳି ଅନିୟନ୍ତ୍ରିତ ଗତି ଦେଖି ଆଖପାଖ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ମାତ୍ର ଝୁନା ଓ ଗୀତାଞ୍ଜଳିଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଗୁରୁତର ସୁନୀତା ଓ ପ୍ରଦୀପଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର ଆଘାତ ଲାଗିଛି। ଅନ୍ୟପକ୍ଷରେ, ଝୁନାଙ୍କ ସ୍ୱାମୀ ଯୁଧିଷ୍ଠିର ମଣ୍ଡଳଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ କେସ୍ ନଂ ୮୭୭ରେ ବେପରୁଆ ଗାଡ଼ି ଚାଳନା ନେଇ ମାମଲା ରୁଜୁ କରିଛି। ଏଥିସହ ବସ୍ ଚାଳକ ନୌସାଦ ଅଲ୍ଲୀଙ୍କୁ ଗିରଫ କରିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଡଲଫିନ୍ ବସ୍ (ଓଡି୦୫ୟୁ୭୧୬୫), ରାସ୍ତାକଡ଼ରେ ପାର୍କିଂ ହୋଇଥିବା କାର୍ (ଓଡି୦୨ଭି୯୭୯୧) ଏବଂ ନମ୍ବରବିହୀନ ଟାଟା ଏସିଇକୁ ଜବତ କରିଛି। ଝୁନା ଜଣେ ଘରୋଇ ସହାୟିକା ଭାବେ ନୂଆପଲ୍ଲୀ ଅଞ୍ଚଳରେ କାମ କରୁଥିଲେ। ପ୍ରତିଦିନ ଭଳି ଆଜି ମଧ ଭୋର୍ ସାଢ଼େ ୫ଟାରେ ଘରୁ ବାହାରି ବେହେରା ସାହିକୁ କାମ କରିବାକୁ ଯାଉଥିଲେ। ହେଲେ ରାସ୍ତା ପାର୍ ହେବା ସମୟରେ ମୃତ୍ୟୁ ତାଙ୍କୁ ଛକି ବସିଥିଲା। ସେପଟେ ମର୍ଣ୍ଣିଂୱାକ୍ ସାରି ଘରକୁ ଫେରୁଥିବା ଗୀତାଞ୍ଜଳି ମଧ ନାଇଟ୍‌କୋଚ୍‌ର ଚକ ତଳେ ଜୀବନ ହାରିଥିଲେ। ସକାଳର ଏହି ଦୁର୍ଘଟଣା ଦୁଇଟି ପରିବାରରେ ଅପୂରଣୀୟ କ୍ଷତି ପହଞ୍ଚାଇଥିବା ବେଳେ ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନାକୁ ନେଇ ପୁଣିଥରେ ରାଜଧାନୀରେ ସଡ଼କ ସୁରକ୍ଷା ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି।

ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୧।୧୧(ସମିସ): ସମୟ ସହିତ ଅନେକ ସ୍ମୃତି ଗଡି ହୋଇ ଚାଲିଛି, ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟ କରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ପୁରୁଣା ସମମୟକୁ ଫେରେଇ ନେଇଥିବ ନିଶ୍ଚିତ। ଏହି ପୁରୁଣା ଫଟୋ ମନେପକାଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେ ସମୟର କିଛି ମୁହୂର୍ତ୍ତ, ଯାହାକି ଏହି କଳାଧଳା ଫଟୋରେ ବର୍ତ୍ତମାନ ପିଢି ପାଇଁ ମୂକସାକ୍ଷୀ ପାଲଟିଛି। ସେହିଭଳି ଏକ ଫଟୋ ଆଜି ସାମାଜିକ ଗଣମାଧମରେ ଦେଖିବାକୁ ମିଳିଛି। ଯେଉଁଥିରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ତାଙ୍କ ସମେତ ଡ. ହରେକୃଷ୍ଣ ମହତାବ ଓ ଡ. କେ. ଏନ କାଟ୍‌ଜୁ ମଧ ଉପସ୍ଥିତ ଅଛନ୍ତି। ଏହି ଫଟୋଟି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଓଡିଶାଗ୍ରସ୍ତ ସମୟର, ଯାହାକି ୧୪ ଡିସେମ୍ବର ୧୯୪୭ ମସିହାର ବୋଲି ଜଣାପଡିଛି।


ନଗ୍ନ ଫଟୋ ଭାଇରାଲ ଧମକ ଦେଇ ଟଙ୍କା ଲୁଟ୍; ଦୁଇ ଗିରଫ

ଭୁବନେଶ୍ୱର,୧।୧୧(ସମିସ): ନଗ୍ନ ଫଟୋ ଭାଇରାଲ ଧମକ ଦେଇ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହି ସ୍ୱାଧୀନ ନଗରର ସାହିଲ ଓରଫ୍ ରଣବୀର ଦିଗାଲ (୨୨) ଓ ନିରାଙ୍କାରୀ ନଗରର ରମାକାନ୍ତ ନାୟକ (୨୨)। ପୁଲିସ ସୂଚନାନୁସାରେ, ସୁରେନ୍ଦ୍ର କୁମାର ପ୍ରଧାନ ଗତକାଲି ଅପରାହ୍ଣ ପ୍ରାୟ ୩ଟା ବେଳେ ଶୌଚ ପାଇଁ ଟିସିଏସ୍ ବିଲ୍ଡିଂ ପଛପଟକୁ ଯାଇଥିବା ସମୟରେ ସାହିଲ, ରମାକାନ୍ତ ଓ ୨ ଜଣ ସହଯୋଗୀ ତାଙ୍କର ନଗ୍ନ ଫଟୋ ଉଠାଇଥିଲେ। ଉକ୍ତ ଫଟୋଗୁଡ଼ିକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବାର ଧମକ ଦେଇ ତାଙ୍କୁ ବ୍ଲାକମେଲ୍ କରି ଟଙ୍କା ଦାବି କରିଥିଲେ। ସୁରେନ୍ଦ୍ର ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କ ପାଖରୁ ଜୋରଜବରଦସ୍ତି ନଗଦ ୧୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାସହ ତାଙ୍କ ଫୋନ୍-ପେ ଆକାଉଣ୍ଟରୁ ଜୋରଜବରଦସ୍ତି ୧୫ ହଜାର ଟଙ୍କା ଟ୍ରାନ୍ସଫର୍ କରି ନେଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ କରିଥିଲେ। ଏନେଇ ସୁରେନ୍ଦ୍ର ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସାହିଲ୍ ଓ ରମାକାନ୍ତକୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ ପଲସର୍ ଏନଏସ-୨୦୦ ବାଇକ୍, ୨ଟି ମୋବାଇଲ୍ ଫୋନ୍ ଜବତ କରିଛି। ରମାକାନ୍ତ ଫୋନ୍-ପେ ଆକାଉଣ୍ଟକୁ ସୁରେନ୍ଦ୍ରଙ୍କଠାରୁ ୧୫ ହଜାର ଟଙ୍କା ଆସିଥିବା ଯାଞ୍ଚରୁ ଜଣାପଡ଼ିଛି।

ସମ୍ପତ୍ତି ଭାଗବଣ୍ଟାକୁ ନେଇ ମାରପିଟ୍; ଦୁଇ ଭାଇ ଗିରଫ

ଭୁବନେଶ୍ୱର,୧।୧୧(ସମିସ)

ସମ୍ପତ୍ତି ଭାଗବଣ୍ଟାକୁ ନେଇ ମାରପିଟ୍ ଓ ଅସଦାଚରଣ କରିଥିବା ଅଭିଯୋଗରେ ଦୁଇ ଭାଇଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଛତାବରର ପ୍ରମୋଦ ନାୟକ ଓ ଆନନ୍ଦ ନାୟକ। ପୁଲିସ ସୂଚନାନୁସାରେ, ପ୍ରମୋଦ, ପ୍ରହ୍ଲାଦ ଓ ଆନନ୍ଦ ୩ ଭାଇ ହୋଇଥିବା ବେଳେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ସେମାନଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଗତବର୍ଷ ମାର୍ଚ୍ଚ ମାସରେ କିଛି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟସ୍ଥତାରେ ଏହି ବିବାଦର ଆପୋଷ ସମାଧାନ ହୋଇଥିଲା। କିନ୍ତୁ ଆଜି ଆନନ୍ଦ ଘରେ କୌଣସି କାମରେ ବ୍ୟସ୍ତ ଥିବା ବେଳେ ପ୍ରମୋଦ ଓ ପ୍ରହ୍ଲାଦ ଜୋରଜବରଦସ୍ତ ପଶି ତାଙ୍କ ଗର୍ଭବତୀ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ।



ପ୍ରମୋଦ ଏକ କୁରାଢ଼ିରେ ତାଙ୍କ ଡାହାଣ ହାତକୁ ଆଘାତ କରିଥିଲା। ଏଥିସହ ତାଙ୍କ ଗର୍ଭସ୍ଥ ଶିଶୁର କ୍ଷତି କରିବା ଉଦ୍ଦେଶ୍ୟରେ ପଥର ଓ ଇଟା ଫିଙ୍ଗିଥିଲେ। ବଡ଼ବଡ଼ ପଥର ଫିଙ୍ଗି ତାଙ୍କ ଘର ମଧ ଭାଙ୍ଗିଦେଇଥିଲେ। ଏହାକୁ ନେଇ ଆନନ୍ଦଙ୍କ ପତ୍ନୀ ଚନ୍ଦକା ଥାନାରେ ଏତଲା ଦେଇଥିଲେ। ଅପରପକ୍ଷର ଅଭିଯୋଗ ଯେ, ଆନନ୍ଦ ନାୟକ ଓ ଅନ୍ୟ ଦୁଇ ସହଯୋଗୀ ପ୍ରହ୍ଲାଦଙ୍କ ସହ ଝଗଡ଼ା କରିବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଘରକୁ ଭଙ୍ଗାରୁଜା କରିବା ସହିତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଲାଗି ପ୍ରୟାସ କରିଥିଲେ।

ଦୁଇ ପକ୍ଷର ଅଭିଯୋଗ କ୍ରମେ ଚନ୍ଦକା ଥାନା ପୁଲିସ ୨ଟି ପୃଥକ୍ ମାମଲା ରୁଜୁ କରିଥିଲା। ପ୍ରମୋଦ ଓ ଆନନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପାରିବାରିକ ଆଇନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର,୧।୧୧(ସମିସ): ଆଇନ ସେବା ସଂସ୍ଥା ‘କ୍ଲାପ’ ପକ୍ଷରୁ ପ୍ରଚଳନ କରାଯାଇଥିବା ତ୍ରୈମାସିକ ପାରିବାରିକ ଆଇନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ବିବାହ, ଦାମ୍ପତ୍ୟ ଜୀବନର ପୁନଃଉଦ୍ଧାରର ଅଧିକାର, ବିବାହ ବିଚ୍ଛେଦ, ନ୍ୟାୟିକ ବିଚ୍ଛେଦ, ଭରଣପୋଷଣ ଆଦି ୧୧ଟି ଅଧିବେଶନ ମାଧ୍ୟମରେ ପ୍ରଦାନ କରାଯାଇଥିଲା। କ୍ଲାପର ସଭାପତି ଡ. ବିକାଶ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଡି.ପି. ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବର୍ତ୍ତିତ ସମାଜରେ ପାରିବାରିକ ଆଇନ ସମ୍ପର୍କରେ ସମସ୍ତ ବର୍ଗର ଲୋକଙ୍କ ମଧ୍ୟରେ ଯଥେଷ୍ଟ ଅବଧାରଣା ରହିଲେ ପାରିବାରିକ ବିବାଦ ଗୁଡ଼ିକ ସଠିକ ରୂପେ ସମାଧାନ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ପ୍ରଫେସର ଇତିଶ୍ରୀ ମିଶ୍ର, ପ୍ରଫେସର ଶୁକାନ୍ତ କୁମାର ନନ୍ଦ, ଆଇନ ପ୍ରଫେସର ଡ. ପୃଥିରାଜ ଯୋଗଦେଇ ଥିଲେ। ଏହି ଉଦ୍‌ଯାପନୀ ସମାରୋହରେ କ୍ଲାପର ସମ୍ପାଦକ ପୁରୁଷୋତ୍ତମ ସାହୁ, ଆଇନ ଉପଦେଷ୍ଟା ବିଜୟଶ୍ରୀ ବାରିକ ସନ୍ତୋଷି ସାହୁ, ରୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପାରିବାରିକ ଅଶାନ୍ତିରୁ ଜୀବନ ହାରିଲେ ହେଡ୍ କନେଷ୍ଟବଲ

ଭୁବନେଶ୍ୱର,୧।୧୧(ସମିସ): ପାରିବାରିକ ଅଶାନ୍ତି ଓ ମାନସିକ ଚାପରୁ ଜଣେ ସିଆର୍‌ପିଏଫ୍ ହେଡ୍ କନେଷ୍ଟବଲଙ୍କ ଜୀବନ ଦୀପ ଲିଭିଯାଇଛି। ନୂଆପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ରହୁଥିବା ବିହାରର ସୁବୋଧ କୁମାର ନିଜ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ଘରେ କେହି ନଥିବା ସମୟରେ ସେ ବେକରେ ଗାମୁଛା ଲଗାଇ ପଙ୍ଖାରେ ଝୁଲିପଡ଼ିଥିଲେ। ଖବର ପାଇ ନୂଆପଲ୍ଲୀ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପ୍ରାଥମିକ ତଦନ୍ତରୁ

- ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ଝୁଲିପଡ଼ିଲେ ବିହାରର ସୁବୋଧ
- ପତ୍ନୀଙ୍କ ସହ କଳହ, ପୁଅର ହାତ ଭାଙ୍ଗିବାକୁ ନେଇ ଚିନ୍ତା

ପାରିବାରିକ କଳହ ଏହି ଚରମ ପଦକ୍ଷେପ ପଛର କାରଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ସୁବୋଧଙ୍କର ପତ୍ନୀଙ୍କ ସହ ଦୀର୍ଘଦିନ ଧରି ପାରିବାରିକ ମତାନ୍ତର ଲାଗି ରହିଥିଲା। ତିନିଦିନ ତଳେ କୌଣସି ଏକ କଥାକୁ ନେଇ ସେ ନିଜ ପୁଅକୁ ମାଡ଼ ମାରିଥିଲେ। ଏଥିରେ ପୁଅର ହାତ ଭାଙ୍ଗିଯାଇଥିଲା। ଏହାର ଦୁଇଦିନ ପରେ ପତ୍ନୀ ପୁଅକୁ ନେଇ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଚାଲିଯାଇଥିଲେ। ଘରେ ଏକୁଟିଆ ଥିବା ସମୟରେ ସୁବୋଧ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଏନେଇ ନୂଆପଲ୍ଲୀ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ କଳହ ସମେତ ଘଟଣାର ଅନ୍ୟାନ୍ୟ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

କବିତା ସଂଗ୍ରହ ‘ତୁମେ ଆସିବା ପରେ’ ଉନ୍ମୋଚିତ



ଭୁବନେଶ୍ୱର,୧।୧୧(ସମିସ): ସମ ହସ୍ପିଟାଲ ନିକଟରେ ବନ୍ଧୁଘର ସାହିତ୍ୟ ପିଣ୍ଡା ସଭାଗୃହରେ ଗୋପାଳ ଚନ୍ଦ୍ର ମିଶ୍ରଙ୍କର କବିତା ସଂଗ୍ରହ ‘ତୁମେ ଆସିବା ପରେ’ ଉନ୍ମୋଚିତ ହୋଇଛି। ଏହି ସଭାକୁ ଉଦଘାଟନ କରିଥିଲେ ଦୂରଦର୍ଶନର ଉପମହାର୍ନିଶେକ ରବୀନ୍ଦ୍ର ନାଥ ମିଶ୍ର। ସମୀକ୍ଷକ ଭାବେ ଅଧ୍ୟାପକ ଡ. ବିରଞ୍ଚି ସାହୁ, ମୁଖ୍ୟବକ୍ତା ଭାବେ ଡ. ଦେବାଶିଷ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ପ୍ରବୀର ମହାନ୍ତି ଯୋଗ ଦେଇଥିଲେ। ବନ୍ଧୁଘର ସାହିତ୍ୟ ପିଣ୍ଡାର ସମ୍ପାଦକ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି କବିତାର ଉନ୍ମୋଚନ କରିବାର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। କବିତା ଆଦି ପାଠକଙ୍କ ନିକଟରେ ପହଞ୍ଚିବାକୁ ହେଲେ ଜୀବନର କଥାକୁ ଅତି ସରଳ ଭାବେ ଲେଖିବାକୁ ପଡିବ। କବିତା ମନୋରଞ୍ଜନର ସରଣୀରେ ଚାଲିବାକୁ ଚାହେଁନା ବରଂ ଜୀବନର ଯନ୍ତ୍ରଣାରୁ ବ୍ୟକ୍ତି କିପରି ମୁକ୍ତ ହେବ ତାହାର ମନ୍ତ୍ର ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡା. ମିହିର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଯାଁଳା କପ୍ କ୍ରିକେଟ: କ୍ୱାର୍ଟରରେ କେସୁରା, ସେମିରେ ତମାଣ୍ଡୋ

ଯାଁଳା,୧।୧୧(ସମିସ)

ସମିସ ସ୍ଥାନୀୟ ରାଧାମାଧବ କ୍ଲବ୍ ଆନୁକୂଲ୍ୟରେ ନବମ ପଞ୍ଚାୟତ ଲେଭୁଲ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ କେସୁରା ଏବଂ ସୁଆଙ୍ଗ ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି କେସୁରା ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ସୁଆଙ୍ଗ ଦଳ ୧୪.୫ ଓଭରରେ ୧୭୮ ରନ୍ ବିନିମୟରେ ଦଳ ଅଲ୍‌ଆଉଟ୍ ହୋଇଯାଇଥିଲା, ଜବାବରେ କେସୁରା ୯.୫ ଓଭରରେ ୨ଉଇକେଟରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଗୌତମ ସ୍ୱାଇଁ ୨୭ ବଲରେ ୧୧ଟି ଛକା ୫ଟି ଚୌକା ମାରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ତମାଣ୍ଡୋ ଏବଂ ପାତ୍ରପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ତମାଣ୍ଡୋ ଦଳ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପାତ୍ରପଡ଼ା ଦଳ ୧୪.୩ ଓଭରରେ ୧୪୨ରନ୍ ସଂଗ୍ରହ କରି ଦଳ ଅଲ୍‌ଆଉଟ ହୋଇଥିଲା। ଜବାବରେ ତମାଣ୍ଡୋ ଦଳ ୯.୫ ଓଭରରେ ୨ ଉଇକେଟରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ତମାଣ୍ଡୋ ଦଳର ଅରୁଣ କୁମାର ଡାକୁଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ଆଜି ମ୍ୟାଚର ଅତିଥି ଭାବେ ସାମ୍ବାଦିକ ବୁଲା ବାରିକ୍ ଏବଂ ସଂଗ୍ରାମ କେଶରୀ ପରିଡ଼ା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



‘ହେଲ୍ମେଟ୍’ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ ପ୍ରଚାର



ଭୁବନେଶ୍ୱର,୧।୧୧(ସମିସ): ‘ହେଲ୍ମେଟ୍’ ଓ ସଂସ୍କୃତି ବିଭାଗ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଆୟୋଜିତ ‘ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶର ପ୍ରଚାର ପ୍ରସାର’ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠାନର ସଭାପତି ଡ. ଅଞ୍ଜଳି ତ୍ରିପାଠୀଙ୍କ ସ୍ୱାଗତ ଭାଷଣ ପରେ ସମ୍ପାଦିକା ନିବେଦିତା ଭଞ୍ଜ ମାସ ବ୍ୟାପୀ ପରିଚାଳିତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପରିବେଷିତ ‘ଆଜିର ସମାଜ ବିପଥଗାମୀ’ ଶୀର୍ଷକ ସଚେତନତାମୂଳକ ନାଟକ ଏବଂ ମହାପ୍ରସାଦ କରଙ୍କ ସଙ୍ଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମ୍ମାନିତ ଅତିଥି ଭାବେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ। ଶିକ୍ଷାବିତ୍, ପ୍ରାବନ୍ଧିକ ଡ. ସରୋଜ କୁମାର ପଟ୍ଟନାୟକଙ୍କୁ ‘ମହାତ୍ମା ଗାନ୍ଧୀ ଶାନ୍ତି ସୁଧା ସମ୍ମାନ’ ପ୍ରଦାନ କରାଯାଇଥିଲା। ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ।

କବିତା ପୁସ୍ତକ ‘ମୀରା’ ଉନ୍ମୋଚିତ



ଭୁବନେଶର, ୧।୧୧ (ସମିସ): ବର୍ଷା ପବ୍ଲିକେସନ୍ ପକ୍ଷରୁ ପ୍ରକାଶିତ କବି ସୁପ୍ରଭା ପରିଜାଙ୍କ କବିତା ପୁସ୍ତକ ‘ମୀରା’ ରୋଟାରୀ ଭବନ ସଭାକକ୍ଷରେ ରବିବାର ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉତ୍ସବରେ କବି ମମତା ଦାଶ, କବି ସୂର୍ଯ୍ୟ ମିଶ୍ର ଓ କବି ଓ କଥାକାର ଅଜୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନେ ପୁସ୍ତକଟି ସମ୍ପର୍କରେ ଆଲୋଚନା କରିବା ସହ ନିଜ ନିଜର ଆଶୀର୍ବଚନ ପ୍ରଦାନ କରିଥିଲେ। କବି ସୁପ୍ରଭା ତାଙ୍କ ଲେଖକୀୟ ଅଭିଭାଷଣ ଦେଇଥିବା ବେଳେ କବି ଓ ପ୍ରକାଶକ ବାଦଲ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବ କବିମାନଙ୍କ ଦ୍ୱାରା ଉକ୍ତ କବିତା ପୁସ୍ତକର ପାଞ୍ଚଟି କବିତା ପାଠ କରାଯାଇଥିଲା। ଯୁବ କବି ବେଦପ୍ରକାଶ ନାୟକ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଓଡ଼ିଶାର ବହୁ ଲେଖକ, ଲେଖିକା, ବୁଦ୍ଧିଜୀବୀ ଓ ସାହିତ୍ୟାନୁରାଗୀ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ସମସ୍ତଙ୍କୁ ଉଭୟ କବି ଓ ପ୍ରକାଶକଙ୍କ ପକ୍ଷରୁ କୃତଜ୍ଞତା ସହ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

ସୃଷ୍ଟି ଓ ସ୍ରଷ୍ଟା ପକ୍ଷରୁ ରାଜ୍ୟସ୍ତରୀୟ ପାର୍ବଣ ସାହିତ୍ୟ ମହୋତ୍ସବ

ଭୁବନେଶ୍ୱର,୧।୧୧(ସମିସ)



ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ, କଳା, ସଂସ୍କୃତି ବିକାଶ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ପାର୍ବଣ ସାହିତ୍ୟ ମହୋତ୍ସବ ରବିବାର ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ସଙ୍ଗୀତ ଭାବେ ସୌଦାମିନୀ ସାମନ୍ତରାୟ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ କରିଥିଲେ। ଟ୍ରଷ୍ଟର ସଭାପତି କବି ଅଲେଖ ଚରଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ଓ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଥମ ଅଧିବେଶନ କବିତା ପାଠୋତ୍ସବକୁ ସୁସ୍ମିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଇଂ. ଭରତ ଚରଣ ବେହେରା ଅଧିବେଶନରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ମହାନ୍ତି ଏବଂ ଅନ୍ୟତମ ଅତିଥି ଭାବେ ଗୀତାଞ୍ଜଳି ମହାପାତ୍ର ଓ ବନ୍ଦିତା ଦାସ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ଓ କବୟିତ୍ରୀମାନେ ନିଜ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନକୁ ସାହିତ୍ୟକ, ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀର କୁଳପତି ପ୍ରଫେସର ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟକ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ସଂସ୍କୃତ ଭଞ୍ଜ ସାହିତ୍ୟ ପ୍ରବକ୍ତା ଡ. କୃଷ୍ଣ କେଶବ ଷଡ଼ଙ୍ଗୀ “ଶବ୍ଦରେ ଶକ୍ତିର ଆବାହନ: ଓଡ଼ିଆ ଭକ୍ତି ଓ ପୁରାଣ ସାହିତ୍ୟରେ ଦୁର୍ଗା-କାଳୀ-ତାରା’ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଡ. ପ୍ରତିଭା ମହାରଥୀ ଶକ୍ତି ଉପାସନାର ସାହିତ୍ୟକ ଓ ଆଧ୍ୟାତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶାର ୫ ଜଣ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ମନୋରମା ପଟ୍ଟନାୟକ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ଓ କବି ପରମାନନ୍ଦ ସ୍ୱାଇଁଙ୍କୁ “ସୃଷ୍ଟି ଓ ସ୍ରଷ୍ଟା ଆଧ୍ୟାତ୍ମିକ ସାରସ୍ୱତ ସମ୍ମାନ” ଏବଂ ସୁସାହିତ୍ୟକ ଡ. ଘନଶ୍ୟାମ ରାଉତ ଓ ଡ. ପରମାନନ୍ଦ ଦଳାଇଙ୍କୁ “ସୃଷ୍ଟି ଓ ସ୍ରଷ୍ଟା ସମାଜ ସେବା ସମ୍ମାନ” ପ୍ରଦାନ କରାଯାଇଥିଲା।

୭୭ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ

ଆଗାମୀ ପିଢ଼ି ଏକ ସଚେତନ, ସତର୍କ ଓ ସଜାଗ ସମାଜ ଗଠନରେ ବ୍ରତୀ ରୁହନ୍ତୁ

ଭବାନୀପାଟଣା, ୧।୧୧(ସମିସ)

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ୭୭ତମ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାହାଗିରି ପଥ ଉତ୍ସବ, ମଶାଲ ଯାତ୍ରା, ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସମୟ ବଦଳିଛି, ସଭ୍ୟତାର ଉନ୍ମେଷ ଘଟିଛି। ପରିବର୍ତ୍ତିତ ପରିସ୍ଥିତିରେ ସମୟ ସହିତ ମଣିଷ ପ୍ରଗତିର ପଥରେ ଆଗକୁ ବଢ଼ି ଚାଲିଛି। ଆଜି ଏହା ହିଁ



ଐଶ୍ବର୍ଯ୍ୟଶାଳୀ, ଉତ୍କୃଷ୍ଟ କଳା, ସଂସ୍କୃତିରେ ସମୃଦ୍ଧ କଳାହାଣ୍ଡି ଜିଲ୍ଲାର ଅସଲ ପରିଚୟ। ଏହି ଅବସରରେ ଜିଲ୍ଲାର ଗୌରବମୟ ଐତିହ୍ୟ, ସମୃଦ୍ଧ ସଂସ୍କୃତି, କଳା, ସାହିତ୍ୟ ଓ ପରମ୍ପରା, କୃଷି ଓ ଜଳସେଚନ ଉନ୍ନତିକୁ ସ୍ମରଣ କରାଯିବା ସହ କଳାହାଣ୍ଡିର ସର୍ବାଙ୍ଗୀନ ବିକାଶ ପାଇଁ ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଟାଉନ ହଲରେ ଅନୁଷ୍ଠିତ ସଭାରେ ଧର୍ମଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସୁଧୀର ପାଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଭବାନୀପାଟଣା ଉପଜିଲ୍ଲାପାଳ ଆଶିନି ଏ.ଏଲ. ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାଟଯୋଶୀ ନିଜ ଅଭିଭାଷଣରେ ୧୯୪୯ ମସିହା ନଭେମ୍ବର ୧ ତାରିଖ ରେ କଳାହାଣ୍ଡି ଜିଲ୍ଲା ଗଠନ, ଏହାର ଗୌରବମୟ ଅତୀତ, ଐତିହାସିକ ପରମ୍ପରା ଓ ଜନସାଧାରଣଙ୍କ ଅଦମ୍ୟ ଉଦ୍ୟମର ସ୍ମୃତିଚାରଣ କରିଥିଲେ। ଆଗାମୀ ପିଢ଼ି ଏକ ସଚେତନ, ସତର୍କ ଓ ସଜାଗ ସମାଜ ଗଠନରେ ବ୍ରତୀ ରହିବା ଆଜି ଦିବସର ବଡ ଆହ୍ୱାନ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଉପସ୍ଥିତ ଥିବାବେଳେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ନିଜସଭାପତିତ୍ୱ ଅଭିଭାଷଣରେ ଜିଲ୍ଲାର ବିକାଶ ଯାତ୍ରାରେ ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ, କୃଷି ଉପରେ ଉଲ୍ଲେଖନୀୟ ପ୍ରଗତିର ତଥ୍ୟ ରଖି ଜନସାଧାରଣଙ୍କ ସହଯୋଗ, ପ୍ରଶାସନର ସମନ୍ୱିତ ପ୍ରୟାସ ଏବଂ ରାଜ୍ୟ ସରକାର ଙ୍କ ପଦକ୍ଷେପ ଯୋଗୁଁ ଆଜି କଳାହାଣ୍ଡି ଉନ୍ନତି ଦିଗରେ ଆଗେଇଚାଲିଛି ବୋଲି ମତ ରଖିଥିଲେ। ରାହାଗିରି ପଥ ଉତ୍ସବକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ ସଭ ସଞ୍ଚାଳନ କରିଥିଲେ। ମଞ୍ଚରେ ଶିକ୍ଷାବିତ୍ ଡ଼ ଅଜୟ ମିଶ୍ର, ଆଇନଜୀବୀ ସଞ୍ଜୟ କୁମାର, ଡିଆଇପିଆର୍ ଓ ମନୋଜ ବେହେରା, ଡିଡି ପ୍ଲାନିଙ୍ଗ ଶ୍ରୀକାନ୍ତ ଦଳେଇ, ଡେପୁଟି



କଲେକ୍ଟର ଅବିନାଶ ଦଳେଇ, ସିଡବ୍ଲୁସି ଅଧ୍ୟକ୍ଷ ସ୍ୱର୍ଣ୍ଣଲତା ମହାନ୍ତି, ଶୋଭାଗିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମଗଡ଼ ବିଧାୟକସୁଧୀର ରଞ୍ଜନ ପାଟଯୋଶୀଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଜିଲ୍ଲପାଳ, ଅତିରିକ୍ତ ଜିଲ୍ଲାପାଳ, ସିଡିଓ, ପ୍ରଶାସନିକ ଅଧିକାରୀ, ଛାତ୍ର ଛାତ୍ରୀ, ସାଂସ୍କୃତିକ ଦଳ, ଗଣମାଧ୍ୟମ ପ୍ରତିନିଧି ଟାଉନ ହଲଠାରେ ଆୟୋଜିତ ସଭାରେ ସମାବେଶ ହୋଇଥିଲେ। ଏହି ଅବସରରେ ଏକ ମିନିଟରେ ସର୍ବାଧିକ ପଞ୍ଚ ମାରି ଗିନିଜ୍ ବୁକଅଫ ୱାର୍ଲ୍ଡ ରେକର୍ଡ ରେ ସ୍ଥାନ ପାଇଥିବା କଳାହାଣ୍ଡିର ସତ୍ୟପୀର ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲ୍ଲା ଗଠନ ଦିବସ ପାଳନ ଉପଲକ୍ଷେ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର ଟାଉନହଲର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

ମ.ରାମପୁର : ମ.ରାମପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଅକ୍ଷୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପ୍ରାରମ୍ଭିକ ସଙ୍ଗୀତ ଗାନ ହୋଇଥିଲା। କ୍ଷିତିପତି ପଧାନ, ସଂସଦ ପ୍ରତିନିଧି ତଥା ଯୁଗଯାତ୍ରୀ ସାହିତ୍ୟ ସଂସଦର ସଭାପତି ପଦ୍ମଲୋଚନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସହଦେବ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀରାମକୃଷ୍ଣ ଆଶ୍ରମ, ବରିଷ୍ଠ ନାଗରିକ ସଂଘ, ଯୁଗଯାତ୍ରୀ ସାହିତ୍ୟ ସଂସଦ, ଜାଗରଣ ମଞ୍ଚ ଆଦି ଅନେକ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।

କଳାହାଣ୍ଡି ମାନଚିତ୍ର ଅଙ୍କନ ପ୍ରତିଯୋଗିତା

ଭବାନୀପାଟଣା: କଳାହାଣ୍ଡି ଗଠନ ଦିବସ ଉପଲକ୍ଷେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲାର ମାନଚିତ୍ର ଅଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଉତ୍ସାହ ଓ ଆଗ୍ରହର ସହ ଅଂଶଗ୍ରହଣ କରି ନିଜ ନିଜର ଚିତ୍ରକଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସ୍କୁଲ ର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ, ଦେଶର ମାଟି ଓ ମାତୃଭୂମି ସ୍ୱର୍ଗଠାରୁ ମଧ୍ୟ ଅଧିକ ମହାନ। କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁ ଚିତ୍ରଶିଳ୍ପୀ ମୁକୁନ୍ଦ ରେ‡ୀ ସହଯୋଗ କରିଥିଲେ।

ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲା ଗଠନ ଦିବସ



କଳମପୁର: କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ପରିସରରେ ଥିବା ସଭାଗୃହରେ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳିତ ହୋଇଯାଇଛି। ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ବେହେରା, ଡାକ୍ତର ପରିଡ଼ା।, ସମାଜସେବୀ ବିଜୟ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବୈକୁଣ୍ଠ ବାଗ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଜିଲ୍ଲାର ଐତିହ୍ୟ ଓ ସଂସ୍କୃତିର ଗୁଣଗାନ

ଧର୍ମଗଡ଼ : କଳାହାଣ୍ଡି ଜିଲ୍ଲାର ଗୌରବମୟ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସ୍ୱତନ୍ତ୍ର ପରିଚୟକୁ ମନେ ପକାଇବା ଉଦ୍ଦେଶ୍ୟରେ ଧର୍ମଗଡ଼ ବ୍ଲକ ସଭାଗୃହ ଠାରେ କଳାହାଣ୍ଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ଧର୍ମଗଡ଼ ଏନ୍ଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ଉପାଧ୍ୟକ୍ଷା ମନୀଷା ମିଶ୍ର, ବିଡିଓ ସଦାଶିବ ନାୟକ, ବିଆରସିସି ଅରୂପାନନ୍ଦ ଭୋଇ ଏବଂ ଇଂରାଜୀ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ।



ଲାଞ୍ଜିଗଡ଼ : ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ ସଭାଗୃହ ପରିସରରେ ବ୍ଲକସ୍ତରୀୟ ୭୭ତମ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ କୁମାର



ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱନାଥପୁର ମା' ହିରାନୀଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କଙ୍କନ କୁମାର ରାୟ ଯୋଗ ଦେଇ କଳାହାଣ୍ଡିର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ପଣ୍ଡା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ବରିଷ୍ଠ ନାଗରିକ ରଘୁବୀର ପ୍ରଧାନ, ସମାଜସେବୀ ଲକ୍ଷ୍ମୀଧର ସନ୍ତୋଷ ରାୟ, ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ମାଧବାନନ୍ଦ ବିରି ପ୍ରମୁଖ ଜିଲ୍ଲାର ପ୍ରଗତି ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ସୀମାନ୍ତରେ ଓଡ଼ିଶା-ଛତିଶଗଡ଼ ସାମ୍ବାଦିକଙ୍କ ସମନ୍ୱୟ ବୈଠକ

ନୂଆପଡ଼ା, ୧।୧୧(ସମିସ): ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ଉଭୟ ରାଜ୍ୟର ସାମ୍ବାଦିକମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଗଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସୀମାନ୍ତ ଅଞ୍ଚଳର ବିଭିନ୍ନ ସାମାଜିକ, ପ୍ରଶାସନିକ ଓ ଜନସାଧାରଣଙ୍କ ସମସ୍ୟାକୁ ଅଧିକ ପ୍ରଭାବଶାଳୀ ଭାବେ ଲୋକଲୋଚନକୁ ଆଣିବା ସହ ସାମ୍ବାଦିକମାନଙ୍କ ମଧ୍ୟରେ ଭାଇଚାରା ଓ ଏକତା ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ସାମ୍ବାଦିକଙ୍କ ସମେତ ଛତିଶଗଡ଼ର ଦେଓଭୋଗ, ଗରିଆବନ୍ଧ, ମେନପୁର ଏବଂ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼, ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଅଞ୍ଚଳରୁ ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ। ସାମ୍ବାଦିକ ଏକତା ହିଁ ଚତୁର୍ଥ ସ୍ତମ୍ଭର ରକ୍ଷକବଚ ବୋଲି



ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଓଡ଼ିଶା ଓ ଛତିଶଗଡ଼ର ସାମ୍ବାଦିକମାନଙ୍କ ମଧ୍ୟରେ ପରସ୍ପର ସହଯୋଗ, ସୂଚନା ଆଦାନ-ପ୍ରଦାନ ଏବଂ ସୀମାନ୍ତ ଅଞ୍ଚଳର ଜନସମସ୍ୟାକୁ ପ୍ରାଥମିକତା ଦେଇ ଖବର ପ୍ରସାରଣ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଛତିଶଗଡ଼ ଦେଓଭୋଗର ବରିଷ୍ଠ ସାମ୍ବାଦିକ ପୁରୁଷୋତ୍ତମ ପାତ୍ର, ମନମୋହନ ନେତାମ୍, ଗିରିଶ ଜଗତ, ରମେଶ ସୋନି, ମେନପୁରର ରାଧେ ପଟେଲ, ଧର୍ମଗଡ଼ ବରିଷ୍ଠ ସାମ୍ବାଦିକ ବିରଞ୍ଚି ଜାଲ, ଅଂଶୁମାନ ପାତ୍ର, ବୈଦ୍ୟନାଥ ବେହେରା, ସୁବ୍ରତ ପଣ୍ଡା, ଚନ୍ଦାହାଣ୍ଡିର ପୀତାମ୍ବର ସୋରି, ମଦନ ହିଆଲ, ଅର୍ଜୁନ ଚଣ୍ଡୀ ପ୍ରମୁଖଙ୍କ ସମେତ ବହୁ ସାମ୍ବାଦିକ ସାମିଲ ଥିଲେ। ବୈଠକରେ ଉଭୟ ରାଜ୍ୟର ବହୁ ସାମ୍ବାଦିକ ଉପସ୍ଥିତ ରହି ନିଜ ନିଜ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। ପରିଚାଳନାରେ ସିନାପାଲି ପ୍ରେସ କ୍ଲବ୍‌ର ସାମ୍ବାଦିକ ଅଜିତ୍ ଯୋଶୀ, ଜଗନ୍ନାଥ ସମ୍ବାଦିକ ସଂଘ ସଭାପତି ଜଗନ୍ନାଥ ସାଗରଙ୍କ ସମେତ ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ନାଏକ, ରାହୁଲ ରଣା, ବିହାରୀ ଲାଲ ଜଗତ, ବନବିହାରୀ ମେହେର, ସୁଶାନ୍ତ ନାୟକ୍, ଚିନ୍ତାମଣି ନେତମ, ଧର୍ମେନ୍ଦ୍ର ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

ମାଟିତଳୁ ୨୧ ଲକ୍ଷ ଟଙ୍କା ଜବତ; ୩ ଗିରଫ





ନୂଆପଡ଼ା, ୧।୧୧(ସମିସ): ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ବନ୍ଧୀୟ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମୈନପୁର ଥାନା ଅଧୀନ ରାଜାଡେରା ଜଙ୍ଗଲରେ ମାଟି ତଳେ ଲୁଚାଇ ରଖାଯାଇଥିବା ୨୧ ଲକ୍ଷ ଟଙ୍କା ବାହାର କରିବାକୁ ଆସିଥିବା ତିନି ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଦୁଇ ଜଣ ମହିଳା ଅଛନ୍ତି, ଯେଉଁମାନେ ପୂର୍ବରୁ ନକ୍ସଲ ପଥ ଛାଡ଼ି ସରକାରଙ୍କ ପୁନର୍ବାସ ନୀତି ଅଧୀନରେ ଆତ୍ମସମର୍ପଣ କରିଥିଲେ।

ପୁଲିସ ସୂଚନା ଅନୁଯାୟୀ, ନକ୍ସଲମାନେ ଠିକାଦାର ଏବଂ ସାଧାରଣ ନାଗରିକମାନଙ୍କୁ ଭୟଭୀତ କରି ବେଆଇନ ଭାବେ ଚାନ୍ଦା ଆଦାୟ ମାଧ୍ୟମରେ ଏହି ଅର୍ଥ ସଂଗ୍ରହ କରିଥିଲେ। ଗୁଇନ୍ଦା ସୂଚନା ଆଧାରରେ ମୈନପୁର ପୁଲିସ ରାଜାଡେରା ପାହାଡ଼ ନିକଟରେ ଜଗି ରହିଥିଲା। ଏହି ସମୟରେ ଜଙ୍ଗଲରୁ ବ୍ୟାଗ ଧରି ଫେରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନେ ପୁଲିସକୁ ଦେଖି ଲୁଚିବାକୁ ଚେଷ୍ଟା କରିଥିଲେ; କିନ୍ତୁ ପୁଲିସ ଦଳ ସେମାନଙ୍କୁ ଘେରିଯାଇ ତିନି ଜଣଙ୍କୁ କାବୁ କରିନେଇଥିଲା। ତଲାସି ବେଳେ ଏକ କଳା ରଙ୍ଗର ବ୍ୟାଗ୍ ଭିତରେ ଥିବା ଟିଫିନ୍ ବକ୍ସରୁ ୫୦୦ ଟଙ୍କିଆ ନୋଟର ବଣ୍ଡଲ ମିଳିଥିଲା। ମୋଟ ୨୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହା ବ୍ୟତୀତ ତିନୋଟି ମୋବାଇଲ୍ ଫୋନ୍ ଏବଂ ଏକ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସୁକମା ଜିଲ୍ଲାର ଗାମାଗୁଲାଭାର ଗ୍ରାମର ବାସିନ୍ଦା ସିଙ୍ଗେ ଓରଫ ରୋଶନୀ ଅଛନ୍ତି, ଯିଏ ନକ୍ସଲ କମାଣ୍ଡର ଚଲପତିଙ୍କ ଅଙ୍ଗରକ୍ଷକ (ଗାର୍ଡ) ଭାବେ କାର୍ଯ୍ୟ କରୁଥିଲେ। ଦ୍ୱିତୀୟ ଅଭିଯୁକ୍ତ ହେଲେ ସୁକମା ଜିଲ୍ଲାର ଇଟେଗାଙ୍ଗା ଗ୍ରାମର ବାସିନ୍ଦା ବୁଧରୀ ମୁଚାକି ଓରଫ ବୁଧରୀ। ଉଦ୍ଧାର କରାଯାଇଥିବା ୨୧ ଲକ୍ଷ ଟଙ୍କାକୁ ୨୦୨୪ରେ ନକ୍ସଲ କମାଣ୍ଡର ଚଲାପତି ରାଜାଦେରା ଜଙ୍ଗଲରେ ଥିବା ଏକ ପାହାଡ଼ ନିକଟରେ ମାଟି ତଳେ ଲୁଚାଇ ରଖିଥିଲେ। ଆତ୍ମସମର୍ପଣ କରିଥିବା ଦୁଇ ମହିଳା ନକ୍ସଲ, ଯେଉଁମାନେ ବର୍ତ୍ତମାନ ପୁନର୍ବାସ ଶିବିରରେ ରହୁଛନ୍ତି। ସେମାନେ ଏହି ଟଙ୍କା ଆଣିବା ପାଇଁ ଯୋଜନା କରିଥିଲେ ଏବଂ ନିଜର ପୁରୁଣା ସହଯୋଗୀ ନୋହାର ମାରକାମଙ୍କ ସହାୟତାରେ ଜଙ୍ଗଲରେ ପହଞ୍ଚିଥିଲେ।

ପାଣି ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ମହିଳା

ଥୁଆମୂଳ ରାମପୁର, ୧।୧୧(ସମିସ): ପାନୀୟଜଳ ସମସ୍ୟାରେ ଦୀର୍ଘ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଏହି ସମସ୍ୟାର ସମାଧାନ ଦାବିରେ ଶନିବାର ଥୁଆମୂଳ ରାମପୁର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ମହିଳାମାନେ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବଡଛତ୍ରଙ୍ଗ ପଞ୍ଚାୟତ ଅଧୀନ ତାସିଗୁଡା ଗାଁର ଟିକ୍ରାପଡ଼ା ଓ ତୋଟାପଡ଼ାରେ ଏହି ସମସ୍ୟା ଲାଗି ରହିଛି। ଟିକ୍ରାପଡ଼ାର ୫୦ ଏବଂ ତୋଟାପଡ଼ାର ୨୦ ପରିବାର ଦୀର୍ଘଦିନ ଧରି ପାନୀୟଜଳ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ପାଣିର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗାଁ ନିକଟ ଚାଷଜମିରେ ଥିବା ଏକ କୂଅର ଦୂଷିତ ପାଣି ବ୍ୟବହାର କରିବାକୁ ପଡ଼ାବାସୀ ବାଧ ହେଉଛନ୍ତି। ପାନୀୟଜଳ ବ୍ୟବସ୍ଥା ପାଇଁ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଗାଁର ବିଭିନ୍ନ ସ୍ଥାନରେ ନଳକୂପ ଖନନ କରାଯାଇଥିଲେ ମଧ ଭୂତଳ ଜଳ ଉତ୍ସ ନଥିବାରୁ ସଫଳତା ମିଳିପାରିନ ଥିବା ଜଣାପଡ଼ିଛି। ଏନେଇ ବିଡିଓ ଧ୍ରୁବ ଚରଣ ମୁଦୁଲି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଜଳ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁ ଅଳ୍ପଦିନ ମଧ୍ୟରେ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ତେବେ ଦୀର୍ଘ ବର୍ଷର ଜଳକଷ୍ଟରୁ କେବେ ମୁକ୍ତି ପାଇବେ ତାସିଗୁଡାବାସୀ, ତାହା ଏବେ ଅପେକ୍ଷାର ବିଷୟ।



ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଗଡ଼, ୧।୧୧(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଧୀନ ବିକ୍ରମଗୁଡ଼ା ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ସେହି ଗ୍ରାମର ଭାଗ୍ୟ ନାଗ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ରବିବାର ସକାଳେ ପରିବାରଲୋକେ ଘରେ କେହି ନ ଥିବା ସମୟରେ ଭାଗ୍ୟ ଘର ଭିତରେ ଏକ ଶାଢ଼ୀରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଏ ନେଇ ପୁଲିସକୁ ସୂଚନା ଦେବାପରେ ଧର୍ମଗଡ଼ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପରେ ପୁଲିସ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ତେବେ ମହିଳାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ।

ତ୍ରିଲୋଚନ ବଘେଲଙ୍କ ପରଲୋକ

ଖଡ଼ିଆଳ, ୧।୧୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ନେହେନା ଗ୍ରାମର ଜଣେ ଅତ୍ୟନ୍ତ ସ୍ନେହୀ, ମିଷ୍ଟଭାଷୀ ଓ ମେଳାପୀ



ବ୍ୟକ୍ତି ତ୍ରିଲୋଚନ ବଘେଲଙ୍କର ୫୩ ବର୍ଷ ବୟସରେ ପରଲୋକ ଘଟିଛି। ରାୟପୁରର ଏକ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଅକାଳ ବିୟୋଗରେ ନେହେନା ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବଘେଲ ଜଣେ ସରଳ, ଭଦ୍ର ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ। ମୃତ୍ୟୁ ସମୟରେ ସେ ତାଙ୍କ ପତ୍ନୀ ସୁଷମା ବଘେଲ ଓ ଦୁଇ ପୁଅ ତନୁ ବଘେଲ ଏବଂ ଶଶାଙ୍କ ବଘେଲଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି।

କେମିଷ୍ଟ୍ରି ଅଲମ୍ପିଆଡ଼ ପ୍ରତିଯୋଗିତା କାର୍ଯ୍ୟକ୍ରମ

ନୂଆପଡ଼ା/ଖଡ଼ିଆଳ, ୧।୧୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା କେମିକାଲ ସୋସାଇଟି ତାରଫରୁ କେମିଷ୍ଟ୍ରି ଅଲମ୍ପିଆଡ଼ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଖଡ଼ିଆଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ଦୁଇ) ଏବଂ ପରୀକ୍ଷିତ ଟାଇଗର ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାକୁ ରସାୟନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ପରିଚାଳନା କରିଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗିତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ଶ୍ରୀକାନ୍ତ ପ୍ରଧାନ, ପ୍ରେମାନନ୍ଦ ମେହେର, ବିପିନ ବିଶି, ଦୋଳଗୋବିନ୍ଦ ନାୟକ, ଧ୍ୟାନଚାନ୍ଦ ରଣା, ଜିତେନ୍ଦ୍ର ବିହାରୀ ପ୍ରମୁଖ ସହଯୋଗ କରିଥିଲେ।

ଖଣ୍ଡାଧୁଆରୁ ଆରମ୍ଭ ହେଲା ପ୍ରସିଦ୍ଧ 'ଦଣ୍ଡପାଟ ଦଶରା'

କୋକସରା, ୧।୧୧(ସମିସ)

ଆଦି ସଂସ୍କୃତିର ଅନନ୍ୟ ପୀଠ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଧୀନ ଗୋତମୁଣ୍ଡାଠାରେ ଆରମ୍ଭ ହୋଇଛି ପ୍ରସିଦ୍ଧ 'ଦଣ୍ଡପାଟ ଦଶରା' ମହୋତ୍ସବ। ପାରମ୍ପରିକ ଖଣ୍ଡାଧୁଆ ଯାତ୍ରା ସହ ଘାଟି ମୁଣ୍ଡିଆଣୀ ମା' ସର୍ବମଙ୍ଗଳାଙ୍କ ଏହି ବାର୍ଷିକ ଦଶରା ଉତ୍ସବର ଶୁଭାରମ୍ଭ କରାଯାଇଛି। ରବିବାର ସକାଳୁ ପୂଜକ ମନୋହର ପୁଝାରୀଙ୍କ ଦ୍ୱାରା ଦେବୀଙ୍କ ପୂଜାର୍ଚ୍ଚନା ନୀତିକାନ୍ତି ସମ୍ପୂର୍ଣ୍ଣ କରାଯିବା ପରେ ଅପରାହ୍ନରେ ଗାଁ ପୋଖରୀରେ ଦେବାଦେବୀଙ୍କ ଖଣ୍ଡାସବୁ ମାର୍ଜନା (ଧୁଆ) କରାଯାଇଥିଲା। ଏହି କ୍ରମରେ ଗୋତମୁଣ୍ଡା ଗ୍ରାମରେ ଆଦିବାସୀ ଲୋକନୃତ୍ୟ, କୁରେଇ ଫୁଲ, ଘଣ୍ଟା ଦଳ ଏବଂ 'ଢେମସା' ତାଳେ ତାଳେ ଏକ ମଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହ ଦେଓ, କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ରୁତୁରାଜ ମାଝୀ, ଗୋପିନାଥ ମହାନନ୍ଦ, ଡାକେଶ୍ୱର ଲହଜଲ, ତିଲୋତ୍ତମା ନାଏକ, ଈଶ୍ୱର ଲାଲ୍ ଅଗ୍ରୱାଲ, ଲିପୁ ମହାନ୍ତି, ଜଗା ସାହୁ, ଗୋପୀନାଥ ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ଦେବୀଙ୍କ ପ୍ରତିମା ସ୍ୱରୂପ କାଳିଶୀମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ଅଣାଯାଇଥିଲା। ସନ୍ଧ୍ୟାରେ ମଞ୍ଚ ଉଦଘାଟନ ସହ ଦେବାଦେବୀଙ୍କ ଖଣ୍ଡା ସ୍ଥାପନ କରାଯାଇଥିଲା ଏବଂ କାଳିଶୀମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହି ମହୋତ୍ସବ ଆଜିଠାରୁ ୩ ଦିନ ଧରି ଚାଲିବ। କମିଟି ସଭାପତି ହେମନ୍ତ ମାଝୀ, ପୂର୍ଣ୍ଣ ଚନ୍ଦ୍ର ନାଏକ, ଯଦୁମଣି ଦୁର୍ଗା, ତୁଲାରାମ ଗୋପାଳ, ରୋମାଞ୍ଚଳ ପୁଝାରୀ, ଦ୍ରୋଣ ଚାର୍ଯ୍ୟ ପୁଝାରୀ, ଭାରତ ଚନ୍ଦ୍ର ପୁଝାରୀ, ତୁଳାରାମ ଗୋପାଳ, କାନ୍ତ ମାଝୀ, ପର୍ଥବ ମାଝୀ, ନିରଞ୍ଜନ ବାଗ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

